78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ


fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୨୦୩ ● କଟକ ● ବୁଧବାର ● ୨୬ ଫେବ୍ରୁଆରୀ-୨୦୨୫ ● ଧନୁ-୧୭ ● ସାଲ୍ ୧୪୩୧
CUTTACK ● WEDNESDAY ● 26 FEBRUARY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ୧୯୮୪ ଶିଖ୍ ବିରୋଧୀ ଦଙ୍ଗା

# ସଜ୍ଜନ କୁମାରଙ୍କୁ ଆଜୀବନ

**ନୂଆଦିଲ୍ଲୀ,(ପିପିଏସ୍):** ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ମଙ୍ଗଳବାର ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟ ୧୯୮୪ ଶିଖ ବିରୋଧୀ ଦଙ୍ଗା ସମୟରେ ସରସ୍ୱତୀ ବିହାର ମାମଲାରେ ଏହି ରାୟ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ଜଜ୍ କାବେରୀ ବାୱେଜା ଏହି ରାୟ ଶୁଣାଇଛନ୍ତି। ତେବେ କୋର୍ଟ ଏହା ପୂର୍ବରୁ ଫେବୃଆରୀ ୧୨ ତାରିଖ ଦିନ ସଜ୍ଜନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। କିନ୍ତୁ ରାୟ ସଂରକ୍ଷିତ ରଖିଥିଲେ। କୋର୍ଟର ସ୍ୱତନ୍ତ୍ର ବିଚାରପତି, ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାରେ ସିବିଆଇ ଓ ଅଭିଯୋଗକାରୀମାନେ ସଜ୍ଜନ କୁମାରଙ୍କୁ ଫାଶୀ ଦଣ୍ଡାଦେଶ ପାଇଁ ଦାବି କରିଥିଲେ। ୧୯୮୪ ମସିହା ନଭେମ୍ବର ୧ରେ ପଶ୍ଚିମଦିଲ୍ଲୀର ରାଜନଗରର ସରସ୍ୱତୀ ବିହାରରେ ଯଶୱନ୍ତ ସିଂହ ଓ ତରୁଣଦୀପ ସିଂହଙ୍କୁ ହତ୍ୟା କରାଯାଇଥିଲା। ପଞ୍ଜାବର ଏକ ପୁଲିସ୍ ଷ୍ଟେସନରେ ସଜ୍ଜନ କୁମାରଙ୍କ ବିରୋଧରେ ମାମଲା ଦାଏର କରାଯାଇଥିଲା। ଅଭିଯୋଗକାରୀଙ୍କ ଅନୁଯାୟୀ, ସଜ୍ଜନ କୁମାର ଏହି ଦଙ୍ଗାକୁ ଉସ୍କାଇଥିଲେ ଏବଂ ଘର ଉପରେ ଆକ୍ରମଣ କରିବାକୁ ପ୍ରବର୍ତ୍ତାଇଥିଲେ। ଏହାପରେ ଉତ୍ୟକ୍ତ ଲୋକମାନେ ମୃତକଙ୍କ ଘର ଭାଙ୍ଗି, ଲୁଟ୍‌ପାଟ କରି ସେମାନଙ୍କୁ ହତ୍ୟା କରିଥିଲେ। ୧୯୮୪ରେ ଶିଖ୍ ବିରୋଧୀ ଦଙ୍ଗାର ତଦନ୍ତ କରୁଥିବା ରଙ୍ଗନାଥ ମିଶ୍ର କମିଶନଙ୍କ ଅଭିଯୋଗ ପରେ ନୂଆଦିଲ୍ଲୀର ସରସ୍ୱତୀ ବିହାର ପୁଲିସ୍ ଷ୍ଟେସନରେ ଆଇପିସି ଧାରା ୧୪୭, ୧୪୮, ୧୪୯, ୩୯୫, ୩୯୭, ୩୦୨, ୩୦୭, ୪୩୬ ଏବଂ ୪୪୦ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ୨୦୨୧ ଡିସେମ୍ବର ୧୬ରେ ପୁଲିସ୍ ତଦନ୍ତକୁ ଆଧାର କରି କୋର୍ଟ ସଜ୍ଜନଙ୍କୁ ଅଭିଯୁକ୍ତ କରିଥିଲେ। ଏହି ସମୟରେ ପୀଡ଼ିତଙ୍କ ଓକିଲ କହିଥିଲେ, ଉତ୍ୟକ୍ତ ଲୋକମାନେ ମାରଣାସ୍ତ୍ର ଧରି ସରସ୍ୱତୀ ବିହାରରେ ପଶିଥିଲେ। ସେମାନେ ଲୁଟ୍‌ପାଟ, ନିଆଁ ଲଗାଇବା ସହ ଭଙ୍ଗାରୁଜା କରିଥିଲେ। ସେମାନେ ଶିଖ୍‌ଙ୍କ ସମ୍ପତ୍ତି ଉପରେ ଆକ୍ରମଣ କରିଥିଲେ। ସେମାନେ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାର ପ୍ରତିଶୋଧ ନେଉଥିଲେ। ଏହି ସମୟରେ ଯଶବନ୍ତଙ୍କ ଘର ଉପରକୁ ଆକ୍ରମଣ ହୋଇଥିଲା। ଯଶବନ୍ତଙ୍କ ପୁଅକୁ ହତ୍ୟା କରାଯାଇଥିଲା। ଲୁଟ୍‌ପାଟ ପରେ ଘରେ ନିଆଁ ଲଗାଇ ଦେଇଥିଲେ ଦୁର୍ବୃତ୍ତ। ୨୦୨୫ ଜାନୁଆରୀ ୩୧ରେ ହୋଇଥିବା ଶୁଣାଣିରେ, ରାଉଜ ଆଭେନ୍ୟୁ କୋର୍ଟ ସଜ୍ଜନ କୁମାର ମାମଲାରେ ରାୟକୁ ସ୍ଥଗିତ ରଖିଥିଲେ। ପୂର୍ବରୁ ଜାନୁଆରୀ ୮ ଏବଂ ୨୦୨୪ ଡିସେମ୍ବର ୧୬ରେ ମଧ୍ୟ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିଲା। ଉଭୟ ଥର, ତିହାର ଜେଲ୍‌ରେ ବନ୍ଦୀ ସଜ୍ଜନ କୁମାର ଭିଡିଓ କନଫରେନ୍ସିଂ ମାଧ୍ୟମରେ, ସ୍ୱତନ୍ତ୍ର ବିଚାରପତିଙ୍କ ସମ୍ମୁଖରେ ହାଜର ହୋଇଥିଲେ। ଡିସେମ୍ବର ୨୦୨୧ରେ ସଜ୍ଜନ କୁମାର କହିଥିଲେ ଯେ ସେ ଏହି ମାମଲାରେ ନିର୍ଦ୍ଦୋଷ। ମାମଲାର ଶୁଣାଣିରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାପରେ, ତାଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।



### ଏପରିଥିଲା ଘଟଣା...

୧୯୭୦ ଦଶକରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି ହୋଇଥିବା ଏମରଜେନ୍ସି ସମୟରେ ଅନେକ ଶିଖ୍‌ଙ୍କୁ ବନ୍ଦୀ କରାଯାଇଥିଲା। ଏହାପରେ ୩୧ ଅକ୍ଟୋବର ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଦୁଇ ସୁରକ୍ଷାକର୍ମୀ ଗୁଳିକରି ହତ୍ୟା କରିବା ପରେ ଦିଲ୍ଲୀ ସମେତ ଦେଶର ଅନେକ ସ୍ଥାନରେ ଶିଖ୍‌ବିରୋଧୀ ଦଙ୍ଗା ଦେଖିବାକୁ ମିଳିଥିଲା। ଆକ୍ରୋଶମୂଳକ ଭାବେ ଲୋକମାନେ ଶିଖ୍ ଲୋକଙ୍କ ଉପରେ ଆକ୍ରମଣ କରିବା ସହ ଘରଦ୍ୱାର ଭଙ୍ଗାରୁଜା ଓ ଜଳାପୋଡ଼ା କରିଥିଲେ। ସରକାରୀ ସୂତ୍ର ଅନୁଯାୟୀ, ଏଥିରେ ୩,୩୫୦ରୁ ଊର୍ଦ୍ଧ୍ୱ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ସଜ୍ଜନ କୁମାର ୧୯୭୭ରେ ପ୍ରଥମ ଥର କର୍ପୋରେଟର୍ ଭାବେ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ମହାସଚିବ ଭାବେ ନିଯୁକ୍ତ ହୋଇଥିଲେ। ୧୯୮୦-୧୯୮୪, ୧୯୯୧-୧୯୯୬ ଓ ୨୦୦୪-୨୦୦୯ ପର୍ଯ୍ୟନ୍ତ ସେ ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ରେ ସେ ଦିଲ୍ଲୀ ଆସନରୁ ସର୍ବାଧିକ ଭୋଟ୍ ପାଇ ନିର୍ବାଚନ ଜିତିଥିଲେ।

# ବର୍ଷକୁ ୨ଥର ସିବିଏସ୍ଇ ଦଶମ ପରୀକ୍ଷା !

**ନୂଆଦିଲ୍ଲୀ,(ପିପିଏସ୍):** ବର୍ଷକୁ ଦୁଇଥର ହେବ ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷା। ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍ଇ) ବର୍ଷକୁ ଦୁଇଥର ଦଶମ ବୋର୍ଡ ପରୀକ୍ଷା କରିବା ପାଇଁ ନିୟମାବଳୀ ପ୍ରସ୍ତୁତ କରିଛି। ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ୨୦୨୬-୨୭ ଶିକ୍ଷାବର୍ଷରୁ ଆରମ୍ଭ ହେବ। ଡ୍ରାଫ୍ଟ ଅନୁସାରେ, ବର୍ଷର ପ୍ରଥମ ବୋର୍ଡ ପରୀକ୍ଷା ଫେବୃଆରୀ-ମାର୍ଚ୍ଚରେ ଏବଂ ଦ୍ୱିତୀୟଟି ମେ ମାସରେ ଅନୁଷ୍ଠିତ ହେବ। ଅଧିକାରୀମାନେ କହିଛନ୍ତି ଯେ ଏହି ଡ୍ରାଫ୍ଟ ସାର୍ବଜନୀନ ଡୋମେନରେ ରଖାଯିବ ଏବଂ ସମସ୍ତ ହିତାଧିକାରୀ ମାର୍ଚ୍ଚ ୯ ପର୍ଯ୍ୟନ୍ତ ସେମାନଙ୍କର ମତାମତ ଦେବାକୁ ସକ୍ଷମ ହେବେ, ଯାହା ପରେ ନୀତି ଚୂଡ଼ାନ୍ତ ହେବ। ସିବିଏସ୍ଇ କ୍ଲାସ୍ ଦଶମ ବୋର୍ଡ ପରୀକ୍ଷାଗୁଡ଼ିକର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୭ରୁ ମାର୍ଚ୍ଚ ୬ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟ ମେ ୫ରୁ ୨୦ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବୋର୍ଡ ପରୀକ୍ଷା ଉଭୟ ପର୍ଯ୍ୟାୟ ପୂର୍ଣ୍ଣ ସିଲାବସ୍ ଆଧାରରେ କରାଯିବ ଏବଂ ପ୍ରାର୍ଥୀଙ୍କୁ ଉଭୟ ସଂସ୍କରଣରେ ସମାନ ପରୀକ୍ଷା କେନ୍ଦ୍ର ବଣ୍ଟନ କରାଯିବ। ଉଭୟ ପରୀକ୍ଷା ପାଇଁ ପରୀକ୍ଷା ଫି' ଆବେଦନ ଦାଖଲ ସମୟରେ ସ୍ଥିର ହେବ ଏବଂ ପ୍ରାର୍ଥୀମାନେ ନିଜେ ପଞ୍ଜୀକରଣ ସମୟରେ ଏହାକୁ ଜମାକରିବାକୁ ପଡ଼ିବ। ୨୦୨୪ ଅଗଷ୍ଟରେ ଏହାର ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ସମୟରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଯେପରି ବର୍ଷରେ ଦୁଇଥର ଇଞ୍ଜିନିୟରିଂରେ ଆଡମିସନ ପାଇଁ ଜେଇଇ ପରୀକ୍ଷା ଦେବାର ବିକଳ୍ପ ଅଛି, ସେହିଭଳି ୧୦ମ କିମ୍ବା ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ବର୍ଷରେ ଦୁଇଥର ପରୀକ୍ଷା ଦେଇପାରିବେ। ବର୍ଷକୁ ଦୁଇଥର ପରୀକ୍ଷା କରାଯିବା ପରେ ଛାତ୍ରଛାତ୍ରୀଙ୍କ ଶୀର୍ଷ ସ୍କୋରକୁ ଚୂଡ଼ାନ୍ତ ବିବେଚନା କରାଯିବ। ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ। ଛାତ୍ରମାନେ ଏଥିରେ ତିନୋଟି ବିକଳ୍ପ ପାଇପାରିବେ। ନୂତନ ବ୍ୟବସ୍ଥା ଲାଗୁ ହେବା ପରେ କୌଣସି ସପ୍ଲିମେଣ୍ଟାରୀ ପରୀକ୍ଷା ହେବନାହିଁ। ଛାତ୍ରଛାତ୍ରୀ ବର୍ଷକୁ ଥରେ ପରୀକ୍ଷା ପାଇଁ ହାଜର ହେବାକୁ କିମ୍ବା ଉଭୟ ପରୀକ୍ଷାରେ ହାଜର ହେବାକୁ ବିକଳ୍ପ ପାଇବେ। ଯଦି ଜଣେ ଛାତ୍ର ଉଭୟ ପରୀକ୍ଷାରେ ଉପସ୍ଥିତ ହୁଅନ୍ତି, ତେବେ ତାଙ୍କର ଶ୍ରେଷ୍ଠ ସ୍କୋର୍ ଫାଇନାଲ୍ ଭାବେ ବିବେଚିତ ହେବ। ପ୍ରାରମ୍ଭରେ, କେନ୍ଦ୍ର ସରକାର ସିବିଏସ୍ଇ ଅନୁବନ୍ଧିତ ବିଦ୍ୟାଳୟଗୁଡ଼ିକର ଦଶମବୋର୍ଡ ପରୀକ୍ଷାରେ ନୂତନ ନିୟମ ଲାଗୁ କରିବାକୁ ଚାହୁଁଛନ୍ତି।



- ❑ପ୍ରଥମ ପରୀକ୍ଷା ୧୭ ଫେବୃଆରୀରୁ ୬ ମାର୍ଚ୍ଚ
- ❑ଦ୍ୱିତୀୟ ମଇ ୫ରୁ ୨୦ପର୍ଯ୍ୟନ୍ତ
- ❑ଆଉ ହେବନାହିଁ ସପ୍ଲିମେଣ୍ଟାରୀ ପରୀକ୍ଷା

# ଧସିଲା ମାଟି ଅତଡ଼ା, ଚାପି ହୋଇଗଲେ ୩ ଶ୍ରମିକ

**ସୁନ୍ଦରଗଡ଼,(ପିପିଏସ୍):** ଓଡ଼ିଶା ଖଣି ନିଗମ କୁର୍ମିତାର ଲୌହ ଖଣିରେ ଖଣି ଖନନ ପାଇଁ ନୂଆ ଠିକା ପାଇଥିବା କମ୍ପାନୀ ଏବେ ଖଣି ଖନନ ପରେ ଉତ୍ତୋଳିତ ଲୁହାପଥରକୁ କନଭେୟର ବେଲ୍ଟ ସାହାଯ୍ୟରେ ରପ୍ତାନୀ ପାଇଁ କାମ ଚଳାଇଛି। ଏହି କାମ ପୁଣି ଏଲ୍‌ବିଆର୍ ନାମକ ଠିକା ସଂସ୍ଥାକୁ ଦେଇ କାମ ଚାଲୁ ରଖିଛି। ମଙ୍ଗଳବାର ଦମାଲୁ ଠାରେ କାମ ଚାଲିଥିବା ସମୟରେ ମାଟି ଅତଡ଼ା ଖସି ପଡ଼ିଥିଲା ଓ ଏଥିରେ ୩ଜଣ ଶ୍ରମିକ ମାଟି ତଳେ ଚାପି ହୋଇ ଯାଇଥିଲେ। ସେମାନେ ହେଲେ ଦୁଇଜଣ ମହିଳା ନାତନି ହରୋ, ଫୁଲମଣି ଟପ୍ପୋ ଓ ଜଣେ ପୁରୁଷ ଅଗସ୍ତି ମୁଣ୍ଡା। ତାଙ୍କୁ ଉଦ୍ଧାର କରି ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଅପରପକ୍ଷରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା ଓ ଠିକା ସଂସ୍ଥା ଏଲ୍‌ବିଆର୍‌ର ସାଇଟ୍ ଇନ୍‌ଚାର୍ଜଙ୍କୁ ଦମାଲୁ ଗ୍ରାମବାସୀ ପ୍ରବଳ ମାଡ଼ ମାରିଥିବା ଜଣାପଡିଛି। ଲହୁଣିପ ପୁଲିସକୁ ଏଥିନେଇ ସୂଚନା ମିଳିବା ପରେ ପୁଲିସ ଏବେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରିଥିବା ସ୍ପଷ୍ଟହୋଇଛି।

## ନେପାଳୀ ଛାତ୍ରୀ ଜୀବନ ହାରିବା ମାମଲା

# କିଟ୍‌କୁ ରିପୋର୍ଟ ତଲବ କଲା ୟୁଜିସି

**ଭୁବନେଶ୍ୱର,(ପିପିଏସ୍):** ଭାରତର ସର୍ବୋଚ୍ଚ ଉଚ୍ଚଶିକ୍ଷା ନିୟାମକ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି), କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି(କିଟ୍) ଠାରୁ ଏହାର କ୍ୟାମ୍ପସ୍‌ରେ ଜଣେ ନେପାଳୀ ଛାତ୍ରଙ୍କ ଆତ୍ମହତ୍ୟା ଏବଂ ତା'ପରେ ଛାତ୍ରଙ୍କ ବିରୋଧ, କ୍ୟାମ୍ପସରେ ନେପାଳୀ ଛାତ୍ରଙ୍କ ପ୍ରତି ଦୁର୍ବ୍ୟବହାର ଏବଂ ବହିଷ୍କାର ଧମକ ସମ୍ବନ୍ଧୀୟ ସାମ୍ପ୍ରତିକ ଘଟଣା ଉପରେ ଏକ ରିପୋର୍ଟ ମାଗିଛି। ରିପୋର୍ଟ ଅନୁଯାୟୀ ୟୁଜିସି ଏହି ଘଟଣା ସମ୍ପର୍କରେ ଉଠାଯାଇଥିବା ଚିନ୍ତା ଏବଂ କ୍ୟାମ୍ପସ୍‌ରେ ନେପାଳୀ ଛାତ୍ରମାନଙ୍କ ପ୍ରତି ହେଉଥିବା ବ୍ୟବହାରକୁ ସମାଧାନ କରିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ କିଟ୍ ପ୍ରଶାସନ ସହିତ ଯୋଗାଯୋଗରେ ଅଛି। କିଟ୍, ଏକ ଘରୋଇ ଡିମ୍ଡ ବିଶ୍ୱବିଦ୍ୟାଳୟ ହୋଇଥିବାରୁ, ୟୁଜିସିର ନିୟାମକ ବ୍ୟବସ୍ଥା ଅଧୀନରେ ଆସେ। ଫେବୃଆରୀ ୧୬ ରେ, କିଟ୍‌ରେ ଜଣେ ୨୦ ବର୍ଷୀୟା ତୃତୀୟ ବର୍ଷର କମ୍ପ୍ୟୁଟର ବିଜ୍ଞାନ ଛାତ୍ରୀ ପ୍ରକୃତି ଲାମସାଲଙ୍କୁ ତାଙ୍କ ହଷ୍ଟେଲ ରୁମରେ ମୃତ ଅବସ୍ଥାରେ ଠାବ କରାଯାଇଥିଲା। କ୍ୟାମ୍ପସ୍‌ରେ ଥିବା ୫୦୦ ନେପାଳୀ ଛାତ୍ରଙ୍କ ମଧ୍ୟରୁ ଅନେକ ପ୍ରତିବାଦ କରିଥିଲେ, ଲାମସାଲଙ୍କୁ ନିର୍ଯାତନା ଦିଆଯିବା ସହିତ ଅନୁଷ୍ଠାନ ସ୍ତରରେ ଅବହେଳା ମଧ୍ୟ ଅଭିଯୋଗ କରିଥିଲେ। ଏହା ପରେ ବିଶ୍ୱବିଦ୍ୟାଳୟ ନେପାଳୀ ଛାତ୍ରମାନଙ୍କୁ ତୁରନ୍ତ କ୍ୟାମ୍ପସ୍ ଛାଡ଼ିବାକୁ ମଧ୍ୟ କୁହାଯାଇଥିଲା। ଏହି ଘଟଣା ଏବଂ ନେପାଳୀ ଛାତ୍ରଙ୍କୁ ତଡିବା ଆଦି ଘଟଣାକୁ ନେଇ ପୂର୍ଣ୍ଣ କୂଟନୈତିକ ବିବାଦ ମଧ୍ୟରେ ୟୁଜିସି କିଟ୍‌ଠାରୁ ଏକ ରିପୋର୍ଟ ମାଗିଛି। ସୋମବାର ନେପାଳ ଜାତୀୟ ମାନବାଧିକାର କମିଶନ କହିଛି ଯେ ଏହା 'ସନ୍ଦିଗ୍ଧ' ଆତ୍ମହତ୍ୟାର ତଦନ୍ତ ପାଇଁ ଭାରତର ଏନ୍‌ଏଚ୍‌ଆର୍‌ସିକୁ ଚିଠିଲେଖିଛି। ଏହା ନେପାଳୀ ଛାତ୍ରମାନଙ୍କ ପାଇଁ ଶୀଘ୍ର ନ୍ୟାୟ ମଧ୍ୟ ଦାବିକରିଛି।



## ପୁଣି ୬ଜଣଙ୍କୁ ନୋଟିସ୍

**ଭୁବନେଶ୍ୱର,(ପିପିଏସ୍):** କିଟ୍ ଘଟଣାରେ ପିଛା ଛାଡୁନି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅଡୁଆ। ପୁଣି ୬ଜଣଙ୍କୁ ହାଜର ହେବାକୁ ନୋଟିସ୍ ଜାରି କରାଯାଇଛି। ଉଚ୍ଚସ୍ତରୀୟ କମିଟି ପାଖରେ ୨୭ରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ଜଣଙ୍କୁ ନୋଟିସ୍ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନୋଟିସ୍ ହୋଇଥିବା ୬ଜଣ ହେଉଛନ୍ତି ପିକେ ପଟ୍ଟନାୟକ, ଅଧୀକ୍ଷକ ସଂହିତା ମିଶ୍ର, ଆସିଷ୍ଟାଣ୍ଟ ଡାଇରେକ୍ଟର ସ୍ମରିକା ପତି, ଇଣ୍ଟରନାଲ କମିଟି ମୁଖ୍ୟ ଈପସିତା ଶତପଥୀ ଓ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ସିଦ୍ଧାର୍ଥ ରାୟ। ଏମାନଙ୍କୁ ଉଚ୍ଚସ୍ତରୀୟ କମିଟି ପାଖରେ ହାଜର ହେବାକୁ ନୋଟିସ୍ କରାଯାଇଛି। ତେଣେ ଏଠାରେ ପଢୁଥିବା ନେପାଳୀ ଛାତ୍ରଛାତ୍ରୀ ଆଉ ଫେରିବାକୁ ଚାହୁଁନାହାନ୍ତି। ସେମାନଙ୍କୁ ବୁଝେଇ ସୁଝେଇ ଫେରାଇ ଆଣିବା ପାଇଁ କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି, ସରକାର ବି ଅପିଲ୍ କରୁଛନ୍ତି। କିନ୍ତୁ ତିକ୍ତ ଅନୁଭୂତି ନେଇ ସ୍ୱଦେଶ ଫେରିଥିବା ଛାତ୍ରଛାତ୍ରୀ ଆଉ ଫେରିବା ମୁଡ୍‌ରେ ନାହାନ୍ତି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କିଟ୍‌ରେ ପ୍ରାୟ ୧୧ଶହ ନେପାଳୀ ପିଲା ପଢୁଥିବା ବେଳେ ଏଯାଏଁ ମାତ୍ର ୧୫୦ରୁ ୨୦୦ ପିଲା ହିଁ ଫେରିଛନ୍ତି। ନେପାଳୀ ସମାଜର କହିବା କଥା, ପଢୁଥିବା ନେପାଳୀ ଛାତ୍ରଛାତ୍ରୀ ଆଗକୁ ଟିସି ନେଇ ନିଜ ଦେଶରେ ପଢ଼ିବେ। ତେଣେ ନେପାଳୀ ଛାତ୍ରଛାତ୍ରୀ ଓଡ଼ିଶା ନଫେରିବା ନେଇ ରାଜନୈତିକ ବୟାନବାଜି ବି ତେଜିଛି।

## ସମ୍ପାଦକୀୟ

### ଅନର୍ଗଳ ଟିପ୍ପଣୀର ଜବାବ

## ବାଟେଘାଟେ



ଜାଗର ପାଇଁକି ଚଳଚଞ୍ଚଳ
ଉତ୍କଳର ଶିବାଳୟ
ହର ହର ମହାଦେବ ଧ୍ୱନିରେ
ଓଁ ଓଁ ନମଃଶିବାୟ
ଦୀପରେ ଆଲୋକମୟ
ମନ ମାନସିକ ପୂରଣ ନିମନ୍ତେ
ମହାଦ୍ୱୀପେ ଥିବ ଲୟ
ଜୟ ଭୋଳାନାଥ ଜୟ
ସୃଷ୍ଟି କର୍ତ୍ତା ହେ ତୁମରି ଆଶିଷେ
ହେଉ ମଙ୍ଗଳ ମୟ

-ରାହୀ

# ଜୁନ୍ ୨୭ରେ ରଥଯାତ୍ରା
## ୩୪୩ ସିସିଟିଭି ଜଗିବ ଶ୍ରୀକ୍ଷେତ୍ର

**ଭୁବନେଶ୍ୱର, ପୁରୀ,(ପିପିଏସ୍):** ଚଳିତ ବର୍ଷ ଜୁନ୍ ୨୭ତାରିଖରେ ଅନୁଷ୍ଠିତ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ସମ୍ଭାବ୍ୟ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ଏହାର ସୁପରିଚାଳନା ଓ ସୁବ୍ୟବସ୍ଥା ନିମନ୍ତେ ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ପୁଲିସ ଡିଜି ୱାଇ.ବି ଖୁରାନିଆ କହିଛନ୍ତି, ଲୋକଙ୍କ ଧାର୍ମିକ ଭାବନା ବୃଦ୍ଧି ପାଉଛି। ଆଗାମୀ ରଥଯାତ୍ରାରେ ଗତବର୍ଷ ଅପେକ୍ଷା ଅଧିକ ଜନଗହଳି ଆଶା କରାଯାଉଛି। ଏଥିପାଇଁ ଏବେଠାରୁ ଯଥେଷ୍ଟ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି। ବୈଠକରେ ଯାନବାହନ ପରିଚାଳନା ଓ ପାର୍କିଂ ବ୍ୟବସ୍ଥା ଆଦି ସଂପର୍କରେ ଆଲୋଚନା କରାଯାଇଛି। ଚଳିତବର୍ଷ ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧, ଶ୍ରୀଗୁଣ୍ଡିଚା ଯାତ୍ରା ଜୁନ ୨୭, ବାହୁଡ଼ା ଯାତ୍ରା ଜୁଲାଇ ୫ ଓ ସୁନାବେଶ ଜୁଲାଇ ୬ ତାରିଖରେ ଅନୁଷ୍ଠିତ ହେବ। ପୁରୀ ଦେଶର ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ରଥଯାତ୍ରା ସମେତ ଅନ୍ୟ ସମୟରେ ମଧ୍ୟ ବର୍ଷସାରା ବହୁ ସଂଖ୍ୟାରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ବଡ଼ଦାଣ୍ଡ ଏବଂ ବେଳାଭୂମିରେ ନିୟମିତ ଭାବେ ଭିଡ଼ ଦେଖାଦେଇଥାଏ। ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥାଏ। ତେଣୁ ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ କରିବା, ଅପରାଧ ରୋକିବା ଓ ଆଇନଶୃଙ୍ଖଳା ପରିଚାଳନା ପାଇଁ ରିୟଲ ଟାଇମ ମନିଟରିଂ ଦୃଷ୍ଟିରୁ ପୁରୀକୁ ସଂଯୋଗ କରୁଥିବା ରାସ୍ତା, ପୁରୀ ସହର, ବଡ଼ଦାଣ୍ଡ ଓ ପୁରୀ ବେଳାଭୂମି ଆଦି ପ୍ରମୁଖ ୩୪୩ ସ୍ଥାନରେ ସିସିଟିଭି ସ୍ଥାପନପାଇଁ ପୁଲିସ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଛି। ଉତ୍ତରାଛକରୁ ମାଳତୀପାଟପୁର, ପୁରୀ ଗ୍ରୀଡ୍ ଷ୍ଟେସନରୁ କୋଣାର୍କ, ବାଲିଘାଇରୁ ନିମାପଡ଼ା, ମଙ୍ଗଳାଘାଟରୁ ସାତପଡ଼ା, ମାଳତିପାଟପୁରରୁ ମଙ୍ଗଳାଘାଟ, ମଙ୍ଗଳାଘାଟରୁ ବଡ଼ଦାଣ୍ଡ, ପୁରୀ ବଡ଼ଦାଣ୍ଡ, ବଡ଼ଦାଣ୍ଡରୁ ସମୁଦ୍ରକୂଳ, ସମୁଦ୍ରକୂଳ ଅଞ୍ଚଳ, ବଡ଼ଦାଣ୍ଡରୁ ଗ୍ରୀଡ ଷ୍ଟେସନ, ପାର୍କିଂସ୍ଥଳ, ବସଷ୍ଟାଣ୍ଡ ଓ ରେଳ ଷ୍ଟେସନ ସହିତ ପୁରୀ ସହରର ଗଳି ଓ ଉପଗଳି ଆଦିରେ ବିଭିନ୍ନ ସ୍ଥାନରେ ଏହି ସମସ୍ତ ସିସିଟିଭି ଲଗାଯିବା ପାଇଁ ପ୍ରସ୍ତାବ ରଖାଯାଇଛି। ଏଥିପାଇଁ ଭିତ୍ତିଭୂମି ଓ ବୈଷୟିକ ଆବଶ୍ୟକତା ସଂପର୍କରେ ବୈଠକରେ ଆଲୋଚନା ହୋଇଛି। ସିସିଟିଭି ବ୍ୟବସ୍ଥା ଯେପରି ଜାତୀୟସ୍ତରୀୟ ହେବ, ସେଥିପ୍ରତି ଭିତ୍ତିଭୂମି ପ୍ରସ୍ତୁତି ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟସଚିବ ଗୁରୁତ୍ୱ ଦେଇଛନ୍ତି।

# କୁଳପତିଙ୍କୁ ବି ଛାଡ଼ିଲେନି ସାଇବର ଠକ

## ଡିଜିଟାଲ୍ ଆରେଷ୍ଟ କରି ୧୪ଲକ୍ଷ ଲୁଟିନେଲେ

**ବ୍ରହ୍ମପୁର(ପିପିଏସ୍):** ସାଇବର ଠକେଇର ଶିକାର ହୋଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ। ଇଡି ଅଫିସର୍ କହି ଠକ ଡିଜିଟାଲ୍ ଆରେଷ୍ଟ କରି ୧୪ଲକ୍ଷ ଟଙ୍କା ଲୁଟି ଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବାପରେ ସାଇବର ଥାନା ପୁଲିସ୍ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଏସ୍‌ପି ଡା.ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଜଣେ ସାଇବର ଠକ କୁଳପତିଙ୍କୁ ଗତ ୪ଦିନ ହେଲା ଫୋନ୍‌କରି ଡିଜିଟାଲ୍ ଆରେଷ୍ଟରେ ଫସାଇଥିଲା। ଦୁର୍ବୃତ୍ତଜଣକ ନିଜକୁ ଇଡି ଅଫିସ୍‌ର ବୋଲି କୁଳପତିଙ୍କୁ ପରିଚୟ ଦେଇ ସୁପ୍ରିମ୍‌କୋର୍ଟରେ ଚାଲିଥିବା ଏକ ମାମଲାରେ ଅଭିଯୁକ୍ତଙ୍କ ସହ କୁଳପତିଙ୍କ ଲିଙ୍କ୍ ରହିଥିବା ନେଇ କୁଳପତିଙ୍କୁ କହିଥିଲେ। ଦୁର୍ବୃତ୍ତଙ୍କଠାରୁ ଏଭଳି ଶୁଣିବା ପରେ ଭୟରେ ନିଜସମ୍ପର୍କରେ ସମସ୍ତ ତଥ୍ୟ ଦେଇ ଡିଜିଟାଲ୍ ଆରେଷ୍ଟର ଶିକାର ହୋଇଥିଲେ କୁଳପତି ପ୍ରଫେସର ଶ୍ରୀମତୀ ଦାସ। ଏପରିକି ଠକର ଚତୁରତାରେ ଫସି କୁଳପତି ଭଞ୍ଜବିହାର ଷ୍ଟେଟ୍ ବ୍ୟାଙ୍କ ଶାଖାରେ ସାଇବର ଠକ ଦେଇଥିବା ଆକାଉଣ୍ଟରେ ୧୪ଲକ୍ଷ ଟଙ୍କା ନିଜର ଚେକ୍ ଜରିଆରେ ଜମା କରିଥିଲେ। ପରବର୍ତ୍ତୀ ସମୟରେ ଡିଜିଟାଲ୍ ଆରେଷ୍ଟର ଶିକାର ହୋଇଥିବା ଜାଣିପାରି ବ୍ରହ୍ମପୁର ସାଇବର ଥାନାରେ ଦ୍ୱାରସ୍ଥ ହୋଇଥିଲେ କୁଳପତି। ପୁଲିସ୍ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରୁଛି। ସାଇବର ଠକେଇର ଶିକାର ନହେବା ପାଇଁ ବ୍ୟାପକ ସଚେତନତା କରାଯାଉଥିଲେ ମଧ୍ୟ ଜଣେ ଉଚ୍ଚଶିକ୍ଷିତା ହୋଇ ଏବଂ ଦୁଇଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର କୁଳପତି ସାଇବର ଠକେଇର ଶିକାର ହୋଇଥିବା ଜାଣି ଜନସାଧାରଣଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଙ୍କିମାରୁଛି। ଏପରିକି ଜଣେ କୁଳପତି ନିଜ ଆକାଉଣ୍ଟର ଚେକ୍ ସାଇବର ଠକଙ୍କ ଆକାଉଣ୍ଟରେ ଜମା କରିବା ଘଟଣାକୁ ମଧ୍ୟ ନେଇ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ଦିନକୁ ଦିନ ଡିଜିଟାଲ୍ ଆରେଷ୍ଟ ମାଧ୍ୟମରେ ସାଇବର ଠକେଇ ବଢ଼ିବାରେ ଲାଗିଛି। ଏଭଳି ଠକେଇର ଶିକାର ନହେବାକୁ ଗଣମାଧ୍ୟମରେ ବାରମ୍ବାର ଗୃହ ମନ୍ତ୍ରାଳୟ ତରଫରୁ ସଚେତନତା କରାଯାଉଥିବା ବେଳେ ଜଣେ କୁଳପତି ଡିଜିଟାଲ୍ ଆରେଷ୍ଟ ମାଧ୍ୟମରେ ୧୪ଲକ୍ଷ ହରାଇବା ସମଗ୍ର ରାଜ୍ୟରେ ଆଲୋଚନାର ବିଷୟ ହୋଇଛି।

### ଇଡି ଅଫିସର୍ କହି ଆରେଷ୍ଟ୍ କରୁଥିବା କହିଲେ ଠକ

### ସାଇବର ଥାନାରେ ମାମଲା ପରେ ତଦନ୍ତ ଆରମ୍ଭ







# ଟି ଟାଇମ୍
ପ୍ରଜାତନ୍ତ୍ର






୨୬.୨.୨୦୨୫

## ଉପକାରୀ ଅଁଳା ଗଛ



ଅଁଳା ଗଛ ଯେତିକି ପବିତ୍ର ସେତିକି ଉପକାରୀ ବି। କାରଣ ଏଥିରେ ଭରି ରହିଛି ଅନେକ ଔଷଧୀୟ ଗୁଣ। ଆଧ୍ୟାତ୍ମିକ ଦୃଷ୍ଟିରୁ ବି ଏହା ବେଶ୍ ସମୃଦ୍ଧ। ଏହି ଗଛରେ ସ୍ୱୟଂ ଲକ୍ଷ୍ମୀନାରାୟଣ ବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ଅନେକେ କୁହନ୍ତି, ପ୍ରତିଦିନ ସ୍ନାନ ସାରି ଅଁଳା ଗଛ ମୂଳରେ ଜଳ ଅର୍ପଣ କଲେ ପ୍ରଭୁ କୃପା ଲାଭ ହେବା ସହ ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ସେହିପରି ଅଁଳାର ଔଷଧୀୟ ଗୁଣକୁ ତର୍ଜମା କଲେ ଜଣାଯାଏ, ଏହାର ସେବନ ଦ୍ୱାରା ଦୃଷ୍ଟିଶକ୍ତି ପ୍ରଖର ହୁଏ। ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି ଅଁଳାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସ୍ମରଣଶକ୍ତିକୁ ତ୍ୱରାନ୍ୱିତ କରିବାରେ ମଧ୍ୟ ଏହା ଖୁବ୍ ଉପକାରୀ ହୋଇଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଉତ୍ତର ଦିଗରେ ଅଁଳା ଗଛ ଲଗାଇ ପୂଜାକଲେ ସ୍ମୃତିଶକ୍ତି ପ୍ରଖର ହେବା ସହ ସନ୍ତାନଙ୍କର ମଙ୍ଗଳ ହୋଇଥାଏ। ଏପରିକି ଘର ମଧ୍ୟକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ। ଘରର ଉତ୍ତର ଦିଗରେ ଯଦି କୌଣସି ବାସ୍ତୁଦୋଷ ଥାଏ, ତା'ହେଲେ ଏହି ଦିଗରେ ଅଁଳା ଗଛ ଲଗାଇଲେ ତାହା ଆପେ ଠିକ୍ ହୋଇଯାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ଏହି ଗଛକୁ ଘରର ଖୁବ୍ ନିକଟରେ ନ ଲଗାଇ ଘରଠୁ ଟିକେ ଛାଡିକି ଲଗାଇବା ଭଲ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

## ରହିବନି ଆଖି ତଳ କଳାଦାଗ



ଟି ବ୍ୟାଗ୍: ଟି ବ୍ୟାଗ୍କୁ ପାଣିରେ ବୁଡ଼ାଇ କିଛି ସମୟ ଫ୍ରିଜ୍ରେ ରଖିଦିଅନ୍ତୁ। ଏହାକୁ ବାହାରକରି ଆଖିତଳେ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ। କିଛିଦିନ ଏପରି କଲେ ଆଖିତଳ କଳାଦାଗ ଦୂରହେବ।

ଆଳୁ ଏବଂ କାକୁଡ଼ି: କଞ୍ଚା ଆଳୁ କିମ୍ବା କାକୁଡ଼ିକୁ ପତଳା ପତଳା କରି କାଟି ଆଖି ଉପରେ ଲଗାନ୍ତୁ ଯେପରି କଳାଦାଗ ଉପରେ ଏହା ରହୁଥିବ। ନଚେତ୍ ଆପଣ ଚାହିଁଲେ ଏହାକୁ ଭଲ-ଭାବେ କୋରି ରସ ବାହାର କରିପାରିବେ। ଏକ ତୁଳା ସାହାଯ୍ୟରେ ଏହି ରସକୁ ଆଖି ତଳେ ଭଲ ଭାବେ ଲଗାଇ ଦିଅନ୍ତୁ। ୫-୧୦ ମିନିଟ୍ ପରେ ପାଣିରେ ମୁହଁ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଆଖିତଳ କଳାଦାଗ ଦୂରହେବା ସହ ଖରାଦିନେ ହେଉଥିବା ଟ୍ୟାନିଂ ସମସ୍ୟା ମଧ୍ୟ ଦୂର ହୋଇଥାଏ।

ଆଲୋଭେରା: ଏହା ଏକ ପ୍ରାକୃତିକ ମଶ୍ଚରାଇଜର ଭଳି କାମ କରିଥାଏ। ଏହାର ଜେଲ୍ ବାହାରକରି ଆଖି ତଳେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୫-୭ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ଡାର୍କ ସର୍କଲ, ରିଙ୍କଲ୍ ମାର୍କ, ଏଜ୍ଲାଇନ୍ ଆଦି ଦୂରକରିବାରେ ସାହାଯ୍ୟ କରିଥାଏ।

ଆଲମଣ୍ଡ ତେଲ, ଲେମ୍ବୁରସ: ଏହି ପାତ୍ରରେ ଅଳ୍ପ ଆଲମଣ୍ଡ ତେଲ ନେଇ ସେଥିରେ ୪-୫ ବୁନ୍ଦା ଲେମ୍ବୁରସ ମିଶାଇ ଧୀରେ ଧୀରେ ଆଖି ତଳେ ମସାଜ କରନ୍ତୁ। ଆଖିତଳ ଫୁଲା, କଳାଦାଗ ଆଦି ଦୂର କରିବାରେ ସାହାଯ୍ୟ କରେ।

ଜୀବନଶୈଳୀ: ସୁଷମ ଖାଦ୍ୟ ଖାଆନ୍ତୁ, ଦିନକୁ ଅତି କମ୍ରେ ୩-୪ ଲିଟର ପାଣି ପିଅନ୍ତୁ। ଅତି କମ୍ରେ ଅଧଘଣ୍ଟା ଯୋଗ, ପ୍ରାଣାୟମ କଲେ ଅଧିକ ଉପକୃତ ହେବେ।

## ବାବା ମହାକାଳେଶ୍ୱର ପୀଠରେ ହେଉଥିବା ଭସ୍ମ ଆଳତୀ ସ୍ୱତନ୍ତ୍ର କାହିଁକି ?



ପବିତ୍ର ଭାରତବର୍ଷର ତୃତୀୟ ଜ୍ୟୋର୍ତିଲିଙ୍ଗ ଭଗବାନ ମହାକାଳେଶ୍ୱର। ଭାରତର ପବିତ୍ର ଉଜ୍ଜୟିନୀ ନଗରୀରେ ଭଗବାନ ଶଙ୍କର ମହାକାଳେଶ୍ୱର ଜ୍ୟୋର୍ତିଲିଙ୍ଗ ଭାବେ ପୂଜିତ ହେଉଛନ୍ତି। ଏହି ଜ୍ୟୋର୍ତିଲିଙ୍ଗ ସୁଦୃଶ୍ୟ ଓ ବିଶାଳ। ଯାହାଙ୍କୁ ସେବକମାନେ ବର୍ଷତମାମ ବିଭିନ୍ନ ବେଶରେ ସଜ୍ଜିତ କରିଥାନ୍ତି। ଏଠାରେ ହେଉଥିବା ଭସ୍ମ ଆଳତୀ ସମଗ୍ର ଦେଶରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ।

ଆପଣ ନିଶ୍ଚୟ ଏହି ଜ୍ୟୋର୍ତିଲିଙ୍ଗଙ୍କ ପ୍ରାକଟ୍ୟ ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରୁଥିବେ। ଶିବ ପୁରାଣର ତଥ୍ୟକୁ ଆଧାର କରି ଆମେ ଆପଣଙ୍କୁ ଏହାର କାହାଣୀ କହୁଅଛୁ। ଅବନ୍ତୀ ନଗରରେ ବେଦପ୍ରିୟ ବୋଲ ଜଣେ ଅଗ୍ନିହୋତ୍ର ବ୍ରାହ୍ମଣ ନିବାସ କରୁଥିଲେ। ନିତ୍ୟ ଅଗ୍ନିହୋତ୍ର କରିବା ସହ ସମାଜ ମଙ୍ଗଳ ପାଇଁ ଭଗବାନ ଶଙ୍କରଙ୍କୁ ସେ ଆରାଧନା କରୁଥଲେ। ନିତ୍ୟ ଶିବାର୍ଚ୍ଚନା ଫଳରେ ଭଗବାନ ଶିବଙ୍କ ପ୍ରସାଦ ସ୍ୱରୂପ ତାଙ୍କୁ ୪ଟି ପୁତ୍ର ପ୍ରାପ୍ତି ହେଲେ। ନାଁ ରହିଲା ଦେବପ୍ରିୟ, ପ୍ରିୟମେଘ, ସଂସ୍କୃତ ଓ ସୁବୃତ୍ତ। ସମସ୍ତେ ବେଦଜ୍ଞ, ପଣ୍ଡିତ ଓ ଶିବଭକ୍ତ। ଏକଦା ସେମାନେ ରହୁଥିବା ସ୍ଥାନ ନିକଟରେ ଥିବା ରତ୍ନମାଳା ପର୍ବତରେ ଦୁଷଣ ବୋଲି ରାକ୍ଷଣଟିଏ ଉପଦ୍ରବ ଆରମ୍ଭ କଲା। ବ୍ରାହ୍ମଣଙ୍କ ଯଜ୍ଞ ଧ୍ୱଂସ କଲା। ସମସ୍ତେ ତ୍ରାହି ତାହି କଲେ। ଥରେ ସେ ଅସୁର ଏହି ୪ ଭାଇଙ୍କ ଉପରେ ମଧ୍ୟ ଆକ୍ରମଣ କଲା। ହେଲେ ଏହି ବେଦଜ୍ଞ ବ୍ରାହ୍ମଣ ବିଚଳିତ ନ ହୋଇ ଭଗବାନ ଶଙ୍କରଙ୍କୁ ପ୍ରାର୍ଥନା କଲେ। ଏହି ସମୟରେ ଏ ବିରାଟ ଗର୍ତ୍ତ ମଧ୍ୟ ବିକଟାଳ ଶବ୍ଦ କରି ମହାକାଳ ଶଙ୍କର ପ୍ରକଟ ହେଲେ ଏବଂ ଅଶୁରଙ୍କୁ ନାସ କଲେ।

ସମସ୍ତେ ଆସ୍ୱସ୍ଥ ହେବା ପରେ ଭଗବାନ ଆଷୁତୋଷ ଶଙ୍କର ୪ ଭାଇଙ୍କୁ ବର ମାଗିବାକୁ କହିଲେ। ୪ ଭାଇ ମୋକ୍ଷର ବର ମାଗିବା ସହ ଭଗବାନଙ୍କୁ ଏହିଠାରେ ଆତ୍ମଲିଙ୍ଗ ରୂପେ ବିରାଜମାନ ହେବାକୁ କହିଲେ। ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରି ସବୁଦିନ ପାଇଁ ଲିଙ୍ଗରୂପେ ବିରାଜିଲେ ମହାକାଳ ଶଙ୍କର। ନାଁ ରହିଲା ମହାକାଳେଶ୍ୱର ।

## ଆଜିର ରାଶିଫଳ


ମେଷ: ଭକ୍ତି ଯୁକ୍ତ ଓ ଧାର୍ମିକ ପ୍ରବୃତ୍ତିର ହୋଇଥିବାରୁ ଓ ବିପଦ ଭଞ୍ଜନଙ୍କ ନାମ ଜପ ଯୋଗୁଁ ମହା ସଙ୍କଟରୁ ଉଦ୍ଧାର ପାଇ ପାରନ୍ତି। ବୁଦ୍ଧିମାନ୍ ହେବେ। ପରୋପକାରୀ ହେବେ। ଶ୍ରେଷ୍ଠ ମାନ୍ୟତା ପ୍ରାପ୍ତି ହେବେ।


ବୃଷ: ପତ୍ନୀ ଗୁଣଯୁକ୍ତା ଓ ପତିବ୍ରତା ହେବେ। ଶାନ୍ତ ଶିଷ୍ଟ ସ୍ୱଭାବ ସମ୍ପନ୍ନ ହୋଇପାରନ୍ତି। ଆଚାର ବ୍ୟବହାରରେ ମାର୍ଜିତ ହୋଇପାରନ୍ତି। ଦେବ-ବ୍ରାହ୍ମଣଙ୍କ ପ୍ରତି ଭକ୍ତିଭାବର ହୋଇପାରନ୍ତି। ସୁସ୍ଥ ଓ ନିରାମୟ ରହିବେ।


ମିଥୁନ: ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବଜନିତ କାରଣରୁ ମନସ୍ତାପ କରିବେ। ଆର୍ଥିକ ଦୃଷ୍ଟିରୁ ଉପକୃତ ହେବେ।


କର୍କଟ: ପୁତ୍ରମାନେ ପ୍ରସିଦ୍ଧି ଲାଭକରି କୁଳ ଉଜ୍ଜ୍ୱଳକାରୀ ହେବେ। କୀର୍ତ୍ତିମାନ୍ ହେବାର ସୂଚନା ମିଳୁଛି। ମହାନୁଭବ ହୋଇପାରନ୍ତି। ଧନସମ୍ପଦ ଭରପୂର ରହିବ। ଗୁରୁଜନଙ୍କଠାରେ ବିନୟାବନତ ହେବେ।


ସିଂହ: ଖୁବଶୀଘ୍ର ପଟ ପରିବର୍ତ୍ତନ କରି କୁମତିକୁ ପରିତେଜ୍ୟ ଓ ସୁମତିକୁ ସଙ୍ଗ କରିପାରନ୍ତି। କୃଷି କର୍ମରେ ପାରଦର୍ଶୀ ଓ କୃଷକଙ୍କ ଆଦର୍ଶ ହୋଇପାରନ୍ତି। ଜନସ୍ୱାସ୍ଥ୍ୟ ରକ୍ଷା ପାଇଁ ପ୍ରଦୂଷିତ ପରିବେଶରୁ ମୁକ୍ତ ହେବେ।


କନ୍ୟା:ପତିପତ୍ନୀଙ୍କ ଜୀବନବ୍ୟାପୀ ସହାବସ୍ଥାନ ଶୁଭଙ୍କର ଓ ମଙ୍ଗଳମୟ ହେବ। ଉଭୟେ ମାନବଧର୍ମୀ ବ୍ରତ ଆଚରଣ କରି ଜନ ସମୁଦାୟର ଆଦର୍ଶବାଦୀ ହୋଇପାରନ୍ତି। ଗୁରୁ ଗୌରବକୁ ପ୍ରାଧାନ୍ୟ ଦେଇ ନତମସ୍ତକ ହେବେ।


ତୁଳା: ବ୍ୟବସାୟରୁ ପ୍ରଚୁର ଧନ ପ୍ରାପ୍ତିର ସୂଚନା ମିଳୁଛି। ପୁତ୍ରଠାରୁ ଆଶାତୀତ ଧନ ପ୍ରାପ୍ତି ଉପରେ କେହି ଅଙ୍କୁଶ ଲଗାଇ ପାରିବେ ନାହିଁ। ସେବା ଓ ପରୋପକାରକୁ ଜୀବନର ବ୍ରତଭାବେ ଗ୍ରହଣ କରିପାରନ୍ତି।


ବିଛା : ସଂଗ୍ରାମୀ ମନୋବୃତ୍ତିର ହୋଇ ସାରା ଜୀବନକୁ ସଂଘର୍ଷମୟ କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ ପରିପାରନ୍ତି। ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଉପୁଜିପାରେ।


ଧନୁ: ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁଁ କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। କର୍ମଚଞ୍ଚଳ ରହିବେ।


ମକର: ପରିବାରରେ ଭୁଲ ବଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବା ଆଶଙ୍କା ରହିଛି। ଭ୍ରମଣ ସୁଯୋଗ ଲାଭ ହେବ। ଇଚ୍ଛା ବିରୋଧୀ ପରିସ୍ଥିତିର ସମ୍ମୁଖୀନ ହେବେ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।


କୁମ୍ଭ: ନୀଚ ବ୍ୟକ୍ତିଦ୍ୱାରା ପ୍ରବାହିତ ହୋଇ ଅପମାନିତ ହୋଇପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ସାହାଯ୍ୟ ଲାଭକରି ପ୍ରତ୍ୟେକ କାମକୁ ନିର୍ବିଘ୍ନରେ ସମାପନ କରିପାରିବେ। ପରିବାରର ଆବଶ୍ୟକତା ପୂରଣ କରିପାରିବେ।


ମୀନ : ସମ୍ପର୍କୀୟମାନେ ଈର୍ଷା ପରାୟଣ ହୋଇପାରନ୍ତି। ସ୍ୱାସ୍ଥ୍ୟ ହାନୀ ହେବାର ସୂଚନା ମିଳୁଛି। ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବାର ସମ୍ଭାବନା ରହିଛି। ତୀର୍ଥଯାତ୍ରୀଙ୍କ ସେବାରେ ଉନ୍ମୁଖ ହୋଇପାରନ୍ତି। ଜ୍ଞାନଯଜ୍ଞ କରିପାରନ୍ତି।

## ମହାଶିବରାତ୍ରୀ ପଛର ୪ଟି ବଡ଼ କାରଣ



ମହାଶିବରାତ୍ରୀ ଭଗବାନ ଶିବଙ୍କ ପବିତ୍ର ଦିନ। ପ୍ରତିବର୍ଷ ଫାଲଗୁନ୍ ମାସର କୃଷ୍ଣ ପକ୍ଷର ଚତୁର୍ଦ୍ଦଶୀରେ ମହାଶିବରାତ୍ରୀ ପାଳନ କରାଯାଏ। ଏହାକୁ ଜାଗର ରାତ୍ରୀ ମଧ୍ୟ କୁହାଯାଏ। ଶିବ ଭକ୍ତମାନେ ଏହିଦିନ ଉପବାସ ପାଳନ କରନ୍ତି, ଭଗବାନ ଶିବଙ୍କୁ ପୂଜା କରନ୍ତି। ମହାଶିବରାତ୍ରୀ ପାଳନ କରିବା ପଛରେ ୪ଟି ବଡ଼ କାରଣ ଅଛି। ଏହାକୁ କାହାଣୀ ମାଧ୍ୟମରେ ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି। ଆସନ୍ତୁ ଜାଣିବା...


ଶିବ ପାର୍ବତୀ ବିବାହ: ପୁରାଣ ଅନୁଯାୟୀ ଭଗବାନ ଶିବ ସତୀଙ୍କଠାରୁ ଅଲଗା ହୋଇ ବର୍ଷ ବର୍ଷ ଧରି ସମାଧିରେ ଲୀନ ଥିଲେ। ଏହି ସମୟରେ ମାତା ପାର୍ବତୀ ପର୍ବତରାଜ ହିମାଳୟଙ୍କ ଝିଅ ଭାବରେ ଜନ୍ମ ନେଇଥିଲେ। ନାରଦଙ୍କଠାରୁ ପ୍ରେରଣା ପାଇବା ପରେ ମାତା ପାର୍ବତୀ ଭଗବାନ ଶିବଙ୍କୁ ତାଙ୍କ ସ୍ୱାମୀ ଭାବରେ ପାଇବା ପାଇଁ କଠୋର ତପସ୍ୟାରେ ରହିଲେ। ପାର୍ବତୀଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ଶିବ ତାଙ୍କ ଇଚ୍ଛା ପୂରଣ କରିବା ମା'ଙ୍କୁ ବରଦାନ ପ୍ରଦାନ କଲେ। ଏହା ପରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ବିବାହ ମହାଶିବରାତ୍ରୀ ଅର୍ଥାତ୍ ଫାଲଗୁନ୍ ମାସର କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀରେ ହୋଇଥିଲା। ଏହି କାରଣରୁ ପ୍ରତିବର୍ଷ ମହାଶିବରାତ୍ରୀ ପାଳନ କରାଯାଏ।

ଦିବ୍ୟ ଶିବଲିଙ୍ଗ ପ୍ରକଟ: ଶିବ ପୁରାଣର ଏକ କାହାଣୀ ଅନୁସାରେ ଯେତେବେଳେ ଭଗବାନ ବିଷ୍ଣୁ ଏବଂ ବ୍ରହ୍ମଦେବଙ୍କ ମଧ୍ୟରେ ଜ୍ୟେଷ୍ଠ ହେବାକୁ ନେଇ ବିବାଦ ଦେଖାଦେଇଥିଲା, ସେତେବେଳେ ଭଗବାନ ଶିବ ପ୍ରଥମେ ମହାଶିବରାତ୍ରୀ ଦିନ ଏକ ବିଶାଳ ଦିବ୍ୟ ଶିବଲିଙ୍ଗ ରୂପରେ ଦେଖାଦେଲେ। ଭଗବାନ ବିଷ୍ଣୁ ଏକ ବରାହର ରୂପ ଧାରଣ କରି ଏହାର ନିମ୍ନ ଭାଗକୁ ଖୋଜିବାକୁ ଆରମ୍ଭ କଲେ। ଏହି ସମୟରେ ବ୍ରହ୍ମା ଏକ ହଂସର ରୂପ ଧାରଣ କଲେ ଏବଂ ଏହାର ଉପର ଅଂଶ ଖୋଜିବାକୁ ଆରମ୍ଭ କଲେ। ଉଭୟ ଶିବଲିଙ୍ଗର ଆରମ୍ଭ ଏବଂ ଶେଷକୁ ଖୋଜିପାରିଲେ ନାହିଁ। ତା'ପରେ ଭବିଷ୍ୟବାଣୀ ହେଲା ଯେ ସେ ହେଉଛନ୍ତି ଶିବ, ଯାହାଙ୍କ ଠାରୁ ଆରମ୍ଭ ଏବଂ ଶେଷ, ଜୀବନ ଏବଂ ମୃତ୍ୟୁ। ତାଙ୍କଠାରୁ ହିଁ ସୃଷ୍ଟିର ଆରମ୍ଭ।

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ଉତ୍ପତ୍ତି: ଧାର୍ମିକ ବିଶ୍ୱାସ ଅନୁଯାୟୀ ଭଗବାନ ଶିବଙ୍କର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମହାଶିବରାତ୍ରୀ ଦିନ ପ୍ରକଟ ହୋଇଥିଲେ। ଏହି କାରଣରୁ, ମହାଶିବରାତ୍ରୀରେ ଏହି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କୁ ପୂଜା କରି ଶିବଙ୍କ ଆଶୀର୍ବାଦ ପ୍ରାପ୍ତ କରାଯାଏ।

ଶିବ ତାଣ୍ଡବ: ପୁରାଣ ଅନୁଯାୟୀ ଭଗବାନ ଶିବ ପ୍ରଥମ ଥର ପାଇଁ ମହାଶିବରାତ୍ରୀ ଦିନ ତାଣ୍ଡବ ନୃତ୍ୟ କରିଥିଲେ। ଏହି କାରଣରୁ, ମହାଶିବରାତ୍ରୀ ତିଥିକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ।

## ଅଲଗା ହେବେ ଗୋବିନ୍ଦା-ସୁନିତା !



ବଲିଉଡ ସୁପରଷ୍ଟାର ଗୋବିନ୍ଦା । ସେ ତାଙ୍କ ଅଭିନୟ ପାଇଁ ବେଶ୍ ପରିଚିତ। ବର୍ତ୍ତମାନ ସେ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। କୁହାଯାଉଛି ଯେ ପତ୍ନୀ ସୁନିତା ଆହୁଜାଙ୍କ ସହ ବିବାହର ୩୭ ବର୍ଷ ପରେ ତାଙ୍କର ଛାଡ଼ପତ୍ର ହେବାକୁ ଯାଉଛି । ତେବେ କିଛି ରିପୋର୍ଟ ଅନୁସାରେ, ଗୋବିନ୍ଦା ଓ ସୁନୀତା ଅହୁଜାଙ୍କ ଛାଡପତ୍ରର ଗୁଜବ ଚାଲିଛି । ଏଥିସହ ଦୁଇ ଜଣଙ୍କ ଅଲଗା ହେବାର କାରଣ ଜଣେ ମରାଠୀ ଅଭିନେତ୍ରୀ ବୋଲି କୁହାଯାଉଛି । ଏହା ମଧ୍ୟ କୁହାଯାଉଛି ଯେ, ଉଭୟଙ୍କ ଛାଡପତ୍ର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତଥାପି, ଏହି ଗୁଜବ ଉପରେ ଗୋବିନ୍ଦା କିମ୍ବା ସୁନୀତାଙ୍କ ଠାରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନି । ତେବେ କିଛି ଦିନ ପୂର୍ବରୁ ଗୋବିନ୍ଦାଙ୍କ ପତ୍ନୀ ଏକ ସାକ୍ଷାତକାରରେ କହିଥିଲେ ଯେ, ସେ ଏବଂ ଗୋବିନ୍ଦା ଏକାଠି ରହୁନାହାଁନ୍ତି। ସେମାନଙ୍କ ସମ୍ପର୍କରେ ଅନେକ ବର୍ଷ ଧରି ଅନେକ ଘଟଣା ଘଟୁଛି। ଯଦିଓ ସମସ୍ତେ ଜାଣନ୍ତି ଅଭିନେତା ଗୋବିନ୍ଦା ଅଭିନେତ୍ରୀ ନୀଲମଙ୍କୁ ବିବାହ କରିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କ ମାଆଙ୍କ ଜିଦରେ ଅଭିନେତା ସୁନୀତାଙ୍କୁ ବିବାହ କରିଥିଲେ। ବିବାହ ପରେ ସୁନିତା ଏବଂ ଗୋବିନ୍ଦା ସବୁବେଳେ ଖୁସି ଥିବା ଦେଖାଯାଇଛି ଏବଂ ଏବେ ଏହି ଦମ୍ପତିଙ୍କ ଛାଡପତ୍ରର ଗୁଜବକି ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି। ଫ୍ୟାନ୍ସ ଏହି ଗୁଜବକୁ ବିଶ୍ୱାସ କରିପାରୁନଥିବା ବେଳେ ସମସ୍ତେ ଆଶା କରୁଛନ୍ତି ଏହି ଗୁଜବ ମିଥ୍ୟା ହୋଇଥାଉ।

## ଚା' ପିଉଛନ୍ତି କି ?



କ୍ଲାନ୍ତ ମନକୁ ହାଲୁକା କରିବା ପାଇଁ ଅନେକେ ଚା' କିମ୍ବା କଫି ପିଇଥାଆନ୍ତି। ହେଲେ ଯଦି ଆପଣ ଅଧିକ ସମୟ ଚା' ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଜାଣିପାରିଛନ୍ତି ଯେ ଆବଶ୍ୟକତାଠାରୁ ଅଧିକ ଥର ଏବଂ ପରିମାଣର ଚା' ପିଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

ଏହି ସର୍ଭେରୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ଏଭଳି ଅଭ୍ୟାସ ଦ୍ୱାରା ବୁଦ୍ଧିମତ୍ତା ପ୍ରଭାବିତ ହେବାର ଆଶଙ୍କା ରହିଛି। କାରଣ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ବୁଦ୍ଧିମତ୍ତାକୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ସେମାନେ ଏଭଳି ବିଷୟରେ ଜାଣିବାକୁ ପାଇଥିଲେ। କେବଳ ସେତିକି ନୁହେଁ, ଏଥିଯୋଗୁ ପେଟରେ ଅମ୍ଳ ବା ଏସିଡିଟି ବଢ଼ିଯାଇଥାଏ। ଅନ୍ୟପକ୍ଷରେ ଆବଶ୍ୟକତାଠାରୁ ଅଧିକ ଥର ଚା' ପିଇଲେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

## ପଟାଟୋ ଷ୍ଟିକ୍ ଲଲିପପ୍

**ଆବଶ୍ୟକ ସାମଗ୍ରୀ :** ସିଝା ଆଳୁ ୪ଟି,ବ୍ରେଡ୍ କ୍ରମ୍ବସ୍,ଲଙ୍କା ଗୁଣ୍ଡ,ଜିରାଗୁଣ୍ଡ,ଅଦା ରସୁଣ ପେଷ୍ଟ, କର୍ଣ୍ଣ ଫ୍ଲୋର୍ ଗୋଟେ କପ୍,ଆମଚୁର ପାଉଡର ୧ ଚାମଚ,କଟା ଧନିଆ ପତ୍ର,ରିଫାଇନ ତେଲ,ଅଳ୍ପ ଲୁଣ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ସିଝାଆଳୁ,କଟା ଧନିଆ ପତ୍ର,କଟା ପିଆଜ,ବ୍ରେଡ୍ କ୍ରମ୍ବସ୍,ଲଙ୍କା ଗୁଣ୍ଡ,ଜିରା ଗୁଣ୍ଡ,ଆମଚୁର ପାଉଡର, ପାଉଡର,ଅଦା ରସୁଣ ପେଷ୍ଟକୁ ମିଶାଇ ଭଲ ଭାବେ ଚକଟି ଏକ ପାତ୍ରରେ ରଖି ଦିଅନ୍ତୁ।ଏହାପରେ ଆଉ ଏକ ପାତ୍ରରେ କର୍ଣ୍ଣଫ୍ଲୋରରେ ପାଣି ପକାଇ ଏହାକୁ ଗୋଳାଇ ଏକ ମଧ୍ୟମ ଧରଣ ମିଶ୍ରଣ ବନାନ୍ତୁ । ମନେ ରଖନ୍ତୁ ଏହାକୁ ବେଶୀ ପାଣିଆ କିମ୍ବା ବହଳିଆ କରିବେ ନାହିଁ ଓଏହପରେ ଏକ ପାତ୍ରରେ ଅଳ୍ପ ବ୍ରେଡ କ୍ରମ୍ବସ୍ ରେ ଅଳ୍ପ ଲଙ୍କା ଗୁଣ୍ଡ ମିଶାଇ ରଖନ୍ତୁ । ତାପରେ ଚୁଲିରେ କଡେଇ ବସାଇ ତେଲ ଗରମ କରନ୍ତୁ । ଆଗରୁ ରଖିଥିବା ଆଳୁର ମିଶ୍ରଣକୁ ଗୋଲ ଗୋଲ କରି ଆଳୁର ବଲ୍ସ ତିଆରି କରନ୍ତୁ । ଏହାପରେ ଆଳୁ ବଲ୍ସ ଗୁଡିକ କର୍ଣ୍ଣଫ୍ଲୋର ପାଣିରେ ବୁଡାନ୍ତୁ , ଏହାପରେ ଆଳୁ ବଲ୍ସ ଗୁଡିକରେ ଆଗରୁ ରଖା ହୋଇଥିବା ବ୍ରେଡ କ୍ରମ୍ବସ୍ ଓ ଲଙ୍କା ଗୁଣ୍ଡକୁ ଲଗାଇ ଦିଅନ୍ତୁ । ଏହାପରେ ତେଲ ଗରମ ହେବା ପରେ ଆଳୁ ବଲ୍ସ ଗୁଡିକ ଛାଣନ୍ତୁ । ଏହାପରେ ଏକ ପାତ୍ରକୁ କାଢି ସେଥିରେ ଛୋଟ ଛୋଟ ଷ୍ଟିକ୍ସ ଗୁଡିକ ଲଗାଇ ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ଚଟପଟା 'ପଟାଟୋ ଷ୍ଟିକ୍ ଲଲିପପ୍' । ଏହି 'ପଟାଟୋ ଷ୍ଟିକ୍ ଲଲିପପ୍' କୁ ଆପଣ ପୋଦିନା ଚଟଣୀ କିମ୍ବା ସସ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।



cmyk cmyk cmyk

## ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

# ୩ କୋଟି ୪୦ ଲକ୍ଷ ଟଙ୍କାର

ଭଦ୍ରକ, (ହି.ସ.): ଆଜି ଭଦ୍ରକର ସହୀଦ ସ୍ମୃତି ଭବନ ଠାରେ ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ କାର୍ଯ୍ୟାଳୟ, ଭଦ୍ରକ ପକ୍ଷରୁ 'ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ' ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି, ଜିଲାପାଳ ଦିଲ୍ଲୀପ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ । ବିଧାୟକ ଶ୍ରୀ ମହାପାତ୍ର ଏହି ଯୋଜନା ନିର୍ମାଣ ଶ୍ରମିକମାନଙ୍କର ରୋଜଗାର, ସୁରକ୍ଷା, ଉନ୍ନତି ଓ ସମ୍ମାନକୁ ସୁନିଶ୍ଚିତ କରୁଥିବାବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ନିର୍ମାଣ ଶ୍ରମିକଙ୍କ ପାଇଁ ଦୁର୍ଘଟଣା ଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ବଢାଇ ୬ ଲକ୍ଷ ଟଙ୍କା କରିବା ଓ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷରୁ ୩ ଲକ୍ଷ ଟଙ୍କା କରିଛନ୍ତି ବୋଲି ସୂଚନା ଦେଇଥିଲେ । ଜିଲାପାଳ ଶ୍ରୀ ରାଉତରାୟ ନିଜ ବକ୍ତବ୍ୟରେ ଶ୍ରମିକମାନଙ୍କ ସହାୟତା ସଂପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହରେ ଜିଲାର ୧୯ ଶହ ୪୯ ଜଣ ହିତାଧିକାରୀଙ୍କୁ ମୋଟ ୩ କୋଟି ୪୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ସମାରୋହକୁ ଶ୍ରମ ଅଧିକାରୀ ଦିପ୍ତୀରଂଜନ ସାହୁ ସଂଚାଳନା କରି ଜିଲାରେ ୧୪୩୦ ଜଣ ହିତାଧିକାରୀଙ୍କ ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ୧ କୋଟି ୧୨ ଲକ୍ଷ ୩୬ ହଜାର ୨ ଶହ ଟଙ୍କା, ୧୮ ଜଣ ପ୍ରସୂତି ସହାୟତା ବାବଦ ୧ ଲକ୍ଷ ୮୦ ହଜାର ଟଙ୍କା, ୭୪ ଜଣଙ୍କୁ ବିବାହ ସହାୟତା ୩୬ ଲକ୍ଷ ୭୫ ହଜାର, ୮୪ ଜଣଙ୍କୁ ଶବ ସଂସ୍କାର ନିମନ୍ତେ ୪ ଲକ୍ଷ ୨୦ ହଜାର ଓ ୯୩ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ୧ କୋଟି ୮୫ ଲକ୍ଷ ଟଙ୍କା ହିସାବରେ ୩ କୋଟି ୪୦ ଲକ୍ଷ ୧୧ ହଜାର ୨ ଶହ ଟଙ୍କା ପ୍ରଦାନ କରାଯାଇଥିବାର ସୂଚନା ଦେଇଥିଲେ । ଏବଂ ଏଥିସହ ୨୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ପଂଜିକରଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶ୍ରମ ଅଧିକାରୀ ଶ୍ରୀ ସାହୁ ବିଧାୟକ ଓ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ କରିଥିଲେ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା ସଂଚାଳନା କରିଥିବାବେଳେ ସହକାରୀ ଶ୍ରମ ଅଧିକାରୀ ପ୍ରତ୍ୟୁଷ ବେହେରା ସହଯୋଗ କରିଥିଲେ । ଏବଂ ଶେଷରେ ଶ୍ରମ ଅଧିକାରୀ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିପୁଳ ଚୋରା ମଦ ଜବତ

# ୫ ମହିଳା ସମେତ ୧୩ କୋର୍ଟଚଲାଣ

**କେନ୍ଦ୍ରାପଡ଼ା,(ହି.ସ.):** କେନ୍ଦ୍ରାପଡ଼ା ଜିଲ୍ଲାର ନିକିରେଇ, ଜମ୍ବୁ ମେରାଇନ, ମହାକାଳପଡ଼ା, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ରୁରାଲ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ, ବିପ୍ରଚରଣ ମଣ୍ଡଳଙ୍କ ତତ୍ୱାବଧାନରେ ଅବକାରୀ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ୭୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ଏବଂ ଏକ ଗୋଟି ମୋଟର ସାଇକେଲ ସହିତ ୧୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ ନୂଆଗାଓଁ ଗ୍ରାମାର ସୁନିତା ମଳିକ, ସାରସ୍ୱତୀ ଖିଲାର, ଭାରତି ରାଉତ, ଶସ୍ମିତା ଖିଲାର, ଜ୍ଞାନରଞ୍ଜନ ଦାସ, ସତ୍ୟ ଜେନା, ଶ୍ୟାମସୁନ୍ଦର ରାଉତ, ସଞ୍ଜୟ ପରିଡ଼ା, ଆଶା ରାଉତ, ଖଗେସ୍ୱର ସାହୁ, ବର୍ଷ, ପ୍ରଭାତ ମଳିକ, ଅନାମ ପାତ୍ର, ଏବଂ ଗଣେଶ୍ୱର ମଳିକ । ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୭୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ଅବକାରୀ ଉପ ନିରିକ୍ଷକ, ଧର୍ମପଦ ଦାସ, ନରେଶ ପଣ୍ଡା, ଶ୍ରୀମତୀ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଡିଭାଇଡ଼ରରେ ପିଟି ହୋଇ କାର୍ ଚୁରମାର

**କୋରେଇ,(ହି.ସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଆଗ ଚକର ଟାୟାର ଫାଟି ଯିବାରୁ ଡ଼ିଭାଇଡ଼ରରେ ପିଟି ହୋଇ କାର ଚୁରମାର ହୋଇଥିବା ବେଳେ ଚାଳକ ମଧ୍ୟ ଆହତ ହୋଇଛନ୍ତି । ପ୍ରକାଶଯେ ନିଜର ସମ୍ପର୍କୀୟଙ୍କୁ ପାଣିକୋଇଲି ବଜାରରେ ଛାଡ଼ି ଘରକୁ ଫେରୁଥିବା ଗୋଳେଇପୁର ଗ୍ରାମର ରଂଜନ ପ୍ରଧାନ ଟୋଲଗେଟ ନିକଟରେ ଆଗ ଟାୟାର ଫାଟି ଯିବାରୁ ଭାରସାମ୍ୟ ହରାଇ ରାସ୍ତା ଡ଼ିଭାଇଡ଼ରରେ ପିଟି ହୋଇଯାଇଥିଲେ । ଫଳରେ କାରଟିର ସମ୍ମୁଖ ଭାଗ ସମ୍ପୂର୍ଣ ଭାଙ୍ଗିରୁଜି ଯାଇଥିଲା । ହେଲେ ବେଲୁନ ବାହାରି ଯିବାରୁ ରଂଜନଙ୍କର ବିଶେଷ କିଛି କ୍ଷତି ହୋଇନଥିଲା । ଖବର ପାଇ ପାଣିକୋଇଲି ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ ଘଟଣାସ୍ଥଳରେ ପହଂଚି ଆହତ ରଂଜନଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ବେସରକାରୀ ନର୍ସିଂ ହୋମରେ ଚିକିତ୍ସା କରାଇଥିଲେ ।

# ଛାତ୍ରାବାସର ଅବ୍ୟବସ୍ଥା ଜଣାଇବା ପାଇଁ ୨୨ କିମି ଚାଲିଲେ ଛାତ୍ର

**ବାରିପଦା, (ପିପିଏସ୍):**

ସରକାର ବଦଳି ଥିଲେ ମଧ ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାର ଶିକ୍ଷା ବିଭାଗୀୟ ଅଧିକାରୀଙ୍କ ଅବହେଳା ବଦଳି ନାହିଁ । ଛାତ୍ରାବାସ ପରିଚାଳନା ଅବ୍ୟବସ୍ଥା ବିଷୟରେ ପୂର୍ବରୁ ବାରମ୍ବାର ଅଭିଯୋଗ ଛାତ୍ରଛାତ୍ରୀମାନେ ଦୂରଦୂରାନ୍ତରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଆସିବା ଅପବାଦ ବିଭାଗର ପିଛା ଛାଡିବା ବଦଳରେ ଚରମ ଅବ୍ୟବସ୍ଥା ଓ ଅବହେଳା ପଦାରେ ପକାଉଛି । ଏପରି ଦୁର୍ଭାଗ୍ୟଜନକ ଘଟଣା ର ପୁନର୍ବାର ସୋମବାର ରାତିରେ ଘଟିଛି । ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ବାସିପିଠା ସରକାରୀ ଆଶ୍ରମ ବିଦ୍ୟାଳୟର ୧୧୬ ଜଣ ବିଦ୍ୟାର୍ଥୀ ସୋମବାର ରାତି ୧୨ରେ ଛାତ୍ରାବାସ ଛାଡ଼ି ଦୀର୍ଘ ୨୨ କିଲୋମିଟର ପାଦରେ ଚାଲି ଚାଲି ଆସିଲ ବାରିପଦା ପହଞ୍ଚି ଥିବା ଦେଖିବାକୁ ମିଳିଥିଲା । ପଚରାଉଚରା କରିବାରୁ ବିଦ୍ୟାଳୟ ରେ ଚାଲିଥିବା ଅବ୍ୟବସ୍ଥା, ନିମ୍ନମାନର ଖାଦ୍ୟ ଦିଆଯିବା ଓ ସମସ୍ୟାର ସମାଧାନ କରିବା ପାଇଁ ନିୟୋଜିତ ଥିବା ପ୍ରଧାନ ଶିକ୍ଷକଙ୍କ ଆକ୍ରୋଶ ବିଷୟରେ ପିଲା ମାନେ କହିଥିଲେ । ଏ ସଂପର୍କରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ



କରିବାକୁ ଆସିଛନ୍ତି ବୋଲି ସେମାନଙ୍କ ଠାରୁ ଶୁଣିବାକୁ ମିଳିଛି । ଖାଲି ସେତିକି ନୁହେଁ ତାଙ୍କୁ ଦୁର୍ବ୍ୟବହାର କରିବା ସହ ପିଟାମରା କରୁଥିବାର ଅଭିଯୋଗ କରିଛନ୍ତି । ଖରାପ ଭାଷାରେ ଗାଳିଗୁଲଜ କରୁଥିବାର କହିଛନ୍ତି । ପ୍ରଧାନଶିକ୍ଷକ ଦୀପ୍ତିକାନ୍ତ ଜେନାଙ୍କୁ ଦେଖା କରିବାରୁ ସେ ଅଭିଯୋଗ ନଶୁଣି ଓଲଟା ଗାଳିଗୁଲଜ ସହ ମାରପିଟ କରୁଥିବା ଅଭିଯୋଗ ହୋଇଛି । ତେବେ ବାରିପଦା ଛଉ ପଡିଆ ନିକଟରେ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ପହଞ୍ଚି ପିଲାଙ୍କ ଠାରୁ ସମସ୍ୟା ବିଷୟରେ ଅବଗତ ହେବା ସହିତ ଆଲୋଚନା କରି ବୁଝାସୁଝା କରିଥିଲେ । ଏନେଇ ସଂପୃକ୍ତ ଶିକ୍ଷକମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି । ଛାତ୍ରମାନଙ୍କୁ ବୁଝାସୁଝା କରି ଛାତ୍ରାବାସ ପଠାଇବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବାବେଳେ ଛାତ୍ରମାନେ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଛାତ୍ରାବାସ ଯିବେ ନାହିଁ ବୋଲି ଜିଦରେ ଅଟଳ ରହିଥିବା ଜଣାପଡିଛି ।

ରାତି ଅଧରେ ଏତେ ଜଣ ପିଲା ଏକା ସାଙ୍ଗରେ କିପରି ଛାତ୍ରାବାସ ଛାଡ଼ି ବାହାରି ଆସିଲେ, କେହି ଜଗିବାକୁ ନ ଥିଲେ ନା ଜାଣିଶୁଣି ପ୍ରଶାସନ କୁ ବଦନାମ କରିବାକୁ ଏପରି ବେଆଇନ କାର୍ଯ୍ୟ କଲେ, ଏହା ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି । ବାଟରେ ଏତେ ପିଲାଙ୍କୁ ଚାଲୁଥିବା ଦେଖି କୌଣସି ଅଭିଭାବକ କିମ୍ବା ଶିକ୍ଷା ବିଭାଗର ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ ବିଭାଗକୁ ଜଣାଇଲେ ନାହିଁ କାହିଁକି । କୌଣସି ପିଲାର ଦୁର୍ଘଟଣା ରେ ଜୀବନ ଜଣାଇଥିଲେ କିଏ ଦାୟୀ ହୋଇଥାନ୍ତା ଏଭଳି ଅନେକ ବିଷୟରେ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜନସାଧାରଣ ଦାବି କରିଛନ୍ତି ।

# ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବଢ଼ାଇବା ଲକ୍ଷ୍ୟ: ଧର୍ମେନ୍ଦ୍ର

**ପଡ଼ିଆବାହାଲ:** କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନର ସରକାରରେ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନଏଚଡିପି) ସମେତ ବିଭିନ୍ନ ଯୋଜନାରେ ସମ୍ବଲପୁର ଜିଲ୍ଲାର ବୁଣାକାରଙ୍କୁ ପ୍ରଶିକ୍ଷଣ, ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ଉପଯୁକ୍ତ ବଜାର ଯୋଗାଇ ସେମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବାର ଲକ୍ଷ୍ୟ ରଖାଯାଇଛି । ମୂଳତଃ ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବଢାଇବା ଆମର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାର ପଡ଼ିଆବାହାଲ ବୁଣାକାର ଗ୍ରାମ ବଡତୁରଙ୍ଗ ଠାରେ ଭାରତ ସରକାରଙ୍କ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବୁଣାକାର ଓ ହସ୍ତତନ୍ତ କାରିଗରମାନଙ୍କୁ ସହାୟକ ହେବା ଭଳି ଉପକରଣ ବିତରଣ କରିଛନ୍ତି । ସମର୍ଥ ବୁଣା ପ୍ରଶିକ୍ଷଣ ସାର୍ଟିଫିକେଟ, ହସ୍ତତନ୍ତ ବିକାଶ ସହାୟତା, ଲୁମ୍, ଲାଇଟିଂ ୟୁନିଟ୍ ଆଦି ସହାୟତା ସେମାନଙ୍କୁ ପ୍ରଦାନ କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଭାରତ ସରକାର ଓ



ରାଜ୍ୟ ସରକାରଙ୍କ ସହଯୋଗରେ ଆଜିର କାର୍ଯ୍ୟକ୍ରମ ବୁଣାକାର ଭାଇ ଭଉଣୀମାନଙ୍କ ପରିଶ୍ରମକୁ ସ୍ୱୀକୃତି ଦେବାର ଏକ ନିଆରା ପଦକ୍ଷେପ । ଏହି ପଦକ୍ଷେପ ଦ୍ୱାରା ହସ୍ତତନ୍ତ ଓ ବୟନଶିଳ୍ପର ଉଭୟ ଉତ୍ପାଦନ ଓ ଚାହିଦା ବଢ଼ିବ । ବୁଣାକାର ତଥା ହସ୍ତତନ୍ତ କାରିଗରଙ୍କ ମାନଙ୍କର ରୋଜଗାର ବଢ଼ିବ । ସେମାନଙ୍କ ପ୍ରତିଭା ଲୋକାଦୃତ ହେବା ସହ ଆର୍ଥିକ ଦୃଷ୍ଟିରୁ ସେମାନେ ସମ୍ପନ୍ନ ହେବେ । ସମ୍ବଲପୁର ସମେତ ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି ଓ ବଲାଙ୍ଗୀର ଆଦି ଜିଲ୍ଲାରେ ବୁଣାକାରମାନଙ୍କ ସଂଖ୍ୟା ଅଧିକ । ଓଡ଼ିଶାର ବୁଣାକାରମାନଙ୍କୁ ପ୍ରଶିକ୍ଷଣ ଦେବାର ଯୋଜନା ହେବ । ସେମାନଙ୍କୁ ବ୍ୟବସାୟ ସହ ଯୋଡାଯିବ । ଭାରତ ସରକାର ଓ ରାଜ୍ୟ ସରକାର ଏଥିରେ ସହଯୋଗୀ ହେବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଆମର ବୁଣାକାର ଭାଇ ଭଉଣୀମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ବଦ୍ଧ ପରିକର । ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ପିଏମ ସୂର୍ଯ୍ୟଘର ଯୋଜନା ସମେତ ରାଜ୍ୟ ସରକାରଙ୍କ ସୁଭଦ୍ରା ଓ ଅନ୍ୟାନ୍ୟ କୃଷି ଭିତ୍ତିକ ଯୋଜନା ଉପରେ ଆଲୋକପାତ କରିବା ସହ ବଡତୁରଙ୍ଗଙ୍କୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ସେ ଆହ୍ୱାନ କରିଥିଲେ ।

ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଏହି ଗ୍ରାମରେ ଥିବା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଡବଲ ଇଞ୍ଜିନ୍ ସରକାରରେ କାହାର କାହା ସହ ସାମଞ୍ଜସ୍ୟ ନାହିଁ: କଂଗ୍ରେସ

ଭୁବନେଶ୍ୱର: ରାସନ କାର୍ଡ ରେ ଆଇଟି ରିଟର୍ଣ ଦାଖଲ କାରୀ ଙ୍କୁ ସାମିଲ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । କଂଗ୍ରେସ ବିଧାୟକ ପବିତ୍ର ସାଉଂଟା କହିଛନ୍ତି ଯେ ସରକାର ଯାହା ନିଷ୍ପତ୍ତି ନେଉଛନ୍ତି ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ । ଡବଲ ଇଞ୍ଜିନ୍ ସରକାର ରେ କାହା କାହା ଭିତରେ ସାମଞ୍ଜସ୍ୟ ନାହିଁ । ମନ୍ତ୍ରୀ ଗୋଟେ କଥା କହିଲେ ସଚିବ ଆଉ ଗୋଟେ କଥା କହୁଛନ୍ତି । ରାସନ କାର୍ଡ ତାଲିକାରୁ ନାଁ କାଟି ଲୋକଙ୍କୁ ହଇରାଣ ନ କରନ୍ତୁ । ସେ କହିଛନ୍ତି ଯେ, ଧାନ କଟନି ଛଟନି ଜାରି ରହିଚି । କୁଇଂଟାଲ ପିଛା ୧୦ ପ୍ରତିଶତ ଧାନ କାଟୁ ଛନ୍ତି । ଠନ ଠନ କହିଥିଲେ କିନ୍ତୁ ୪୮ ଦିନ ପରେ ବି ପଇସା ଦେଖା ନାହିଁ । ଚାଷୀ ହଇରାଣ ହେଉଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଚମ୍ପୁଆ ଗସ୍ତକୁ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

**ଚମ୍ପୁଆ, (ହି.ସ.):** ଆସନ୍ତା ମାର୍ଚ୍ଚ ୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଚମ୍ପୁଆ ଗସ୍ତକୁ ନେଇ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଚମ୍ପୁଆ ସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ଆସି ସ୍ଥିତି ସମୀକ୍ଷା କରିଥିବା ଜଣା ପଡିଛି । ସୂଚନା ଅନୁସାରେ, ଆସନ୍ତା ମାସ ୨ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଯୋଗଦାନ କରିବାର ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରା ଯାଉଥିବା ବେଳେ କେନ୍ଦୁଝର ଜିଲ୍ଲପାଳ ବିଶାଲ ସିଂ ଆଜି ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ପହଂଚି ସ୍ଥିତି ସମୀକ୍ଷା କରିଛନ୍ତି । ସ୍ଥିତି ସମୀକ୍ଷା ବେଳେ ପ୍ରଶାସନ ପକ୍ଷରୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଚମ୍ପୁଆ ବିଡ଼ିଓ ସୃତି ରଞ୍ଜନ ସାହୁ, ବଡବିଲ ତହସିଲଦାର ଡି. ସୁଭଦର୍ଶି ଯୋଶି ଓ ବିଜେପି ନେତା ଶ୍ରୀମନ୍ତ କୁମାର ତ୍ରିପାଠୀ, ରମେଶ ଚନ୍ଦ୍ର ପ୍ରଧାନ, ହବି ଦାସ, ସିଦ୍ଧାର୍ଥ କୁମାର ସିଂହ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଲଗୁଣ୍ଠା ବ୍ଲକ୍ ପୁଣି ବିଜେଡି ଦଖଲରେ

# ୧୭ରୁ ୯ ଭୋଟ୍ ପାଇ ବିଜେଡିର ମମତା ବିଜୟୀ

**ବ୍ରହ୍ମପୁର (ପିପିଏସ୍):** ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍‌ର ପ୍ରାକ୍ତନ ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ପରଲୋକ ହେବା ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗତ ଜାନୁୟାରୀ ମାସ ୩୦ତାରିଖରେ ବେଲଗୁଣ୍ଠା ପଞ୍ଚାୟତ ସମିତିର ଅଧକ୍ଷ ପଦବୀ ପାଇଁ ବିଜେଡି ସମର୍ଥିତ ପ୍ରାର୍ଥୀ ମମତା ଭୋଳ ଓ ବିଜେପି ସମର୍ଥତ ପ୍ରାର୍ଥୀ ଗିତାଞ୍ଜଳି ବିଷୋୟୀ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡି ସମର୍ଥିତ ୯ଜଣ ସମିତିସଭ୍ୟ ଓ ବିଜେପି ସମର୍ଥିତ ୮ଜଣ ସମିତିସଭ୍ୟ ମତଦାନ କରିଥିଲେ । ଉପନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିଲେ ମଧ ସେହିଦିନ ଗଣତି କରାଯାଇନଥିଲା । ଉପନିର୍ବାଚନ ପରେ ଭୋଟ ବାକ୍ସକୁ ସିଲ କରାଯାଇ ଭଞ୍ଜନଗର ଟ୍ରେଜେରିର ଟ୍ରଙ୍ଗ ରୁମ୍‌ରେ ରଖାଯାଇଥିଲା । ଗଣତି ସ୍ଥଗିତ ରହି ବିଳମ୍ବ ହେବାରୁ କିଛି ଦିନ ତଳେ ବିଜେଡି ପକ୍ଷରୁ ଭୋଟ୍ ଗଣତି ଏବଂ ଫଳାଫଳ ପ୍ରକାଶ ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲା । ବିଜେଡି ପକ୍ଷରୁ ହୋଇଥିବା ଅପିଲର ବିଚାର କରି ମାନ୍ୟବର ଅଦାଲତ ତୁରନ୍ତ ଗଣତି କରି ଫଳାଫଳ ଘୋଷଣା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପ୍ରଶାସନ ଆଜି ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରିବାକୁ ନିଷ୍ପତି ନେଇଥିଲା । କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଆଜି ଷ୍ଟ୍ରଙ୍ଗ୍ ରୁମ୍‌ରେ ସିଲ୍ ହୋଇ ରହିଥିବା ଭୋଟ୍ ବାକ୍ସ ଖୋଲାଯାଇ ଭୋଟ୍ ଗଣତି ହୋଇଥିଲା । ଗଣତି ପରେ ଗାଙ୍ଗପୁର



ସମିତି ସଭ୍ୟା, ବିଜେପି ସମର୍ଥିତ ପ୍ରାର୍ଥୀ ତଥା ବିଧାୟକ ନୀଳମଣୀଙ୍କ ଭାଇବୋହୂ ଗୀତାଞ୍ଜଳି ବିଷୋୟୀ ୮ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେଡି ସମର୍ଥିତ ପ୍ରାର୍ଥୀ ବଡ଼ବୋର୍ସିଂ ସମିତି ସଭ୍ୟା ମମତା ଭୋଳ ୯ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ । ଗଣତି ସମୟରେ ବୁଗୁଡ଼ା ତହସିଲଦାର ତାପସ୍ ରାଉତ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିବା ବେଳେ ବେଲଗୁଣ୍ଠା ବିଡିଓ ବିଜୟ ପ୍ରଧାନ, ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ଏସ୍‌ଡିପିଓ ସୁଜିତ୍ କୁମାର ନାୟକ, ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ, ଏସ୍‌ଆଇ ଅଭୟ ପ୍ରଧାନ, ନାରାୟଣ ନାୟକଙ୍କ ସମେତ ଫୋର୍ସ ମୁତୟନ ହୋଇଥିଲେ।

ପ୍ରକାଶ ଥାଉକି ପ୍ରାକ୍ତନ ଅଧକ୍ଷ ପ୍ରଶାନ୍ତ ନାୟକଙ୍କ ଦେହାନ୍ତ ପରେ ଉପାଧକ୍ଷା ତଥା ଆମ୍ବପୁଆ ସମିତି ସଭ୍ୟା ପ୍ରମିଳା ପ୍ରଧାନ ଅଧକ୍ଷା ଦାୟିତ୍ୱରେ ଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପ୍ରମିଳା ବିଜେଡ଼ି ଛାଡ଼ି ବିଜେପିକୁ ଚାଲିଯିବା ପାରେ ଅଧକ୍ଷ ପଦବୀ ମଧ ବିଜେପି ହାତକୁ ଚାଲି ଯାଇଥିଲା । ଫଳରେ ବିଜେଡି ମହଲରେ ନୈରାଶ୍ୟ ଖେଳି ଯାଇଥିଲା । କିନ୍ତୁ ବର୍ତ୍ତମାନ ବିଜେଡି ପୁଣି ବ୍ଲକ୍ ଦଖଲ କରିବା ପରେ ବିଜେଡି ମହଲରେ ଖୁସିର ଲହରୀ ଖେଳିଯାଇଛି । ବିଜେଡି କର୍ମୀ ଏବଂ ନେତାମାନେ ପରସ୍ପରକୁ ମିଠା ଖୁଆଇ ଏବଂ ବାଣ ଫୁଟାଇ ଖୁସି ମନାଇଛନ୍ତି । ଆଜି ଧର୍ମର ବିଜୟ ହୋଇଛି ବୋଲି ବିଜୟୀ ଅଧକ୍ଷା ମମତା ଭୋଳ ପ୍ରକାଶ କରିବା ସହ ଆଗାମୀ ଦିନରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ନେଇ ବ୍ଲକ୍ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ଆସନ୍ତା ପଞ୍ଚାୟତିରାଜ ଦିବସରେ ମମତା ଅଧକ୍ଷା ରୂପେ ଦାୟିତ୍ୱ ଗ୍ରହଣ କରିବେ ବୋଲି ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି । ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ୍ ବିଜେଡି ସଭାପତି ତଥା ବଡ଼ବୋର୍ସିଂ ସରପଞ୍ଚ ରାମେଶ୍ୱର ପାତ୍ର, ବେଣୀପଲ୍ଲୀ ସରପଞ୍ଚ ତଥା ସୋରଡା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଦୁର୍ଗାମାଧବ ନାୟକ, ଜିଲ୍ଲାପରିଷଦ ବିଦ୍ୟାଧର ବିଷୋୟୀ, ଜିଲ୍ଲାପରିଷଦ ପ୍ରତିନିଧି ଚନ୍ଦ୍ର ଶେଖର ନାୟକ, ବରିଷ୍ଠ ବିଜେଡି ନେତା ଉମା ନାୟକ, ଗୋବରା ସମିତିସଭ୍ୟ ବିଭୁପାଦ ଜେନା, ଉଦ୍ଧୁରା ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ବିଷୋୟୀ, ଶାସନ ସମିତିସଭ୍ୟା ପିନାକୀନି ବିଷୋୟୀଙ୍କ ସମେତ ବହୁ ବିଜେଡି କର୍ମୀ ଏବଂ ନେତା ଉପସ୍ଥିତ ଥିଲେ ।

## ଧରାପଡ଼ିଲେ ନକଲି ମାଟ୍ରିକ୍ ପରୀକ୍ଷାର୍ଥୀ

**ଚାରିଛକ,(ପିପିଏସ୍):**

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅଧୀନସ୍ଥ ନହନ୍ତରା ହାଇସ୍କୁଲରେ ପରୀକ୍ଷା ଦେଉଥିବା ସମୟରେ ଜଣେ ନକଲି ପରୀକ୍ଷାର୍ଥୀ ଧରା ପଡିଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ରାଜା ଭୋଇ ନାମକ ଜଣେ ପରିକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରର ଅଧିକ୍ଷକ ପୁଷ୍ପାଞ୍ଜଳି ସେଠୀ ଆଡ଼ମିଟ କାର୍ଡ ମାଗିଥିଲେ । ସେ ଯେଉଁ ଆଡମିଟ କାର୍ଡ ଦେଇଥିଲେ ତାହା ନକଲି ବୋଲି ଜାଣିବା ପରେ ତାଙ୍କୁ ପୁଲିସ ଜିମା ଦେବାସହ ଅଧିକ୍ଷକ ଲିଖିତ ଅଭିଯୋଗ କରିଥିଲେ । ନିମାପଡ଼ା ବ୍ଲକ ସଲଙ୍ଗ ପଞ୍ଚାୟତ ମଧୁବନ ଶିକ୍ଷାଶ୍ରମରେ ଅଧ୍ୟୟନ ରତ ଜଣେ ସଂଖ୍ୟାଲଘୁ ଶ୍ରେଣୀର ଛାତ୍ର ଯାହାଙ୍କ ନାମ ଶେଖ୍ ମୁସଲ ଉଦିନଙ୍କ ସ୍ଥାନରେ ଏହି ନକଲି ପରୀକ୍ଷାର୍ଥୀ ରାଜା ଭୋଇ ପରୀକ୍ଷା ଦେଉଥିଲେ ବୋଲି ପୁଲିସ ତଦନ୍ତ କରି ଜାଣି ପାରି ଥିଲେ । ଯୁବକ ଜଣଙ୍କ ସାକ୍ଷୀଗୋପାଳ ଥାନା ଅଧୀନ ଡାଙ୍ଗୁରା ଅଞ୍ଚଳର ବୋଲି ପୁଲିସକୁ କହିଛି । ତେବେ ସାରା ଓଡ଼ିଶାରେ ମାଟ୍ରିକ ପରୀକ୍ଷା ଚାଲିଥିବାବେଳେ ନିମାପଡ଼ା ଅଞ୍ଚଳରେ ଏହିଭଳି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହିତ ଏମିତି ଘଟଣା ପଛରେ କାହାର ହାତ ଅଛି ଏବଂ ଏମିତି ଆହୁରି କେତେ ନକଲି ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି ଖୋଳତାଡ ଚଳାଇଛି । ଏପଟେ ମଧୁବନ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ଏବାବଦରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି । ଏହି ଘଟଣା ସମଗ୍ର ନିମାପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ନାବାର୍ଡ ଦ୍ୱାରା ଗଞ୍ଜାମ ଜିଲ୍ଲାରେ ଋଣ ପ୍ରଦାନ



ବ୍ରହ୍ମପୁର(ପିପିଏସ୍): ଦୁଗ୍ଧ ଉତ୍ପାଦନ ଏବଂ କୃଷକଙ୍କ ଆୟ ବୃଦ୍ଧି ସହିତ ଗ୍ରାମ୍ୟ ଅର୍ଥନୈତିକ ଅଭିବୃଦ୍ଧି କରିବା ଉଦ୍ଦେଶ୍ୟରେ ନାବାର୍ଡ ଓଡ଼ିଶା ଦ୍ୱାରା ଗଞ୍ଜାମ ଜିଲ୍ଲାରେ ଏକ ବୃହତ୍ ଋଣ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗତ ଫେବୃଆରୀ ୨୦୨୪ରୁ ଆରମ୍ଭ ହୋଇଥିବା ଦୁଗ୍ଧ ବିକାଶ ପାଇଁ ପାଇଲଟ୍ ଯୋଜନା ଅନ୍ତର୍ଗତ ୩୦୪ଜଣ ଦୁଗ୍ଧ କୃଷକ ରୂପାୟଣ ଏବଂ ଉନ୍ନତ ଜାତିର ଗିରିକେ ଗାଈ ପାଇଁ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି । ଏହି ଅବସରରେ ନାବାର୍ଡ ମୁଖ୍ୟ ସାଧାରଣ ପ୍ରବନ୍ଧକ ଡ଼.ସୁଧାଂଶୁ କେ.କେ.ମିଶ୍ର, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାଶ, ନାବାର୍ଡ ଉପମହାପ୍ରବନ୍ଧକ ନିରଞ୍ଜନ ଭୂୟାଁ, ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଏମ୍.ଗଣପତି ଏବଂ ଆସ୍କା ସମବାୟ କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ମଙ୍ଗୁଳୁର ସାହୁ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମହାପ୍ରବନ୍ଧକ ବାସୁଦେବ ରାଉତରାୟ, ହେରିଟେଜ ଫୁଡ଼ସ୍ ଲିମିଟେଡ଼ ଓଡ଼ିଶା ମୁଖ୍ୟ ବିଶ୍ୱଜିତ ମହାନ୍ତି, ଗଞ୍ଜାମ ଗଜପତି ଦୁଗ୍ଧ ସଂଘ(ଜିଜିଏମ୍ୟୁ) ଜିଲ୍ଲା ବିକାଶ ପରିଚାଳକ ଡ଼.ସତ୍ୟଜିତ ମିଶ୍ର ଉପସ୍ଥିତ ଥିଲେ । ଏହି ଅବସରରେ ବିଏଆଇଏଫ୍, ସିଡିଭିଓ, ଡିଆରଡିଏସ୍, ୟୁଜିବି (ବ୍ରହ୍ମପୁର ଓ ପୁଲବାଣୀ), ଓଜିବି(ପିପିଲି) ଅଞ୍ଚଳୀୟ ପ୍ରବନ୍ଧକମାନେ ମଧ ଅଂଶଗ୍ରହଣ କରିଥିଲେ । ଗୋପାଳନ ପ୍ରଶିକ୍ଷଣ ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ୩୦୪ଜଣ ଦୁଗ୍ଧ ଚାଷୀଙ୍କୁ କୃଷି ମିୟାଦି ଋଣ ଅନୁମୋଦନ ଅବଗତି ଯୋଗାଇ ଦିଆଯାଇଥିଲା ଯେଉଁଥିରେ ବିସିସି ବ୍ୟାଙ୍କ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଗଞ୍ଜାମ-ପୁରୀ ସୀମାନ୍ତ ଅଞ୍ଚଳ ପାଇଁ) ଏବଂ ଏସ୍‌ବିଆଇ ବ୍ୟାଙ୍କର ଅଂଶଦାନ ରହିଛି । ଏହିପରି ରୂପାୟଣ ୟୁଜିବି ଦ୍ୱାରା ସମ୍ପାଦନ ହୋଇଥିଲା । ଏମ୍‌କେୟୁୱାଇ ଅନ୍ତର୍ଗତ କୃଷି ମିୟାଦି ଋଣ ବିସିସିବି, ଏସିସିବି ଏବଂ ୟୁଜିବି ଦ୍ୱାରା ଅଂଶଦାନ ହୋଇଥିଲା । ଏଥିରେ ହରିତ ଘାସ ବଣ୍ଟନ କରାଯାଇଥିଲା ଯାହା ଦ୍ୱାରା ମିଥେନ ଗ୍ୟାସ ନିୟନ୍ତ୍ରଣ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଏବଂ ରୋଗ ପ୍ରତିରୋଧକ ଯୋଗ୍ୟତା ବଢ଼ିବ । ଆର୍ଥିକ ସାକ୍ଷରତା ଦୃଢ଼ୀକରଣ ନିମନ୍ତେ ହସକାଠିଆ ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷକଙ୍କୁ ବିଭାୟ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ଗ୍ରହଣ ବିଷୟରେ ମଧ ସଚେତନ କରାଯାଇଥିଲା । ମୋଟ ୭୬୧ ଚାଷୀଙ୍କୁ ୨୦କୋଟି ୭୫ଲକ୍ଷ ୬୪ହଜାର ଟଙ୍କା ଋଣ ପ୍ରଦାନ କରାଗଲା ।

# ମହା ଶିବରାତ୍ରୀ ପ୍ରସ୍ତୁତି

ଚାରିଛକ (ଆମ ହିନ୍ଦୁ ଧର୍ମ ପରମ୍ପରାରେ ଏକ ଲୋକ ପ୍ରିୟ ପର୍ବ ହେଉଛି ମହା ଶିବ ରାତ୍ରୀ ବା ଜାଗର ଯାତ୍ରା । ଫାଲ୍ଗୁନ ମାସ କୃଷ୍ଣ ପକ୍ଷର ଚତୁର୍ଦ୍ଦଶୀ ରାତ୍ରକୁ ମହାଶିବ ରାତ୍ରୀ ବା ଜାଗର ଯାତ୍ରା କୁହାଯାଇଥାଏ । ଏହି ଦିନ ସଦାଶିବ ମହେଶ୍ୱର ଜ୍ୟୋତିର୍ଲିଙ୍ଗ ରୂପରେ ଅବିର୍ଭୂତ ହୋଇ ଧରାତଳରେ ଜନ୍ମ ନେଇଥିଲେ ବୋଲି ଶିବ ପୁରାଣରେ ବର୍ଣ୍ଣିତ ହୋଇଛି । ଆମ ଦେଶୀୟ ଗଣନା ଅନୁସାରେ ଫାଲ୍ଗୁନ ମାସ ହେଉଛି ବର୍ଷର ଅନ୍ତିମ ବା ଶେଷ ମାସ । ମହା ଶିବରାତ୍ରୀର ମହିମା ଅବର୍ଣ୍ଣନୀୟ । ମହା ଶିବ ରାତ୍ରୀର ଚାରି ପ୍ରହରରେ ମହେଶ୍ୱରଙ୍କୁ ଅଭିଷେକ କଲେ ଆଉ ପୁନର୍ଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ମହା ଶିବରାତ୍ରୀର ପ୍ରଥମ ପ୍ରହରରେ କ୍ଷୀର, ଦ୍ୱିତୀୟ ପ୍ରହରରେ ଦହି, ତୃତୀୟ ପ୍ରହରରେ ଘିଅ ଓ ଚତୁର୍ଥ ପ୍ରହରରେ ମହୁରେ ଅଭିଷେକ କଲେ ଶିବ ଶମ୍ଭୁ ଅତ୍ୟନ୍ତ ପ୍ରୀତ ହୋଇଥାନ୍ତି । ମହା ଶିବରାତ୍ରୀ ପାଳନ ସମ୍ପର୍କରେ ଅନେକ ଲୋକକଥା ଓକିମ୍ବଦନ୍ତୀ ରହିଛି । ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ସମସ୍ତ ଗରଳ ( ବିଷ) କୁ ଶିବ ଶମ୍ଭୁ ପାନ କରି ଏ ପୃଥିବୀକୁ ଆସନ୍ନ ବିପଦରୁ ରକ୍ଷା କରିଥିଲେ । ବିଷ ପାନ ପରେ ଏହାର ପ୍ରଭାବରେ ସେ ନିଜ ଚେତା ହରାଇ ଥିଲେ ତାଙ୍କର ଚେତା ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବଭକ୍ତ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ । ସେହି ଦିନକୁ ମନେ ପକାଇ ରାତି ଉଜାଗର ରହି ଦୀପ ଜାଳିଲେ ଶିବ ଶମ୍ଭୁ ଅତ୍ୟନ୍ତ ପ୍ରୀତ ହୋଇଥାନ୍ତି । ମହା ଦେବ ଫୁଲ ଓ ବେଲ ପତ୍ର ପ୍ରିୟ ହୋଇ ଥିବାରୁ ଶିବ ରାତ୍ରି ଦିନ ନାଗେଶ୍ୱର, ଦଗର, ଅପରାଜିତା, ଚମ୍ପା, କେତକୀ ଫୁଲ ଓ ବେଲ ପତ୍ର ଶିବ ରାତ୍ରି ଦିନ ଲିଙ୍ଗ ଉପରେ ଚଢ଼ା ଯାଇଥାଏ । ଶିବ ରାତ୍ରି ଦିନ ଶିବ ଶମ୍ଭୁଙ୍କୁ ଅଭିଷେକ କଲେ ବିବାହ ସମସ୍ୟା, ଅଶାନ୍ତ ଯୋଗ, କାଳ ସର୍ପ ଯୋଗ, ବିଭିନ୍ନ ଅସାଧ୍ୟ ରୋଗ, ଘରେ ଥିବା ବାସ୍ତୁ ଦୋଷ, ଭୂମି କ୍ରୟରେ ସମସ୍ୟା, ଜୀବନର ଦୁଃଖ କଷ୍ଟ ପ୍ରଭୃତି ସମସ୍ୟା ଦୂର ହୋଇଥାଏ ବୋଲି ଶିବ ପୁରାଣରେ ଉଲ୍ଲେଖ ରହିଛି ।

ଏହି ଦିନ ଶିବ ଶମ୍ଭୁଙ୍କ ଶମି ବୃକ୍ଷର ପତ୍ର ଅର୍ପଣ କଲେ ଜାତକରେ ରହିଥିବା ଶନି, ରାହୁ ଓ କେତୁଙ୍କ ଦୋଷ ଦୂର ହୋଇଥାଏ । ଚଳିତ ବର୍ଷ ମହା ଶିବରାତ୍ରୀରେ ଏକ ବିରଳ ଗ୍ରହ ସଂଯୋଗ ହେଉଥିବା ବିଭିନ୍ନ ଜ୍ୟୋତିର୍ବିଦମାନେ ସୂଚନା ଦେଇଛନ୍ତି । ଶିବରାତ୍ରୀ ଦିନ ସୂର୍ଯ୍ୟ, ବୁଧ, ଶନି ଏକତ୍ର କୁମ୍ଭ ରାଶିରେ ଅବସ୍ଥାନ କରିବେ । ପ୍ରାୟ ୧୪୯ ବର୍ଷ ପରେ ଏପରି ତିନି ଗ୍ରହର ସଂଯୋଗ ହେଉଥିବା କୁହା ଯାଉଛି । ଏହି ଦିନ ଶୁକ୍ର ନିଜ ଉଚ୍ଚ ରାଶି ମୀନ ରାଶିରେ ଅବସ୍ଥାନ କରିବେ । ରାହୁ ମଧ୍ୟ ମୀନ ରାଶିରେ ଅବସ୍ଥାନ କରିବେ । ଏହା ଏକ ଶୁଭ ଯୋଗ ବୋଲି ବିଶ୍ୱାସ ରହିଛି । ସୂର୍ଯ୍ୟ ଆଉ ଶନି କୁମ୍ଭ ରାଶିରେ ଅବସ୍ଥାନ କରିବେ । ସୂର୍ଯ୍ୟ ହେଉଛନ୍ତି ଶନିଙ୍କ ପିତା ଆଉ କୁମ୍ଭ ହେଉଛି ଶନି ଦେବଙ୍କ ରାଶି । ଏହି ସମୟରେ ଶିବ ଶଙ୍କରଙ୍କୁ ଅଭିଷେକ ଓ ପୂଜା କଲେ ମୋକ୍ଷ ପ୍ରାପ୍ତି ସହିତ ଶିବ ଲୋକରେ ସ୍ଥାନ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଆମ ରାଜ୍ୟର ପ୍ରାୟ ପ୍ରତ୍ୟେକ ଶିବ ମନ୍ଦିରରେ ଜାଗର ଯାତ୍ରା ଧୂମ୍ ଧାମରେ ପାଳିତ ହୋଇ ଥାଏ । ଶ୍ରଦ୍ଧାଳୁ ଭକ୍ତମାନେ ଉପବାସ ରହି ମନ୍ଦିର ପାଖରେ ଦୀପ ଜାଳି ଉଜାଗର ରହିଥାନ୍ତି । କିମ୍ବଦନ୍ତୀ ରାତିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠି ସାରିବା ପରେ ନିଜ ବ୍ରତ ସମାପନ କରି ଶିବ ଶମ୍ଭୁଙ୍କ ଭୋଗକୁ ଖାଇ ଥାନ୍ତି । ଶେଷ ହୋଇଥାଏ ମହା ଶିବରାତ୍ରୀ ବା ଜାଗର ଯାତ୍ରା । ଚଳିତ ବର୍ଷ ମହା ଶିବରାତ୍ରୀ ପାଳନ ପାଇଁ ଆମ ରାଜ୍ୟର ସମସ୍ତ ଶୈବ ପୀଠ ଉତ୍ସବ ମୁଖର ହୋଇ ପଡ଼ିଛି ।

# ମୟୂରଭଞ୍ଜ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ବୈଠକ



ବାରିପଦା, (ପିପିଏସ୍): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ଅଷ୍ଟମ ବୈଠକ ଲୋକସଭା ସାଂସଦ ତଥା ଜିଲ୍ଲା ଦିଶା କମିଟିର ଅଧ୍ୟକ୍ଷ ନବ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ବାଙ୍ଗିରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜୀଳୀ ମୁର୍ମୁ, ଜିଲ୍ଲାପାଳ ହେମ କାନ୍ତ ସୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାର ଧର୍ମାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ଯଥା ପାନୀୟ ଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତି ଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ବେଟି ବଚାଅ ବେଟି ପଢାଅ ମଧାହ୍ନ ଭୋଜନ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱାଲା ଯୋଜନା, ରାଜପଥ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସଏଲ ହେଲଥ କାର୍ଡ, ଫସଲ ବୀମା ଯୋଜନା ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସ୍ଥିତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା ବୋଲି ସୂଚନା ଦିଆଯାଇଛି ।

## 'ନଟ ଫର ସେଲ' ସିମେଣ୍ଟ ରାକେଟ ସକ୍ରିୟ

# ବଜାରରେ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରୁଛନ୍ତି କଣ୍ଟ୍ରାକ୍ଟର

ଅସ୍ତରଙ୍ଗ (ପିପିଏସ୍): ଦିନକୁ ଦିନ ବିଭିନ୍ନ ସାମଗ୍ରୀ ବିକ୍ରି କରିବାକୁ ରାକେଟ ସକ୍ରିୟ ହେଲେଣି । ସରକାରୀ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ କୁ ବିକ୍ରି କରି ରାତାରାତି କୁବେର କୋଟିପତି ହେବାକୁ ସ୍ୱପ୍ନ ଦେଖୁଛନ୍ତି କିଛି ପେଟି କଣ୍ଟ୍ରାକ୍ଟର । ଯାହା ବାସ୍ତବ ଘଟଣା ସାମ୍ନାକୁ ଆସିଛି, ଖୁବ୍ ଶୀଘ୍ର ରାକେଟ ପୋଲିସ ପଞ୍ଝାରେ ପଡିବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି । ଖବର ମୁତାବକ କିଛି ମାସ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ 'ନଟ ଫର ସେଲ' ସିମେଣ୍ଟ ବ୍ୟବସାୟୀ ସକ୍ରିୟ । ତାହା ପୁଣି ରାତାରାତି ହେଉଛି ଚାଲାଣ ।

ଏମିତି ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ଚଢ଼ାଉ କରି ବିପୁଳ ପରିମାଣ ସିମେଣ୍ଟ ଜବତ କରିଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ କିଛି ପେଟି କଣ୍ଟ୍ରାକ୍ଟର ସରକାରୀ କାର୍ଯ୍ୟ ବ୍ୟବହୃତ ପାଇଁ 'ନଟ ଫର ସେଲ' ସିମେଣ୍ଟ ଟ୍ରକ୍ ମାଧ୍ୟମରେ ଆଣି ବିକ୍ରି କରୁଥିବା ଚର୍ଚ୍ଚା ଜୋର ଧରିବା ପରେ ମଙ୍ଗଳବାର ଦିନ ମଧାହ୍ନରେ ନୂଆଗଡ ସାମୁଦ୍ରିକ ଥାନା ପୋଲିସ ଖବର ପାଇଁ ମଧୁପୁର ଗ୍ରାମର ପ୍ରଦେଶ ବେହେରାଙ୍କ ଘରେ ଯାଞ୍ଚ କରିଥିଲେ । ଉକ୍ତ ସ୍ଥାନରୁ ପୋଲିସ 'ଜିନ୍ଦଲ ପାନ୍ଥର ସିମେଣ୍ଟ ନଟ ଫର ସେଲ' ପାଖାପାଖି ୪୦ବସ୍ତାରୁ ଊର୍ଦ୍ଧ୍ୱ ଜବତ କରିଥିଲେ । ଉକ୍ତ ବ୍ୟକ୍ତି ଜଣକ ନିଜ ଘର କାମ ପାଇଁ 'ନଟ ଫର ସେଲ' ସିମେଣ୍ଟ ଆଣି ନିଜ ଘର କାମ କିଛି ଦିନ ହେବ କରୁଥିଲେ । କିନ୍ତୁ ସରକାରୀ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ ବେସରକାରୀ ଘର ନିର୍ମାଣ ପାଇଁ କିପରି ଆସିଲା ତାହା ପ୍ରଶ୍ନ ବାଚୀ ସୃଷ୍ଟି ହେଉଥିବା ବେଳେ ଯାହା ସାଧାରଣ ଚର୍ଚ୍ଚା ହେଉଛି ସ୍ଥାନୀୟ ଅଞ୍ଚଳର କିଛି ପେଟି କଣ୍ଟ୍ରାକ୍ଟର ରାତାରାତି କୋଟି ପତି ହେବା ଲକ୍ଷ୍ୟରେ ନିଜ ଲାଇସେନ୍ସ ମାଧ୍ୟମରେ ଉକ୍ତ ସିମେଣ୍ଟ କମ୍ପାନୀ ରୁ 'ନଟ ଫର ସେଲ' ସିମେଣ୍ଟ ଆଣି ବିଭିନ୍ନ ଗାଁ ଗୁଡିକରେ ସ୍ୱଳ୍ପମୂଲ୍ୟରେ ବିକ୍ରି କରୁଛନ୍ତି । ଏ ରାକେଟ ଦୀର୍ଘ ଦିନ ହେବ ଚାଲିଥିଲେ ମଧ ପୋଲିସ ଟେର ପାଉନଥିଲା । ବେସରକାରୀ ଗୃହ ନିର୍ମାଣ ପାଇଁ କିଏ 'ନଟ ଫର ସେଲ' ସିମେଣ୍ଟ ଯୋଗାଇଥିଲା, କାହା ମାଧ୍ୟମରେ କିପରି ପହଞ୍ଚିଥିଲା ସିମେଣ୍ଟ ପୁଲିସ ବିଭିନ୍ନ ଦିଗକୁ ନେଇ ଜଣ ଜଣ କରି ଥାନାକୁ ଡାକି ପଚରା ଉଚରା କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି 'ନଟ ଫର ସେଲ' ସିମେଣ୍ଟ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଧରିବାକୁ । ଅନ୍ୟ ପଟେ ନୂଆଗଡ ସାମୁଦ୍ରିକ ଥାନା ପୋଲିସ ସିମେଣ୍ଟ କୁ ଜବତ କରି ନୂଆଗଡ ଥାନାରେ ରଖି ତଦନ୍ତ କରିବା ସହ ଏମିତି ବ୍ୟବସାୟର ମାଷ୍ଟର ମାଇଣ୍ଡ କିଏ ଖୋଜୁଛି ପୋଲିସ । ଏହି ଚଢ଼ଉ ସମୟରେ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଏ ଏସ ଆଇ ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅସ୍ତରଙ୍ଗ ଅଞ୍ଚଳର ଅନେକ ସ୍ଥାନରେ 'ନଟ ଫର ସେଲ' ସିମେଣ୍ଟ ଥିବାର ସୂଚନା ମିଳିଛି ଖୁବ ଶୀଘ୍ର ଜବତ ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ଚିକିଟି ମଦମୃତ୍ୟୁ ଘଟଣାର ୬ମାସ ପରେ ହେଲା ତଦନ୍ତ

# ଅବକାରୀ କମିଶନରଙ୍କ ଦ୍ୱାରା ତଦନ୍ତ ଆରମ୍ଭ



ବ୍ରହ୍ମପୁର(ପିପିଏସ୍): ଦୀର୍ଘ ୬ମାସ ବିତିଯାଇଛି ଗଞ୍ଜାମ ଜିଲ୍ଲା ଚିକିଟି ବିଷାକ୍ତ ମଦମୃତ୍ୟୁ ଘଟଣା । ଗତ ୨୦୨୪ ମସିହା ଅଗଷ୍ଟ ୧୯ତାରିଖ ଦିନ ଚିକିଟି ବ୍ଲକ କେ.ନୂଆଗାଁ ଥାନା ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ୍ୟପାନ କରି ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଗୁରୁତର ଭାବେ ଅସୁସ୍ଥ ହୋଇ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଅବସ୍ଥା ଅଧିକ ଗୁରୁତର ହେବାରୁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଅସୁସ୍ଥଙ୍କୁ ବ୍ରହ୍ମପୁର ଓ ଚିକିଟି ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ପର୍ଯ୍ୟାୟକ୍ରମେ ବିଷାକ୍ତ ମଦ୍ୟପାନ ଘଟଣାରେ ପ୍ରଥମେ ଜୁର ବେହେରା, ଲୋକନାଥ ବେହେରା, ପ୍ରଦୀପ ବେହେରା, ବାୟା ସେଠୀ, ଲକ୍ଷ୍ମଣ ବେହେରା ଆଦି ୫ଜଣଙ୍କ ମୃତ୍ୟୁ ହୋଇଥିଲା । ଘଟଣା ଏତେ ସ୍ପର୍ଶକାତର ହୋଇଥିଲା ଯେ ବିଧାନସଭା ହୁଲସ୍ଥୁଲ ହୋଇ ଉଠିଥିଲା । ଘଟଣାରେ ଉଭୟ ପୁଲିସ ଓ ଅବକାରୀ ବିଭାଗ ତରଫରୁ ୧୧ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି । ଘଟଣା ନେଇ ପ୍ରଥମେ ରାଜ୍ୟ ସରକାର ଆର୍‌ଡିସି ସ୍ତରୀୟ ତଦନ୍ତ ପାଇଁ ଘୋଷଣା କରିଥିବା ବେଳେ ପରେ ରାଜସ୍ୱ ପାର୍ଷଦ ସଦସ୍ୟ ତଦନ୍ତ କରିବେ ବୋଲି ଚୁପ ରହିବା ପରେ ପୁଣି ଚିକିଟି ବିଷାକ୍ତ ମଦମୃତ୍ୟୁ ଘଟଣା ନେଇ ବିରୋଧୀ ବିଧାନସଭାରେ ତୁମ୍ବୀ ତୋଫାନ କରି ସରକାରଙ୍କୁ ସମାଲୋଚନା କରିଘଟଣାକୁ ଚାପିବାର ଉଦ୍ୟମ ହେଉଥିବାର ଅଭିଯୋଗ କରିବା ପରେ ମଙ୍ଗଳବାର ମଧାହ୍ନରେ ଘଟଣାର ତଦନ୍ତ କରିବା ପାଇଁ ଅବକାରୀ କମିଶନର ନରସିଂହ ଭୋଳ ଚିକିଟି ଜେନାପୁର ସ୍ଥିତ କଲ୍ୟାଣ ମଣ୍ଡପରେ ପହଞ୍ଚି ମୃତକ ଓ ଆହତଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ବୁଝି ସମସ୍ତଙ୍କ ବୟାନ ରେକର୍ଡ କରିଥିଲେ । ଏହି ସମୟରେ ଅବକାରୀ ବିଭାଗ ଆରକ୍ଷୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନ, ଡ଼ିଏସ୍‌ପି କୁମୁଦ ରଞ୍ଜନ, ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ ଏବଂ କେ.ନୂଆଗାଁ ଆଇଆଇସି କିଶୋର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ମଦ ମୃତ୍ୟୁ ଭଳି ବହୁ ଚର୍ଚ୍ଚିତ ଘଟଣାର ତଦନ୍ତ ଅବକାରୀ ବିଭାଗ ଦ୍ୱାରା କରି ସରକାର ନିଜ ଦୋଷ ଝାଡ଼ି ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହୋଇଛି ।

# ୧୦୫୩ ରାସନକାର୍ଡଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

## ଗୋପ ବ୍ଲକ୍ କାର୍ଯ୍ୟାଳୟରେ ଶତାଧିକ ହିତାଧୀକାରୀ



ଗୋପ (ପିପିଏସ): ଇ-କେୱାଇସି ପ୍ରକ୍ରିୟା ଗୋପ ବ୍ଲକରେ ଶେଷ ହୋଇଥିବା ବେଳେ ସେଥିରୁ ୧୦୫୩ ଜଣ ରେସନକାର୍ଡ ହିତାଧିକାରୀ ଆୟକର ଦେଉଥିବା ଜଣାପଡ଼ିବା ପରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଡିଲର ମାନଙ୍କ ଦ୍ୱାରା କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି । ୨୫ ତାରିଖ ମଧ୍ୟରେ ଏହାର ଦସ୍ତାବିଜ ଓ ଉତ୍ତର ରଖିବାକୁ କୁହାଯାଇଛି । ସ୍ୱଳ୍ପ ସମୟ ମଧ୍ୟରେ ଜାରି ହୋଇଥିବା ନୋଟିସର ଉତ୍ତର ମଗାଯାଉଥିବାରୁ ଏଥିନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । କିଛି ହିତାଧିକାରୀ ଋଣକରିବା ଲାଗି ଆୟକର ଫାଇଲ୍ କରିଥିବାବେଳେ ଆଉ କିଛି ଆୟକର ପରିବର୍ତ୍ତେ ଟିକସ ଫାଇଲ କରୁଥିବା ଦେଖିବାକୁ ମିଳିଛି । ଅନେକ ହିତାଧିକାରୀ ଜିରୋ ଆୟକର କରିଥିବାର ସତ୍ୟପାଠ ଦାଖଲ କରିଛନ୍ତି । ପ୍ରଚାର ପ୍ରସାର କରାଯାଇନଥିବାରୁ ଅନେକ ହିତାଧିକାରୀ ଜାଣିପାରୁନି ନହାନ୍ତି ହିତାଧିକାରୀ କହିଛନ୍ତି । ଏହାର ସମୟସୀମା ଆହୁରି ବୃଦ୍ଧି କରିବା ସହିତ ହିତାଧିକାରୀ ମାନଙ୍କୁ ସୂଚନା ପାଇଁ ଗତ ସୋମବାର ଦିନ ଗୋପ ବ୍ଲକ ଯୁବନେତା ମନଦୀପ୍ ପାଇକରାୟ ଦେବାଶିଷ ସାହୁ, ମିଟୁ ପରିଡ଼ା ଗୋପ ବ୍ଲକରେ ପହଞ୍ଚି ଅତିରିକ୍ତ ବିଡିଓ ଦିପକ କୁମାର ଜେନା, ବ୍ଲକ୍ ଯୋଗାଣ ଅଧିକାରୀ ରଚିତା ପଣ୍ଡାଙ୍କ ମାଧମରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସେହିପରି ନୋଟିସ ପାଇଥିବା ଅନେକ ହିତାଧିକାରୀ ମଙ୍ଗଳବାର ଦିନ ଗୋପ ବିଡିଓ ଛବିରାଣୀ ସାହୁଙ୍କ ନିକଟରେ ପହଞ୍ଚି ତାଙ୍କ ପାଖକୁ ଯାଇଥିବା ନୋଟିସର ଉତ୍ତର ଦେବା ସହିତ ଅନେକ ହିତାଧିକାରୀ ଦରଖାସ୍ତ ଦେଇଥିଲେ । ବିଡିଓ ଶ୍ରୀମତୀ ସାହୁ ସମସ୍ତ ରାସନକାର୍ଡ ହିତାଧିକାରୀଙ୍କ ଦରଖାସ୍ତ ରଖିବା ସହିତ ଇ -କେୱାଇସର ନୂତନ ନିୟମ ବାବଦରେ ନିଜ କାର୍ଯ୍ୟାଳୟରେ ହିତାଧିକାରୀ ମାନଙ୍କୁ ବୁଝାଇଥିଲେ । ଯେଉଁ ରାସନକାର୍ଡ ହିତାଧିକାରୀମାନେ ଆୟକର ଦେଉଛନ୍ତି ସେମାନେ ତାଙ୍କ ରାସନକାର୍ଡ ଫେରାଇବାପାଇଁ ପରାମର୍ଶ ଦେଇଥିଲେ ଗୋପ ବଡ଼ିଓ ଛବିରାଣୀ ସାହୁ ।

# ମହାକୁମ୍ଭ କବିତା ଆସର



କେନ୍ଦ୍ରାପଡା, (ପିପିଏସ୍): ରାଷ୍ଟ୍ରବାଦୀ ସାମାଜିକ ସଂଗଠନ 'ଜୟରାଷ୍ଟ୍ର ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ସ୍ଥାନୀୟ ପବ୍ଲିକ୍ ରିଡ଼ିଙ୍ଗରୁମ୍ ଠାରେ ମହାକୁମ୍ଭ କବିତା ଆସର ଅନୁଷ୍ଠିତ ହୋଇଯାଇଛି । 'ମହାକୁମ୍ଭ କବିତା ନୈବେଦ୍ୟ' ଶୀର୍ଷକ ଏହି ଆସରକୁ ବିଶିଷ୍ଟ କବି ଡାକ୍ତର ଅମିୟ ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ମହାକୁମ୍ଭ ବିଶ୍ୱଭାତୃତ୍ୱର ଏକ ମହାପର୍ବ ବୋଲି ମତବ୍ୟକ୍ତ କରିଥିଲେ । ସେ ଏହା ମଧ କହିଲେ, କେବଳ ସନାତନୀ ନୁହଁନ୍ତି ଭିନ୍ନ ଭିନ୍ନ ମତ ଓ ପନ୍ଥର ଶ୍ରଦ୍ଧାଳୁ ମହାକୁମ୍ଭରେ ପହଂଚି ଏହି ପବିତ୍ର ଆଧାତ୍ମିକ ଉତ୍ସବରୁ ଜୀବନର ଆନନ୍ଦ ସାଉଁଟିଛନ୍ତି । ମହାକୁମ୍ଭ ଅବସରରେ କବିତା ଆସର ଓ ଆଲୋଚନା ଅୟୋଜିତ ହେବା ଏକ ନିଆରା ସାରସ୍ୱତ ପରମ୍ପରା ବୋଲି ଡାକ୍ତର ଅମିୟ ରଞ୍ଜନ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ।

ମୁଖ୍ୟବକ୍ତାଭାବେ ଯୋଗଦେଇ ବିଶିଷ୍ଟ କବି ଇଞ୍ଜିନିୟର ଭବାନୀ ପ୍ରସାଦ ମିଶ୍ର ମହାକୁମ୍ଭ ମେଳା ସନାତନ ସଂସ୍କୃତିକୁ ବିଶ୍ୱମଞ୍ଚରେ ପୁନଃ ପ୍ରତିଷ୍ଠା କରିବାରେ ସହାୟକ ହୋଇଛି ବୋଲି କହିଥିଲେ । ତେବେ ମହାକୁମ୍ଭ କାବ୍ୟ ନୈବେଦ୍ୟ କାର୍ଯ୍ୟକ୍ରମ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିବ ବୋଲି କବି ଭବାନୀ ପ୍ରସାଦ ମିଶ୍ର ବକ୍ତବ୍ୟରେ ପ୍ରକାଶ କରିଥିଲେ । ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ଆସରରେ କବି ରଶ୍ମିତା ସେନାପତି, ନବଜ୍ୟୋତି ରାୟ, ବୃନ୍ଦାବନ ଦାସ, ଆରାଧନା ଦାସ, ସ୍ୱପ୍ନାଂଶୁ କୁମାର ଦାସ, ଗୋଲାପ ରାଉତ, ଭରତ ଚନ୍ଦ୍ର ଜେନା, ଗୀତାଞ୍ଜଳି ସାହୁ, ଅଜୟ କୁମାର ପାତ୍ର, ରଞ୍ଜନ କୁମାର ବାଇ, ସ୍ୱର୍ଣ୍ଣମୟୀ ଷଡଙ୍ଗୀ ପ୍ରମୂଖ କବିତା ପାଠ କରିଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ମଳୟ ସାହୁ, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ ନାୟକ, ସରୋଜ ରାଉତ, ସନ୍ତୋଷ ପୋଥାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ବିରେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ କବିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଲଙ୍କପତି ରାବଣ ପୂଜାକରି ଅମରବର ପାଇଥିବାରୁ ଶମ୍ଭୁଙ୍କ ନାଁ ଅମରେଶ୍ୱର

ଚାରିଛକ, (ପିପିଏସ୍): ପୁଣ୍ୟତୋୟା ପ୍ରାଚୀ ନଦୀ ଉପତ୍ୟକାରେ ରହିଛି ପ୍ରସିଦ୍ଧ ଦ୍ୱାଦଶ ଶୈବ ପୀଠ । ତା' ମଧ୍ୟରୁ ଚାରିଛକ ନିକଟସ୍ଥ ଅମରେଶ୍ୱର ଗ୍ରାମରେ ରହିଛି ପ୍ରଭୂ ଅମରେଶ୍ୱର ଶମ୍ଭୁ ମନ୍ଦିର । ଅମରେଶ୍ୱର ଶମ୍ଭୁ ପୂଜା ପାଉଥିବାରୁ ଗାଁ ର ନାଁ ଅମରେଶ୍ୱର ହୋଇଛି । ପ୍ରାଚୀ ମାହାତ୍ମ୍ୟ ରେ ବର୍ଣ୍ଣିତ ହୋଇଛି ଯେ, ଲଙ୍କାର ରାଜା ରାବଣ ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କୁ ତପସ୍ୟା ବଳରେ ସନ୍ତୁଷ୍ଟ କରି ଅମର ହେବାକୁ ବର ମାଗିଥିଲେ । ବ୍ରହ୍ମଦେବ ରାବଣଙ୍କୁ କହିଥିଲେ ଅମରବର ଦବା ତାଙ୍କ ସାମର୍ଥର ବାହାରେ । ମୃତ୍ୟୁର ଦେବତା ଶିବ ଶଙ୍କର ହୋଇଥିବାରୁ ସେ ଚାହିଁଲେ ଅମର ବର ପ୍ରଦାନ କରି ପାରିବେ । ତଦନୁସାରେ ଲଙ୍କପତି ରାବଣ ପୁଣ୍ୟତୋୟା ପ୍ରାଚୀ ନଦୀ କୂଳକୁ ଆସି ଏକ ଶିବ ଲିଙ୍ଗ ସ୍ଥାପନା କରି ତପସ୍ୟା କରିବାରେ ଲାଗିଲେ । ଦୀର୍ଘ ଦିନ ବିତିଥିଲେ ମଧ୍ୟ ଶିବ ଶଙ୍କର ପ୍ରସନ୍ନ ନ ହେବାରୁ ଲଙ୍କପତି ରାବଣ ତପସ୍ୟାସ୍ଥଳୀ ଠାରେ ଯଜ୍ଞ ଆରମ୍ଭ କରିଥିଲେ ।ଯଜ୍ଞରେ ନିଜ ୧୦ ମୁଣ୍ଡ ରୁ ୯ଟି ମୁଣ୍ଡ କାଟି ଆହୁତି ଦେବାପରେ ଶିବ ଶଙ୍କର ପ୍ରସନ୍ନ ହୋଇ ଲଙ୍କପତି ରାବଣଙ୍କୁ ସାକ୍ଷାତ ଦେଇ ବର ମାଗିବାକୁ କହିଥିଲେ । ଲଙ୍କପତି ରାବଣ ଶିବଶମ୍ଭୁ ଙ୍କୁ ଅମର ବର ମାଗିଥିଲେ । ଶିବଶମ୍ଭୁ ଅମର ବର ପ୍ରଦାନ କରିଥିଲେ, କିନ୍ତୁ ଗୋଟିଏ ସର୍ତ୍ତରେ । ସେ ଯେଉଁ ଦିନ ନାରୀ ହରଣ କରିବ ସେହି କାରଣରୁ ତାର ମୃତ୍ୟୁ ଘଟିବ । ତାହା ହିଁ ହୋଇଥିଲା । ମାତା ସୀତାଙ୍କୁ ହରଣ କରିବା ପରେ ପ୍ରଭୂ ଶ୍ରୀ ରାମଙ୍କ ହାତରେ ତାଙ୍କର ମୃତ୍ୟୁ ହୋଇ ଥିଲା । ଶିବ ଶମ୍ଭୁ ଅମର ବର ପ୍ରଦାନ କରିଥିବାରୁ ଠାକୁରଙ୍କ ନାଁ ଅମରେଶ୍ୱର ହୋଇଛି । ଏବେ ବି କିଛି ପଥର ମୁଣ୍ଡ ମନ୍ଦିର ସମ୍ମୁଖରେ ପଡ଼ିରହିଛି, ଯାହାକୁ ରାବଣ ମୁଣ୍ଡ ବୋଲି ସେବକ ମାନେ କହିଥାନ୍ତି । ଜାଗର ଯାତ୍ରା ପାଇଁ ଅମରେଶ୍ୱର ମନ୍ଦିର ଉତ୍ସବ ମୁଖର ହୋଇପଡ଼ିଛି ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ପୁଣ୍ୟତିଥିରେ ସ୍ମୃତିସଭା



କଟକ, (ପିପିଏସ୍): 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ୭୩ ତମ ପୁଣ୍ୟତିଥି କଟକସ୍ଥିତ ଐତିହାସିକପୀଠ ସ୍ୱରାଜ- ଆଶ୍ରମ ଠାରେ ପାଳିତ ହୋଇଯାଇଛି । ଅପରାହ୍ନରେ କାନ୍ତକବିଙ୍କ ଉଦ୍ଦେଶ୍ୟରେ 'ସରଳା ଦେବୀ- ଭାଗୀରଥି ମହାପାତ୍ର ଟ୍ରଷ୍ଟ' ଓ 'ଜାଗୃତ ଓଡ଼ିଶା ସାହିତ୍ୟ ସଂସଦ'ର ମିଳିତ ଆନୁକୂଲ୍ୟରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା । ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ତଥା ଐତିହାସିକ ପ୍ରଫେସର (ଡ) ନିହାର ରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏବଂ ସମ୍ମାନିତ ଅତିଥିଭାବେ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୀପ କୁମାର ସାହୁ, ଓଡ଼ିଶା ବିଧାନସଭାର ଅଧିବକ୍ତା ମନ୍ମୟକୁମାର ଦାଶ ପ୍ରମୁଖ ଯୋଗଦେଇ କାଳଜୟୀ ପୁରୁଷ କାନ୍ତକବି ଦୂରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇମଧ, କଷ୍ଟମୟ ଜୀବନରେ ବି ତାଙ୍କ କଲମ କିପରି ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ ଉତ୍ସଭାବେ ସ୍ୱାଧୀନତା ସଂଗ୍ରାମୀ ଗଢ଼ିବାରେ ସହଯୋଗ କରିଥିଲା । ସେ ବିଷୟରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଆଇନଜୀବୀ ନିରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ଉକ୍ତ ସ୍ମୃତିସଭାରେ ଅସିତ୍ କୁମାର ଜେନା ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିବାବେଳେ, ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟର ସମ୍ପାଦକ ସମାଜସେବୀ ଲକ୍ଷ୍ମୀପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ଗୀତିକାର, ପ୍ରଯୋଜକ ତଥା ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମଙ୍କୁ 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା । ସଂଯୋଜକ ଜଗନ୍ନାଥ ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଅନୁଷ୍ଠାନର ଲକ୍ଷ୍ୟ ଉପସ୍ଥାପନା କରିଥିଲେ ଏବଂ ବିଶ୍ୱମିତ୍ରା ମିଶ୍ର ମାନପତ୍ର ପାଠ କରିଥିଲେ । ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସଂସଦ ସଭାନେତ୍ରୀ କିରଣବାଳା ମହାନ୍ତି, ଜ୍ୟୋତ୍ସ୍ନା ରାୟମହାପାତ୍ର, ବିଜୟଲକ୍ଷ୍ମୀ ନାୟକ ଏବଂ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ବିଶ୍ୱଜିତ ପାଣି, ସୁସ୍ମିତା ପଟ୍ଟନାୟକ, ସି କସ୍ତୁରୀ, ଗୀତାଞ୍ଜଳି ବେହୁରା, ସସ୍ମିତା ପଟ୍ଟନାୟକ ଓ ଦେବୀପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସର୍ବଶ୍ରୀ ଶ୍ରୀକାନ୍ତ ବେଜ୍, ଶିଳ୍ପା ପାତ୍ର, ଦେବୀପ୍ରସାଦ ସେଠୀ, ଜଗନ୍ନାଥ ମହାନ୍ତି, ଆଶୁତୋଷ ହୋତା, ଉମ୍ମେରୁମାନ, ସନ୍ଧ୍ୟା ଦାସ ଓ ବ୍ରଜସୁନ୍ଦର ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ ।

# ବଜାରରେ ନନ୍‌ବ୍ରାଣ୍ଡ ମୃଦୁ ପାନୀୟ: ଗ୍ରାମାଞ୍ଚଳରେ ସର୍ବାଧିକ ବିକ୍ରି

## ନିଘୋଡ଼ ନିଦ୍ରାରେ ଖାଦ୍ୟ ସୁରକ୍ଷା ଅଧିକାରୀ

ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ବଢିବାରେ ଲାଗିଛି ମୃଦୁ ପାନୀୟ ବିକ୍ରି । ନାମିଦାମୀ କମ୍ପାନୀ ଶହ ୩୦ରୁ ଉର୍ଦ୍ଧ ନନବ୍ରାଣ୍ଡକମ୍ପାନୀର ମୃଦୁ ପାନୀୟ ମିଳୁଛି । ପୂର୍ବାପେକ୍ଷା ନନବ୍ରାଣ୍ଡ ମୃଦୁ ପାନୀୟ ଅଧିକ ବିକ୍ରି ହେଉଛି । ନାମୀଦାମୀ କମ୍ପାନୀ ଠାରୁ କମ୍ ଦରରେ ମିଳୁଥିବାରୁ ଏହାକୁ ଅଧିକ ପସନ୍ଦ କରୁଛନ୍ତି ଗ୍ରାହକ । ଅସ୍ତରଙ୍ଗ ମୁଖ୍ୟ ବଜାର ଅପେକ୍ଷା ଗ୍ରାମାଞ୍ଚଳରେ ସର୍ବାଧିକ ବିକ୍ରି ହେଉଛି । ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର କିଛି ହୋଲସେଲ ବ୍ୟବସାୟୀ ଗାଁ ଗାଁ ବୁଲି ଦୋକାନ ଗୁଡିକ ରେ ଅଧିକ ଲାଭ ଆଶା ଦେଖାଇ ଦୋକାନ ରେ ନନବ୍ରାଣ୍ଡର ମୃଦୁ ପାନୀୟ ବିକ୍ରି କରୁଛନ୍ତି । କିନ୍ତୁ ଥଣ୍ଡା ପାନୀୟ ମାନ ପରୀକ୍ଷା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ତରଫରୁ କୌଣସି ଦିନ ଅସ୍ତରଙ୍ଗ ରେ ଯାଞ୍ଚ ହେଉନାହିଁ । ଯାହାର ସୁଯୋଗ ନେଇ ନାମୀଦାମୀ କମ୍ପାନୀ ଶହ ପ୍ରତିଯୋଗିତା କରୁଛନ୍ତି ନନବ୍ରାଣ୍ଡ ମୃଦୁ ପାନୀୟ ପ୍ରସ୍ତୁତ କରୁଥିବା କମ୍ପାନୀ । ଖୁଚୁରା ବ୍ୟବସାୟୀ ଗୋଟିଏ ବୋତଲ ପିଛା ୧୦ ଟଙ୍କାରେ ବିକ୍ରି କରୁଛନ୍ତି । ନାମୀ ଦାମୀ କମ୍ପାନୀ ଦର ରହୁଛି ୨୦ରୁ ୨୫ଟଙ୍କା । ଶସ୍ତାରେ ବିକ୍ରି ହେଉଥିବାରୁ ଦିନକୁ ଦିନ ନନବ୍ରାଣ୍ଡ ଚାହିଦା ବଢିବାରେ ଲାଗିଛି । ଏହାର ସୁଯୋଗ ନେଉଛନ୍ତି ଅସ୍ତରଙ୍ଗ ଅଞ୍ଚଳ ଶହ ଗ୍ରାମାଞ୍ଚଳର କିଛି ମୁନଫା ଖୋର ବ୍ୟବସାୟୀ ।

ଅଳ୍ପ ଟଙ୍କା ବିନିଯୋଗରେ ଘରେ ମୃଦୁପାନୀୟ ପ୍ରସ୍ତୁତ କରୁଛନ୍ତି । ବଜାରରେ ମେସିନ,ଷ୍ଟିକର, ଶହ ଅନ୍ୟାନ୍ୟ ସୁବିଧାରେ ମିଳିଯାଉଛି । ତେଣୁ ପ୍ରସ୍ତୁତ କର୍ତ୍ତାଙ୍କୁ ସମସ୍ୟା ହେଉନି । ଘରେ ପ୍ରସ୍ତୁତ କରି ଲୋଗୋ ଲଗାଇ ମୃଦୁ ପାନୀୟ ବଜାରକୁ ଛାଡୁଛନ୍ତି । କମ୍ ଦରରେ ମିଳୁଥିବାରୁ ଅସ୍ତରଙ୍ଗ ଅଂଚଳର ବିଭିନ୍ନ ଗାଁ ଗହଳି ରେ ଅଧିକ ବିକ୍ରି ହେଉଛି । ଏହା ପିଇବା ଯୋଗ୍ୟ କି ନାହିଁ, ତାହାର ଯାଞ୍ଚ କରାଯାଉନି । ଆଜି ପର୍ଯ୍ୟନ୍ତ ଗୋଟିଏ ଦୋକାନରେ ଚଢ଼ାଉ ହୋଇନାହିଁ । କେବଳ ମୃଦୁ ପାନୀୟ ନୁହେଁ, ନିମ୍ନମାନର ପାଣି ମଧ ବିକ୍ରି ହେଉଛି । ସେହିପରି ଅବଧି ଶେଷ ହୋଇଥିବା ନାମୀଦାମୀ କମ୍ପାନୀର ମୃଦୁ ପାନୀୟ ମଧ ବିକ୍ରି ହେଉଛି । ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି । ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ପ୍ରାଚୀ ପ୍ରତ୍ୟାଶା ଓ ରୀତିକ୍ରିଷ୍ଣା ୨୦୨୪

## ପଞ୍ଚମ ବୃତ୍ତି ପରୀକ୍ଷାରେ ସଫଳ





ଧାମନଗର (ପିପିଏସ୍): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ତପନେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇଚ୍ଛଦାର ଷଷ୍ଠ ଶ୍ରେଣୀର ଛାତ୍ରୀ ପ୍ରାଚୀ ପ୍ରତ୍ୟାଶା ବେହେରା ୨୦୨୪ ମସିହା ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ପ୍ରାଚୀ ପ୍ରତ୍ୟାଶା ଜଣେ ମେଧାବୀ ଛାତ୍ରୀ । ସେ ୨୦୨୨ ମସିହାରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଏହାଛଡ଼ା ସେ ୨୦୨୪ ରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକ ପରୀକ୍ଷା ଓ ନବୋଦୟ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଥିଲେ । ପ୍ରାଚୀ ପ୍ରତ୍ୟାଶା ତପନେଶ୍ୱର ଉ. ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରହଲ୍ଲାଦ ବେହେରା ଓ ପଳିକିରୀ ମାଝି ସାହି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ମଧୁସ୍ମିତା ଦାଶଙ୍କ କନ୍ୟା ଅଟନ୍ତି । ସେହିପରି ସରସ୍ୱତୀ ଶିଶୁ ମନ୍ଦିର ଅସୁରାଳୀର ଷଷ୍ଠ ଶ୍ରେଣୀର ଛାତ୍ରୀ ରୀତିକ୍ରିଷ୍ଣା ପଣ୍ଡା ୨୦୨୪ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସଫଳତା ପାଇଛନ୍ତି । ରୀତିକ୍ରିଷ୍ଣା ଜଣେ ମେଧାବୀ ସହ ସଙ୍ଗୀତ କଳା ଛାତ୍ରୀ ଅଟନ୍ତି । ସେ କଟସାହି ପଞ୍ଚାୟତ ଅନ୍ତର୍ଗତ ବଉଳନାଳୀ ଶାସନର ଯୁବ ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ କନିଷ୍ଠା କନ୍ୟା ଏବଂ ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡାଙ୍କ ସାନ ଭଉଣୀ ଅଟନ୍ତି । ଏହି ସଫଳତା ପାଇଁ ପ୍ରାଚୀ ପ୍ରତ୍ୟାଶା ଓ ରୀତିକ୍ରିଷ୍ଣାଙ୍କୁ ବିଭିନ୍ନ ମହଲରୁ ଶ୍ରଦ୍ଧା ଓ ଶୁଭେଚ୍ଛା ମିଳୁଛି ।

# ଦୀର୍ଘ ୧ବର୍ଷ ଚାକିରି ପରେ ଅଡୁଆରେ ରାୟରପୁର ଅଙ୍ଗନୱାଡି କର୍ମୀ

ଜଗତସିଂହପୁର, (ପିପିଏସ୍): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ କୃଷ୍ଣଦାସପୁର ପଞ୍ଚାୟତ ରାୟରପୁର ଗ୍ରାମର ରାୟରପୁର 'କ' କେନ୍ଦ୍ରର ଅଂଗନୱାଡୀ କର୍ମୀ ଧରୀତ୍ରୀ ମହାନ୍ତି ଦୀର୍ଘ ୧ବର୍ଷ ୩ମାସ ଧରି ନିଜ କେନ୍ଦ୍ରର କର୍ତ୍ତବ୍ୟ ସୂଚାରୁ ରୂପେ ତୁଲାଇ ଆସୁଥିବା ବେଳେ, ଏବେ ତାଙ୍କୁ ଦାୟୀତ୍ୱ ହସ୍ତାନ୍ତର କରିବା ପାଇଁ ସିଡିପିଓ ବାଧ୍ୟ କରୁଛନ୍ତି । ଅଙ୍ଗନୱାଡୀ କର୍ମୀ ଚୟନ କମିଟି ସଠିକ୍ ଭାବେ ବିଜ୍ଞାପନର ନିୟମାବଳୀ ଅନୁକରଣ କରି ଚୟନ କରାଯାଇ ନଥିବା ଅଭିଯୋଗରେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଅପର ପକ୍ଷରେ ଅତିରିକ୍ତ ଜିଲ୍ଲାପାଳଙ୍କ ଏହି ନିଷ୍ପତ୍ତି ଧରୀତ୍ରୀ ମହାନ୍ତିଙ୍କୁ ଅଡୁଆରେ ପକାଇବା ନେଇ, ନ୍ୟାୟ ପାଇଁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଉଚ୍ଚ ନ୍ୟାୟାଳୟ ଧରୀତ୍ରୀଙ୍କ ମାମଲା ନଂ ୨୨୦୧/୨୦୨୫ରେ ଆଗାମୀ ୨୮ ତାରିଖ ପର୍ଯ୍ୟନ୍ତ ରହିତାଦେଶ ନିର୍ଦ୍ଦେଶ ହୋଇଥିବା ନିର୍ଦ୍ଦେଶାବଳୀରୁ ଜଣାଯାଇଛି ।

ସୁଚନାରୁ ଜଣା ଯାଇଛି, ରାୟରପୁର ୱାର୍ଡ ନଂ ୬, ୭ ଓ ୮କୁ ନେଇ ଗଠିତ ରାୟରପୁର କ ଅଙ୍ଗନୱାଡୀ କେନ୍ଦ୍ର । ଏହି କେନ୍ଦ୍ରର ଅଙ୍ଗନୱାଡୀ କର୍ମୀ ଚୟନ ନିମନ୍ତେ ବାଲିକୁଦା ସିଡିପିଓଙ୍କ ମେମୋ ନଂ ୫୮୧/ ତା ୧୮.୦୭. ୨୦୨୩ରିଖରେ ବିଜ୍ଞାପନ ବାହାରି ଥିଲା । ଏହାର ନିୟମାବଳୀ ମଧ୍ୟରେ, ମହିଳା ଜଣଙ୍କ ସେହି ଅଙ୍ଗନୱାଡୀ ଅଂଚଳର ବାସୀନ୍ଦା ହୋଇଥିବା ଆବଶ୍ୟକ । ଏ ସମ୍ପର୍କରେ ତହସିଲଦାରଙ୍କ ଠାରୁ ୫ବର୍ଷ ମଧ୍ୟର ବାସିନ୍ଦା ପ୍ରମାଣ ପତ୍ର ଆବଶ୍ୟକତା । ଏଥିସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଜରିଆରେ ତା ୦୩.୦୮.୨୦୨୩ରିଖ ମଧ୍ୟରେ ଦରଖାସ୍ତ କରିବା ପାଇଁ । ତେବେ ଏହି ଅଙ୍ଗନୱାଡୀ କର୍ମୀ ଚୟନ ନିମନ୍ତେ ପ୍ରାୟ ୧୫ଜଣ ମହିଳା ଦରଖାସ୍ତ କରିଥିଲେ । ସେମାନଙ୍କ ମଧ୍ୟରୁ ଶିକ୍ଷାଗତ ଯୋଗ୍ୟତାରେ +୩ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ରାୟରପୁର ଗ୍ରାମର ଶିଶିର କୁମାର ମହାନ୍ତିଙ୍କ ୨୭ବର୍ଷର ଝିଅ ଧରିତ୍ରୀ ମହାଁ ଦରଖାସ୍ତ କରିବା ସହିତ ଚୟନ କମିଟି ସମସ୍ତଙ୍କ ଆବଶ୍ୟକ ପ୍ରମାଣ ପତ୍ର ତନ୍ନତନ୍ନ କରି ଯାଞ୍ଚ କରିବା ପରେ ଧରୀତ୍ରୀଙ୍କୁ ଚୟନ କରିଥିଲେ । ମାତ୍ର ଯାଂଚ ସମୟରେ ଧରିତ୍ରୀଙ୍କ ବାସିନ୍ଦା ପ୍ରମାଣ ପତ୍ର ତହସିଲ କାର୍ଯ୍ୟାଳୟରୁ ସମୟ ମଧ୍ୟରେ ବାହାରି ପାରି ନଥିବା ନେଇ ୬ବର୍ଷର ବାସିନ୍ଦା ପ୍ରମାଣ ପତ୍ର ଦେବା ସହିତ ୭ ଦିନ ମଧ୍ୟରେ ନୁଆ ପ୍ରମାଣ ପତ୍ର ଦେବେ ବୋଲି ଅଣ୍ଡର ଟେକିଂ ଦେଇଥିଲେ ଏବଂ ୭ ଦିନ ମଧ୍ୟରେ ମଧ୍ୟ ଆଣି ଦେଇଥିଲେ । ଧରୀତ୍ରୀଙ୍କୁ 'କ' କେନ୍ଦ୍ରର ଅଙ୍ଗନୱାଡୀ କର୍ମୀ ଭାବେ ଚୟନ କରା ଯିବା ପରେ, ସେ ତା ୨୯.୦୯. ୨୦୨୩ରିଖରେ କାର୍ଯ୍ୟରେ ଯୋଗଦେଇ ଆଜି ପର୍ଯ୍ୟନ୍ତ ରାୟରପୁର କ ଆଙ୍ଗନୱାଡୀ କେନ୍ଦ୍ରକୁ ପରିଚାଳନା କରି ଆଶୁଛନ୍ତି । ତେବେ ଧରୀତ୍ରୀଙ୍କ ପ୍ରତିଦ୍ୱନ୍ଦୀ, ଅଙ୍ଗନୱାଡୀ କର୍ମୀ ଚୟନ ପ୍ରକ୍ରୀୟା ଭୁଲଥିବା ଦାବି କରି ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତି କରି ଅତିରିକ୍ତ ଜିଲ୍ଲାପାଳ ସରକାରୀ ନୀୟମାବଳୀ ଅନୁଯାୟୀ ଧରିତ୍ରୀଙ୍କୁ ଚୟନ କରାଯାଇ ନଥିବା ତା ୭.୧୧.୨୦୨୪ରିଖରେ ଉପଜିଲ୍ଲାପାଳ ଓ ବାଲିକୁଦା ସିଡିପିଓଙ୍କୁ ଜଣାଇ ଥିଲେ । ହେଲେ ଏ ସମ୍ପର୍କରେ କର୍ମୀ ଧରିତ୍ରୀ ମହାନ୍ତିଙ୍କୁ ନୋଟିସ ନକରାଯାଇ, ବାଲିକୁଦା ସିଡିପିଓ, ଧରିତ୍ରୀଙ୍କୁ ପୁଲିସ ଲଗାଇ କନ୍ଦ୍ରେର ଦାୟୀତ୍ୱ ହେଲ୍ପରଙ୍କୁ ହସ୍ତାନ୍ତର କରିବା ପାଇଁ ବାଧ୍ୟ କରାଉ ଥିବା ଧରିତ୍ରୀ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଧରିତ୍ରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ୨୮ତାରିଖ ପର୍ଯ୍ୟନ୍ତ ରହିତା ଦେଶ ପାଇଥିବା କୋର୍ଟ ନିର୍ଦ୍ଦେଶରୁ ଜଣାଯାଇଛି ।

# କାରଖାନାରେ ଦୁର୍ଘଟଣା : ଶ୍ରମିକଙ୍କ ମୃତ୍ୟୁ

ରାଉରକେଲା,(ପିପିଏସ୍): ରାଜଗାଙ୍ଗପୁର ତାଲକିପଡାସ୍ଥିତ ଚନ୍ଦ୍ରା ଇଞ୍ଜିନିୟରଙ୍ଗି ୱାର୍କ କାରଖାନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ସୋମବାର ସକାଳ ସମୟରେ ରାଜଗାଙ୍ଗପୁର ବ୍ଲକ କୁଟୀନିଆ ପଞ୍ଚାୟତର ଫକୀରପଡା ନିବାସୀ ଫଗୁ ମାଝୀ(୫୧)ଚନ୍ଦ୍ରା ଇଞ୍ଜିନିୟରଙ୍ଗିକୁ କର୍ମକ୍ଷେତ୍ରକୁ ଆସି ନିଜ କାମରେ ନିୟୋଜିତ ହୋଇ କାର୍ଯ୍ୟ କରୁଥିବାବେଳେ ସୁରକ୍ଷା ଉପକରଣର ଅଭାବ ଯୋଗୁଁ ହଠାତ୍ ତାଙ୍କ ମୁହଁରେ ଆଘାତ ଲାଗିଥିଲା। ଯାହାକି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହେବାର ଅଭିଯୋଗ ଆସିଛି। ଅନ୍ୟପକ୍ଷରେ ଗୁରୁତର ଥିବା ଉକ୍ତ ଶ୍ରମିକକୁ କାରଖାନା ପକ୍ଷରୁ ବହୁ ବିଳମ୍ବରେ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ମୃତ ଶ୍ରମିକ ଫଗୁ ମାଝୀଙ୍କ ଶବକୁ ରାଉରକେଲାକୁ ପଠାଇଦିଆଯାଇଥିଲା। ତାଙ୍କ ପରିବାରଙ୍କ ଅଭିଯୋଗ ଯେ ଆମଙ୍କୁ ବହୁତ ବିଳମ୍ବରେ ଖବର ଦିଆଯାଇଥିଲା। ରାଜଗାଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକ ପହଞ୍ଚି ମୃତକ ଫଗୁକୁ ସେଠାରେ ନପାଇ କାରଖାନା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ତାଙ୍କୁ ରାଉରକେଲା ମୋଡଲ ହସ୍ପିଟାଲକୁ ନିଆଯାଇଥିବା ସମ୍ପର୍କରେ କମ୍ପାନୀ ପକ୍ଷରୁ ଖବର ଦିଆଯାଇଥିଲା। ସେଠାକୁ ପରିବାର ଲୋକେ ପହଞ୍ଚି ତାଙ୍କୁ ରାଉରକେଲା ଇସ୍ପାତ ହସ୍ପିଟାଲକୁ ନିଆଯାଇଥିବାର ଜାଣିବାକୁ ପାଇଥିଲେ। ସେଠାରେ ଶ୍ରମିକ ଫଗୁ ମାଝୀଙ୍କୁ ମୃତ ଘୋଷଣା କରାଯାଇଥିବାର ଜାଣିବାକୁ ମିଳିଥିଲା। ପରେ କାରଖାନା କର୍ତ୍ତୃପକ୍ଷ ଅବହେଳା ଯୋଗୁଁ ଫଗୁ ମାଝୀଙ୍କ ମୃତ୍ୟୁ ହୋଇଥିବାର ଅଭିଯୋଗ କରିବା ସହ ୨୦ ଲକ୍ଷ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି ତାଙ୍କ ପରିବାର ଲୋକେ ଏବଂ ଗ୍ରାମର ଶତାଧିକ ଗ୍ରାମବାସୀ। ଥାନା ପରିସରରେ କ୍ଷତିପୂରଣ ଦାବି ନେଇ ଭିଡ଼ ଜମିଥିଲା। ପ୍ରକାଶ ଯେ ରାଜଗାଙ୍ଗପୁର ଅଞ୍ଚଳ ରେ ବହୁ କଳ କାରଖାନା ସ୍ଥାପନ ହୋଇଛି। ଯାହାକି ଶ୍ରମିକଙ୍କୁ ସୁରକ୍ଷା ଉପକରଣ ଦିଆଯାଉ ନାହିଁ। ଫଳରେ ପ୍ରାୟ ବହୁ ସମୟରେ ଛୋଟ ମୋଟ ଦୁର୍ଘଟଣା ଘଟିବା ସହ ଶ୍ରମିକଙ୍କ ମୃତ୍ୟୁ ହେଉଛି। ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କୁ ନେଇ ଏହିସବୁ ଘଟଣାର ଫଇସଲ କରାଯାଉଥିଲେ ବି ମୃତକ ତଥା କ୍ଷତିଗ୍ରସ୍ତ ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉନଥିବା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। କିନ୍ତୁ ସରକାର ଓ ପ୍ରଶାସନ ନିଦାବିଷ୍ଟ ସାଜୁଛନ୍ତି। ଯାହାକି ଶ୍ରମିକଙ୍କୁ ଉପଯୁକ୍ତ ନ୍ୟାୟ ମିଳୁ ପାରୁ ନାହିଁ। ଶ୍ରମିକଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଉଚ୍ଚ ପ୍ରଶାସନଙ୍କୁ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମତବ୍ୟକ୍ତି କରିଛନ୍ତି।

# ସୁନ୍ଦରଗଡ଼ରେ ପିଏମ୍ କିଶାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମର ସିଧା ପ୍ରସାରଣ



ସୁନ୍ଦରଗଡ଼, (ପିପିଏସ୍): ସ୍ଥାନୀୟ ସଂସ୍କୃତି ଭବନଠାରେ ପିଏମ କିଶାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି ଅନ୍ତର୍ଗତ ଯୋଗ୍ୟ ବିବେଚିତ କୃଷକମାନଙ୍କୁ ୧୯ତମ କିସ୍ତି ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି। ବିହାରର ଭାଗଲପୁର୍ ଅଞ୍ଚଳରେ ହେଉଥିବା ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଚାଷୀମାନଙ୍କୁ ପିଏମ୍ କିଶାନ ସମ୍ମାନନିଧି ଅନ୍ତର୍ଗତ ୧୯ତମ କିସ୍ତି ଡିବିଟି ମାଧ୍ୟମରେ ହସ୍ତାନ୍ତର କରିଥିଲେ। ଆଜିକୁ ୬ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷକମାନଙ୍କ ସଶକ୍ତିକରଣ ନିମନ୍ତେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ଏବଂ ଏହାକୁ ସଫଳତାର ସହ କାର୍ଯ୍ୟକାରୀ ମଧ୍ୟ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ଚାଷୀମାନଙ୍କୁ ସିଧାସଳଖ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ବାର୍ଷିକ ୬ହଜାର ଟଙ୍କା ହସ୍ତାନ୍ତର କରାଯାଉଛି। ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ୧,୮୮,୩୧୨ ଜଣ ହିତାଧିକାରୀମାନଙ୍କୁ ଏହି ୧୯ତମ ପିଏମ କିଶାନ ସମ୍ମାନନିଧି ଅନ୍ତର୍ଗତ ଅନୁଦାନ ପ୍ରଦାନ କରାଯାଇଛି। ସଂସ୍କୃତି ଭବନ ଠାରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମ ରେ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଚାଷୀ ଭାଇ ଭଉଣୀ ମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ରେ ମାନ୍ୟବର ବିଧାୟକ, ରଘୁନାଥପାଲି ଦୁର୍ଗାଚରଣ ତନ୍ତି, ଜିଲ୍ଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ପି ଏ, ଆଇଟିଡିଏ ଧୀରେନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, କୃଷି ବିଜ୍ଞାନ କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ . ଲକ୍ଷ୍ମୀପ୍ରିୟା ପ୍ରଧାନ, ଓୟୁଏଟିର ପ୍ରଫେସର୍ ଏମପି ନାୟକ, ଡି ଆଇ ଓ , ଏନଆଇସି କାଦ୍ରା ହେମ୍ବ୍ରମ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ବିଭାଗୀୟ ଷ୍ଟଲଗୁଡ଼ିକୁ ଅତିଥିମାନେ ଉଦ୍‌ଘାଟନ କରିବା ସହିତ ଷ୍ଟଲ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍ ରୁ ବହୁ ସଂଖ୍ୟା ରେ ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ ଏବଂ ଏବଂ ବିହାର ର ଭାଗଲପୁର ଠାରେ ହେଉଥିବା ପି ଏମ କିଶାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ର ସିଧା ପ୍ରସାରଣ ଆଭାସି ମାଧ୍ୟମରେ ଦେଖିଥିଲେ। ଏହି ଅବସର ରେ କୃଷି କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜିଲ୍ଲା ର ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଙ୍ଗରପାଲି ବ୍ଲକ ର ସଫଳ ଛତୁ ଚାଷୀ ଏବଂ ଜିଆ ଖତ ଚାଷ କରୁଥିବା ଶ୍ରୀମତୀ କେତକୀ କାଲୋ, ବାଲିଶଙ୍କରା ବ୍ଲକ ର ମାଛ ଜାଆଁଳା ଉତ୍ପାଦନ ନିମନ୍ତେ ଚାଷୀ ଶ୍ରୀମତୀ ପଦ୍ମିନୀ କଛାର, ସଦର ବ୍ଲକ ର ଗୋ- ପାଳକ ଶ୍ରୀମତୀ ବବିତା ଯାଦବ, କୁଆଁରମୁଣ୍ଡା ବ୍ଲକ ର ଚାଷୀ ଯିଏକି ଶ୍ରୀ ଅନ୍ନ ଏବଂ ଅବହେଳିତ ଫସଲ ର ବୀଜ ସଂରକ୍ଷଣ କରୁଥିବା ଚାଷୀ ଶ୍ରୀ ଯକ୍ରିଆସ କଣ୍ଡୁଲନା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଗଲପୁର ଠାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ସମଗ୍ର ଦେଶ ରୁ ପ୍ରାୟ ଅଢ଼େଇ କୋଟି କୃଷକ ଉଭୟ ଶାରିରୀକ ଏବଂ ଆଭାସି ମାଧ୍ୟମରେ ଅଂଶ ଗ୍ରହଣ କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

କେନ୍ଦୁଝର, (ପିପିଏସ୍): ସୋମବାର ଦିନ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ତେଲକୋଇ ଥାନା ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମର ଅଭିଯୁକ୍ତ ସମ୍ବାରି ଜୁଆଙ୍ଗ (୩୦ ବର୍ଷ)କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୧୨ ଜୁନ୍ ୨୦୨୩ରେ ଏକ ଶାରିରୀକ ଅକ୍ଷମ ନାବାଳିକା(୧୫) ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଆସାମୀ ତା' ଘରେ ପଶି ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ଏହି ସମୟରେ ପୀଡିତାର ବାପା ପହଂଚି ଯିବାରୁ ଆସାମୀ ପୀଡିତାକୁ ଛାଡି ଦୌଡି ପଳାଇଥିଲା। ପରେ ପୀଡିତା ତା' ବାପାକୁ ସମସ୍ତ ଘଟଣା ବିଷୟରେ କହିବାରୁ ବାପା ଘଟଣା ପରଦିନ ୧୩ ତାରିଖ ସକାଳେ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେଲକୋଇ ଥାନା କେସ୍ ରୁଜୁ ହୋଇ ୧୪ ତାରିଖରେ ଆସାମୀକୁ ଦଫା ୪୫୦/୩୭୬/୫୦୬ ଓ ପୋକ୍ସ ଧାରା ୬ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଫାଷ୍ଟଟ୍ରାକ୍ କୋର୍ଟର ମାନ୍ୟବର ବିଚାରପତି ବିଜୟ କୁମାର ମିଶ୍ର ୧୮ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତକୁ ଭିତି କରି ଆସାମୀକୁ ଉପରୋକ୍ତ ଦଣ୍ଡ ଶୁଣାଇବା ସହ ପୀଡିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମୋକଦ୍ଦମା ପରିଚାଳନା କରୁଥିଲେ।

## ବ୍ରିଜ୍ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଲାଙ୍ଗୀର : ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ତୁଷରା'ର ଯୁବକ ଆସମାନ ଛତ୍ରିଆ (୧୯)ଙ୍କ ମୃତଦେହ ସୋମବାର ରାତିରେ ତେଲନଦୀ ବ୍ରିଜ୍ ତଳୁ ଉଦ୍ଧାର କରାଯାଇଛି। ସୋମବାର ରାତିରେ ଜଣେ ଯୁବତୀ ମୃତ ଆସମାନଙ୍କ ଜଣେ ସମ୍ପର୍କୀୟଙ୍କୁ ଫୋନ କରି ତେଲନଦୀ ବ୍ରିଜ ଉପରେ ଆସମାନ ଅଛନ୍ତି ତାଙ୍କୁ ଘରକୁ ନେଇଯାଆନ୍ତୁ ବୋଲି ଫୋନ୍ କରି ଜଣାଇଥିଲେ। ଏଭଳି ଏକ ଅପ୍ରତ୍ୟାଶିତ ଫୋନ କଲ୍ ପାଇ ପରିବାର ଲୋକେ ତୁଷରା ତେଲନଦୀ ବ୍ରିଜକୁ ଯିବାରୁ ସେଠାରେ ଏକ ସାଇକେଲ, ଚପଲ ଏବଂ ମୋବାଇଲ ଫୋନ ଥିବା ଦେଖିଥିଲେ। ବ୍ରିଜ ତଳେ ଆସମାନଙ୍କ ମୃତଦେହ ପଡ଼ିଥିଲା। ପୋଲିସ ଥାନାକୁ ଖବର ଦେବାପରେ ପରେ ମୃତଦେହ ଉଦ୍ଧାର କରାଯାଇଛି। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାର ତଦନ୍ତ କରିବାକୁ ପରିବାର ଲୋକେ ତୁଷୁରା ଥାନରେ ଦାବି କରିଛନ୍ତି। ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ସରକାରୀ ବସ୍ ପାଇଁ ଦାବି

କେସିଙ୍ଗା : କଳାହାଣ୍ଡି ଗଞ୍ଜାମ ଜିଲା ସହିତ ଏକ ବ୍ୟବସାୟିକ ସଂପର୍କ ରହିଆସିଛି। ବ୍ୟବସାୟ ବାଣିଜ୍ୟ ସହିତ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟରେ ପ୍ରାୟ ପ୍ରତ୍ୟହ ଅନେକ ଯାତ୍ରୀ, ଛାତ୍ରଛାତ୍ରୀ ବ୍ରହ୍ମପୁରକୁ ଯିବାଆସିବା କରିଥାନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ତାଲୁକ ବାଣାୟତ ଓଡ଼ିଆ ସମାଜର ସଭାପତି ଝଡ଼ିଆ ସାଇଁ ,ସାଧାରଣ ସଂପାଦକ ରମେଶ କୁମାର ଜେନାଙ୍କ,ପକ୍ଷରୁ ବାଣିଜ୍ୟ ଓ ପରିବହନ ,ଖଣି ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ଭବାନୀପାଟଣାରୁ ବ୍ରହ୍ମପୁରକୁ ମାତ୍ର ଗୋଟିଏ ସରକାରୀ ବସ ଚଳାଚଳ କରୁଛି। ଯାହା ଭବାନୀପାଟଣାରୁ ସିଧା ବାହାରି ମ.ରାମପୁର ଦେଇ ବ୍ରହ୍ମପୁର ଯାଉଛି। ଯଦି ଏହି ସରକାରୀ ବସଟି ବାନୀପାଟଣାରୁ ବାହାରି ଭାୟା କେସିଙ୍ଗା-ଅମାଠ ଛକ – ମ.ରାମପୁଚ ଦେଇ ବ୍ରହ୍ମପୁର ଯାଆନ୍ତା ତେବେ ଭବାନୀପାଟଣା ଅଞ୍ଚଳ ସହିତ କେସିଙ୍ଗା ବ୍ଲକ, ସହ ଏନ ଏ ସି ,ବଲାଙ୍ଗୀର ଜିଲାର ବେଲଗା, ନର୍ଲା, କର୍ଲାମୁଣ୍ଡା , ମ.ରାମପୁର ବ୍ଲକ ସହିତ ଲୋକଙ୍କ ସୁବିଧା ପାଇ ପାରନ୍ତେ। ଏହି ସମସ୍ୟାକୁ ନେଇ କଳାହାଣ୍ଡି ତାଲୁକ ବାଣାୟତ ଓଡିଆ ସମାଜ ତରଫରୁ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି।

## ଭୁତିଆରବାହାଲକୁ ବ୍ଲକ୍ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର, (ହି.ସ.) : ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭୁତିଆରାହାଲ ଗ୍ରା.ପ.କୁ ନୂତନ ବ୍ଲକ ଘୋଷଣା ଦାବି ନେଇ ଭୁତିଆରବାହାଲ ତଥା ଆଖପାଖ ପଡ଼ୋଶୀ ପଂଚାୟତ ଜନସାଧାରଣଙ୍କୁ ନେଇ ବିରାଟ ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଶୋଭାଯାତ୍ରାରେ ପ୍ରାୟ ୬୦ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ତଥା ଶହ ଶହ ଜନସାଧାରଣଙ୍କ ଉପସ୍ଥିତିରେ କଳାମଣ୍ଡଳ ପଡ଼ିଆରୁ ବାହାରି ଦାବି ଜଣାଇଥିଲେ। ଯେହେତୁ ଭୁତିଆରବାହାଲ ଗ୍ରାମ ପଂଚାୟତଟି ବଲାଙ୍ଗୀର ବ୍ଲକର ଶେଷ ସୀମାରେ ଅବସ୍ଥିତ। ଏହି ଗ୍ରାମ ପଂଚାୟତ ଉପରେ ଦେଓଗାଁ ବ୍ଲକର ସାରସମାଲ, ଲଣ୍ଡାପଥର, ଧଣ୍ଡାମାଲ, ବଡବନ୍ଧ, ସିକୁଆଁ, ବ୍ରାହ୍ମଣିଯୋର, କୁଡାସିଂହା, ଚିକଲବାହାଲ, ଶିକାଛିଡା, ଶିବତଲା, ବନ୍ଧପଡ଼ା, ସିଂଘାମୁଣ୍ଡା, ଦେଷଣ୍ଟ ଗ୍ରାମ ପଂଚାୟତ ଗୁଡିକ ନିର୍ଭରଶୀଳ ଅଟନ୍ତି ଏବଂ ଭୌଗଳିକ ଦୃଷ୍ଟିକୋଣରୁ କେନ୍ଦ୍ର ସ୍ଥଳରେ ଅଛି। ଏହାକୁ ଦୃଷ୍ଟିରେ ରଖି ଭୁତିଆରବାହାଲ ଗ୍ରା.ପ. ବ୍ଲକ ହେବା ପାଇଁ ଉପଯୁକ୍ତ ସ୍ଥାନ ବୋଲି ଜନସାଧାରଣ ଦାବି କରିଛନ୍ତି। ଜିଲ୍ଲାପାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ଜନସାଧାରଣଙ୍କ ତରଫରୁ ବ୍ଲକ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ଚିନ୍ତାମଣି ଚୌଧୁରୀ, ପ୍ରଦୀପ ଦାଶ, ଶିବ ପ୍ରସାଦ ସାହୁ, ତ୍ରିଲୋଚନ ମଲ୍ଲିକ, ତ୍ରିଭୁବନ ବାରିକ, କୁନା ନାଏକ, ନୀଳ ସେଠ, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓୟୁଜେର କାର୍ଯ୍ୟକାରିଣୀ ବୈଠକ

ଜୟପୁର, (ହି.ସ.) - ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ପ୍ରେସ କ୍ଲବ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଶଧର ରାଉତ ଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ରେ ଲକ୍ଷ୍ମୀପୁର, ଦଶମନ୍ତପୁର, ପଟାଙ୍ଗି, ନନ୍ଦପୁର, କୋରାପୁଟ, ସେମିଳିଗୁଡା, ଜୟପୁର, ଦାମନଯୋଡି, କୋଟପାଡ, ବୋରିଗୁମ୍ମା,ବୈପାରିଗୁଡା ଆଦି ବିଭିନ୍ନ ବ୍ଲକ ରୁ କାର୍ଯ୍ୟକର୍ତାମାନେ ଯୋଗଦେଇ ଆସନ୍ତା ୫ ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ପରିଷଦ ବୈଠକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକ ରେ କୋରାପୁଟ ସାଂସଦ,ଙ୍କ ସମେତ ଜିଲ୍ଲା ର ସମସ୍ତ ତଥା କୋଟପାଡ଼, ଜୟପୁର, କୋରାପୁଟ, ଲକ୍ଷ୍ମୀପୁର ଏବଂ ପଟାଙ୍ଗି ବିଧାୟକ ଙ୍କୁ ନିମନ୍ତ୍ରିତ ଅତିଥି ଭାବେ ଆମନ୍ତ୍ରଣ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ଅବିଭକ୍ତ କୋରାପୁଟ ଜିଲ୍ଲାର ମୂଖ୍ୟ କେନ୍ଦ୍ର ତଥା ଶିକ୍ଷ ଜିଲ୍ଲା ଭାବେ ପରିଗଣିତ କୋରାପୁଟ ଜିଲ୍ଲା ମୁଖ୍ୟ ଦପ୍ତର ରେ ଆଜିଯାଏଁ ସାମ୍ବାଦିକ ଭବନ ନିର୍ମାଣ ହୋଇପାରୀ ନଥିବାରୁ ସାମ୍ବାଦିକ ଭବନ ନିର୍ମାଣ ଏବଂ ଜିଲ୍ଲା ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ ପାଇଁ ସଂଘର ପ୍ରାଥମିକ ଉଦ୍ୟମ ରହିବ ବୋଲି ସଭାପତି ଶ୍ରୀ ରାଉତ ପ୍ରକାଶ କରିଥିଲେ। ସାମ୍ବାଦିକ ଏକତା, ସୁରକ୍ଷା, ଭତା, ଅଧିସ୍ୱୀକୃତି, ଜିବନ ବିମା ବୃଦ୍ଧି ସହ ଜୀବନ ବିମାରେ ମାଁ ବାପାଙ୍କୁ ସାମିଲ କରିବା ଆଦି ସମାସ୍ୟା ଉପରେ ବୈଠକ ରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଶରତ କୁମାର ନାୟକ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ଶରତ ଧଳ, ସଂଗଠନ ସମ୍ପାଦକ ପରମେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ଶୈଳେଶ ଖଡିଆର ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧକ୍ଷ ଟି ଗୈରିଶଙ୍କର, ଶୃଙ୍ଖଳା କମିଟି ଅଧକ୍ଷ ରାଜେନ୍ଦ୍ର ଗୈଡ,ଉପଦେଷ୍ଟା ପରିକ୍ଷିତ ବିଶ୍ୱାଳ, ମନୋଜ ପଟ୍ଟନାୟକ, ନନ୍ଦପୁର ବ୍ଲକ ସଂଯୋଜକ ତୁଷାର କାନ୍ତ ମହାନ୍ତି, ଲକ୍ଷ୍ମୀ ପୁର ବ୍ଲକ ସଂଯୋଜକ ଯୁଧିଷ୍ଠିର ବାଘ, କୋରାପୁଟ ବ୍ଲକ ସଂଯୋଜକ ଅମିତାଭ ବେହେରା, ଦଶମନ୍ତପୁର ପୁର ପ୍ରମୋଦ କିଶୋର ଖରା, ଜୟପୁର ସୁବ୍ରତ ମହାନ୍ତି ଙ୍କ ସମେତ ରଜତ କୁମାର ବାଘ,ବିକ୍ରମ ପାଢ଼ୀ ଏବଂ ଚନ୍ଦ୍ରକାନ୍ତ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

## ବଣ୍ଡାଘାଟିରେ ଇ-କେୱାଇସିରେ ବାଧକ ସାଜିଛି ନେଟ୍‌ୱର୍କ

ମାଲକାନଗିରି, (ପିପିଏସ୍): ମାଲକାନଗିରି ବଣ୍ଡା ଘାଟିର ଅଧା ପରିବାର ରାସନ ପାଇବାରୁ ବଂଚିତ ହେବା ଆଶଙ୍କା ପ୍ରକାଶ ପାଇଛି। ରାସନ ଚାଉଳ ଦାନା ଦେଉଥିବା ବେଳେ ଏଥିରେ ଇ-କେୱାଇସି ବାଧକ ସାଜିଛି। ମାର୍ଚ୍ଚ ୩୧ ଇ-କେୱାଇସିର ଶେଷ ତାରିଖ ଥିବା ବେଳେ ଏଠାରେ ନେଟୱର୍କ ରହୁନଥିବାରୁ ଆଧାର ଅପଡେଟ୍ ଏବଂ ଇ-କେୱାଇସି ହୋଇପାରୁନାହିଁ। ଫଳରେ ବଣ୍ଡା ଘାଟିର ପରିବାର ଏବେ ଦୋଛକିରେ। ରାଜ୍ୟ ସରକାରଙ୍କ ନିଷ୍ପତି ସେମାନଙ୍କୁ ଏବେ ଦୋଛୋକିରେ ପକାଇଛି। ନେଟୱର୍କ ସମସ୍ୟା ଓ ଅନ୍ୟ କାରଣରୁ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ବଣ୍ଡାଘାଟିରେ ୫୦ ପ୍ରତିଶତ ପରିବାର ଆଧାର କାର୍ଡ ଅପଡେଟ୍ ଏବଂ ଇ-କେୱାଇସି କରିନାହାନ୍ତି। ଅଧିକାଂଶ ଗରିବ ପରିବାର ପାଖରେ ମୋବାଇଲ ନାହିଁ। ଫିଙ୍ଗର ପ୍ରିଂଟ ସମସ୍ୟା ମଧ୍ୟ ଦେଖାଦେଉଛି। ଆଧାର କାର୍ଡ ଠିକ୍ ନଥିବାରୁ ରାସନ କାର୍ଡ ସହ ସଂଯୋଗ ହୋଇପାରୁନାହିଁ। ଫଳରେ ରାସନ ନ ମିଳିବା ଆଶଙ୍କା ସୃଷ୍ଟି ହୋଇଛି। ବଣ୍ଡାଘାଟିର ସମୁଦାୟ ୨ଟି ପଂଚାୟତ ମୁଦୁଲିପଡ଼ା ଓ ଅଣ୍ଡାହଲର ୪ ହଜାର ୫୫ ଜଣ ଯୋଗ୍ୟ ରାସନ ହିତାଧିକାରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨ ହଜାର ୩୧୪ ଜଣ ଇ - କେୱାଇସି କରିଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଇ-କେୱାଇସି ନହେଲେ, ଏଥିପାଇଁ ଆଉ ଅବଧି ବଢ଼ାଯିବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ ରୋକଠୋକ୍ କହିଥିବାରୁ ବଣ୍ଡାଘାଟିରେ ଅଧା ଲୋକଙ୍କୁ ରାସନ ନମିଳିବାର ଆଶଙ୍କା ପ୍ରକାଶ ପାଇଛି। ବଣ୍ଡାଘାଟିରେ ପୂର୍ବରୁ ସୁଭଦ୍ରାକୁ ନେଇ ସମସ୍ୟା ଥିବା ବେଳେ ପୁଣି ରାସନ କାର୍ଡକୁ ନେଇ ଲୋକ ଚିନ୍ତାରେ ପଡ଼ିଛନ୍ତି।


# ଜଗନ୍ନାଥ ମହୋତ୍ସବ ପାଇଁ ବିଭିନ୍ନ କମିଟି ଗଠିତ

ସୁବର୍ଣ୍ଣପୁର, (ହି.ସ.)- ଆସନ୍ତା ମାର୍ଚ୍ଚ ୧୯ରୁ ୨୫ ତାରିଖ ଯାଏଁ ଦ୍ୱିତୀୟ ବାରଣାସୀର ତ୍ରିବେଣୀ ସଙ୍ଗମ ଠାରେ ଅନୁଷ୍ଠିତ ହେବାକୁ ଥିବା ଜଗନ୍ନାଥ ମହୋତ୍ସବ ପାଇଁ ବିଭିନ୍ନ କମିଟି ଗଠିତ ହୋଇଛି। ଉତ୍ସବରେ ଜଗନ୍ନାଥଙ୍କ ବେଶ, ସଂକୀର୍ତ୍ତନ, ହୋମ, ଯଜ୍ଞ, ସାଧୁ ସନ୍ଥଙ୍କ ସମାଗମ ଆଦି ଆୟୋଜନ ପାଇଁ ସ୍ଥିରିକୃତ ହୋଇଛି। ତେବେ ଉତ୍ସବ ପାଇଁ ଦାରୁ ଶୋଭାଯାତ୍ରା କମିଟି, ନାମଯଜ୍ଞ କମିଟି, ଫାଇନାନ୍ସ କମିଟି, ଖାଦ୍ୟ କମିଟି, ଶୃଙ୍ଖଳା କମିଟି, ସାଧୁସେବା କମିଟି ଆଦି ଗଠନ ହୋଇଛି। ଉତ୍ସବର ସଂପାଦକ ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଗଡଭିତର ଜଗନ୍ନାଥ ମନ୍ଦିରରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବୈକୁଣ୍ଠ ଶତପଥୀ, ବ୍ରଜମୋହନ ଦାନୀ, ସୌରଭ ଖମାରୀ, ଚମରା ତ୍ରିପାଠୀ , ଶୈଳ ସାହୁ, ପଦ୍ମନାଭ ମିଶ୍ର, ଦିଲ୍ଲୀପ ପାତ୍ର, ଧରଣୀଧର ମିଶ୍ର, ମୁରଲି ସାହୁ, ସୁଶାନ୍ତ ପଣ୍ଡା, ରାଧେଶ୍ୟାମ ପୁରୋହିତ, ଦୁର୍ଜନି ସାହୁ, ପ୍ରଦ୍ୟୁମ୍ନ ପାଢୀ, ଦେବକୀ ନନ୍ଦନ ମିଶ୍ର, ଆରତି ଖମାରୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ସଂଯୁକ୍ତା ହୋତା, ପ୍ରବୀଣା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବକୁ ଆହୁରି ଉତ୍ସାହ ଉଦ୍ଦୀପନା ସହ ଆୟୋଜନ କରିବା ପାଇଁ ଉପସ୍ଥିତ ସଦସ୍ୟ ସଦସ୍ୟା ବିଭିନ୍ନ ମତାମତ ଦେଇଥିଲେ।

## ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ନିଃଶୁଳ୍କ ବ୍ରତୋପନୟନ

ବଲାଙ୍ଗୀର, (ହି.ସ.) : ବ୍ରାହ୍ମଣ ମହାସଭାର ଏକ ବୈଠକ ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ୩ଥର ଓଁକାର ଧ୍ୱନି ଉଚ୍ଚାରଣ ପରେ ସଂପାଦକ ଜୟରାମ ମିଶ୍ର ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଏହି ସଭାରେ ସମାଜ ଦ୍ୱାରା ନିଃଶୁଳ୍କ ବ୍ରତୋପନୟନ ଆସନ୍ତା ତା.୦୯.୦୪.୨୦୨୫ କରିବା ପାଇଁ ସ୍ଥିର କରାଗଲା। ଇଚ୍ଛୁକ ବ୍ରାହ୍ମଣ ବ୍ୟକ୍ତିମାନେ ଆସନ୍ତା ତା.୩୦.୦୩.୨୦୨୫ ସୁଦ୍ଧା ବ୍ରାହ୍ମଣ ମହାସଭାରେ ଯୋଗାଯୋଗ କରିପାରିବେ। ଏହି ବ୍ରତକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ପଣ୍ଡିତ କମିଟି ଗଠନ କରାଗଲା। ଆସନ୍ତା ତା.୦୮.୦୪.୨୦୨୫ ଦିନ ଚାରିକର୍ମ ଓ ତା.୦୯.୦୪.୨୦୨୫ ବ୍ରତୋପନୟନ କରାଯିବାକୁ ସ୍ଥିର କରାଗଲା। ବ୍ରତ ପାଇଁ ବିଭିନ୍ନ ଆୟୋଜନ ତଦାରଖ କରିବା ପାଇଁ ଏବଂ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ କମିଟି ଗଠନ କରାଗଲା। କର୍ତାମାନେ ବଟୁମାନଙ୍କ ଆଧାର କାର୍ଡ ଓ ପିତାଙ୍କ ଆଧାରକାର୍ଡ ଦରଖାସ୍ତ ସାଙ୍ଗେ ଦାଖଲ କରିବେ। ଏହି ସଭାରେ ବ୍ରାହ୍ମଣ ମହାସଭାର ଉପଦେଷ୍ଟା ନୀଳମଣି ମିଶ୍ର, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, ସଂଗଠକ ସଂପାଦକ କିଶୋର କୁମାର ପୁରୋହିତ, ନଗର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସହ-ସଂପାଦକ ଶୁଭେନ୍ଦ୍ର ନେପାକ, ନଗର ସଂପାଦକ ସଂର୍କିର୍ତନ ତ୍ରିପାଠି, ପଣ୍ଡିତ କିଶୋର ମିଶ୍ର, ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ଶ୍ୟାମ ସୁନ୍ଦର ଦାଶ, ଶିବ ଶଙ୍କର ଖୁଆସ, ରଂଜନ ତ୍ରିପାଠି, କିଶୋର ମୋହନ ମିଶ୍ର, ପ୍ରଭୁଦତ ଶତପଥି, ସୁଧିର କୁମାର ତ୍ରିପାଠି, ଶିବ ଶଙ୍କର ରଥ, ବାଳକୃଷ୍ଣ ଷଡ଼ଙ୍ଗି, ବିରଂଚି ତ୍ରିପାଠୀ, ଜଗଦିଶ ପ୍ରସାଦ ନାଥ ଆଦି ସଭାରେ ଭାଗ ନେଇଥିଲେ।

# ରାଉରକେଲା କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ରାଉରକେଲା(ପିପିଏସ୍) : ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ, ରାଉରକେଲାର ଓଡ଼ିଆ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ ଓ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନା ଚକ୍ରର ଆଲୋଚ୍ୟ ବିଷୟ 'ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପ ଓ କବିତାର ସ୍ୱର-ସ୍ୱାକ୍ଷର' ସମ୍ପର୍କରେ ରାଜ୍ୟର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଗାଳ୍ପିକ ଇଂ ବିଷ୍ଣୁ ସାହୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ପୀତାମ୍ବର ତରାଇ ଓ ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକ ଇଂ ସାହୁ ତାଙ୍କ ବକ୍ତବ୍ୟରେ ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପର କ୍ରମବିକାଶ ଓ ସେଥିରେ ସାମାଜିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ ଛାତ୍ରଛାତ୍ରୀମାନଙ୍କୁ ସାହିତ୍ୟ ମନସ୍କ ହେବା ପାଇଁ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରେରିତ କରିଥିଲେ। କବି ଶ୍ରୀ ତରାଇ ଉତ୍ତର ଆଧୁନିକ ଓଡ଼ିଆ କବିତାରେ ଦଳିତ ଚେତନା ଓ ମାତୃଭାଷା, ମାତୃଭୂମିର ପ୍ରକୃତ ଉପାସକ ହେବାକୁ ଗୁରୁତ୍ୱାରୋପ କରିଥିଲେ। ସ୍ତମ୍ଭକାର ଶ୍ରୀ ରାଉତ ତାଙ୍କ ବକ୍ତବ୍ୟରେ କହିଲେ ଯେ 'ଓଁ' ହେଉଛି ପ୍ରଥମ ସାହିତ୍ୟ। ସତ୍ୟର ଅନୁସନ୍ଧାନ କରିବାକୁ ପଡ଼ିବ। ପଞ୍ଚତତ୍ତ୍ୱର ପୂଜା, ମାନବିକତା ଓ ସାହିତ୍ୟର ଜୟ ଜୟକାର କରିବା ସହ ଆଦର୍ଶ ମଣିଷ ହେବା ପାଇଁ ୭ଟି ତତ୍ତ୍ୱ ଯଥା ମା-ବାପା, ଗୁରୁ, ପଞ୍ଚଭୂତ ପ୍ରଭୃତି ତଥା ସାହିତ୍ୟ-ସଂସ୍କୃତିର ପୂଜା କରିଲେ ଜୀବନ ଧନ୍ୟ ହୁଏ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଅଧକ୍ଷ ଡ. ଜେନା ସଭାପତିତ୍ୱ ଅଭିଭାଷଣ, ବିଭାଗ ମୁଖ୍ୟ ଶ୍ରୀମତୀ ମଥାନ ପ୍ରାକ୍ ସୂଚନା ଓ ସ୍ୱାଗତ ଭାଷଣ ଓ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଶ୍ରୀ ପୂଜା କୁସୁମ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଶେଷରେ ଅଧ୍ୟାପିକା ପ୍ରିୟଙ୍କା ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅନୁପ ଏକ୍କା ତଥା ଅପର୍ଣ୍ଣା ପାହାରୀ, ସୋନାଲି ମହାନନ୍ଦ, ଲିପ୍ସା ବଳିୟାରସିଂହ, ଅନୁଶ୍ରୀ ରାଉତ, ହିମାଂଶୁ ନାୟକ, ପ୍ରକାଶ ଓଝା, ସୁଶ୍ରୀ ରେଖା ବେହେରା, ଭାରତୀ ବେହେରା, ସଂଧ୍ୟା ରାଣୀ ବେହେରା, ଅଭିଷେକ ପରିଡ଼ା, ଗୋପାଳ କୃଷ୍ଣ ଦାଶ, ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଛାତ୍ର-ଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାର ବୈଠକ

ଜୟପୁର: ଜୟପୁର ବ୍ଲକ ସଭାଗୃହରେ ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାର ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକର ୨୨ଟି ପଂଚାୟତରେ ପ୍ରକଳ୍ପ ଅନୁମୋଦନ ଉପରେ ଆଲୋଚନା କରାଯାଇଥିଲା। ଏଠାରେ ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ସାଂସଦ ପ୍ରତିନିଧି କୃଷ୍ଣ ଚନ୍ଦ୍ର ନେପାକ, ବିଧାୟକ ପ୍ରତିନିଧି ବସନ୍ତ ନାୟକ, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, ଅସ୍ମା ନାୟକ, ସହକାରି ଯନ୍ତ୍ରୀ ବିଜୟ କୁମାର ନନ୍ଦ ଉପସ୍ଥିତ ଥିଲେ। ବୈଠକରେ ବ୍ଲକର ସରପଂଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଗତ ୧୨ ଓ ୧୩ ତାରିଖରେ ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା। ଆଜିର ସମିତି ବୈଠକରେ ଆସିଥିବା ପ୍ରକଳ୍ପ ଉପରେ ଆଲୋଚନା କରାଯାଇ ବର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା।

*ଦାନ ମାଗିବା ଓ ଦାନ ଗ୍ରହଣ କରିବା ଉଚିତ ନୁହେଁ । ସେଥିରେ ଅନ୍ୟର ଦୋଷ ଗୁଣର ଭାଗୀ ଜଣେ ହୋଇଯାଏ ।*

**(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୨୧୭)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨୬।୦୨।୨୦୨୫ ■ ବୁଧବାର

# ଅନର୍ଗଳ ଟିପ୍ପଣୀର ଜବାବ

ମଧ୍ୟପ୍ରଦେଶର ଛତରପୁରଠାରେ ବାଗେଶ୍ୱର ଧାମ ମେଡ଼ିକାଲ ଏବଂ ସାଇନ୍ସ ରିସର୍ଚ୍ଚ ସେଣ୍ଟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାକୁମ୍ଭ ସଂପର୍କରେ ଉଲ୍ଲେଖ କରି ଯେପରି ଭାବେ କେତେକ ବିରୋଧୀ ପକ୍ଷର ନେତାଙ୍କୁ ସମାଲୋଚନା କରିଛନ୍ତି, ସେପରି କହିବାର ଆବଶ୍ୟକତା ଥିଲା, କାରଣ କିଛି ଲୋକ ବାସ୍ତବରେ ଅନାବଶ୍ୟକ ଓ ଅନର୍ଗଳ ଟିପ୍ପଣୀ କରିବାରେ ଲାଗିଛନ୍ତି । ଲାଲୁପ୍ରସାଦ ଯାଦବ ଯେପରି ଭାବେ ମହାକୁମ୍ଭକୁ ଫାଲତୁ ବୋଲି କହିଲେ ଓ ମମତା ବାନାର୍ଜୀ ତାହା ମୃତ୍ୟୁକୁମ୍ଭର ସଂଜ୍ଞା ଦେଲେ ସେ କଥାକୁ ଆଦୌ କେହି ଅଣଦେଖା କରିପାରିବ ନାହିଁ । ଏଇ ପ୍ରକାରେ ଅନ୍ୟ କେତେକ ବିରୋଧୀ ପକ୍ଷର ନେତାମାନେ ମଧ୍ୟ ମହାକୁମ୍ଭକୁ ନେଇ ଏପରି ବୟାନ ଦେଇଛନ୍ତି ଯାହା ଦ୍ୱାରା ସେଠାକୁ ଯାଉଥିବା ଲୋକଙ୍କୁ ଭୟଭୀତ ଓ ଆଶଙ୍କାଗ୍ରସ୍ତ କରିଦେବ । ଏପ୍ରକାର ବୟାନବାଜି ପଛରେ ଉତ୍ତର ପ୍ରଦେଶର ଯୋଗୀ ସରକାରକୁ ଅପଦସ୍ତ କରିବା ଉଦ୍ଦେଶ୍ୟ ରହିଛି । ଧର୍ମ ଓ ଆସ୍ଥାକୁ ଉପହାସ କରିବାକୁ ଏମାନେ ପଛାଇ ନାହାନ୍ତି । କେତେକ ତଥାକଥିତ ପ୍ରଗତିଶୀଳ ଓ ସେକୁଲାର ଲୋକଙ୍କର ଆସ୍ଥା ସହ ସଂଯୁକ୍ତ ପ୍ରତ୍ୟେକ ପର୍ବ ଓ ପରମ୍ପରା ପ୍ରତି ସମ୍ମାନ ନାହିଁ, କିନ୍ତୁ ପ୍ରଶ୍ନ ହେଉଛି ଏସବୁ ମତାବଲମ୍ବୀମାନେ କ'ଣ ଅନ୍ୟ ଧର୍ମାନୁଷ୍ଠାନ, ଧାର୍ମିକ-ସାମାଜିକ ଆୟୋଜନ ଉପରେ ଏପ୍ରକାର ଟିପ୍ପଣୀ କରିଥାଆନ୍ତି କି ?

ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ କେବଳ ଏକ ଧାର୍ମିକ ସମାଗମ ନୁହେଁ, ଏହା ଭାରତୀୟ ସଂସ୍କୃତିର ପରିଚାୟକ ମଧ୍ୟ । ଏଥର ଯେତେ ବିଶାଳ ସଂଖ୍ୟାରେ ଭକ୍ତମାନେ ସେଠାକୁ ଯାଉଛନ୍ତି, ତାହା ଅକଳ୍ପନୀୟ । ବିଶ୍ୱରେ ଏତେ ବିଶାଳ ଜନସମୂହକୁ ଆକର୍ଷିତ କରୁଥିବା ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ଆୟୋଜନ ଅନ୍ୟତ୍ର କେଉଁଠି ଉଦାହରଣ ନାହିଁ । ପ୍ରଧାନମନ୍ତ୍ରୀ କହିଛନ୍ତି, ମହାକୁମ୍ଭ ହେଉଛି ଭାରତର ସଂସ୍କୃତି, ଆସ୍ଥା ଓ ଏକତାର ପ୍ରତୀକ । ଏଯାଏ ସଙ୍ଗମରେ ପ୍ରାୟ ୬୨ କୋଟି ଭକ୍ତ ସ୍ନାନ କରିସାରିଲେଣି । ଏହା ହେଉଛି ଗତ ରବିବାର ସନ୍ଧ୍ୟାର ହିସାବ । ମହାଶିବରାତ୍ରୀ ବେଳକୁ ମହାସ୍ନାନ ଅନୁଷ୍ଠିତ ହେବା ପରେ ମହାକୁମ୍ଭ ସମାପ୍ତ ହେବ । ଏପ୍ରକାର ଆୟୋଜନରେ ପ୍ରତିଦିନ ଦେଢ଼ରୁ ଦୁଇ କୋଟି ଲୋକ ଅଂଶ ଗ୍ରହଣ କରିବା ଭିତରେ କେଉଁଠି କିଛି ସମସ୍ୟା ତ ହୋଇଥିବ ଏବଂ ତାହା ଘଟିଛି ମଧ୍ୟ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏ ଆୟୋଜନ ବିଫଳ ହୋଇଯାଇଛି । ପବିତ୍ର ଗଙ୍ଗା ଓ ଯମୁନାର ସଙ୍ଗମସ୍ଥଳରେ ବିଶାଳ ଘାଟ ନିର୍ମାଣ ଏବଂ ସୁବ୍ୟବସ୍ଥିତ ଢଙ୍ଗରେ ମାସାଧିକ କାଳ ଏ ମେଳାର ଆୟୋଜନ ଚଳାଇରଖିବା ଆଦୌ ସହଜ କାର୍ଯ୍ୟ ନୁହେଁ । ମୌନୀ ଅମାବାସ୍ୟାରେ ଯେଉଁ ଦଳାଚକଟା ଘଟି ଲୋକେ ମୃତାହତ ହେଲେ ତାହାର ଉତ୍ତର ନାହିଁ ସତ କିନ୍ତୁ ତାହାକୁ ଆଳ କରି ସମଗ୍ର ମହାକୁମ୍ଭ ମେଳା ଆୟୋଜନକୁ ବଦନାମ କରାଯିବା ଠିକ୍ ନୁହେଁ ।

ବୁଡ଼ ପକାଇ ଯାଉଥିବା ଭକ୍ତମାନଙ୍କୁ ସେମାନଙ୍କ ଭାଗ୍ୟ ଉପରେ ଛାଡ଼ିଦିଆଯାଇଛି ବୋଲି ବିରୋଧୀ ପକ୍ଷ ନେତା କହିଛନ୍ତି । ଏହା ଛିଦ୍ରାନ୍ୱେଷୀ ମାନସିକତା ଛଡ଼ା ଅନ୍ୟ କିଛି ନୁହେଁ । ଯେଉଁମାନେ ଖୋଜି ଖୋଜି ସମସ୍ୟାସବୁକୁ ଗଣୁଛନ୍ତି ସେମାନେ ବାସ୍ତବ ତଥ୍ୟକୁ ମଧ୍ୟ ସତ ମଣୁନାହାନ୍ତି । ଏହିମାନେ କହିଥିଲେ ମୌନୀ ଅମାବାସ୍ୟରେ ଘଟିଥିବା ଦଳାଦଳିରେ ହଜାର ହଜାର ଲୋକଙ୍କର ମୃତ୍ୟୁ ହୋଇଯାଇଛି । ଏପ୍ରକାର ଦାୟିତ୍ୱହୀନ ଅଭିଯୋଗର କ'ଣ ଉତ୍ତର ଦିଆଯିବ ? ଭଲ ହେଲା, ଏପରି ବ୍ୟକ୍ତିମାନଙ୍କୁ ପ୍ରଧାନମନ୍ତ୍ରୀ ନେଇ କାଠଗଡ଼ାରେ ଛିଡ଼ା କରିଦେଇଛନ୍ତି । କାରଣ ସେମାନେ ଜାଣିଶୁଣି ହିନ୍ଦୁ ଆସ୍ଥା ଓ ବିଶ୍ୱାସ ଉପରେ ପ୍ରହାର କରିଚାଲିଛନ୍ତି । ଏମିତି ଲାଗୁଛି ଯେପରି ଜିରାରୁ ଶିରା କାଢ଼ିବା ତାଙ୍କର ଦାୟିତ୍ୱ । କିନ୍ତୁ ସେମାନେ ଭୁଲିଯାଉଛନ୍ତି ଯେ ଭାରତୀୟ ସଂସ୍କୃତିର ପରିଚାୟକ ଯେକୌଣସି ଆୟୋଜନକୁ ଭାଜପା ସର୍ବଦୈବ ମହତ୍ତ୍ୱ ଦେଇଆସିଛି ଓ ଦେଇଚାଲିଥିବ । ମହାକୁମ୍ଭରେ ଯାହାସବୁ ବ୍ୟବସ୍ଥା ସରକାର କଲେ ତାହାର ଆବଶ୍ୟକତା ଥିଲା । ସମୟ ମଧ୍ୟ ଚାହୁଁଥିଲା । ଭଲ ହୁଅନ୍ତା ଯଦି ବିରୋଧୀ ପକ୍ଷର ନେତାମାନେ ଏପ୍ରକାର ସମାବେଶ ଓ ଆୟୋଜନକୁ ବାଜେକଥା କହି ଟିପ୍ପଣୀ ନ ଦିଅନ୍ତୁ । ତାହା ତାଙ୍କ ରାଜନୀତିକୁ ଶେଷ କରିଦେବ । ❐❐

# ଆଧ୍ୟାତ୍ମ ଜ୍ଞାନ

ଆଜି ଆମେ ସମସ୍ତେ ନିଜ ନିଜ ଲକ୍ଷ୍ୟ ହାସଲରେ ବ୍ୟସ୍ତ, କିନ୍ତୁ ଆମେ ଚାପ କିମ୍ବା ଅବସାଦର ଭଳି ସମସ୍ୟାରେ ପଡ଼ି ଯାଇଛୁ । ଯଦି ଭଗବାନ ମହାବୀରଙ୍କ ଉପଦେଶର ଅନୁସରଣ କରାଯାଏ, ତାହେଲେ ଏହି ସମସ୍ୟା ଆପେ ଆପେ ଦୂର ହୋଇପାରିବ । ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ଜୈନଧର୍ମର ତୀର୍ଥଙ୍କର ଭଗବାନ ମହାବୀରଙ୍କ ଜନ୍ମ ଚୈତ୍ର ଶୁକ୍ଳପକ୍ଷ ତ୍ରୟୋଦଶୀ ଦିନ ବୈଶାଳୀ ନଗରରେ ରାଜା ସିଦ୍ଧାର୍ଥ ଏବଂ ରାଣୀ ତ୍ରିଶାଳାଙ୍କ ଔରସରୁ ହୋଇଥିଲା । ଭଗବାନ ମହାବୀର ଆଧାତ୍ମକୁ ସବୁଠୁ ଉର୍ଦ୍ଧ୍ୱରେ ବୋଲି କହିଥିଲେ । ସେ ତତ୍କାଳୀନ ସମୟରେ ପ୍ରଚଳିତ ସମସ୍ତ ଚିନ୍ତାଧାରାକୁ ଏକ ନୂଆ ଦିଗ ଦେଇଥିଲେ । ସେ ନିଜ ସାଧନା ବଳରେ ଏପରି କେତେକ ନବୀନ ଅନୁସନ୍ଧାନ କରିଥିଲେ ଯାହାକୁ ସ୍ୱୀକାର କରିନେଲେ ମନୁଷ୍ୟ ଅବସାଦର ଶିକାର ହେବାରୁ ରକ୍ଷା ପାଇପାରିବ । ଅନେକାନ୍ତବାଦ ସିଦ୍ଧାନ୍ତ : ଭଗବାନ ମହାବୀର ବସ୍ତୁକୁ ଅନେକାନ୍ତତ୍ମକ ବୋଲି କହିଥିଲେ । ଏହି ସିଦ୍ଧାନ୍ତ ଅନୁଯାୟୀ, ଯେକୌଣସି ବିଚାରର ଅନେକ ଦିଗ ରହିଥାଏ, ଗୋଟିଏ ବସ୍ତୁର ଅନେକ ଗୁଣ ଥାଇପାରେ । ନିରାଶାବାଦୀ ଏବଂ ହଟଧର୍ମୀ ଲୋକମାନେ ପ୍ରତ୍ୟେକ ବସ୍ତୁ, ଘଟଣା କିମ୍ବା ପରିସ୍ଥିତିକୁ କେବଳ ନିଜ ଦୃଷ୍ଟିରେ ହିଁ ଦେଖିଥାନ୍ତି । ଅନ୍ୟର ବିଚାର କିମ୍ବା ଦୃଷ୍ଟିକୋଣକୁ ସେମାନେ ବିରୋଧ କରିଥାନ୍ତି । ଏହାକୁ ବ୍ୟାବହାରିକ ସ୍ୱୀକାର କରିନେଲେ କେତେବେଳେ ବି କୌଣସି ସମସ୍ୟା ଉତ୍ପନ୍ନ ହେବନାହିଁ । ବିରୋଧୀ ବିଚାରକୁ ମଧ୍ୟ ସମସ୍ତେ ସ୍ୱୀକାର କରିନେବେ । ଏହି ସ୍ୱୀକାରୋକ୍ତି ହିଁ ବ୍ୟକ୍ତିକୁ ଅଧାରୁ ଅଧିକ ଚାପରୁ ମୁକ୍ତ କରିଦେବ ।

ଅହିଂସା ସିଦ୍ଧାନ୍ତ : ମନ-ବଚନ-କର୍ମ ଦ୍ୱାରା କୌଣସି ଜୀବକୁ ଦୁଃଖ କରିବା କିମ୍ବା ତାର ପ୍ରାଣ ନେବା ହିଁ ମୁଖ୍ୟ ରୂପରେ ହିଂସା ଅଟେ । ଯଦି ମନରେ ଲଗାତାର ହିଂସାର ବିଚାର ଆସୁଛି, ତାହେଲେ ବ୍ୟକ୍ତି ଅବସାଦଗ୍ରସ୍ତ ହୋଇପଡ଼େ । ଅହିଂସାର ଭାବନା ମନକୁ ଶାନ୍ତ ରଖିଥାଏ । ଅପରିଗ୍ରହ ସିଦ୍ଧାନ୍ତ : ଭଗବାନ ମହାବୀର ବିବେଚନା କରୁଥିଲେ ଯେ ଦୁଃଖର ମୂଳ କାରଣ ପରିଗ୍ରହ ଅଟେ । ଆସକ୍ତିକୁ ପରିଗ୍ରହ କୁହାଯାଇଛି । ଆବଶ୍ୟକତା ଠାରୁ ଅଧିକ ଅଚେତନ ପଦାର୍ଥର ସଂଗ୍ରହ ମନୁଷ୍ୟକୁ ଚାପରେ ପକାଇ ଦେଇଥାଏ । ଯେଉଁ ମନୁଷ୍ୟ ଯେତେ କମ୍ ପରିଗ୍ରହ ରଖିଥାଏ, ସେତିକି ଚାପମୁକ୍ତ ରହିଥାଏ । କୌଣସି ବ୍ୟକ୍ତି କୌଣସି ପଦାର୍ଥ ପ୍ରତି ଅଧିକ ଆସକ୍ତ ହୋଇପଡ଼ିଲେ, ସେହି ପଦାର୍ଥ ନମିଳିବାରେ ସେ ଦୁଃଖୀ ହୋଇଥାଏ ।

କର୍ମ ସିଦ୍ଧାନ୍ତ : ଜୈନ ଧର୍ମରେ କୁହାଯାଇଛି ସମୟ ଆସିଲେ ସମସ୍ତ ଜୀବ ନିଜ ନିଜ କର୍ମର ଫଳ ଅନୁକୂଳ କିମ୍ବା ପ୍ରତିକୂଳ ରୂପରେ ଭୋଗିଥାନ୍ତି । ବ୍ୟକ୍ତି ନିଜ କର୍ମ ଲାଗି ନିଜେ ଉତ୍ତରଦାୟୀ ରହିଥାଏ । ସୁଖ ଏବଂ ଦୁଃଖ ନିଜ କର୍ମର ହିଁ ଫଳ ହୋଇଥାଏ । ଅନ୍ୟମାନେ ମୋତେ ସୁଖ କିମ୍ବା ଦୁଃଖ ଦେଇଛନ୍ତି - ଏପରି ବିଚାର କେବଳ ତତ୍ତ୍ୱଜ୍ଞାନ ଶୂନ୍ୟ ବ୍ୟକ୍ତି ହିଁ କରିଥାଏ ।

ଡା. ଦିଲ୍ଲୀପ କୁମାର ମହାରଣା
କଟକ

# ମହାଶିବରାତ୍ରୀ

**ପଣ୍ଡିତ ଦୈତ୍ୟାରି ମହାପାତ୍ର**



'ଶିବ'- ସର୍ବଜ୍ଞ, ଚିରନ୍ତନ, ଶାଶ୍ୱତ, ସନାତନ । ଶିବ- ଶ+ଇ+ବ । 'ଇ' ଅକ୍ଷରକୁ ଉଠାଇ ଦେଲେ ତାହା ହେବ 'ଶବ' । ଅର୍ଥାତ୍ ଜଡ଼ । ଜୀବ ଚେତନା ଶକ୍ତି ହିଁ ଶିବ । ଜୀବକୁ ଯେ ସୁଖ ପ୍ରଦାନ କରେ, ପାପତାପରୁ ମୁକ୍ତ କରେ, ସଂସାରକୁ ମୋକ୍ଷ କରେ ଓ ସକଳର କଲ୍ୟାଣ କରେ, ସେ ହେଉଛନ୍ତି ଶିବ । ଯେ ସଦା ଜାଗ୍ରତ, ସ୍ୱପ୍ନ ସୁସୁପ୍ତି ଅବସ୍ଥାରୁ ଉପରକୁ ଉଠିଛି ସେ ଶିବ । ଯାହାଙ୍କର ଆଦି ନାହିଁ, ଅନ୍ତ ନାହିଁ, ଜନ୍ମ ନାହିଁ, ମୃତ୍ୟୁ ନାହିଁ, ଆକାର ନାହିଁ, ଜାତି ନାହିଁ, ଗୋତ୍ର ନାହିଁ, ପିତା ନାହିଁ, ମାତା ନାହିଁ, ସେ ହେଉଛନ୍ତି ଶିବ । ଶିବ ପରମାତ୍ମା, ପରମବ୍ରହ୍ମ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ- 'ବୃଷରାଜ ନିକେତନମ୍ ଆଦିଗୁରୁମ୍, ଗରଳାସନମାଜି ଭିଶାଭିଧରମ୍, ପ୍ରମଥାଧିପ ସେବକ ରଂଜନକଂ, ପ୍ରଣମାମି ଶିବମ୍ ଶିବକଳ୍ପତରୁମ୍ ।'

ଉପନିଷଦ କହେ, ଶିବ ଓ ଜୀବ ଅଭିନ୍ନ ଅର୍ଥାତ୍ 'ଶିବୋହଂ, ଶିବୋହଂ' । ଶିବ ହେଉଛନ୍ତି ଗୁରୁଙ୍କର ଗୁରୁ । ମାତାଙ୍କର ମାତା । ପିତାଙ୍କର ପିତା । ତେଣୁ ସେ ପରମପିତା । ଋକ୍‌ବେଦ କହେ, ଶିବ ଅଗ୍ନି ତତ୍ତ୍ୱ ଯାହା ଅପରିବର୍ତ୍ତନୀୟ । ଅଗ୍ନିର ସ୍ୱଭାବ ଉର୍ଦ୍ଧ୍ୱଗାମୀ ଅର୍ଥାତ୍ ଅଗ୍ରଗାମୀ । ସେ ଶକ୍ତି, ସବୁଠାରୁ ଶ୍ରେଷ୍ଠଶକ୍ତି । ଅଥର୍ବ ବେଦ କହେ, ଶିବଙ୍କ ସ୍ୱରୂପ ହେଉଛି 'ପଶୁପାଳକ' । ପଶୁତତ୍ତ୍ୱର ଅର୍ଥ ଜୀବ । ଜୀବକୁ ଯେ ପାଳନ କରନ୍ତି ସେ ହିଁ ଶିବ ।

ଶିବ ଶବ୍ଦରେ ଥିବା 'ଇ' କାର ସ୍ୱରୂପ ହେଉଛି ଆହ୍ଲାଦିନୀ ଶକ୍ତି । ଯାହାକୁ ପୁରାଣ ଶାସ୍ତ୍ରରେ ଆଦ୍ୟାଶକ୍ତି-ଜଗଦମ୍ବା-ଆଦିମାତା ରୂପରେ ଆଖ୍ୟା ଦିଆଯାଇଛି । ଆହ୍ଲାଦିନୀ ଶକ୍ତିର ଅଭାବରେ ପରମାତ୍ମା ସଗୁଣ ସାକାର ରୂପରେ ପ୍ରକଟ ହୋଇପାରିବ ନାହିଁ । ପରମାତ୍ମା ସାକାର ରୂପ ଧାରଣ କଲେ ଜଡ଼ ଜୀବଦାନ ପାଏ । ଜାଗତର ସୃଷ୍ଟି ପାଇଁ ପିଣ୍ଡ ଓ ବ୍ରହ୍ମାଣ୍ଡ ଏକାନ୍ତ ଆବଶ୍ୟକ । ଶିବ+ଶକ୍ତିର ମିଶ୍ରଣରେ ଏ ସଂସାର । ଶିବ ହେଉଛନ୍ତି 'ପୁରୁଷ' ଓ ଶକ୍ତି ହେଉଛନ୍ତି 'ନାରୀ' । 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ । ସେ ହେଉଛି ସକଳ ଜ୍ଞାନ ଓ ପ୍ରଜ୍ଞାନ ଆଧାର ।

ଚଣ୍ଡାଳଠାରୁ ବ୍ରାହ୍ମଣ ଯାଏ, ରାକ୍ଷସଠାରୁ ଦେବତାଯାଏ, ସମସ୍ତଙ୍କର ପ୍ରାର୍ଥନା ସେ ଶୁଣିଥାନ୍ତି । ଶୈବ ଦର୍ଶନ ହେଉଛି ବେଦାନ୍ତର ସର୍ବଶ୍ରେଷ୍ଠ ଦର୍ଶନ । ବେଦରେ ପ୍ରମାଣ ଅଛି ଯାହାର ଜୀବନ ଅଛି ସେ ହିଁ ଶିବଭକ୍ତ । ଶିବଙ୍କର ବଦନ ସଂଖ୍ୟା ହେଉଛି ପାଞ୍ଚ । ତାଙ୍କର ମନ୍ତ୍ର ଅକ୍ଷର ସଂଖ୍ୟା ପାଞ୍ଚ । ଯଥା- 'ନମଃ ଶିବାୟ'- 'ନ'ର ଅର୍ଥ ପୃଥିବୀ ଓ ବ୍ରହ୍ମା, 'ମ'ର ଅର୍ଥ ଜଳ ଓ ବିଷ୍ଣୁ, 'ଶି'ର ଅର୍ଥ ଅଗ୍ନି ଓ ରୁଦ୍ର, 'ବା'ର ଅର୍ଥ ବାୟୁ ଓ ମହେଶ୍ୱର, 'ୟ' ର ଅର୍ଥର ଆକାଶ, ସଦାଶିବ ଓ ଜୀବ । ଶିବ ହେଉଛି ଧର୍ମର ରକ୍ଷକ । ତାଙ୍କୁ ନେଇ ଯେତେ ପର୍ବପର୍ବାଣୀ ଅଛି ତନ୍ମଧ୍ୟରୁ 'ମହାଶିରାତ୍ରୀ' ଅନ୍ୟତମ । ସାଧାରଣତଃ ଶିବରାତ୍ରି କହିଲେ ଆମେ କୃଷ୍ଣ ଓ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ତିଥିକୁ ବୁଝିଥାଉ । ମାତ୍ର ମହାଶିବରାତ୍ରି କହିଲେ ଆମେ ଫାଲ୍‌ଗୁନ ମାସ (ଶାସ୍ତ୍ର ମତରେ ମାଘମାସ) କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ହିଁ ବୁଝିଥାଉ । ଶିବରାତ୍ରର ମହିମା ଅନେକ । ଏହ ଶିବରାତ୍ର କଥା ବେଦ ବେଦାନ୍ତ, ଉପନିଷଦ ତଥା ମହାଭାରତ ଆଦିରେ ବହୁଳ ପ୍ରଚାର ଓ ପ୍ରସାର କରାଯାଇଛି ।

ଦିନକର କଥା, ସୃଷ୍ଟି ସର୍ଜନା ସରିଯାଇଛି । କୈଳାସ ପର୍ବତ ଉପରେ ମା' ପାର୍ବତୀ ଶିବଙ୍କୁ ପଚାରୁଛନ୍ତି- ହେ ପ୍ରଭୁ! ଆପଣଙ୍କ ପୂଜାଆରାଧନା ପାଇଁ କେଉଁ ଦିବସଟି ସବୁଠାରୁ ଉତ୍କୃଷ୍ଟ ? ପରମପିତା ପରଂବ୍ରହ୍ମ ଭଗବାନ ଶିବ କହୁଛନ୍ତି, ଦେବୀ! ଫାଲ୍‌ଗୁନ ମାସ କୃଷ୍ଣପକ୍ଷ 'ଚତୁର୍ଦ୍ଦଶୀ' ତିଥିର 'ଶିବରାତ୍ରି' ହେଉଛି ମୋ' ପୂଜା ପାଇଁ ସର୍ବୋତ୍କୃଷ୍ଟ । 'ଶିବ', ତ୍ରିଲୋଚନ ନାମରେ ଖ୍ୟାତ । ତାଙ୍କର ତୃତୀୟ ନେତ୍ର ମୋକ୍ଷଦ୍ୱାର ଭାବରେ ବିଦିତ । ସେ ସତ୍ୟ-ଶିବ-ସୁନ୍ଦର । 'ଶିବରାତ୍ରୀ'ର ଅନ୍ୟ ନାମ ଜାଗର ବା ଉଜାଗର । ଅର୍ଥାତ୍ ସାରାରାତି ଉଜାଗର ରହି ଭଗବାନ ଶିବଚିନ୍ତା କରିବା ଏବଂ ଶିବବାଣୀ ପ୍ରଚାର କରିବା । ବେଦପତି ବ୍ରହ୍ମା କହୁଛନ୍ତି, ହେ ଋଷିଗଣ ! ଏ ବ୍ରହ୍ମାଣ୍ଡରେ ଯେଉଁ ଭକ୍ତ ଉପବାସ ରହି ଏକାନ୍ତ ନିଷ୍ଠା ଓ ଭକ୍ତିର ସହିତ ଉଜାଗର ରହି ଘିଅ ଦୀପ ଜାଳି ଶିବରାତ୍ରୀରେ ଶିବନାମ ଜପ କରନ୍ତି, ସେମାନେ ଶିବକୃପା ଲାଭ କରନ୍ତି । ଶିବ ପ୍ରସନ୍ନ ହେଲେ ଭକ୍ତକୁ ଅଭୀଷ୍ଟ ଫଳ ପ୍ରାପ୍ତି ହୋଇଥାଏ । ଶିବରାତ୍ରି ହେଉଛି ପୂର୍ଣ୍ଣମାତ୍ରାରେ ଶିବଙ୍କ ଆଶ୍ରିତ ହେବାର ରାତ୍ରି । ଆହାର-ନିଦ୍ରା-ମୈଥୁନ-ଲୋଭ-ମୋହ-ରାଗ ଓ ହିଂସାକୁ ପରିତ୍ୟାଗ କରି ଭଗବାନ ଶ୍ରୀଶିବଙ୍କ ନିକଟରେ ଶରଣ ପଶିବା ହେଉଛି ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ପ୍ରତି ମୁହୂର୍ତ୍ତରେ ଭଗବାନ ଶିବଙ୍କ ନାମକୁ ଜପାମାଳ କଲେ ଏବଂ ଶିବଙ୍କ ଦିବ୍ୟଲୀଳା ରସରେ ନିଜକୁ ହଜାଇଦେଲେ ଅବିଳମ୍ବେ ପ୍ରଭୁଙ୍କ ସାନ୍ନିଧ ମିଳେ । ଯଦି ଏ ଦେହ ଥାଇ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ଶିବନାମ ଜପ (ମାନସ ଜପ) କରାଯାଏ, ତେବେ ଅଜ୍ଞାନତା ରୂପକ ମହାନିଶି ବଦଳରେ କୋଟି ସୂର୍ଯ୍ୟଙ୍କ ଉଜ୍ଜ୍ୱଳ ରଶ୍ମି ପରି ଜ୍ଞାନାଲୋକ ପ୍ରକାଶିତ ହୋଇଥାଏ । ବ୍ରହ୍ମର ଦର୍ଶନ ମିଳିଥାଏ । ଶ୍ରୀଶିବଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ ।

ଶିବରାତ୍ରି ବା ଜାଗରରାତ୍ରିକୁ ଚାରି ପ୍ରହରରେ ବିଭକ୍ତ କରାଯାଇଛି । ଯଥା- ୧ମ ପ୍ରହର, ରଜଗୁଣ 'ସର୍ବ' ସ୍ୱରୂପ । ୨ୟ ପ୍ରହର ତମ ଗୁଣ, 'ଅଘୋର' ସ୍ୱରୂପ । ୩ୟ ପ୍ରହର ସତ୍ୱଗୁଣ, 'ବାମଦେବ' ସ୍ୱରୂପ ଏବଂ ୪ର୍ଥ ପ୍ରହର ଗୁଣାତୀତ, 'ଶାନ୍ତି ସଦାଶିବ ଓ ଧାତୁ' ସ୍ୱରୂପ । ଚତୁର୍ଥ ପ୍ରହର ଶେଷରେ ମହାପ୍ରଭୁଙ୍କ 'ସିଂହାରହାର' ବେଶ ଯଥା ରୀତିନୀତିରେ ଅନୁଷ୍ଠିତ ହୋଇଥାଏ । ପୁଷ୍ପ ଓ ତ୍ରିଶାଖା ବେଲ ପତ୍ରରେ ମନ୍ତ୍ରପାଠ ପୂର୍ବକ ଭକ୍ତିର ସହିତ ପୂଜାର୍ଚ୍ଚନା କରାଯାଏ । ଦକ୍ଷିଣା ଭୋଗ ହୁଏ । ରାତ୍ରର ଶେଷ ପ୍ରହରର ଅୟମାରମ୍ଭରେ ମନ୍ଦିର ଚୂଳ ଉପରକୁ 'ମହାଦୀପ' ଉଠାଯାଇ ବିଶ୍ୱକୁ ଆଲୋକ ପ୍ରଦର୍ଶନ କରାଯାଏ । ଘଣ୍ଟ ଘଣ୍ଟର ତାଳେ ତାଳେ ଉଦଣ୍ଡ ନୃତ୍ୟ ସହିତ ନାମ ସଂକୀର୍ତ୍ତନ କରାଯାଏ । ଜପ-ତପ ଓ ଧ୍ୟାନ ଆଦି କରାଯାଏ । ଶିବ ରାତ୍ରିରେ ଘିଅଦୀପ ଜାଳିବା ଏକ ସ୍ୱତନ୍ତ୍ର ବିଧି । ଏହାର ତାତ୍ପର୍ଯ୍ୟ ହେଉଛି ଅଜ୍ଞାନତା ରୂପକ ଅନ୍ଧାରକୁ ନାଶ କରି ଜ୍ଞାନାଲୋକ ଜାଗ୍ରତ କରିବା । ଏହି ପବିତ୍ର ଶିବରାତ୍ରିକୁ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ପାଳନ କଲେ ଏ ଜୀବନ ସାର୍ଥକ ହେବା ସହିତ ପରମ ଶାନ୍ତି ମିଳିଥାଏ ।

ଭଦ୍ରକ
ମୋ-୮୭୬୩୫୪୮୨୦୨

# ଶିବରାତ୍ରୀ ଓ ରୁଦ୍ରାକ୍ଷ

**ପୁଷ୍ପମିତ୍ର ମହାପାତ୍ର**

ଜୀବନରେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ଭିନ୍ନ ଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଥାଏ । ତେବେ ମହାଶିବରାତ୍ରୀର ଭିନ୍ନ ମହତ୍ତ୍ୱ ରହିଛି । ପ୍ରତ୍ୟେକ ମାସର କୃଷ୍ଣ ପକ୍ଷରେ ଚତୁର୍ଦ୍ଦଶୀ କିମ୍ବା ଅମାବାସ୍ୟାର ପୂର୍ବଦିନ ଶିବରାତ୍ରୀ ପାଳନ କରାଯାଇଥାଏ । ତେବେ ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଏହି ରାତ୍ରୀରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ଏଭଳି ଏକ ସ୍ଥିତିରେ ଥାଏ ଯେତେବେଳେ ମାନବ ଶରୀର ପ୍ରାକୃତିକ ରୂପରେ ଶକ୍ତି ସମ୍ପନ୍ନ ରହିଥାଏ । ଏହା ଏଭଳି ଏକ ଦିନ ଯେତେବେଳେ ପ୍ରକୃତି ବ୍ୟକ୍ତିକୁ ଆଧ୍ୟାତ୍ମିକତାର ଶୀର୍ଷକୁ ନେଇ ଯାଇଥାଏ । ଏହାର ଉପଯୋଗ କରିବାକୁ ମହାଶିବରାତ୍ରୀ ପରମ୍ପରାର ଆୟୋଜନ କରାଯାଇଥାଏ । ମହାଶିବରାତ୍ରୀ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକୃତି ଠାରୁ ବିଶେଷ ଶକ୍ତି ଆହରଣ କରି ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତ କରିବା । ଆଧ୍ୟାତ୍ମିକ ମାର୍ଗରେ ଥିବା ଲୋକଙ୍କ ପାଇଁ ଶିବରାତ୍ରୀ ବିଶେଷ ମହତ୍ତ୍ୱପୂର୍ଣ୍ଣ । ଯୋଗ ପରମ୍ପରାରେ ଶିବଙ୍କ ପୂଜା ଈଶ୍ୱରଙ୍କ ରୂପରେ ନୁହେଁ, ବରଂ ଆଦି ଗୁରୁଙ୍କ ରୂପରେ ପୂଜା କରାଯାଇଥାଏ । ଶିବ ହେଉଛନ୍ତି ପ୍ରଥମ ଗୁରୁ, ଯାହାଙ୍କ ଠାରୁ ଜ୍ଞାନର ଉତ୍ପତ୍ତି ହୋଇଛି । ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଧ୍ୟାନରେ ବସିବା ପରେ ଭଗବାନ ଶିବ ଦିନେ ସମ୍ପୂର୍ଣ୍ଣ ଶାନ୍ତ ହୋଇଯାଇଥିଲେ । ସେ ଦିନ ଥିଲା ମହାଶିବରାତ୍ରୀ । ତାଙ୍କ ଭିତରେ କୌଣସି ଗତି ନଥିଲା, ସେ ସମ୍ପୂର୍ଣ୍ଣ ନିଶ୍ଚଳ ଥିଲେ । ସେଥିପାଇଁ ମହାଶିବରାତ୍ରୀକୁ ନିଶ୍ଚଳତାର ଦିନ କୁହାଯାଇଥାଏ । ମହାଶିବରାତ୍ରୀ ଏକ ତପସ୍ୱୀ ଏବଂ ଜିଜ୍ଞାସୁ ସମ୍ମୁଖରେ ଅନେକ ସମ୍ଭାବନା ସୃଷ୍ଟି କରିଥାଏ । ଏହି ଦିବସରେ ମନୁଷ୍ୟ ଧ୍ୟାନ ଏବଂ ଶିବ ଆରାଧନାରେ ସମୟ ବ୍ୟତୀତ କଲେ ପରମ ଆନନ୍ଦ ଲାଭ କରିପାରିବ । ଯାହା ମନୁଷ୍ୟକୁ ଜୀବନ ଜିଇଁବାର ପ୍ରେରଣା ଯୋଗାଇବ ।

ରୁଦ୍ରାକ୍ଷର ପୂଜା ଏବଂ ଏହାକୁ ପବିତ୍ର ହୋଇ ଧାରଣା କରିବାର ଦ୍ୱାରା ମନୁଷ୍ୟ ଜୀବନ ଉପରେ ଗଭୀର ପ୍ରଭାବ ପଡ଼ିଥାଏ । ଏକମୁଖୀ ରୁଦ୍ରାକ୍ଷ ଭଗବାନ ଶିବ, ଦ୍ୱିମୁଖୀ ରୁଦ୍ରାକ୍ଷ ଗୌରୀ ଶଙ୍କର, ତ୍ରିମୁଖୀ ରୁଦ୍ରାକ୍ଷ ତେଜମୟ ଅଗ୍ନି, ଚର୍ତ୍ତୁମୁଖୀ ରୁଦ୍ରାକ୍ଷ ଶ୍ରୀପଞ୍ଚଦେବ, ଷଷ୍ଠମୁଖୀ ରୁଦ୍ରାକ୍ଷ ଭଗବାନ କାର୍ତ୍ତିକେୟ, ସପ୍ତମୁଖୀ ପ୍ରଭୁ ଅନନ୍ତ, ଅଷ୍ଟମୁଖୀ ଭଗବାନ ଶ୍ରୀଗଣେଶ, ନବମୁଖୀ ରୁଦ୍ରାକ୍ଷ ଭଗବତୀ ଦେବୀ ଦୁର୍ଗା, ଦଶମୁଖୀ ରୁଦ୍ରାକ୍ଷ ଶ୍ରୀହରିବିଷ୍ଣୁ, ୧୩ ମୁଖୀ ରୁଦ୍ରାକ୍ଷ ଶ୍ରୀଇନ୍ଦ୍ର ତଥା ୧୪ମୁଖୀ ରୁଦ୍ରାକ୍ଷ ସ୍ୱୟଂ ହନୁମାନଙ୍କ ପ୍ରତୀକ ହୋଇଥାଏ । ଭିନ୍ନ ଭିନ୍ନ ରୁଦ୍ରାକ୍ଷର ଭିନ୍ନ ପ୍ରଭାବ ରହିଛି । ଯେପରିକି ଏକମୁଖୀ ରୁଦ୍ରାକ୍ଷ ସୁଖ, ମୋକ୍ଷ ଏବଂ ଉନ୍ନତି ପ୍ରଦାନ କରିଥାଏ । ଦ୍ୱିମୁଖୀ ରୁଦ୍ରାକ୍ଷ ସମସ୍ତ କାମନା ପୂରଣ କରି ଦାମ୍ପତ୍ୟ ଜୀବନକୁ ସୁଖ, ଶାନ୍ତି ଏବଂ ତେଜ ପ୍ରଦାନ କରିଥାଏ । ତ୍ରିମୁଖୀ ରୁଦ୍ରାକ୍ଷ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଏ । ଚର୍ତ୍ତୁମୁଖୀ ରୁଦ୍ରାକ୍ଷ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ପ୍ରଦାନ କରିଥାଏ । ପଞ୍ଚମୁଖୀ ରୁଦ୍ରାକ୍ଷ ସୁଖ ପ୍ରଦାନ କରିଥାଏ । ଷଷ୍ଠମୁଖୀ ରୁଦ୍ରାକ୍ଷ ପାପରୁ ମୁକ୍ତି ଦେଇଥାଏ ଓ ସନ୍ତାନ ସୁଖ ପ୍ରଦାନ କରିଥାଏ । ସପ୍ତମୁଖୀ ରୁଦ୍ରାକ୍ଷ ଦରିଦ୍ରତା ଦୂର କରିଥାଏ । ଅଷ୍ଟମୁଖୀ ରୁଦ୍ରାକ୍ଷ ଆୟୁ ଏବଂ ସକାରାତ୍ମକ ଶକ୍ତି ପ୍ରଦାନ କରିଥାଏ । ନବମୁଖୀ ରୁଦ୍ରାକ୍ଷ ମୃତ୍ୟୁର ଡରରୁ ମୁକ୍ତ କରିଥାଏ । ଦଶମୁଖୀ ରୁଦ୍ରାକ୍ଷ ଶାନ୍ତି ଏବଂ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ । ୧୧ମୁଖୀ ରୁଦ୍ରାକ୍ଷ ରୁଦ୍ରାକ୍ଷ ବିଜୟ ପ୍ରଦାନ କରିଥାଏ । ଜ୍ଞାନ ଏବଂ ଭକ୍ତି ପ୍ରଦାନ କରିଥାଏ । ୧୨ମୁଖୀ ରୁଦ୍ରାକ୍ଷ ଧନଲାଭ କରାଏ । ୧୩ ମୁଖୀ ରୁଦ୍ରାକ୍ଷ ଶୁଭ ଏବଂ ଲାଭ ପ୍ରଦାନ କରିଥାଏ । ୧୪ମୁଖୀ ରୁଦ୍ରାକ୍ଷ ରୁଦ୍ରାକ୍ଷ ସମ୍ପୂର୍ଣ୍ଣ ପାପରୁ ମୁକ୍ତି ପ୍ରଦାନ କରିଥାଏ ।

ଶିବ ଭଗବାନ ନୁହନ୍ତି; ସେ ଆଦି ଗୁରୁ । ପ୍ରଥମ ଗୁରୁ, ଯାହାଙ୍କଠାରୁ ସମସ୍ତ ଜ୍ଞାନର ଉତ୍ପତ୍ତି । ହଜାର ହଜାର ବର୍ଷ ଧରି ଧ୍ୟାନସ୍ଥ ରହିବା ପରେ ଦିନେ ସେ ସ୍ଥିର ହୋଇଗଲେ ଏବଂ ସେହି ଦିନଟି ଥିଲା ମହାଶିବରାତ୍ରୀ । ଯୋଗ ପରମ୍ପରାରେ ଏହି ରାତିକୁ ଏତେ ଗୁରୁତ୍ୱ ଦେବାର କାରଣ, ଏହା ମାଧ୍ୟମରେ ଆଧ୍ୟାତ୍ମିକତାର ଚରମ ସୋପାନରେ ପହଞ୍ଚିବାର ସମ୍ଭାବନା । ମଣିଷ ଜୀବନ, ପଦାର୍ଥ, ସାରା ଜଗତ୍, ବିଶ୍ୱ ବ୍ରହ୍ମାଣ୍ଡ ବାବଦରେ ଯାହା ଜାଣେ, ତାହା କେବଳ ଏକ ଶକ୍ତି, ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ । ଏହା ଆଧୁନିକ ବିଜ୍ଞାନ ସମ୍ମତ ମଧ୍ୟ । ବିଜ୍ଞାନ ପାଇଁ ଯାହା ତଥ୍ୟ, ଜଣେ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା । ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ । ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ । ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ ।

ସିଡିଏ, କଟକ,
ମୋ:୯୪୩୭୨୨୫୬୮୯

# ପ୍ରଥମେ ପାଠକ ତା'ପରେ ଲେଖକ

**ସତ୍ୟନାରାୟଣ ଦେହୁରୀ**

ପଢିବାରେ ଆଗ୍ରହ ରଖି ଅନେକ ପୁସ୍ତକ ,ପତ୍ର ପତ୍ରିକା ପାଠ କରୁଥିବା ବ୍ୟକ୍ତିଙ୍କୁ ଆମେ ପାଠକ ବୋଲି କହିଥାଉ । ବିଭିନ୍ନ ପ୍ରକାର ପୁସ୍ତକ ,ପତ୍ର ପତ୍ରିକା ପାଠ କରିବା ସେମାନଙ୍କର ରୁଚି ରହିଥାଏ । ଏହାଦ୍ୱାରା ସେ ବ୍ୟକ୍ତିର ଜ୍ଞାନ ବଢିବା ସହିତ ଅବସର ସମୟର ସୁ ବିନିଯୋଗ ହୁଏ । ଯିଏ ଯେତେ ଅଧିକ ପଢେ ସେ ସେତେ ଅଧିକ ଜାଣେ । ଏବଂ ଅନେକ କଥା ଜାଣିଥିବା ବ୍ୟକ୍ତି ସବୁ ଯାଗାରେ ସଫଳତା ପାଇଥାଏ । ସେଥିପାଇଁ କୁହାଯାଏ ପଢିଲେ ଜାଣିବା ,ଜାଣିଲେ ଜିଣିବା । ପାଠକ ଟିଏ ହେବା ପାଇଁ ଭାଷା ଜ୍ଞାନ ଆବଶ୍ୟକ । ବିଭିନ୍ନ ପ୍ରକାର ଭାଷରେ ଦକ୍ଷତା ହାସଲ କଲେ ବିଭିନ୍ନ ଭାଷର ପୁସ୍ତକ ,ପତ୍ର ପତ୍ରୀକା ପାଠ କରି ପାରିବା । ତେଣୁ ଭାଷା ଜ୍ଞାନକୁ ପ୍ରସାରିତ କରିବାକୁ ପଡିବ ।

ଭାଷା ଶିକ୍ଷା ଏକ ଦକ୍ଷତା ଭିତିକ ଶିକ୍ଷା । ଏହି ଦକ୍ଷତା ସମସ୍ତଙ୍କର ସମାନ ନଥାଏ । ଯେପରି ପହଁରିବା ଏକ ଦକ୍ଷତା ଏବଂ ଏହା ସମସ୍ତଙ୍କର ସମାନ ନଥାଏ ବା ସମସ୍ତେ ସମ ପରିମାଣରେ ପହଁରି ପାରନ୍ତି ନାହିଁ । ଠିକ ସେହିପରି ଭାଷା ଶିକ୍ଷା ମଧ୍ୟ ସମସ୍ତଙ୍କର ସମ ପରିମାଣରେ ହୁଏ ନାହିଁ । ଭାଷା ଶିକ୍ଷାର ଚାରୋଟି ଦକ୍ଷତା ଅଛି ଏବଂ ତା ମଧ୍ୟରୁ ପଠନ ହେଉଛି ତୃତୀୟ ଦକ୍ଷତା । ଏହା ପୂର୍ବରୁ ରହିଛି ଶ୍ରବଣ ଓ କଥନ ଦକ୍ଷତା । ଶେଷରେ ରହିଛି ଲିଖନ ଦକ୍ଷତା । ଏହି ଦକ୍ଷତା ଗୁଡିକ ପରସ୍ପର ସଂପୃକ୍ତ ଅଟନ୍ତି । କ୍ରମ ଅନୁସାରେ ଦକ୍ଷତା ଗୁଡିକର ବିକାଶ ହୋଇଥାଏ । ଗୋଟିଏ ଦକ୍ଷତାରେ ଦୁର୍ବଳ ହେଲେ ତା ପରବର୍ତି ଦକ୍ଷତା ଗୁଡିକ ଆପେ ଆପେ ଦୁର୍ବଳ ହୋଇଯାଏ । ସର୍ବପ୍ରଥମ ଦକ୍ଷତା ଶ୍ରବଣ, ଯଦି ଶକ୍ତିଶାଳୀ ହୁଏ ତେବେ କଥନ, ଶକ୍ତିଶାଳୀ ହେବ ଏବଂ କଥନ ଶକ୍ତିଶାଳୀ ହେଲେ ପଠନ, ଶକ୍ତିଶାଳୀ ହେବ । ସବା ଶେଷରେ ଲିଖନ ଦକ୍ଷତା ନିର୍ଭର କରେ ପଠନ ଉପରେ । ପଠନ ଦକ୍ଷତାର ବିକାଶ ଯେତେ ଶକ୍ତିଶାଳୀ ହୋଇଥିବ ଲିଖନ ଦକ୍ଷତା ସେ ଅନୁସାରେ ପରିପ୍ରକାଶ ହୁଏ । ଏବଂ ଲିଖନ ଏକ କଷ୍ଟକର ଦକ୍ଷତା । ଏହାକୁ ହାସଲ କରିବାକୁ ହେଲେ ପୂର୍ବର ସବୁ ଦକ୍ଷତାକୁ ଭଲ ରୂପେ ହାସଲ କରିବାକୁ ହେବ । ଭାଷ ଶିକ୍ଷାର ଏହି ଦକ୍ଷତା ଗୁଡିକ ମାଧ୍ୟମରେ ଭାଷା ଶିକ୍ଷା କରାଯାଏ । ଏବଂ ଭାଷା ଉପରେ ଦକ୍ଷତା ହାସଲ କଲେଯାଇ ପାଠକ ହୋପାରିବା । ଭଲ ପାଠକ ଜଣେ ଭଲ ଲେଖକ ହୋଇପାରେ । ତେଣୁ ପ୍ରଥମେ ପାଠକ ତାପରେ ଲେଖକ ।

ଜଣେ ପାଠକ ନିକଟରେ ସବୁ ପାଠ୍ୟ ବସ୍ତୁ ମୂଲ୍ୟବାନ । ଆମ ଚତୁପାର୍ଶ୍ୱରେ ଅନେକ ପ୍ରକାର ପାଠ୍ୟ ବସ୍ତୁ ଉପଲବଧ । ଏପରିକି ପାନ ଦୋକାନୀ ପୁଡିଆ ତିଆରି କରୁଥିବା କାଗଜରେ ମଧ୍ୟ କିଛି ଉପାଦେୟ ତଥ୍ୟ ଲୁଚିରହିଥାଏ । ବିଭିନ୍ନ ପ୍ରକାର ପୁସ୍ତକ ,ପତ୍ର ପତ୍ରୀକା ,ଖବର କାଗଜ, ନିୟମିତ ପଠନର ସୁଯୋଗ ମିଳେ । ବିଭିନ୍ନ ପ୍ରକାର ପୁସ୍ତକ ମଧ୍ୟରେ ସ୍କୁଲ କଲେଜରେ ପଢାଯାଉଥିବା ପୁସ୍ତକ ,ଗଳ୍ପ ,ଉପନ୍ୟାସ,କାହାଣୀ ,ପୁରାଣ ,ଭାଗବତ ଇତ୍ୟଦି ପ୍ରଧାନ । ପତ୍ର ପତ୍ରୀକା ମଧ୍ୟରେ ମାସିକ ,ତ୍ରୟମାସିକ ,ଷଡମାସିକ,ବାର୍ଷିକ ଇତ୍ୟଦି ପ୍ରଧାନ । ନିୟମିତ ଖବର କାଗଜ ପଠନ ଅଭ୍ୟାସ ଦ୍ୱାରା ଆମେ ଅନେକ ଗୁଡିଏ ବିଷୟରେ ଜାଣିବାର ସୁଯୋଗ ପାଇଥାଉ । ପଠନ ର କୌଣସି ସମୟ ନଥାଏ । ଯେତେବେଳେ ନିଜର ଇଚ୍ଛା ହେଲା ସେତେବେଳେ ପଢାଯାଇପାରେ । କେବଳ ସ୍କୁଲ କଲେଜ ସ୍ତରରେ ପଢିବାର ସମୟ ନିର୍ଦ୍ଧାରଣ କରାଯାଇଥାଏ । କିନ୍ତୁ ବାସ୍ତବ ଜୀବନରେ ପଠନର ସମୟ ନାହିଁ । ଅନେକ ବୟଷ୍କ ବ୍ୟକ୍ତି ସବୁବେଳେ କିଛିନା କିଛି ପଢୁଥାଆନ୍ତି । ଅବସର ସମୟକୁ ସୁବିନିଯୋଗ କରିବାର ଇଏ ଏକ ପ୍ରକୃଷ୍ଟ ମାଧ୍ୟମ । କେତେକ ଲୋକ ରାତିରେ ଶୋଇଲା ବେଳେ ନିଦ ଆସିବା ପାଇଁ ପଢନ୍ତି । ବାସ୍ତବିକ ବହି ଏକ ଭଲ ନିଦ ଔଷଧ । ଯାହାକୁ ନିଦ ହେଉନଥିବ ବହିପଢା ଅଭ୍ୟାସ କଲେ ନିଦ ଆସିଯିବ । ବହି ପଢାର ବିକଳ୍ପ ନାହିଁ । ଆଜିକାଲି ଅନେକ ବ୍ୟକ୍ତି ଡିଜିଟାଲ ପୁସ୍ତକ ପଢିଲେଣି । କିନ୍ତୁ ତାର ଅନେକ ନକରାତ୍ମକ ପ୍ରଭାବ ଅଛି ସେକଥାକୁ ଚିନ୍ତା କରୁ ନାହାଁନ୍ତି ।

ଅନେକ ଜିନିଷ ପାଠ କଲାପରେ ଅଭିଜ୍ଞତା ଆଧାରରେ ଜଣେ ଲେଖିପାରେ । ତେଣୁ ପ୍ରଥମେ ଅନେକ ଗୁଡିଏ ପଢିବା ଅଭ୍ୟାସ ଜାରି ରଖିବା ଆବଶ୍ୟକ । ବହୁତ ଗୁଡାଏ ତଥ୍ୟ ସଂଗୃହୀତ ହେଲେ ଲେଖିବାରେ ସହାୟକ ହୋଇଥାଏ । ତାଛଡା ଲେଖିବା ମଧ୍ୟଏକ କଳା । ଅନେକ ବ୍ୟକ୍ତି ଅଛନ୍ତି ,ବହୁତ କଥା ଜାଣି ଥିବେ କିନ୍ତୁ ଲେଖନ୍ତି ନାହିଁ । ସେହିପରି ଜଣେ ବ୍ୟକ୍ତି ହେଉଛନ୍ତି ଗ୍ରୀସ ଦେଶର ବିଖ୍ୟାତ ଦାର୍ଶନିକ ସକ୍ରେଟିସ । ସେ ଗୋଟିଏ ଜ୍ଞାନର ଭଣ୍ଡାର । ଯେ କୌଣସି ମୁହୁର୍ତରେ ଯେକୌଣସି ସମସ୍ୟାର ସମାଧାନ ସେ କରିଦେଇ ପାରନ୍ତି । ତାଙ୍କ ପାଖରେ ସବୁ ସମସ୍ୟାର ଉତର ଥାଏ । କିନ୍ତୁ ସେ କିଛିବି ଲେଖନ୍ତି ନାହିଁ । ତାହା ତାଙ୍କର ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ବଡ ଦୁଃଖ ଲାଗୁଛି ,ବର୍ତମାନ ଯୁବପିଢି ପଠନ ବିମୁଖ ହୋଇଯାଉଛନ୍ତି । ପୁସ୍ତକ ପଠନ ଉପରେ ଗୁରୁତ୍ୱ ନଦେଇ କେବଳ ଇଂଟରନେଟ ଉପରେ ଗୁରୁତ୍ୱ ଦେଉଛନ୍ତି । ଯାହାବି ପଢୁଛନ୍ତି ଗୁଗୁଲ ର ସହାୟତାରେ ପଢୁଛନ୍ତି । ଡିଜିଟାଲ ଯୁଗରେ ଗୁଗୁଲର ପ୍ରାଧାନ୍ୟ ରହିଲେ ମଧ୍ୟ ପୁସ୍ତକ ଓ ପତ୍ର ପତ୍ରୀକା ପଠନର ଅଭ୍ୟାସ ଜାରି ରଖିବା ଆବଶ୍ୟକ । ବିଦ୍ୟାଳୟ ମାନଙ୍କରେ ଲାଇବ୍ରେରୀର ବ୍ୟବହାର ହେଉନାହିଁ । ସରକାର ପ୍ରତିବର୍ଷ ବହି କିଣିବା ପାଇଁ ପଇସା ଦିଅନ୍ତି । ବହି କିଣାଯାଏ କିନ୍ତୁ ପିଲାଙ୍କ ପାଇଁ ନୁହେଁ ,ଆଲମାରୀ ପାଇଁ । ଆଲମାରୀରେ ଥାକ ଥାକ ବହି ସଜା ହୋଇ ଥୁଆଯାଇଥାଏ । ଏହା କେବଳ ପରିଦର୍ଶକଙ୍କ ପାଇଁ ଏଦ୍ଦିଷ୍ଟ । ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ପିଲାଙ୍କୁ ଉତ୍ସାହିତ କରନ୍ତି ନାହିଁ । ବିଭିନ୍ନ ଜିଲ୍ଲାରେ ପୁସ୍ତକ ମେଳା ସବୁ ଅୟୋଜନ ହୁଏ କିନ୍ତୁ ଦର୍ଶକ ମାନେ ବେବଳ ବୁଲି ଆସନ୍ତି । ସଂସ୍କୃତିକ କାର୍ଯ୍ୟକ୍ରମର ମଜା ନିଅନ୍ତି କିନ୍ତୁ ପୁସ୍ତକ କିଣନ୍ତି ନାହିଁ । କମସଂଖ୍ୟକ ପାଠକଙ୍କୁ ନେଇ ପୁସ୍ତକ ବିକ୍ରେତା ତଥା ପ୍ରକାଶକ ମାନେ ଅନେକ କ୍ଷତି ସହିଥାଆନ୍ତି । ଯଦି ଏପ୍ରକାର ଧାରା ଚାଲୁ ରହେ ଆଉ କିଛି ବର୍ଷ ପରେ ପୁସ୍ତକ ମେଳା କେବଳ ମନୋରଂଜନ ପାଇଁ ଆୟୋଜନ ହେବ ।

ଲେଖକଟିଏ ଯେତେ ବେଳେ ଲେଖେ , ସେ ଲେଖା ଭିତରେ ବିଭିନ୍ନ ପ୍ରସଂଗ କୁ ସ୍ଥାନିତ କରେ । କବିତା ହେଉ ,ଗଳ୍ପ ହେଉ ,ନାଟକ ହେଉ କି ପ୍ରବନ୍ଧ ହେଉ ସବୁଥିରେ ସମାଜର କିମ୍ବା ପ୍ରକୃତିର ବାସ୍ତବ ଚିତ୍ର ସ୍ଥାନିତ ହୋଇଥାଏ । ଲେଖା ଗୁଡିକ ସମାଜକୁ କିଛି ବାର୍ତା ଦେଇଥାଏ । ସମାଜକୁ ବଦଳାଇବାରେ ଲେଖକ ମାନଙ୍କର ଭୂମିକା ଗୁରୁତ୍ୱ ପୂର୍ଣ । ଦେଶର ସ୍ୱାଧୀନତା ସଂଗ୍ରାମ ସମୟରେ କବି ,ଲେଖକ ମାନଙ୍କର ଲେଖା ଭାରତୀୟ ମାନଙ୍କୁ ପ୍ରେରଣା ଦେଇଥିଲା । ଅନେକ କବି ଓ ଲେଖକ ମାନଙ୍କର ଲେଖା ପୁସ୍ତକ ଆକାରରେ ବିଦ୍ୟାଳୟ ସ୍ତରରେ ପିଲା ମାନେ ପଢାଯାଏ । ଆଉ କେତେକଙ୍କ ଲେଖା ବିଭିନ୍ନ ପତ୍ର ପତ୍ରୀକାରେ ପ୍ରକାଶିତ ହେଲେ ପାଠକ ମାନେ ତାକୁ ପାଠ କରନ୍ତି ଓ ନିଜର ମତା ମତ ଦିଅନ୍ତି । ଖବର କାଗଜ ଓ ପତ୍ର ପତ୍ରୀକାରେ ଯେଉଁ ଲେଖା ଗୁଡିକ ପ୍ରକାଶିତ ହୁଏ ତାହାକୁ ପ୍ରକାଶକ ମାନେ ଭଲ ରୂପେ ତର୍ଜମା କରି ପ୍ରକାଶ କରନ୍ତି । କାରଣ ସେଥିରେ କିଛି ତଥ୍ୟ କିମ୍ବା ବାର୍ତା ଥିବା ଆବଶ୍ୟକ । ସମାଜର ହିତ ପାଇଁ ଲେଖା ଯୁଗେ ଯୁଗେ ସ୍ମୃତି ହୋଇ ରହିଥାଏ ।

ବୌଦ୍ଧ
ମୋ:୯୯୩୮୭୫୮୩୫୩

## ସଂପାଦକଙ୍କୁ ପତ୍ର

# ଧାର୍ମିକସ୍ଥଳରେ ଶୃଙ୍ଖଳା ରକ୍ଷା ହେଉ

ଧାର୍ମିକ ସ୍ଥଳ ଗୁଡିକରେ ଶୃଙ୍ଖଳା ରକ୍ଷା କରିବା ପାଇଁ ନିୟୋଜିତ ଅଧିକାରୀ ମାନଙ୍କ ନିର୍ଦ୍ଦେଶ ଅମାନ୍ୟ କରି ଅନେକ ଶ୍ରଦ୍ଧାଳୁ ଦୁର୍ଘଟଣାକୁ ସ୍ୱାଗତ କରନ୍ତି, ଫଳରେ ନିଜ ସହିତ ଅନେକ ନିରୀହ ଶ୍ରଦ୍ଧାଳୁ ଦୁର୍ଘଟଣାର ଶିକାର ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ସ୍ୱାଧୀନତାର ମାନେ ନୁହେଁ ଯେ ଆମେ ଯାହା ଇଚ୍ଛା ତା କରିବା, ତେଣୁ ଜନଗହଳି ପୂର୍ଣ୍ଣ ସ୍ଥାନରେ ସଦା ସର୍ବଦା ଆଇନ କାନୁନ ମାନି ଶୃଙ୍ଖଳିତ ଭାବେ ନିଜର ପୂଜାର୍ଚ୍ଚନା , ଉପାସନା ତଥା ପ୍ରାର୍ଥନା ଇତ୍ୟାଦି ଯଥା ଶୀଘ୍ର ସମାପ୍ତ କରି ଅନ୍ୟ ଭକ୍ତ ମାନଙ୍କୁ ସୁଯୋଗ ଦେବା ଉଚିତ ଫଳରେ ଅନ୍ୟ ଶ୍ରଦ୍ଧାଳୁ ମାନେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବେ ନାହିଁ କିମ୍ବା ଅଯଥା ଭିଡ଼ ହେବ ନାହିଁ । ଦୁର୍ଘଟଣା ପରେ ଚିରା ଚରିତ ଭାବେ ଅନୁସନ୍ଧାନ ହୁଏ, ବଡ଼ ବଡ଼ିଆ ଖସି ଯା'ନ୍ତି ବିଚାରା ମୁଣ୍ଡ ଝାଳ ତୁଣ୍ଡରେ ମାରି ସଚ୍ଚୋଟ ଭାବେ କାର୍ଯ୍ୟ ନିର୍ବାହ କରୁଥିବା କିଛି ସ୍ୱଳ୍ପ ବେତନ ଭୋଗୀ କାର୍ଯ୍ୟରୁ ନିଲମ୍ବନ ହୁଅନ୍ତି , ମୃତାହତ ମାନଙ୍କୁ ସରକାର ଟିକସ ପଇସାରୁ କ୍ଷତି ପୂରଣ ଦିଅନ୍ତି ତା' ପରେ ସବୁ ଗରମ ଥଣ୍ଡା , ଯିଏ ଯାହା ବାଟରେ ଚାଲି ଯା'ନ୍ତି କିନ୍ତୁ ସ୍ୱପରିଜନଙ୍କୁ ହରାଇ ଥିବା ବା କ୍ଷତ ବିକ୍ଷତ ହୋଇଥିବା ପରିବାରର ହୃଦୟରେ ସେହି ଦୁଃଖର ନିଆଁ ନ' ଲିଭି ପାଉଁଶ ତଳର ନିଆଁ ପରି ସାରା ଜୀବନ କୁହୁଳୁ ଥାଏ । ଏହା ଭାଗ୍ୟର ବିଡମ୍ବନା ମାତ୍ର । ମନରେ ପ୍ରଶ୍ନ ଉଙ୍କିମାରେ ନିରାପତ୍ତା ଜନିତ ନିୟମ କାନୁନ୍ କୁ ଧର୍ମ ନାମରେ ଅଣଦେଖା କରା ଯାଉଛି କାହିଁକି ? ଭି:ଆଇ:ପି ମାନଙ୍କୁ ଅତ୍ୟଧିକ ସମ୍ବେଦନଶୀଳ ସ୍ଥାନକୁ ଅଣା ଯାଉଛି କାହିଁକି ? ସେମାନେ ଅନ୍ୟ ଦିନ ମଧ୍ୟ ଆସି ପୂଜାର୍ଚ୍ଚନା କରି ପାରିବେ କିନ୍ତୁ ସାଧାରଣ ଜନତା ହୁଏତ ଆସିବା ସମ୍ଭବ ନୁହେଁ । ତେବେ ଏହି ସବୁ ଅସୁବିଧାକୁ ସାମ୍ନା କରିବାକୁ ଆମ ମାନସିକତା ବଦଳିବା ଦରକାର , କେତେକ ଲୋକ ନିଜକୁ ଦେଖେଇ ହେବା ପାଇଁ ଧାର୍ମିକସ୍ଥଳ, ପର୍ଯ୍ୟଟନସ୍ଥଳ ଆଦି ବୁଲିଥାନ୍ତି । ସେମାନେ ନିଜେ କେତେ ଶାନ୍ତି ଓ ଆନନ୍ଦ ପାଆନ୍ତି ତାହା ସେମାନେ ଜାଣନ୍ତି, କିନ୍ତୁ ସେମାନଙ୍କ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ । ସେମାନେ ଏଥିପ୍ରତି ଯତ୍ନବାନ ହେଲେ ଅନେକ କ୍ଷେତ୍ରରେ ଦୁର୍ଘଟଣାକୁ ଏଡ଼େଇ ଦିଆଯାଇପାରିବ ।

ପ୍ରଦୀପ୍ତ କୁମାର ଦାଶ, ପୁରୀ








ମହାଶିବରାତ୍ରି ପର୍ବ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଏ । ଶିବ ଶବ୍ଦର ଆଧ୍ୟାତ୍ମିକ ଅର୍ଥ କଲ୍ୟାଣମୟ । ତେଣୁ ପରିବାର ତଥା ସମାଜର କଲ୍ୟାଣ ପାଇଁ ଲୋକେ ମହାଶିବରାତ୍ରି ପର୍ବ ପାଳନ କରିଥାଆନ୍ତି । ଶିବ କେବଳ ମନୁଷ୍ୟମାନଙ୍କର ନୁହଁନ୍ତି, ଦେବତା ଓ ରାକ୍ଷସମାନଙ୍କର ମଧ୍ୟ ଉପାସ୍ୟ ।

ରାବଣ, ହିରଣାକ୍ଷ, ଭସ୍ମାସୁର, ଗଜାସୁର, ଅନ୍ଧକ, ବାଣାସୁରଆଦି ପ୍ରବଳ ପ୍ରତାପୀ ରାକ୍ଷସ ଶିବଙ୍କର ଉପାସକ ଥିଲେ । ଏହି ଦେବତା ବିରୋଧି ରାକ୍ଷସମାନେ ଶିବ ଉପାସନା କରି ବର ପ୍ରାପ୍ତ ହୋଇଥିଲେ । ପୁଣି ସେ ହେଉଛନ୍ତି ମହାଦେବ ଅର୍ଥାତ୍ ଦେବତାମାନଙ୍କର ଦେବତା । ତେଣୁ ତାଙ୍କୁ ଦେବାଧିଦେବ କୁହାଯାଏ ।

# ଆଧ୍ୟାତ୍ମିକ, ପୌରାଣିକ ଓ ବୈଜ୍ଞାନିକ ମତରେ ଶିବଲିଙ୍ଗର ତତ୍ତ୍ୱ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମହା ଶିବଲିଙ୍ଗର ଅର୍ଥ ହେଉଛି ଭଗବାନ ଶିବ ତଥା ମହାଦେବଙ୍କ ଆଦି-ଅନାଦୀ ସ୍ୱରୂପ । ଶୂନ୍ୟ , ଆକାଶ , ଅନନ୍ତ ବ୍ରହ୍ମାଣ୍ଡ ଏବଂ ନିରାକାର ପରମ ପୁରୁଷଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଲିଙ୍ଗ କୁହାଗଲା । ସ୍କନ୍ଦ ପୁରାଣରେ କୁହାଯାଇଛି , ଆକାଶ ସ୍ୱୟଂ ଲିଙ୍ଗ ଅଟେ । ଧରତୀ ତାହାର ପୀଠ କିମ୍ବା ଆଧାର ଅଟେ ଏବଂ ସମସ୍ତ ଅନନ୍ତ ଶୂନ୍ୟରୁ ଜନ୍ମ ହୋଇଛନ୍ତି , ସେଥିରେ ଲୟ ହେବା କାରଣରୁ ତାହାଙ୍କୁ ଲିଙ୍ଗ କୁହାଗଲା । ବାତାବରଣ ସହିତ ଘୁରୁଥିବା ପୃଥିବୀ କିମ୍ବା ଅନନ୍ତ ବ୍ରହ୍ମାଣ୍ଡର ଅକ୍ଷ ଯାହାକୁ ଇଂରାଜୀରେ ବଘଂସତ୍ତ୍ୱ କୁହଯାଏ ତାହା ଲିଙ୍ଗ ଅଟେ ।

ପୁରାଣରେ ଶିବଲିଙ୍ଗଙ୍କୁ ବହୁ ଅନ୍ୟ ନାମରେ ମଧ୍ୟ ସମ୍ବୋଧିତ କରାଯାଇଛି ଯେପରି : ପ୍ରକାଶ ସ୍ତମ୍ଭ/ଲିଙ୍ଗ , ଅଗ୍ନି ସ୍ତମ୍ଭ/ଲିଙ୍ଗ , ଉର୍ଜା ସ୍ତମ୍ଭ/ଲିଙ୍ଗ , ବ୍ରହ୍ମାଣ୍ଡୀୟ ସ୍ତମ୍ଭ/ଲିଙ୍ଗ । ପୁରାଣରେ ଭଗବାନ ମହେଶ୍ୱରଙ୍କ ମହଣ ମହିମାର ବଖାଣ କରୁଥିବା ଲିଙ୍ଗ ପୁରାଣକୁ ବିଶିଷ୍ଟ ପୁରାଣ କୁହାଯାଏ । ଭଗବାନ ଶିବଙ୍କର ଜ୍ୟୋତିର୍ଲିଙ୍ଗର କଥା , ଈଶାନ-କଳ୍ପର ବୃତ୍ତାନ୍ତ ସର୍ବବିସର୍ଗ ଆଦି ଦଶା ଲକ୍ଷଣ ସହିତ ବର୍ଣ୍ଣିତ ହୋଇଛି । ଭଗବାନ ଶିବଙ୍କ ମହିମା ଲିଙ୍ଗ ପୁରାଣରେ ୧୧,୦୦୦ ଶ୍ଳୋକରେ ବର୍ଣ୍ଣିତ ହୋଇଛି । ଏହା ସମସ୍ତ ପୁରାଣରେ ଶ୍ରେଷ୍ଠ ଅଟେ । ବେଦବ୍ୟାସ କୃତ ଏହି ପୁରାଣରେ ପ୍ରଥମେ ଯୋଗ ପରେ କଳ୍ପ ବିଷୟରେ ବର୍ଣ୍ଣନା କରାଯାଇଛି । ଲିଙ୍ଗ ଶବ୍ଦ ପ୍ରତି ଆଧୁନିକ ସମାଜରେ ବଡ଼ ଧରଣର ଭ୍ରାନ୍ତି ପାଇଛନ୍ତି । ଲିଙ୍ଗ ଶବ୍ଦର ଶାବ୍ଦିକ ଅର୍ଥ ଚିହ୍ନ ଅଥବା ପ୍ରତୀକ ଅଟେ। ଭଗବାନ ମହେଶ୍ୱର ଆଦି ପୁରୁଷ ଅଟନ୍ତି । ଏହି ଶିବଲିଙ୍ଗ ଭଗବାନ ଶଙ୍କରଙ୍କ ଜ୍ୟୋତିରୂପା ଚିନ୍ମୟ ଶକ୍ତିର ଚିହ୍ନ ଅଟେ । ତାହାର ଉଦ୍ଭବ ବିଷୟରେ ସୃଷ୍ଟିର କଲ୍ୟାଣ ପାଇଁ ଜ୍ୟୋତିର୍ଲିଙ୍ଗଦ୍ୱାରା ପ୍ରକଟ ହୋଇ ବ୍ରହ୍ମା ତଥା ବିଷ୍ଣୁଙ୍କ ପରି ଅନାଦି ଶକ୍ତିଙ୍କୁ ମଧ୍ୟ ଆଶ୍ଚର୍ଯ୍ୟରେ ପକାଉଥିବା ଘଟଣାର ବର୍ଣ୍ଣନା ଏହି ପୁରାଣର ବର୍ଣ୍ଣିତ ବିଷୟର ଏକ ପ୍ରଧାନ ଅଙ୍ଗ ଅଟେ। ଆଜିର ଏ ସମାଜ ରେ କିଛି ଅଜ୍ଞାନ ପ୍ରଜାତୀର ପ୍ରାଣୀ ପବିତ୍ର 'ଶିବଲିଙ୍ଗ' କୁ ଯୌନାଙ୍ଗ କହି କିଛି କପୋଳକଳ୍ପିତ

ଜ୍ଞାନ ବାଣ୍ଟିଚାଲିଛନ୍ତି । ଭଗବାନ ଶିବଙ୍କୁ ଅନେକ ପ୍ରକାର ମିଛ ଗଳ୍ପ ରେ ବର୍ଣ୍ଣନା କରି ଚାଲିଛନ୍ତି ଓ ଆମେ ବିଶ୍ୱାସ ମଧ୍ୟ କରି ଚାଲିଛୁ । ତେବେ ପ୍ରକୃତ ରେ 'ଶିବଲିଙ୍ଗ' କଣ ? 'ଶିବଲିଙ୍ଗ' ର ଅର୍ଥ କଣ ? 'ଶିବଲିଙ୍ଗ' କାହାର ପ୍ରତିନିଧିତ୍ୱ କରିଥାଏ ? ପବିତ୍ର 'ଶିବଲିଙ୍ଗ', ସମ୍ପୂର୍ଣ୍ଣ ବାୟୁ ମଣ୍ଡଳ, ଘୁର୍ଣ୍ଣାୟମାନ ପୃଥିବୀ ଓ ପରିବର୍ତ୍ତନଶୀଳ ବ୍ରହ୍ମାଣ୍ଡ ର ଅକ୍ଷକୁ ସୂଚାଇଥାଏ । ଭୁଲ ବୁଝାମଣା, ଅଜ୍ଞାନତା,ବିଦେଶୀ ବିଧର୍ମୀ ମାନଙ୍କ ଦ୍ୱାରା ଆମ ଧର୍ମ ଶାସ୍ତ୍ର ମାନଙ୍କୁ ନଷ୍ଟ କରାଯିବା ହେତୁ ବହୁତ ଲୋକ 'ଶିବଲିଙ୍ଗ' ବିଷୟରେ ଭୁଲ ଧାରଣା ପାଇଛନ୍ତି

ଏକଥା ପ୍ରାୟ ସମସ୍ତଙ୍କୁ ଜଣା ଥିବ କି ସଂସ୍କୃତ ଭାଷା ହେଉଛି ଆଦିଭାଷା ବା ସବୁ ଭାଷାର ଜନକ ଏହାକୁ ଦେବନାଗରୀ ଲିପି ମଧ୍ୟ କୁହାଯାଏ । ଆମେ ଜାଣୁ କି କୌଣସି ଶବ୍ଦର ଅର୍ଥ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ହୋଇଥାଏ । ସେପରି ଏହି ସଂସ୍କୃତ ଭାଷାରେ କିଛି ଏପରି ଶବ୍ଦ ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ରହିଛି। ଉଦାହରଣ ସ୍ୱରୂପ,'ସୂତ୍ର' ଓ 'ଅର୍ଥ' - 'ସୂତ୍ର' କହିଲେ ସୂତା ଓ 'ସୂତ୍ର' କହିଲେ ଗଣିତର ସୂତ୍ର, ବିଜ୍ଞାନର ସୂତ୍ରକୁ ମଧ୍ୟ ବୁଝାଏ । ସେହିପରି 'ଅର୍ଥ' କହିଲେ ଟଙ୍କା,ଧନ,ସମ୍ପତ୍ତିକୁ ବୁଝାଏ ଓ 'ଅର୍ଥ' କହିଲେ କୌଣସି ଶବ୍ଦର ଭାବାର୍ଥକୁ ମଧ୍ୟ ବୁଝାଏ । 'ଲିଙ୍ଗ' ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରତୀକ ଯେମିତିକି ପୁଲିଙ୍ଗର ଅର୍ଥ ପୁରୁଷର ପ୍ରତୀକ ବା ଚିହ୍ନ ଓ ସ୍ତ୍ରୀଲିଙ୍ଗର ଅର୍ଥ ହେଉଛି ସ୍ତ୍ରୀର ପ୍ରତୀକ ବା ଚିହ୍ନ। ସେହିପରି 'ଶିବଲିଙ୍ଗ' ର ଅର୍ଥ ହେଉଛି ଶିବଙ୍କର ପ୍ରତୀକ ବା ଚିହ୍ନ । ଏହା ଶିବଙ୍କର ଯୌନାଙ୍ଗ ବୋଲି ଭାବିବା ଆମର ମସ୍ତବଡ଼ ଭୁଲ। ଯେପରି ଗୋଲାକାର ବାୟୁ ମଣ୍ଡଳ,ଗୋଲାକାର ପୃଥିବୀ ଓ ଗୋଲାକାର ବ୍ରହ୍ମାଣ୍ଡ ରହିଛି ସେପରି ଶିବଲିଙ୍ଗର ଚାରିପାଖର ଗୋଲାକାର ଅଂଶ ରହିଛି । ଅର୍ଥାତ 'ଶିବଲିଙ୍ଗ' ର ଗୋଲାକାର ଅଂଶ ବ୍ରହ୍ମାଣ୍ଡକୁ ବୁଝାଏ ଓ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ ଅଟେ । ବିଜ୍ଞାନ ମଧ୍ୟ ପ୍ରମାଣ କରି ସାରିଛି କି 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଏକ ପ୍ରତୀକ। ଭାରତର ବହୁତ ନାରୀ ଶିବଲିଙ୍ଗଙ୍କୁ ସ୍ପର୍ଶ କରନ୍ତି ନାହିଁ । ସେମାନେ ଭାବନ୍ତିକି ଶିବଲିଙ୍ଗ ହେଉଛି ଶିବଙ୍କର ଯୌନାଙ୍ଗ । ଆମ ମନରେ ଏଭଳି ଅନ୍ଧବିଶ୍ୱାସ ଭରି ଦିଆଯାଇଛି କେବଳ ବିଦେଶୀ ମାନଙ୍କ ଦ୍ୱାରା । ସନାତନ ଧର୍ମ ଏକ ଏପରି ଧର୍ମ ଯାହା କି ବିଜ୍ଞାନ ସହ ଯୋଡି ହୋଇ ରହିଛି । ବିଜ୍ଞାନ ମଧ୍ୟ ଭଗବାନଙ୍କ ଅସ୍ତିତ୍ୱର ପ୍ରମାଣ କରି ସାରିଛି । ଏପରି ମହାନ ଆମ ସନାତନ ଧର୍ମ । ଏବେ ପ୍ରଶ୍ନ ଆସୁଛି 'ଶିବଲିଙ୍ଗ' ର ସୃଷ୍ଟି କିପରି ହେଲା ଆଉ କାକି ହେଲା ?

ସ୍କନ୍ଧ ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନି ଋଷି ମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ । ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନଥିଲା ଓ ମୁନି ଋଷି ମାନଙ୍କର ଧ୍ୟାନ ଭଗ୍ନ ହେଉଥିଲା । ତେଣୁ ସେମାନେ ଦୀପ ଜ୍ୟୋତିର ଏକ ବିକଳ୍ପ ଚିନ୍ତା କଲେ । ଅନନ୍ତ ବ୍ରହ୍ମାଣ୍ଡ ଓ ପୃଥିବୀ ର ଅକ୍ଷକୁ ଚିନ୍ତା କରି ସେମାନେ ପଥରରେ ଏକ ଦୀପ ଜ୍ୟୋତିର ମୂର୍ତ୍ତି ତିଆରି କଲେ ଯାହା କି ଏହି 'ଶିବଲିଙ୍ଗ' । ସେମାନେ ଏହି 'ଶିବଲିଙ୍ଗ' କୁ ଚାହିଁ ଧ୍ୟାନ କରିବା ଆରମ୍ଭ କଲେ ତେଣୁ ଏହା ପରଠାରୁ 'ଶିବଲିଙ୍ଗ' ର ପ୍ରଚଳନ ଆରମ୍ଭ ହେଲା ।

ତେବେ ପଦ୍ମପୁରାଣ ଅନୁସାରେ ଏକଦା ମହର୍ଷି ଭୃଗୁ ସୃଷ୍ଟି ତତ୍ତ୍ୱ ଓ ପରମପିତା ଶିବଙ୍କର ମାହାତ୍ମ୍ୟ ଜାଣିବା ପାଇଁ କୈଳାସରେ ପହଞ୍ଚିଲେ । ଠିକ୍ ? ସେହି ସମୟରେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ଏକ ନିବୃତ ସ୍ଥାନରେ ରତିକ୍ରୀଡ଼ା ଅର୍ଥାତ୍ ? ସୃଷ୍ଟି ସର୍ଜନାରେ ମଗ୍ନ ଥିଲେ । ବହୁଦିନ ଧରି ଅପେକ୍ଷା କରିଥିଲେ ମଧ୍ୟ ମହର୍ଷି ଭୃଗୁ ପରମପିତାଙ୍କର ଦର୍ଶନ କରିପାରିଲେ ନାହିଁ । ଏଥିପାଇଁ ତାଙ୍କର ଧୈର୍ଯ୍ୟଚ୍ୟୁତି ହେବାରୁ ସେ ପରମପିତାଙ୍କୁ ପ୍ରାର୍ଥନା ତଥା ଅଭିଶାପ ଦେଇ କହିଲେ-" ହେ ପରମ ପିତା ! ଆପଣ ଯେଉଁ ଅବସ୍ଥାରେ ନାରୀ ଶକ୍ତି ସହିତ ସଂଯୁକ୍ତ ହୋଇଛନ୍ତି, ସେହି ଅବସ୍ଥାରେ ଏ ଭବମୟ ସାରା ସଂସାରରେ ପୂଜା ପାଇବେ ।" ତାହା ହିଁ ହେଲା । ଭୃଗୁ ଋଷିଙ୍କର କଥା ସତ୍ୟ ହେଲା । ସେହିଦିନରୁ ଭଗବାନ ଶିବ ଲିଙ୍ଗରୂପରେ ପୂଜା ପାଇଆସୁଛନ୍ତି । ସେହିପରି କୋଟିରୁଦ୍ର ସଂହିତା ଅନୁସାରେ ଦେବଦାରୁ ବନରେ ଥିବା ଏକ ଆଶ୍ରମରେ କେତେକ ଋଷି ସପତ୍ନୀକ ଭଗବାନ ଶିବଙ୍କର ପୂଜାର୍ଚ୍ଚନା କରୁଥିଲେ । ଏକଦା ଏହି ସପତ୍ନୀକ ଋଷିମାନଙ୍କୁ ପରୀକ୍ଷା କରିବା ପାଇଁ ଭଗବାନ ଶିବ ସେହି ଆଶ୍ରମରେ ପହଞ୍ଚିଲେ । ଠିକ୍ ? ସେହି ସମୟରେ ଋଷିମାନେ ସମିଧ ସଂଗ୍ରହ ନିମନ୍ତେ ବନକୁ ଯାଇଥିଲେ । ଭଗବାନ ଶିବ ଋଷି ପତ୍ନୀମାନଙ୍କ ସମ୍ମୁଖରେ ନଟରାଜ ରୂପରେ ନୃତ୍ୟ କରିବାକୁ ଲାଗିଲେ । ନୃତ୍ୟ ସମୟରେ ଦେହରୁ ସମ୍ପୂର୍ଣ୍ଣ ବସ୍ତ୍ର ଖସି ଯାଇଥିଲା, ତାଙ୍କର ସେଥିପ୍ରତି ଧ୍ୟାନ ନଥିଲା । ଠିକ୍ ? ସମୟରେ ଋଷିମାନେ ବନରୁ ଫେରି ଭଗବାନ ଶିବଙ୍କର ଏପରି ଉଲଗ୍ନ ଅବସ୍ଥା ଦେଖି କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ, ଏହାଫଳରେ ଶିବଙ୍କ ଲିଙ୍ଗ ତାଙ୍କ ଦେହରୁ ଛିନ୍ନ ହୋଇ ଭୂମିରେ ପଡ଼ିଲା । ଛିନ୍ନ ଲିଙ୍ଗ ଅସ୍ଥିର ହୋଇ ସମଗ୍ର ସଂସାରରେ ବହୁ ଉତ୍ପାତ କଲେ । ଦେବତାମାନେ ବ୍ୟସ୍ତ ହୋଇ ବେଦପତି ବ୍ରହ୍ମା ମାତା ପାର୍ବତୀଙ୍କୁ ଧ୍ୟାନ କଲେ । ବ୍ରହ୍ମାଙ୍କ ଧ୍ୟାନରେ ସନ୍ତୁଷ୍ଟ ହୋଇ ମାତା ପାର୍ବତୀ ସମସ୍ତ ଜାଣିପାରି ମର୍ତ୍ତ୍ୟକୁ ଆଗମନ କଲେ । ମାତା ଭଗବତୀ ଦେବୀ ପାର୍ବତୀ ଶିବଙ୍କର ସେହି ଛିନ୍ନ ଲିଙ୍ଗକୁ ନିଜ ଶକ୍ତିଚକ୍ର (ଯୋନି) ମଧ୍ୟରେ ଧାରଣ କରି ଶାନ୍ତ କରାଇଲେ । ସେହିଦିନ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ସପତ୍ନୀକ ଋଷିମାନେ ଶକ୍ତିଚକ୍ର ସହିତ ଲିଙ୍ଗପୂଜା କଲେ । ଫଳରେ ସେହିଦିନରୁ ଭଗବାନ ଶିବଲିଙ୍ଗ ରୂପରେ ପୂଜା ପାଇଆସୁଛନ୍ତି। ଆଉ ଶିବ ପୁରାଣ ଅନୁସାରେ ଦକ୍ଷପ୍ରଜାପତିଙ୍କ ଯଜ୍ଞରେ ମଙ୍ଗଳମୟ ଦେବାଧିଦେବ ମହାଦେବଙ୍କ ଅପମାନ ସହ୍ୟ କରିନପାରି ମାତା ସତୀ ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଲେ । ଫଳରେ ସତୀଙ୍କୁ ନପାଇ ଭଗବାନ ଶିବ ହତଜ୍ଞାନ ହୋଇ ଦକ୍ଷଯଜ୍ଞ ଭଙ୍ଗ କରିବା ସଙ୍ଗେ ସଙ୍ଗେ ସଂସାରରେ ତାଣ୍ଡବଲୀଳା କରି ସମଗ୍ର ସୃଷ୍ଟିକୁ ପ୍ରଳୟ କରିବାକୁ ଲାଗିଲେ । ସେହି ସମୟରେ ତାଙ୍କ କଟିରୁ ବ୍ୟାଘ୍ରଚର୍ମ ଖସିପଡ଼ିବାଦ୍ୱାରା ସେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇଗଲେ । ଶିବଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଦକ୍ଷ ପ୍ରଜାପତିଙ୍କ ରାଣୀ ନୈବେଦ୍ୟ ଧରି ଶିବଙ୍କ ସମ୍ମୁଖରେ ଉଭା ହେଲେ । ଭଗବାନ ଶିବଙ୍କର ଏପରି ଉଲଗ୍ନ ରୂପ ଦେଖି ରାଗିଯାଇ ବଡ଼ପାଟିରେ କହିଲେ, " ମୁଁ ତୁମର ମାତୃତୁଲ୍ୟ, ତୁମେ ମୋ ସମ୍ମୁଖରେ ଉଲଗ୍ନ ହୋଇ ଲିଙ୍ଗ ପ୍ରଦର୍ଶନ କଲ । ତେଣୁ ତୁମେ ଯୁଗେ ଯୁଗେ ଏହି ଲିଙ୍ଗ ରୂପରେ ପୂଜା ପାଅ । ତାହା ହିଁ ହେଲା । ସେହିଦିନରୁ ଭଗବାନ ଶିବଶଙ୍କର ସମଗ୍ର ସଂସାରରେ ଲିଙ୍ଗରୂପରେ ପୂଜା ପାଇ ଆସୁଛନ୍ତି । ତେବେ ତତ୍ତ୍ୱ ଜନିତ ଓ ବୈଜ୍ଞାନିକ ପ୍ରାମାଣିକ ଅନୁସାରେ ଶୂନ୍ୟ , ଆକାଶ , ଅନନ୍ତ ବ୍ରହ୍ମାଣ୍ଡ ଏବଂ ନିରାକାର ପରମ ପୁରୁଷଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଲିଙ୍ଗ କୁହାଗଲା ଯାହା ଶିବଲିଙ୍ଗ ନାମରେ ନାମିତ ଆଉ ଏହା ହିଁ ପ୍ରକୃତ ସତ୍ୟ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ - ୮୨୪୯୫୦୨୭୭୬**






# ଓଁ ନମଃ ଶିବାୟ"

**କାଳି ଦାସ**

ସଂପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡ ଶିବଙ୍କ ଭକ୍ତି ରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସ ର କୃଷ୍ଣ ପକ୍ଷ ଚତୁର୍ଦସୀ ତିଥି କୁ ଶିବରାତ୍ରି ଭାବ ରେ ପାଳନ କରଯାଏ । ଲୋକମାନେ ଶିବ ମନ୍ଦିର ରେ ରାତି ସାରା ଘିଅ ଦୀପ ଜାଳି ଉଜାଗର ରହନ୍ତି ବୋଲି ଏହାକୁ ଜାଗର ଅମାବାସ୍ୟା ମଧ୍ୟ କହନ୍ତି ।

ଶିବରାତ୍ରି ସାରା ଭରତ ବର୍ଷ ରେ ମହା ଆନନ୍ଦ ଓ ଆଡମ୍ବର ରେ ପାଳନ କରନ୍ତି । ଏହି ପର୍ବ ରେ ଶିବ ମନ୍ଦିର ଗୁଡିକୁ ସୁନ୍ଦର ଭାବ ରେ ସଜାଇ ଦିଆଯାଏ । ପୂଜକ ଗଙ୍ଗାଜଳ ପୁଷ୍ପ ମହୁ ଘିଅ ଲେମ୍ବୁ ରେ ମହାଦେବଙ୍କୁ ସ୍ନାନ କରିଦିଅନ୍ତି । ଶିବଙ୍କ ପ୍ରିୟ ପୁଷ୍ପ ଧୁତୁରା ଅରଖ ଏବଂ ବେଲପତ୍ର ରେ ସଜାଯାଏ । ଭକ୍ତ ମାନେ ପୁଷ୍ପ ନୈବେଦ୍ୟ ଆଦି ଦେଇ ସ୍ତବ ପାଠ କରନ୍ତି । ଭକ୍ତ ମାନେ ମାନସିକ ରଖି ନିର୍ଜଳ ଉପବାସ କରନ୍ତି । ରାତି ରେ ଉଜାଗର ରହି ସାରା ରାତି ମନ୍ଦିର ବେଢାରେ ଘିଅ ଦୀପ ଜାଳି ଶିବଙ୍କ ନିକଟରେ ନିଜର ତଥା ନିଜ ପରିବାର ର ମଙ୍ଗଳ କାମନା କରନ୍ତି ।ମଧ୍ୟ ରାତ୍ରି ରେ ପ୍ରଧାନ ପୂଜକ ମନ୍ଦିର ଉପରେ ମହାଦୀପ ରଖିଦେଇ ଆସନ୍ତି । ଏହି ମହାଦୀପ ଦର୍ଶନ ରେ କୋଟିଜନ୍ମ ର ପାପ ଧ୍ୱଂସ ହୋଇ ପୂଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ଭକ୍ତ ମାନଙ୍କର ବିଶ୍ୱାସ । ତେଣୁ ମହାଦୀପ ଦର୍ଶନ କରିବା ପାଇଁ ମନ୍ଦିର ବେଢାରେ ହଜାର ହଜାର ଭକ୍ତ ଉପସ୍ଥିତ ଥାନ୍ତି । ଶଙ୍ଖ , ହୁଳହୁଳି , ଘଣ୍ଟି ଓ ମାର୍ଦ୍ଦଳ ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ ହୋଇ ଉଠେ । ସମସ୍ତଙ୍କ ମନରେ ଅପାର ଆନନ୍ଦ ର ଲହରୀ ଖେଳି ଯାଏ । ପ୍ରତ୍ୟେକ ଭକ୍ତଙ୍କ ହୃଦୟରେ ଅପୂର୍ବ ଧର୍ମଭାବ ଦେଖାଯାଏ ।

ଭକ୍ତ ତଥା ଯାତ୍ରୀ ମାନଙ୍କ ସକାଶେ ମନ୍ଦିର ବାହାର ରେ ବହୁତ ଦୋକାନ ବସିଥାଏ । ରାତ୍ର ସାରା ଦୋକାନ ମାନଙ୍କରେ ବିକାକିଣା ଚାଲିଥାଏ । କେତକ ସ୍ଥାନ ରେ ଶିବ ମନ୍ଦିର ପାଖରେ ଦଶ ପନ୍ଦର ଦିନ ପର୍ଯ୍ୟନ୍ତ ମେଳା ବସେ । ମେଳାରେ ଲୋକେ ଆନନ୍ଦ ସହିତ ବୁଲନ୍ତି । ମନ୍ଦିର ବାହାରେ ଶିବରାତ୍ରି ଦିନ ଅନେକ ଦଖି ଗରିବ ଓ ଭିକାରି , ଯାତ୍ରୀ ମାନଙ୍କ ଠାରୁ ଭିକ ମାଗନ୍ତି । ଯାତ୍ରୀ ମାନେ ଖୋଲା ମନରେ ଦାନ ଦେଇଥାନ୍ତି ।

ସାରା ଭାରତ ବର୍ଷ ରେ ଥିବା ଦ୍ୱାଦଶ ଜୋତିର୍ଲିଙ୍ଗ ସହିତ ଆମ ରାଜ୍ୟ ଓଡିଶା ରେ ମଧ୍ୟ ଶିବରାତ୍ରି ପର୍ବ ମହା ଆଡମ୍ବର ରେ ପାଳନ କରାଯାଏ । ଆମ ଓଡିଶା ର ଭୁବନେଶ୍ୱର ରେ ଥିବା ଲିଙ୍ଗରାଜ ମନ୍ଦିର , ପୁରୀର ଲୋକନାଥ ମନ୍ଦିର , ଓ ଢେଙ୍କାନାଳ ର କପିଳାସ ପର୍ବତ ଉପରେ ଥିବା ଚନ୍ଦ୍ରଶେଖର ମନ୍ଦିର ଭାରତ ପ୍ରସିଦ୍ଧ । ଶିବରାତ୍ରି ଦିନ ଏହି ମନ୍ଦିର ଗୁଡିକ ରେ ବହୁତ ଭକ୍ତ ଜମା ହୁଅନ୍ତି । ସାରା ଭାରତ ବର୍ଷ ର ଲକ୍ଷ ଲକ୍ଷ ଶିବଭକ୍ତ ଶିବରାତ୍ରି ପର୍ବକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହିତ ଓ ବିଶ୍ୱାସ ସହିତ ପାଳନ କରନ୍ତି।

ଭାରତ ରେ ଅନେକ ପର୍ବ ପାଳନ କରାଯାଏ ।ମହା ଶିବରାତ୍ରୀ ଭାରତ ର ଏକ ପ୍ରମୁଖ ମାତ୍ର ପର୍ବ । ଶିବଙ୍କ ଜନ୍ମଦିନ କୁ ଆମେ ଶିବ ରାତ୍ରୀ ରୂପେ ପାଳନ କରୁ । ଶିବ ହେଲେ ହିନ୍ଦୁ ଧର୍ମ ର ପ୍ରମୁଖ ଦେବତା । ମାହାଶିବରାତ୍ରୀ କୃଷ୍ଣ ପକ୍ଷ ର ଚତୁର୍ଦସୀ ରେ ପାଳନ କରାଯାଇଥାଏ । ଭଗବାନ ଶିବଙ୍କ ଜନ୍ମ ଦିନ କୁ ଭକ୍ତ ମାନେ ମହାଉତ୍ସବ ରୂପେ ପାଳନ କରିଥାନ୍ତି । ଭଗବାନ ଶିବଙ୍କୁ ତେତିଶ କୋଟି ଦେବୀ ଏବଂ ଦେବତା ମାନଙ୍କ ଭିତରେ ପ୍ରମୁଖ ଦେବ ରୂପେ ମାନାଯାଏ ସେଥିପାଇଁ ଶିବଙ୍କୁ ମହାଦେବ ବୋଲି କୁହାଯାଏ । ପୁରାଣ ଅନୁସାରେ ଭଗବାନ ଶିବଙ୍କ ୧୦୦ ଠାରୁ ଅଧିକ ନାମ ଅଛି କିନ୍ତୁ ଶିବଙ୍କ ନାମ ଯେମିତି କି ଭୋଲେନାଥ , ଜଟାଧାରୀ ,ଶିବ ପଶୁପତି ପର୍ବତନାଥ ରୂପେ ଭକ୍ତ ମାନେ ପୂଜା କରନ୍ତି ।

ପୁରାଣ ର କଥା ଅନୁସାରେ ଭଗବାନ ଶିବ ପଶୁ ପ୍ରେମୀ ଥିଲେ । ଶିବ ପୁରାଣ ଅନୁସାରେ ଭଗବାନ ଶିବ ଛ ମାସ ପାଇଁ କୈଳାସ ପର୍ବତ ଠାରେ ତପସ୍ୟା ଏବଂ ଜପ କରିଥିଲେ । ଭଗବାନ ଶିବ ଛ ମାସରେ ଜୀବଜନ୍ତୁ ଏବଂ କୀଟପତଙ୍ଗଙ୍କୁ ନିଜ ତପସ୍ୟା ଭିତରେ ସ୍ଥାନ ଦେଇଥିଲେ । ସେମାନେ ବି ଆନନ୍ଦ ରେ ରହୁଥିଲେ । ଶିବ ଭଗବାନ ନିଜ ତପସ୍ୟା ର ଛ ମାସ ପରେ କୈଳାସ ପର୍ବତ ରୁ ଓହ୍ଲାଇ ଆସି ଶ୍ମଶାନ ଘାଟ ରେ ରହିଥିଲେ । ସେହିଦିନ କୁ କୃଷ୍ଣ ଏକାଦେଶୀ ରୂପେ ପାଳନ କରାଯାଇଥାଏ । ଭାରତ ରେ ଶିବରାତ୍ରୀ ର ମହତ୍ୱ ବହୁତ ଅଛି । ଏହି ଦିନ ଶିବ ମନ୍ଦିର ରେ ଶିବଙ୍କ ମୂର୍ତ୍ତି କୁ ସ୍ନାନ କରାନ୍ତି ଏବଂ ଫୁଲ ଏବଂ ଫଳ ରେ ସଜା ଯାଏ । ଏହି ଦିନ ଶିବ ଭକ୍ତ ଉପବାସ ରଖନ୍ତି । ଭକ୍ତମାନେ କେବଳ ଖିର ଏବଂ ଫଳ ସେବନ କରନ୍ତି । ଭକ୍ତ ମାନେ ନିଜ ସୁବିଧା ସମୟ ଓ ପରିସ୍ଥିତି ଦେଖି ଶିବ ମନ୍ଦିର ରେ ଫଳ ଏବଂ ଖିର ନେଇଯାଇଥାନ୍ତି ଏବଂ ଭଗବାନ ଶିବଙ୍କ ପ୍ରତିମା କୁ ଖିର ଦ୍ୱାରା ଶ୍ରଦ୍ଧାଞ୍ଜଳି ଦିଅନ୍ତି ଏବଂ ଫଳ କୁ ପ୍ରସାଦ ରୂପରେ ଦିଅନ୍ତି । ଏହି ଦିନ ଭଗବାନ ଶିବଙ୍କୁ ବାହାନା ନନ୍ଦୀ ରେ ପୂଜା ଅର୍ଚ୍ଚନା କରାଯାଇଥାଏ । ଏବଂ ମାନାଯାଏ କି ଏମତି କଲେ ପୁନ୍ୟ ପ୍ରାପ୍ତ ହୋଇଥାଏ । ଶିବରାତ୍ରୀ ଦିନ ଗଙ୍ଗା ରେ ସ୍ନାନ କାଲେ ପୁନ୍ୟ ପ୍ରାପ୍ତ ହୁଏ । ମାହାଶିବରାତ୍ରୀ ଏମିତି ପାଳନ କରାଯାଇଥାଏ । ମାହାଶିବରାତ୍ରୀ ଦିନ ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥାଏ । ଏହି ଦିନ କେତକ ସ୍ଥାନ ରେ ମେଳା ର ଆୟୋଜନ ମଧ୍ୟ କରାଯାଏ । ପୁରା ଭାରତ ରେ ଏହି ପର୍ବ ହାର୍ଷ ଉଲ୍ଲାସ ରେ ପାଳନ କରାଯାଇଥାଏ । ମନ୍ଦିର କୁ ଏହି ଦିନ ଫୁଲ ରେ ସଜାଇଦିଆଯାଇଥାଏ । ଭକ୍ତ ମାନେ କିଛି ନ ଖାଇ ବ୍ରତ ଏବଂ ଉପବାସ ରେ ରହନ୍ତି । ସକାଳୁ ସକାଳୁ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଥାଏ । ଭକ୍ତ ମାନେ ଫଳ, ବରକୋଳି , ଖିର ଏବଂ ଦହି ନେଇ ମନ୍ଦିର ରେ ପ୍ରବେଶ କରନ୍ତି । ମନ୍ଦିର ରେ ଶିବଲିଙ୍ଗ ରେ ଜଳ ଏବଂ ପଞ୍ଚାମୃତ ଦ୍ୱାରା ସ୍ନାନ କରାଯାଏ ।

**ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର ,**
**ଫୋନ ନମ୍ବର - ୭୨୦୫୧୦୦୮୩୯**

cmyk cmyk cmyk

# ଚାଷୀଙ୍କୁ ମିଳୁନି ମୁଗ, ବିରି ଓ ବାଦାମ ବିହନ

ଦେବଗଡ଼ (ପିପିଏସ୍): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକକୁ ଆସୁଥିବା ବିରି, ମୁଗ, ବାଦାମର ବିହନ ସହ ବିଭିନ୍ନ କୃଷି ଜାତୀୟ ଔଷଧ ଚାଷୀଙ୍କୁ ମିଳୁନାହିଁ । ତେବେ ବ୍ଲକ କୃଷି ଅଧିକାରୀଙ୍କ ଜ୍ଞାତସାରରେ ଜନୈକ ବ୍ୟକ୍ତିଙ୍କ ସହାୟତାରେ ଲକ୍ଷାଧିକ ଟଙ୍କାର ବିହନ ଖୋଲା ବଜାରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି । ପ୍ରକୃତ କଥା ହେଲା ପ୍ରକୃତ ଚାଷୀ ଏହା ପାଆନ୍ତି ନାହିଁ। ଏହି ଅଫିସରେ ୮ ଜଣ ଷ୍ଟାଫ୍ ଥିଲେ ମଧ କେହି କାମକୁ ନୁହେଁ । ଗ୍ରାମ୍ୟ କୃଷି କର୍ମଚାରୀ ବସି ବସି ଦରମା ନେବା ସାର ହେଉଛି । ସହକାରୀ କୃଷି ଅଧିକାରୀ ଗୌରୀଶଙ୍କର ପ୍ରଧାନଙ୍କ କାର୍ଯ୍ୟସ୍ଥଳ କୁଣ୍ଢେଇଗୋଳା ହୋଇଥିଲେ ମଧ ସେ ହେଡ୍‌କ୍ୱାର୍ଟରରେ ବସି ବସି ଦରମା ନେବା ସହ ଦଳୀୟ ନେତାଙ୍କ ହାତବାରିସି ସାଜିଥିବା ଅଭିଯୋଗ ହେଉଛି ।ନିକଟରେ ବାଦାମ ମଞ୍ଜି ଆସିଥିଲା। ସେ ବାଦାମ ମଞ୍ଜି ଚାଷୀ ନପାଇ ଉଭାନ୍ ହେଇଗଲା । ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କିମ୍ବା ଭିଜିଲାନ୍ସ ତଦନ୍ତ କଲେ ବହୁ ଗୁମର ପଦାରେ ପଡିବ ବୋଲି ଅସଲି ଚାଷୀମାନେ ଦାବି କରିଛନ୍ତି ।




## ଜଗନ୍ନାଥ ସାଗର ବୁଲି ଦେଖିଲେ ସର୍ବୋଚ୍ଚ ଯନ୍ତ୍ରୀ

ଜୟପୁର: - ଜୟପୁର ସ୍ଥିତ ଜଗନ୍ନାଥ ସାଗର ପୁଣି ଥରେ ହେବ ପୁନଃ ଉଦ୍ଧାର। ପୁଣି ଥରେ ହେବ ଡିପିଆର ପ୍ରସ୍ତୁତ। ପୁଣି ଆସିବ ଅର୍ଥ ଏହିପରି କିଛି ମନ୍ତବ୍ୟ ଦେଇଛନ୍ତି ଆଜି ଜଗନ୍ନାଥ ସାଗର ପରିଦର୍ଶନରେ ଦିନିକିଆ ଗସ୍ତରେ ଆସିଥିବା ଅବସରପ୍ରାପ୍ତ ଇଞ୍ଜିନିୟର ଇନ ଚିଫ ହାଡିବନ୍ଧୁ ବେହେରା। ଆଜି ସକାଳୁ ସେ ଜୟପୁର ଗସ୍ତରେ ଆସି ଜଗନ୍ନାଥ ସାଗରର ଚାରିକଡ ବୁଲି ଦେଖିଥିଲେ। ସାଗର ପୁନଃ ଉଦ୍ଧାର କରିବା ନିମନ୍ତେ ଡିପିଆର ପ୍ରସ୍ତୁତ କରି ଦେବା ପାଇଁ କହିଥିଲେ। ଖୁବ ଶୀଘ୍ର ଡିପିଆର ଦେଲେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ। ସାଗର ବୁଲି ଦେଖିବା ପରେ ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ସସ୍ୟାରେଡ୍ଡୀଙ୍କ ସହ ଭେଟି ଭୁବନେଶ୍ୱର ଚାଲିଯାଇଥିଲେ। ଜଗନ୍ନାଥ ସାଗର ହେଉଛି ଜୟପୁର ସହରର ପାଣ କେନ୍ଦ୍ର। ସାଗର ବର୍ତମାନ ପାଣି ନିଷ୍କାସନ କରିବା ପରେ ଗୋରୁ ଗାଇର ଚରାଭୁଇଁ ପାଲଟି ଯାଇଛି । ଗଛଲତାରେ ପରିପୂର୍ଣ୍ଣ ହୋଇଗଲାଣି ଏହି ସାଗର। ବର୍ତମାନ ସହରବାସୀ ଜଗନ୍ନାଥ ସାଗରର ପୁନଃଉଦ୍ଧାର କରିବା ପାଇଁ ଦାବି କରିଛନ୍ତି ।

# ପୌର କର୍ମଚାରୀଙ୍କ ଧାରଣା
## ବେତନ ସହ ସ୍ଥାୟୀ ନିଯୁକ୍ତି ଦାବି



ଟିଟିଲାଗଡ଼, (ପିପିଏସ୍): ରାଜ୍ୟର ବିଭିନ୍ନ ପୌର ପରିଷଦର ସଫେଇ କର୍ମଚାରୀ ସମେତ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଠିକାଦାର ହାତରେ ସମର୍ପି ଦିଆଯାଇଛି କ୍ଷ ତେବେ ଏନେଇ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଟିଟିଲାଗଡ଼ ପୌର ପରିଷଦରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ । ଦୀର୍ଘ ୨୦ରୁ ୨୫ ବର୍ଷ ଧରି ନିଯୁକ୍ତ ହୋଇ ସଫେଇ ଭଳି ଜରୁରୀ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ବଦଳରେ ତଡାଯାଇଥିଲା । ଠିକାଦାରଙ୍କ ହାତରେ ସଫେଇ କାର୍ଯ୍ୟ ନ୍ୟସ୍ତ କରାଯାଇଥିବା ବେଳେ ସଫେଇ କର୍ମଚାରୀଙ୍କ ପରିବାରଙ୍କ ଭାଗ୍ୟ ଭରସାରେ। ସେହିଭଳି ଟିଟିଲାଗଡ଼ ପୌର ପରିଷଦରେ ଜାଗୁଆଳି, ବିଭିନ୍ନ ପାର୍କରେ ମାଳି, ପିଅନ, ସୁପରଭାଇଜର, ଆକାଉଣ୍ଟ ଆସିଷ୍ଟାଣ୍ଟ ଆଦି କାର୍ଯ୍ୟ ପାଇଁ ଠିକା ସଂସ୍ଥା ଜରିଆରେ ୫୧ ଜଣ କର୍ମଚାରୀ ନିଯୁକ୍ତ ଅଛନ୍ତି । ହେଲେ କର୍ମଚାରୀଙ୍କ ପରିବାରର ସୁରକ୍ଷା ନେଇ ଆଇନ ମୁତାବକ ଭବିଷ୍ୟନିଧି (ଇପିଏଫ ), ଇଆଇସି ତ ଦୂରର କଥା ମାସକୁ ମାସ କର୍ମଚାରୀଙ୍କ ବେତନ ମଧ ମିଳୁନାହିଁ । ଏନେଇ କର୍ମଚାରୀ ମାନେ ବାରମ୍ବାର ପୌର ନିର୍ବାହୀ ଅଧିକାରୀ ଓ ପୌରାଧକ୍ଷା ଙ୍କୁ ଜଣାଇବା ପରେ ମଧ କୌଣସି ସୁଫଳ ନ ମିଳିବାରୁ ଟିଟିଲାଗଡ଼ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପର୍ଯ୍ୟନ୍ତ କଥା ଯାଇଛି । କର୍ମଚାରୀ ବସନ୍ତ ବେହେରା, ସୁଧିର ରାୟ, ସୀତୁ ପାଢ଼ୀ, ବରୁଣ ଦୀପ, ସୁନିଲ ସେଠ, କଲ୍ୟାଣୀ ସାହୁ, ଜୟନ୍ତୀ ଜାଲ, ନିହାର ରଞ୍ଜନ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ଇପିଏଫ ଜମା ବାବଦକୁ ଠିକାଦାର ତାଙ୍କ ବେତନରୁ ୧୬୦୦ ଟଙ୍କା ପର୍ଯ୍ୟନ୍ତ କାଟି ରଖୁଛି । ହେଲେ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଇପିଏଫ ଟଙ୍କା ଜମା ନକରି ହଡପ କରାଯାଇଛି । ଏନେଇ ଲକ୍ଷ ଲକ୍ଷ ଟଙ୍କା ସମ୍ପୃକ୍ତ ଠିକା ସଂସ୍ଥା ହଡପ କରିଥିବା କର୍ମଚାରୀ ଅଭିଯୋଗ କରିଛନ୍ତି । ନିରିହ ଅସ୍ଥାୟୀ କର୍ମଚାରୀଙ୍କ ପ୍ରତି ଠିକା ସଂସ୍ଥାର ଏଭଳି ମନୋଭାବ ନେଇ କଂଗ୍ରେସ ନେତା ବୀରେନ୍ଦ୍ର ବାଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଉକ୍ତ ଠିକା ସଂସ୍ଥା ମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କର୍ମଚାରୀଙ୍କ ପରିବାର ପେଟ ମାରୁଥିବା ଠିକାଦାରକୁ ତଡାଯାଉ ବୋଲି ସେ ଦାବି କରିଛନ୍ତି ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଘୁ.ଉଦୟଗିରି: ସ୍ଥାନୀୟ ବ୍ଲକ୍ ପ୍ରେକ୍ଷାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ରତୁରଜ୍, ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ସିଡିଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ପିଏ.ଆଇଟିଡିଏ ଗଦାଧରପାତ୍ର, ତହସିଲଦାର ରଞ୍ଜନ କୁମାର ସାହୁ,ବିଡିଓ ମନୋଜ କୁମାର ଦେବତା, ଅଧକ୍ଷା ସୁଷମା ପ୍ରଧାନଙ୍କ ଉପସ୍ଥିତିରେ ସ୍ଥାନୀୟ ବ୍ଲକ୍ ଅନ୍ତର୍ଗତ ୮ ଟି ପଞ୍ଚାୟତ ଏବଂ ଏନଏସି ବାସିନ୍ଦାଙ୍କ ଅଭିଯୋଗ ଗ୍ରହଣ କରାଯାଇଥିଲା ।

# ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପଦବୀ ପୂରଣ ଦାବି

ଭବାନୀପାଟଣା : କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରୁ ନାମ ପରିବର୍ତ୍ତନ ହୋଇ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ହେଲା। ତଥାପି ପୂରଣ ହେଲାନି ପଦବୀ। ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଏବେ ଅନେକ ପଦବୀ ଖାଲିପଡିଛି । ଯାହାକୁ ନେଇ ଜିଲାର ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଧାନସଭାରେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ବିଭିନ୍ନ ବିଭାଗରେ ମୋଟ ୧୧୨ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର, ସହଯୋଗୀ ପ୍ରଫେସର ପଦବୀ ମଧରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨୧ ଜଣ ନିୟମିତ ଭାବରେ କାର୍ଯ୍ୟ କରୁଛନ୍ତି । ଅବଶିଷ୍ଟ ୯୧ଟି ପଦବୀ ଖାଲିପଡିଛି । ଏଥିରେ ମାନବ ବିଜ୍ଞାନ ବିଭାଗରେ ଗୋଟିଏ ପଦବୀ ଖାଲି ପଡିଥିବାବେଳେ ଉଦ୍ଭିଦ ବିଜ୍ଞାନ ୭, ରସାୟନିକ ବିଜ୍ଞାନରେ ୭, ବାଣିଜ୍ୟ ୭, ଅର୍ଥନିତୀ ୬, ଶିକ୍ଷାରେ ୭, ଇଂରାଜୀ ୪, ଭୂଗୋଳରେ ୪, ଇତିହାସ ୭, ଗଣିତ ୭, ଓଡିଆରେ ୭, ଭୌତିକ ବିଜ୍ଞାନରେ ୫, ରାଜନିତୀ ବିଜ୍ଞାନ ୪, ସଂସ୍କୃତ ୭, ସାମାଜିକ ବିଜ୍ଞାନ ୪ ଓ ଜୀବବିଜ୍ଞାନରେ ୭ଟି ପଦବୀ ଖାଲିପଡିଛି । ଏହାସହ ବିଶ୍ୱବିଦ୍ୟାଳୟରେ ୨୭ଜଣ ସରକାରୀ ଅଧାପକ କାର୍ଯ୍ୟକରୁଥିବାବେଳେ ୪୮ ଅତିଥି ଅଧାପକଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ମା’ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ବର୍ଗରେ ୯୦ରୁ ୯୦ଟି ମଞ୍ଜୁରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ପଦବୀ ଖାଲିପଡିଛି । ଅଦ୍ୟାବଧି ବିଶ୍ୱବିଦ୍ୟାଳୟରେ ନିୟମିତ ଭାବେ କୌଣସି କର୍ମଚାରୀ ନିଯୁକ୍ତି ହୋଇପାରିନାହାନ୍ତି । ସେହିପରି ବର୍ତ୍ତମାନ ବିଶ୍ୱ ବିଦ୍ୟାଳୟରେ ୮୫ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ସେଥିମଧରୁ ନିୟମିତ ୮, ୭୬ଚୁକ୍ତିଭିତ୍ତିକ ଓ ଜଣେ ଦୈନିକ ମଞ୍ଜୁରୀପ୍ରାପ୍ତ କର୍ମଚାରୀ ଅଛନ୍ତି । ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମିର ଉନ୍ନତି ପାଇଁ ୨୦୨୦-୨୧ ଠାରୁ ୨୦୨୪-୨୫ ମସିହା ପର୍ଯ୍ୟନ୍ତ ସମୁଦାୟ ୪୭କୋଟି ୩୨ଲକ୍ଷ ୬୮ହଜାର ୫୬୦ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ସେଥିମଧରୁ ମୋଟ ୩୬କୋଟି ୬୬ଲକ୍ଷ ୫୩ହଜାର ୭୯୨ଟଙ୍କା ପ୍ରଦାନ କରାଯାଇଛି । ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କଳାହାଣ୍ଡି ଓ ନୂଆପଡା ଜିଲା ଅନୁବନ୍ଧିତ ରହିଛି । ଗତ ୨୧ ତାରିଖ ବିଧାନସଭାରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ ବିଶ୍ୱବିଦ୍ୟାଳୟରେ କେତେ ଅଧାପକ ଓ କର୍ମଚାରୀ ପଦବୀ ଖାଲି ପଡିଛି ତାହା ଉପରେ ପ୍ରଶ୍ନ କରିଥିଲେ। ଏହାସହ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଜବାବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପରୋକ୍ତ ଖାଲି ପଡିଥିବା ଅଧାପକ ଓ କର୍ମଚାରୀ ପଦବୀ ଉପରେ ସୂଚନା ଦେବା ସହ ଭିତ୍ତିଭୂମି ଉନ୍ନତି ପାଇଁ ଦିଆଯାଇଥିବା ଅନୁଦାନ ଉପରେ କହିଥିଲେ। ସେହିପରି ବିଶ୍ୱବିଦ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁ କାର୍ଯ୍ୟ ପ୍ରଭାବିତ ହେଉଛି । ଖାଲିପଡିଥିବା ପଦବୀ ପୂରଣ ପାଇଁ ପ୍ରତିବର୍ଷ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହାସହ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ଭିତ୍ତିଭୂମି ପାଇଁ ଅର୍ଥ ଯୋଗାଇ ଦିଆଯାଉଛି । ଆଇନଗତ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

## ସାମ୍ବାଦିକଙ୍କ ପନ୍ନୀ ବିୟୋଗ

ବଲାଙ୍ଗିର : ବଲାଙ୍ଗୀର ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ତଥା ଦେଓଗାଁ ନିବାସୀ ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁଙ୍କ ଧର୍ମପନ୍ନୀ ଗୌର(୪୩)ଙ୍କ ଭୁବନେଶ୍ୱରସ୍ଥିତ ଏମ୍ସ ଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ପ୍ରାୟ ମାସେ ହେବ ସେ ଚିକିତ୍ସାଧୀନ ଥିବା ବେଳେ ଆଜି ସନ୍ଧ୍ୟାରେ ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି । ଏକମାତ୍ର ପୁଅ ଓମକାରା, ବଡ ଝିଅ ଲକ୍ଷ୍ମୀ ଓ ସାନଝିଅ ନିଳାମା ଥିବା ବେଳେ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାଯାଇଛି । ଶ୍ରୀ ସାହୁଙ୍କ ପନ୍ନୀ ବିୟୋଗରେ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ସମେତ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି ।

# ଗୁପ୍ତେଶ୍ୱର ମନ୍ଦିର ଟିକଟ ବ୍ୟବସ୍ଥା ଉଚ୍ଛେଦକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଜୟପୁର : ଗୁପ୍ତେଶ୍ୱର ମହାଦେବଙ୍କ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ କରାଯାଇଥିବା ଟିକଟ ବ୍ୟବସ୍ଥାକୁ ବିରୋଧ କରି ଆଜି ବୈପାରିଗୁଡା ହିନ୍ଦୁ ସମାଜ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କୋରାପୁଟ ଜିଲ୍ଲାର ପ୍ରଶିଦ୍ଧ ଶୈବପୀଠ ରାଜ ରାଜୁଡା ଅମଳରୁ ପୂଜା ପାଇ ଆସୁଛି । ଭକ୍ତ ମାନଙ୍କ ଅଧିକ ସମାଗମ ହେଲେ ଅଂଚଳର ନା ବଢିବା ସହ ଅଂଚଳର ବିକାଶ ହେଉଛି । କିନ୍ତୁ, ଦୁଃଖର କଥା ଅଂଚଳର ମହାଦେବଙ୍କୁ ଦର୍ଶନ କରିବାକୁ ପ୍ରଶାସନ ୧୦ ଟଙ୍କା ଖଜଣା ଦେବାକୁ ବାଧ କରୁଛନ୍ତି । ଏହା ଏକ ଲଜ୍ୟାର ବିଷୟ ଅଟେ । ଯେତେବେଳେ ଖ୍ରୀଷ୍ଟ ଧର୍ମର ବ୍ୟକ୍ତି ଏବଂ ମୁସଲମାନ ଧର୍ମର ବ୍ୟକ୍ତି ବିଶେଷଙ୍କୁ ତାଙ୍କର ପ୍ରଭୁଙ୍କୁ ଦର୍ଶନ କରିବା ନିମନ୍ତେ କୌଣସି ଖଜଣା ଆଦାୟ କରାଯାଉନାହିଁ । ଏପରିକି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଓ ପୁରୀର ଜଗନ୍ନାଥ ମନ୍ଦିରରେ ମଧ ଟିକଟ ବ୍ୟବସ୍ଥା କରାଯାଇ ନାହିଁ। ତେଣୁ କାହିଁକି ଏଠି ଆଦାୟ କରାଯାଉଛି ଓ ହିନ୍ଦୁମାନଙ୍କୁ ଅନ୍ୟାୟ କରାଯାଉଛି ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଯଦି ପ୍ରଶାସନ ସବୁଦିନ ପାଇଁ ଏହି ଟିକଟ ବ୍ୟବସ୍ଥାକୁ ନ ଉଠାନ୍ତି ତେବେ ଆଗାମୀ ଦିନରେ ହିନ୍ଦୁ ସମାଜ ପକ୍ଷରୁ ରାଜରାସ୍ତା ବନ୍ଦ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ଲିଖିତ ଭାବେ ଜଣାଇଛନ୍ତି । ଦାବି ପତ୍ର ପ୍ରଦାନ ସମୟରେ ସ୍ୱାମୀ ବିଶ୍ୱ ମିତ୍ରା ନନ୍ଦ ଗିରି ,ରମେଶ ନାରାଜୀ, ଘନ ହନ୍ତାଳ, ରବିନ୍ଦ ନାୟକ, ସନ୍ତୋଷ ମିଶ୍ର,ରବି ଖିଲ, ଲମ୍ବୋଦର ସାଇଁ, ପିତବାସ ପାଙ୍ଗି, ଗୌରହରି ମାଳି, ସୁରେଶ ସାଇଁଙ୍କ ସମେତ ଅନ୍ୟ ହିନ୍ଦୁ କର୍ମକର୍ତା ଉପସ୍ଥିତ ଥିଲେ।

# ବିଜୁଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ ପାଇଁ ଶେଷ ପ୍ରସ୍ତୁତି

ରାଉରକେଲା(ପିପିଏସ୍) : ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଦ୍ୱାରା ବିଜୁ ପଟ୍ଟନାୟକ ଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ -୨୦୨୫ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଆଇଡିଏଲ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଅନୁଷ୍ଠାନର ସଂପାଦକ ତଥା ସମାଜସେବୀ ଅରୁଣ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାର୍ଚ୍ଚ ୫ ତାରିଖ ବୁଧବାର ଆଇଡିଏଲ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ସକାଳ ୯ ଘଟିକା ଠାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଚିତ୍ରାଙ୍କନ, ବକ୍ତୃତା, ମ୍ୟୁଜିକ୍ ଚେୟାର, ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି, ଫେଶନ ଶୋ, ଦେଶାତ୍ମବୋଧକ ସଂଗୀତ,ଓଡ଼ିଶୀ, ସମ୍ବଲପୁରୀ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ଗ୍ରୁପ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହେବ । ବିଚାରକ ମଣ୍ଡଳୀଙ୍କ ନିଷ୍ପତି ଅନୁଯାୟୀ କୃତି ପ୍ରତିଯୋଗୀ ମାନଙ୍କୁ ୭ ଘଟିକା ସମୟରେ ଅନୁଷ୍ଠିତ ବିଜୁ ପଟ୍ଟନାୟକ ଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ ଉତ୍ସବରେ ମଞ୍ଚରେ ମାନପତ୍ର, ଟ୍ରଫି ସହ ପୁରସ୍କୃତ କରାଯିବ। ଏହି ଅବସରରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକ ଙ୍କ ପ୍ରତି ଉପସ୍ଥିତ ଅତିଥି ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରିବେ । ଶେଷରେ ସ୍ଥାନୀୟ ଅଂଚଳର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ନିର୍ଦ୍ଦେଶକ ମୁରଲିଧର ଦାସ, ଗୁରୁ ବିଜୟ ସାମଲ, ଗୁରୁ ରବର୍ଟ ହାଇଫିଲ୍, ଆଇନଜୀବୀ ଆରତୀ ଚୌଧୁରୀ, ବିଶ୍ୱନାଥ ପଟ୍ଟନାୟକ, ପ୍ରଭାତ ସାମଲ, ରାମଚନ୍ଦ୍ର ସାମଲ, ହରିହର ବେହେରା, ଅଲେଖ ସାହାଣୀ,ଅନ୍ତର୍ଯ୍ୟାମି ବେଉରା, ଭ୍ରମରବର ମହାକୁଡ, ଚାନ୍ଦମଣି ମାଝୀ, ସୁନିତା ପରିଡା, କୈଳାଶ ମଲ୍ଲିକ, ସୁରଥ ପରିଡା, ସନାତନ ବାରିକ, କାଳନ୍ଦୀ ଚରଣ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥଲେ । ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି ।



# ଶରତ୍‌ଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ

ମାଲକାନଗିରି, (ପିପିଏସ୍): ମାଲକାନଗିରି ସଦର ମହକୁମା ଡି.ଏନ.କେ ଛକ ଠାରେ ଥିବା ଶରତଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପଂଚମ ବାର୍ଷିକ ଉତ୍ସବ ଅଧକ୍ଷା ପ୍ରଶାନ୍ତି ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ (ରାଜସ୍ୱ) ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଚରିତ୍ର ଗଠନ ସହିତ ମାନବିକ ମୂଲ୍ୟବୋଧ ରଖି ଜୀବନର ଲକ୍ଷ୍ୟ ପୂରଣ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଶୁଭଞ୍ଜନ ମହାପାତ୍ର ଡେପୁଟି କମାଣ୍ଡାଂଟ ସୀମା ସୁରକ୍ଷା ବଳ ମାଲକାନଗିରି ଯୋଗଦାନ କରି ଛାତ୍ରଛାତ୍ରୀ କିପରି ଶୃଙ୍ଖଳିତ ହେବା ସହିତ ଦେଶର କଲ୍ୟାଣରେ ନିୟୋଜିତ ହୋଇପାରିବେ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ କ୍ଷ ସ୍ୱତନ୍ତ୍ର ଅତିଥି ଡକ୍ଟର ରଞ୍ଜନ କୁମାର ସାଇଁ ଓଡିଶା ବାଣିଜ୍ୟ ସଂଘ ଉପସଭାପତି ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଦଣ୍ଡ ନଦେଇ କ୍ଷମା ଦ୍ୱାରା ଅତି ସୁନ୍ଦର ଭାବେ ସହଜରେ ଶିକ୍ଷା ଗ୍ରହଣ କରି ସୁନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ସୁବ୍ରତ କୁମାର ଚୌଧୁରୀ (ଶିକ୍ଷାବିତ୍) ଛାତ୍ରଛାତ୍ରୀଙ୍କୁ କିପରି ଭଲ ପାଠ ପଢି ଦେଶ ଗଠନରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ । ସଭା ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଗତ ସଙ୍ଗୀତ ସହିତ ଶିକ୍ଷକ ଦିପକ ମାଝିଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ସମସ୍ୟା ବିଷୟରେ ଅଧକ୍ଷା ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସଭା ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍କଣ୍ଠାର ସହିତ ସହଯୋଗ କରିଥିଲେ କ୍ଷ ସସ୍ମିତା ପଟ୍ଟନାୟକ, ଅସୀମ ହାଲଦାର,ଭାଗ୍ୟଲତା, ଅଜିତ, ମନୀଷା,ସୁପଦ, ବାଲେଶ୍ୱର ଏବଂ ଅଣଶିକ୍ଷକ କର୍ମଚାରୀ, ବୁଦ୍ଧିଜୀବୀ, ଅଭିଭାବକମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁଉତ୍ସାହିତ କରିଥିଲେ ।

# କେନ୍ଦୁଝରରେ କୃଷକ ସମ୍ମାନ ଦିବସ ପାଳିତ

କେଉଁଝର, (ପିପିଏସ୍): ସ୍ଥାନୀୟ କେନ୍ଦୁଝର ଟାଉନ୍ ଅଡିଟୋରିୟମରେ ଜିଲ୍ଲାସ୍ତରୀୟ କୃଷକ ସମ୍ମାନ ଦିବସ କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ୨୪ ତାରିଖ ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ଚାଷୀ ଏହି ଉତ୍ସବରେ ଯୋଗ ଦେବାକୁ ଆସି ପହଂଚିଥିଲେ। ସେଠାରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝର ଦ୍ୱାରା ପ୍ରାକୃତିକ କୃଷି ସମ୍ବନ୍ଧୀୟ ଏକ ଛୋଟ ପ୍ରଦର୍ଶନୀର ଆୟୋଜନ କରା ଯାଇଥିଲା। ଭାରତର ପ୍ରଧାମନ୍ତ୍ରୀଙ୍କର ଅଭିଭାଷଣ ଏବଂ ଦେଶ ବ୍ୟାପି ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧିର ୧୯ତମ କିସ୍ତି ବଂଟନର ସିଧା ପ୍ରସାରଣ ଆଭାସି ମଂଚ ମାଧମରେ କରାଯାଇଥିଲା। କୃଷି ଏବଂ କୃଷକ ସଶକ୍ତି କରଣ ବିଭାଗର ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ ସୁକାନ୍ତ କୁମାର ସାହୁ, ଆଂଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଭାଗ୍ୟଧର ମହାନ୍ତ ଯୋଗଦେଇ ଚାଷୀମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ ।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ

ଜୟପୁର: କୋରାପୁଟସ୍ଥ ଆଦିବାସି ସଂଗ୍ରହାଳୟଠାରେ କୋରାପୁଟ ବ୍ଲକ ଏବଂ ପୌରପାଳିକାର ୪୪ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ପ୍ରକାରର ସହାୟକ ଉପକଣ ବଂଟନ କରାଯାଇଥିଲା। ଏହି ଦିବ୍ୟାଙ୍ଗମାନଙ୍କୁ ଗତ ନଭେମ୍ବର ୨୦୨୪ ରେ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟିକରଣ କରାଯାଇଥିଲା। ସେମାନଙ୍କୁ ବ୍ୟାଟେରି ଚାଳିତ ଟାଇସାଇକେଲ, ସ୍ମାର୍ଟ ଫୋନ, ହ୍ୱିଲ୍‌ଚେୟାର , ଆଶାବାଡି, ବ୍ରେଲ୍ କିଟ୍, ଶ୍ରବଣ ଯନ୍ତ୍ର ଇତ୍ୟାଦି ୧୪୪ ଟି ସହାୟକ ଉପକରଣ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମଟି ଜିଲ୍ଲା ପ୍ରସାଶନ ଏବଂ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ସୁନାବେଡାର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା, ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ସୁନାବେଡା ବଡା ଅଜିତ୍ କୁମାର ପୋଚରୀ ଯୋଗଦନା କରିଥିଲେ ଏବଂ ସମ୍ମାନୀତ ଅତିଥି ଭାବରେ ଡଃ. ଦେବାଶିସ ଗୌଡ, ବ୍ଲକ ଉନ୍ନୟନ ଅଧିକାରୀ କୋରାପୁଟ ଏବଂ ନମିତା ମାଝି, ଅଧକ୍ଷା, କୋରାପୁଟ ବ୍ଲକ ଯୋଗଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧରେ ବରିଷ୍ଟ ପରିଚାଳକ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ସୁନାବେଡାର ସ୍ୱୀତା ମହାପାତ୍ର, ଜିଲ୍ଲା ଭିନ୍ନକ୍ଷମ ପୂନର୍ବାସ ଅଧିକାରୀ, କୋରାପୁଟ । ପ୍ରେମ ଦାନି ଯୋଗଦାନ କରିଥିଲେ । ପରୀକ୍ଷା ନିରୀକ୍ଷା କରି କାନଯନ୍ତ୍ର ସମତେ ଅନ୍ୟାନ୍ୟ ଉପକରଣ ଆସିଥିବା ଦିବ୍ୟାଙ୍ଗ ଜଣଙ୍କୁ ହସ୍ତାନ୍ତର କରିଥିଲେ । ଏହି ସହାୟକ ଉପକରଣ ବଂଟନ କାର୍ଯ୍ୟକ୍ରମ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ସୁନାବେଡାର ସାମାଜିକ ଉତର ଦାୟିତ୍ୱ ପାଣ୍ଠିର ସହାୟତା ପ୍ରଦାନ କରାଯାଇଥୁଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, କୋରାପୁଟ ବ୍ଲକ ଏବଂ ନୀତିନ କୁମାର ଭୁକ୍ତା, କାର୍ଯ୍ୟକ୍ରମ ସହାୟକ ଏହାର ଆୟୋଜନ ଓ ପରିଚାଳନା କରିଥିଲେ।

# ଟାଙ୍ଗିଆଜାମ କମିଟି ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର(ହି.ସ.) ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକର ଐତିହାସିକ ଜରାସିଂହା ଗ୍ରାମଠାରେ ବଲାଙ୍ଗୀରର ଟାଙ୍ଗିଆଜାମ କମିଟି ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗିଆଜାମ କମିଟିର ସଭାପତି ତଥା ପରିବେଶକର୍ମି ପ୍ରକୃତିବନ୍ଧୁ ଗୋପାଳ ହୋତାଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଓକିଲସଂଘର ସଭାପତି ଅମ୍ବରିଶ ତ୍ରୀପାଠୀ, ସମ୍ମାନୀତ ଅତିଥି ଭାବରେ ପଥରଚେପା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷମାନିଧି ଝାଙ୍କର,ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଶିକ୍ଷାବିଦ ମନୋରଂଜନ ସାହୁ,ଜିଲ୍ଲାପରିଷଦ ସଭ୍ୟା ସୁମତି ସେଠ୍, ଆଇନଜୀବି ଭକ୍ତଚରଣ ନାଏକ,ଜରାସିଂହାର ବରିଷ୍ଠ ନାଗରିକ ଦୟାନିଧି ମେହେର ଓ ବିଏନଏଏ କ୍ଲବର ସଭାପତି କରୁଣାକର ମେହେର,କୁମାର ଷାଣ୍ଢ ଓ ଦେବପ୍ରସାଦ ମେହେର ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ । ଅତିଥିଗଣ ତାଙ୍କ ବକ୍ତବ୍ୟରେ ଜଙ୍ଗଲସୁରକ୍ଷା,ବନାଗ୍ନି ରୋକିବା,ବନୀକରଣ କରାଇବା ଓ ସର୍ବୋପରି ଆଗାମୀପିଢୀ ପାଇଁ ପରିବେଶକୁ ସୁରକ୍ଷା କରିବା ପାଇଁ ସମସ୍ତେ ଧ୍ୟାନଦେବାକୁ ଅନୁରୋଧ କରିଥିଲେ । ଟାଙ୍ଗିଆଜାମ କମିଟିର ସଭାପତି ଏଡଭୋକେଟ ଗୋପାଳ ହୋତା ପରିବେଶ ସୁରକ୍ଷାର ଆଧ୍ୟାତ୍ମିକ ଦିଗ ଉପରେ ବକ୍ତବ୍ୟ ରଖି ମାଟି,ପାଣି,ପବନ,ଆକାଶ ଓ ଅଗ୍ନି ଉପରେ ଲୋକଙ୍କୁ ବୁଝାଇଥିଲେ । ବୃକ୍ଷଦ୍ୱାରା କିଭଳି ଜଳଚକ୍ର,ପବନଚକ୍ର ଓ ଜୀବଚକ୍ର ପରିଚାଳିତ ହେଉଛି ସେଉପରେ ଲୋକଙ୍କୁ ବୁଝାଇଥିଲେ । ବୃକ୍ଷ ହିଁ ପୃଥିବୀପୃଷ୍ଠରେ ଜୀବଜଗତକୁ ବଞ୍ଚାଇରଖି ପାରିବ ବୋଲି କହି ତାହାର ସୁରକ୍ଷା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ । ସେହିପରି ଓଏଭିର ଅଧକ୍ଷ ତାଙ୍କ ବକ୍ତବ୍ୟରେ ସାହାରା ମରୁଭୂମୀ କିଭଳି ଏକ ଶସ୍ୟଶ୍ୟାମଳ ଅଞ୍ଚଳରୁ ମରୁଭୂମୀ ହେଲା,୩୦୦ ବର୍ଷ ପୂର୍ବରୁ ବିଶ୍ନୋଇମାନଙ୍କ ବୃକ୍ଷସୁରକ୍ଷା ପାଇଁ ବଳିଦାନ, ଚିପକୋ ଆନ୍ଦୋଳନ ସହିତ ଆଜିର ଗନ୍ଧମାର୍ଦ୍ଦନ ଆନ୍ଦୋଳନ ଉପରେ ବକ୍ତବ୍ୟ ରଖିଥିଲେ । ଠିକ ସେହିପରି ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଦେଓଗାଁ ଅଞ୍ଚଳବାସୀ ସୁଲିଆଜଙ୍ଗଲଠାରୁ ଆରମ୍ଭ କରି ଭୀମଡୁଙ୍ଗୁରୀ,ମୁରସିଂହ,କିରିବାଞ୍ଜି ଓ ଚାନ୍ଦଲି ପାହାଡ ଅଞ୍ଚଳରେ ଜନସାଧାରଣ ସଚେତନ ହୋଇ ଜଙ୍ଗଲସୁରକ୍ଷା ସାଙ୍ଗକୁ କିଭଳି ପାହାଡ ସୁରକ୍ଷା କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ । ଏହା ସହିତ ମହୋତ୍ସବ ଜରିଆରେ ଦେଓଗାଁ ଅଞ୍ଚଳରେ ଲୋକମାନେ ଜଙ୍ଗଲ ଓ ପାହାଡ ସୁରକ୍ଷା ସାଙ୍ଗକୁ ପରିବେଶ ସୁରକ୍ଷାରେ ସଫଳ ହୋଇଥିବାରୁ ତାହାକୁ ଉଚ୍ଚପ୍ରଶଂସା କରିଥିଲେ । ଶିକ୍ଷାବିଦ ମନୋରଂନ ସାହୁ ପରିବେଶ ଅସନ୍ତୁଳନ ଓ ବିଶ୍ୱତାପାୟନ ଉପରେ ବକ୍ତବ୍ୟ ରଖିଥିଲେ । ଆଇନଜୀବି ଅମ୍ବରିଶ ତ୍ରୀପାଠୀ ଓ ଭକ୍ତବନ୍ଧୁ ନାଏକ ଟାଙ୍ଗିଆଜାମ କମିଟିର ପରିବେଶଧର୍ମି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସଭାକାର୍ଯ୍ୟ ପୂର୍ବରୁ ଦେଓଗାଁ ଓ ଜରାସିଂହା ପଞ୍ଚାୟତର ୱାର୍ଡସଭ୍ୟ/ସଭ୍ୟା,ପଞ୍ଚାୟତସମିତି ସଭ୍ୟ/ସଭ୍ୟା,ସାମ୍ବାଦିକ ଓ ଜିଲ୍ଲାପରିଷଦ ସଭ୍ୟା ତଥା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ପାଦଧୋଇ ଉତ୍ତରିୟ ଦେଇ ପଞ୍ଚବଟି ବୃକ୍ଷ ଯଥା- ବର,ପିପ୍ପଳ,ଆମ୍ବ,ଜାମୁ ଓ ଅଁଳାଗଛ ରୋପଣ କରି ତାକୁ ଜତ୍ନନେବାକୁ ଶପଥପାଠ କରାଯାଇଥିଲା । ମହିଳାମାନେ ଭାଇଜିଉଁତିଆ ଭଳି ଜିଉଁତିଆବାନ୍ଧି ବୃକ୍ଷସୁରକ୍ଷାର ଶପଥ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜରାସିଂହା ସମେତ ଆଖପାଖ ଅଞ୍ଚଳର ଶତାଧିକ ପୁରୁଷ/ ମହିଳା ଯୋଗଦେଇଥିଲେ । ପ୍ରକାଶ ଯେ,ଟାଙ୍ଗିଆଜାମ କମିଟି ପକ୍ଷରୁ ପ୍ରତ୍ୟେକମାସ ୧ ତାରିଖରେ ଟାଙ୍ଗିଆବନ୍ଦ କରି ଗଛ ନକାଟିବାକୁ ଅନୁରୋଧ କରାଯାଉଛି । ଏହା ସହିତ ବର୍ଷାଦିନେ ଗାଁଗାଁରେ ଚାରା ବଣ୍ଟନ କରାଯାଇ ବନୀକରଣକୁ ପ୍ରୋତ୍ସାହିତ କରାଯାଉଛି । ପ୍ରତିବର୍ଷ ହଜାର ହଜାର ଗଛ ଲୋକଙ୍କୁ ବଣ୍ଟନ କରାଯାଇ ଆସୁଛି । କେବଳ ସେତକି ନୁହେଁ ଗ୍ରୀଷ୍ମଦିନେ ଜଙ୍ଗଲରେ ନିଆଁ ନଲଗାଇବା, ଜଙ୍ଗଲକୁ ସୁରକ୍ଷା କରିବା, ବନ୍ୟଜନ୍ତୁଙ୍କୁ ହତ୍ୟା ନକରିବା ବିଷୟ ନେଇ ଲୋକଙ୍କ ମଧ୍ୟରେ ସଚେତନା କାର୍ଯ୍ୟକ୍ରମ କରାଯାଇ ଆସୁଛି । ଏକ ଆଧ୍ୟାତ୍ମିକ ମାର୍ଗରେ ଲୋକଙ୍କୁ ବୃକ୍ଷ ଓ ପରିବେଶର ଉପକାରୀତା ବିଷୟରେ ବୁଝାଯାଉଥିବାରୁ ଲୋକଙ୍କ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ ପାଉଛି ।

# ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବ ଓଡ଼ିଶା ରାଜ୍ୟ ସମିତିସଭ୍ୟ ମହସଂଘ

**ଭୁବନେଶ୍ୱର (ପିପିଏସ୍):** ସମିତିସଭ୍ୟ/ସଭ୍ୟାମାନଙ୍କ ବିଭିନ୍ନ ଦାବି ନେଇ ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏ ନେଇ ସଂଘ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ରାଜ୍ୟ ସଂଘର ସଭାପତି ସମରେନ୍ଦ୍ର ଦୀକ୍ଷିତ, ସମ୍ପାଦକ ସୁନୀଲ ପଣ୍ଡା, ଉପସଭାପତି ବୈଦ୍ୟନାଥ ବେହେରା, ସନ୍ତୋଷ ବେହୁରିଆ, ଜଗନ୍ନାଥ ଭାଇ, ଯଦୁମଣି ନାୟକ, ଅକ୍ଷୟ ରଞ୍ଜନ ପାଙ୍ଗି, ଆଚାର୍ଯ୍ୟ ଭାଇ, ପ୍ରକାଶ ଭାଇ, ପ୍ରେମାନନ୍ଦ ଭାଇ, ହେମନ୍ତ ସାହୁଙ୍କ ସମେତ ଆହୁରି ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ।ସୂଚନା ଯୋଗ୍ୟ ଯେ, ରାଜ୍ୟର ୩୧୪ ବ୍ଲକ୍‌ର ୬୭୯୭ ପଞ୍ଚାୟତ ସମିତିସଭ୍ୟ/ସଭ୍ୟା ୨୦୨୪ରେ ସେମାନଙ୍କ ସମ୍ମାନ ଓ ହକ୍ ପାଇଁ ୧୨ ଦଫା ସମ୍ବଳିତ ଦାବିପତ୍ର ତତ୍କାଳୀନ ବିଜେଡି ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରୁ ୭/୮ଟି ଦାବି ପୂରଣ କରିବାକୁ ତତ୍କାଳୀନ ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ପ୍ରଥମେ ଗୋଟିଏ ଦାବି ମାସିକ ଭତ୍ତା ବୃଦ୍ଧି କରିଥିଲେ। ଅନ୍ୟସବୁ ଦାବି ପୂରଣ ପୂର୍ବରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିଲା। ସେହି ଦାବିଗୁଡ଼ିକୁ କିଛି ପରିବର୍ତ୍ତନ କରାଯାଇ ବର୍ତ୍ତମାନ ନୂତନ ସରକାରଙ୍କୁ ପୁଣିଥରେ ପ୍ରଦାନ କରାଯିବାକୁ ସଂଘ ନିଷ୍ପତ୍ତି ନେଇଛି। ଏନେଇ ଆସନ୍ତା ମାର୍ଚ୍ଚ ୧୦ରେ ଏକ ସମାବେଶ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଆଡ୍‌ଭୋକେଟ୍ସ ବିଲ୍-୨୦୨୫କୁ ଆଇନଜୀବୀଙ୍କ ବିରୋଧ

**ଭୁବନେଶ୍ୱର (ପିପିଏସ୍):** କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ଆଇନଜୀବୀମାନଙ୍କ ପାଇଁ ପ୍ରଣିତ ୧୯୬୧ ମସିହା ଆଇନରେ ବ୍ୟାପକ ପରିବର୍ତ୍ତନ ଆଣୁଛନ୍ତି। ଏହା ଆଇନଜୀବୀମାନଙ୍କ ପେଷାଗତ ସାଧୀନତା ଓ ସତନ୍ତ୍ରତାରେ ପ୍ରତ୍ୟକ୍ଷ ହସ୍ତକ୍ଷେପ ହେଉଛି। ଏହାକୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ନିନ୍ଦା କରିଛି। ଏଥିପାଇଁ ଆଇନଜୀବୀମାନଙ୍କ ନିୟାମକ ସଂସ୍ଥା, ରାଜ୍ୟ ଆଇନଜୀବୀ ପରିଷଦ ସତର୍କ ରହିବା ଲାଗି ସଂଘର ନେତୃତ୍ୱ ନିବେଦନ କରିଛନ୍ତି। ରବିବାର ଭୁବନେଶ୍ୱରଠାରେ ଆୟୋଜିତ ଆଡ୍‌ଭୋକେଟ୍ସ ବିଲ୍-୨୦୨୫ ସମ୍ପର୍କିତ ପରାମର୍ଶ ବୈଠକରେ ଶତାଧିକ ଆଇନଜୀବୀ ଯୋଗଦେଇଥିଲେ। କେନ୍ଦ୍ର ସରକାର, ବାର୍ କାଉନ୍‌ସିଲ୍ ନିଜ ନିୟନ୍ତ୍ରଣକୁ ନେବା ସହିତ ଏଥିରେ ୩ ଜଣ କେନ୍ଦ୍ର ସରକାରଙ୍କ ମନୋନୀତ ପ୍ରତିନିଧି, ସଭ୍ୟ ରହିବା ପାଇଁ ନୂଆ ବିଲ୍‌ରେ ଆସିଥିବା ବ୍ୟବସ୍ଥାକୁ ସଂଘ ପ୍ରତ୍ୟାଖାନ କରିଛି। ଠିକ୍ ସେହିଭଳି ଆଇନଜୀବୀଙ୍କ ମୌଳିକ ଗଣତାନ୍ତ୍ରିକ ଅଧିକାର, ପ୍ରତିବାଦ ଓ ଧର୍ମଘଟ ପାଇଁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା, ଏପରିକି କୌଣସି ମହକିଲ ନିଜର ମୋକଦ୍ଦମାରେ କ୍ଷତି ପାଇଁ ଓକିଲଙ୍କ ଉଦ୍ଦେଶ୍ୟମୂଳକ ଅବହେଳା ପାଇଁ ପେଷାଗତ ଅବହେଳା ବୋଲି ବିବେଚନା କରିବାର ଏହି ନୂଆ ବିଲ୍‌ର ବ୍ୟବସ୍ଥାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘର ନେତୃବର୍ଗ ଦାବି କରିଛନ୍ତି। ବୈଠକରେ ରାଜ୍ୟସଭା ସାଂସଦ ତଥା ଆଇନଜୀବୀ ସୁଜିତ୍ କୁମାର ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ଆଇନଜୀବୀମାନେ ବିଭିନ୍ନ ଅଞ୍ଚଳରେ ବୈଠକ କରି ସେମାନଙ୍କ ଏହି ଆଇନ ଉପରେ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। ରାଜ୍ୟ ଆଇନ କମିଶନଙ୍କ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର କହିଲେ, ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ କେନ୍ଦ୍ର ଆଇନ ମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ସଂଘର ୧୦ ଜଣିଆ ପ୍ରତିନିଧି ଦଳ ଭେଟିବ। ଏଥିସହ ରାଜ୍ୟର ସାଂସଦମାନଙ୍କୁ ଏ ସମ୍ପର୍କରେ ସଚେତନ କରି ସଂସଦରେ ଏହି ବିଲ୍‌ରେ ଆବଶ୍ୟକୀୟ ସଂଶୋଧନ ଆଣି ଆଇନଜୀବୀଙ୍କ ପେଷାଗତ ସାଧୀନତା ଅକ୍ଷୁର୍ଣ୍ଣ ରଖିବା ଦିଗରେ ଉଦ୍ୟମ ହେବା ନେଇ କହିଥିଲେ। ଏହି ବୈଠକରେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ସଦସ୍ୟ ଆତ୍ମପ୍ରକାଶ ମହାନ୍ତି, ରମେଶ ପାତ୍ର, ସଞ୍ଜିତ ପାଣିଗ୍ରାହୀ, ଉପାଧ୍ୟକ୍ଷ ରାଜୀବ ମହାନ୍ତି ଓ ଅନ୍ୟତମ ସଦସ୍ୟ ଦିନେଶ ରାୟ ଯୋଗଦେଇଥିଲେ।

# ସାଇବର ଠକେଇର ଶିକାର ହେଲେ ଯୁବକ



**ଭୁବନେଶ୍ୱର (ପିପିଏସ୍) :** ଆପଣଙ୍କ ନାଁରେ ୩କୋଟି ଟଙ୍କାର ମନିଲଣ୍ଡରିଂ ମାମଲା ହୋଇଛି। ସିବିଆଇ ଅଫିସର୍ ପରିଚୟ ଦେଇ ଭୟଭୀତ କରାଇଲେ ଓ ପରେ ୩ଦିନ ଧରି ଡିଜିଟାଲ୍ ଆରେଷ୍ଟ କରି ୧୪ଲକ୍ଷ ଟଙ୍କା ଲୁଟିଲେ। ଠକାମିର ଶିକାର ହୋଇଥିବା ବ୍ରହ୍ମପୁର ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ ପରେ ଏହି ଘଟଣା ପଦାକୁ ଆସିଛି। ଏନେଇ ସାଇବର ଥାନା ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗତ ୨୦ ତାରିଖରେ ଅଭିଯୋଗକାରୀ ବ୍ୟକ୍ତିଜଣଙ୍କ ଅଫିସ୍ ବାହାରୁ ଥିବା ବେଳେ ହଠାତ୍ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଫୋନ୍‌ରେ ଥିବା ଠକ ଜଣଙ୍କ ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ସମ୍ପୃକ୍ତ ବ୍ୟକ୍ତି ନାଁରେ ୩କୋଟି ଟଙ୍କାର ମନିଲଣ୍ଡରିଂ ମାମଲା ଥିବା କହି ଧମକାଇଥିଲେ। ୨୪ଘଣ୍ଟା ମଧ୍ୟରେ ସିବିଆଇରେ ହାଜର ନହେଲେ ସ୍ଥାନୀୟ ପୁଲିସ ଦ୍ୱାରା ଗିରଫ କରାଯିବ ବୋଲି କହି ଭୟଭୀତ କରାଇଥିଲେ। ଗିରଫଦାରୀ ଭୟରେ ବ୍ୟକ୍ତି ଜଣଙ୍କୁ ୩ଦିନ ଧରି ଡିଜିଟାଲ୍ ଆରେଷ୍ଟ କରି ଘରେ ବନ୍ଦୀକରି ରଖିଥିଲେ। ମାମଲାରୁ ଖସାଇବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ତାଙ୍କଠାରୁ ୧୪ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ମୋବାଇଲ୍ ନମ୍ବରକୁ ବ୍ଲକ୍ କରି ଦେଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଆଜି ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

# ବଢୁଛି ଖରା, ଜମିଲାଣି ଚଷମା ଓ ଗ୍ଲୋବ୍‌ସ ବେପାର

**ଭୁବନେଶ୍ୱର (ପିପିଏସ୍):** ଏବେଠାରୁ ଟାଣ ଖରା ହେଲାଣି। ବାହାରକୁ ବାହାରିଲେ ଦେହ, ହାତ ଜଳିପୋଡ଼ି ଯାଉଛି। ଫଳରେ ଏବେଠରୁ ଦେହ, ହାତକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ଲାଗିପଡ଼ିଲେଣି। ଫଳରେ ଚଷମା, ହ୍ୟାଣ୍ଡ ଗ୍ଲୋବ୍‌ସ ସହିତ ସନ୍‌କ୍ରିମ୍ ସହିତ ଷ୍ଟୋଲ୍ ଆଦି କିଣିଲେଣି। ଏହି ସବୁ ଖରାରୁ ରକ୍ଷା କରିବା ସହିତ ଫେଶନେଟିକ୍ ଲୁକ୍ ଦେଇଥାଏ। ବିଶେଷକରି କର୍ମକ୍ଷେତ୍ରରେ କାର୍ଯ୍ୟରତ ମହିଳା ଓ ଯୁବତୀ ହୁଅନ୍ତୁ କିମ୍ବା କଲେଜ ଛାତ୍ରୀ ସମସ୍ତେ ଖରାର ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ସବୁ ବ୍ୟବହାର କଲେଣି। ଦୋକାନୀ ମଧ୍ୟ ଏବେଠାରୁ ବିଭିନ୍ନ ପ୍ରକାରର ଚଷମା, ହ୍ୟାଣ୍ଡ ଗ୍ଲୋବ୍‌ସ, ଷ୍ଟୋଲ୍ ସହ ସନ୍‌କ୍ରିମ୍ ମହଜୁଦ୍ ରଖିଲେଣି। ବିଶେଷକରି ଖରାରେ ଗାଡ଼ି ଚଲେଇବାବେଳେ ହାତର କିଛି ଭାଗକୁ ଖରା ପଡ଼ିଥାଏ ଯାହା ହ୍ୟାଣ୍ଡ୍ ଗ୍ଲୋବ୍‌ସ ସୁରକ୍ଷା ଦିଏ।



ଏହିପରି ଗାଡ଼ି ଚଲେଇବାବେଳେ ଖରାରେ ଦୂରକୁ ଦେଖିବା ପାଇଁ ଚଷମାର ବ୍ୟବାହାର ଓ ଷ୍ଟୋଲ୍‌ରେ ମୁହଁକୁ ମଧ ଘୋଡ଼େଇ ରଖିଥା'ନ୍ତି। ଦୋକାନୀ ମଧ ବିଭିନ୍ନ କିସମର ଏହି ସବୁ ଜିନିଷ ରଖିଥିବାବେଳେ ଏହାର ମୂଲ୍ୟ ୧୦୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଷ୍ଟୋଲ୍ ଓ ହ୍ୟାଣ୍ଡ୍ ଗ୍ଲୋବ୍‌ସଠୁ ଚଷମା ଟିକେ ଅଧିକ ଦାମ୍ ରହିଛି। ଏନେଇ ଏବେଠାରୁ ରାଜଧାନୀର ବିଭିନ୍ନ ଛକ ଓ ଓଭରବ୍ରିଜ୍ ଉପରେ ଚଷମା ସହିତ ହ୍ୟାଣ୍ଡ୍ ଗ୍ଲୋବ୍‌ସ ଓ ଷ୍ଟୋଲ୍ ବିକ୍ରି ହେଲାଣି। ଏଥିସହିତ ମାର୍କେଟ୍ ବିଲ୍ଡିଂରେ ମଧ ଏହି ସବୁର ପସରା ମେଲିଲାଣି। ଏନେଇ ମାର୍କେଟ୍ ବିଲ୍ଡିଂର ଦୋକାନୀ କମଳାକାନ୍ତ ସାହୁ କହିଛନ୍ତି, ଏବେଠାରୁ ଖୁବ୍ ଜୋର୍‌ରେ ଖରା ହେଲାଣି। ସମସ୍ତେ ଅଧିକ ହ୍ୟାଣ୍ଡ୍ ଗ୍ଲୋବ୍‌ସ କିଣି ନେଉଛନ୍ତି। ଆହୁରି ମଧ କହଛନ୍ତି, ଚଷମାକୁ ପୁଅ ଓ ଝିଅ ଉଭୟ କିଣି ନେଉଛନ୍ତି। ଏଥିସହିତ କିଛି ନୂଆ ଆଇଟମ୍‌ର ଚଷମା ଖରାକୁ ଦେଖି ଆଣିଛନ୍ତି ବୋଲି କହିଛନ୍ତି। ଅନ୍ୟଜଣେ ଷ୍ଟୋଲ୍ ଦୋକାନୀ କୁହନ୍ତି, ଏବେ କଟନ୍ ଷ୍ଟୋଲ୍ ଟିକେ ଅଧିକ ଚାହିଦାରେ ଅଛି। ସମ୍ବଲପୁରୀ କପଡ଼ା ଭଳି ଦେଖାଯାଇଥିବା ଏହାର ଦର ୧୫୦ ଟଙ୍କା ରହିଛି ବୋଲି କହୁଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା, ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷାକୁ ଗୁରୁତ୍ୱ

**ଭୁବନେଶ୍ୱର (ପିପିଏସ୍):** ଆସନ୍ତାକାଲି ବୁଧବାର ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଲକ୍ଷାଧିକ ଶ୍ରଦ୍ଧାଳୁ ଲିଙ୍ଗରାଜ ମନ୍ଦିରକୁ ପୂଜା କରିବା ପାଇଁ ଆସିବେ ବୋଲି ଆକଳନ କରାଯାଉଛି। ତେଣୁ ଟ୍ରାଫିକ୍ ପରିଚାଳନା ଏବଂ ସୁରକ୍ଷା ପାଇଁ ପୂର୍ବରୁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ପୁଲିସ, ଅଗ୍ନିଶମ ବାହିନୀ ସମେତ ଜରୁରୀକାଳୀନ ସେବାର ମଧ ବ୍ୟବସ୍ଥା କରାଯାଇଛି ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଲିଙ୍ଗରାଜ ମନ୍ଦିରରେ ୪୦ ପ୍ଲାଟୁନ୍ ପୁଲିସ ବାହିନୀ ଏବଂ ବିଭିନ୍ନ ପଦର ୧୦୦ରୁ ଅଧିକ ପୁଲିସ ଅଧିକାରୀ ଉପସ୍ଥିତ ରହିବେ। ପୁଲିସଙ୍କ କାର୍ଯ୍ୟ ବୁଧବାର ସକାଳୁ ଆରମ୍ଭ ହେବ ଏବଂ ଦିନସାରା ଜାରି ରହିବ। ଏହା ବ୍ୟତୀତ ଲିଙ୍ଗରାଜ ମନ୍ଦିରରେ ଦର୍ଶନ ବ୍ୟବସ୍ଥା, ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସଜାଯାଇଛି। ମହାଦୀପ ରାତି ୧୦ଟାରେ ଉଠିବ ବୋଲି ନିର୍ଦ୍ଧାରଣ କରାଯାଇଛି।



# କାର୍‌ରୁ ଚୋରି କରି ୨ଜଣ ଗିରଫ

**ଭୁବନେଶ୍ୱର (ପିପିଏସ୍):** କାର୍ କାଚ ଭାଙ୍ଗି ଲୁଟ୍ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ୟୁନିଟ୍ ୩ ଶାନ୍ତି ନଗର ବସ୍ତିର ଏସ୍‌କେ ଜିଆବୁର (୨୯) ଓ ସତ୍ୟକାଳୀ ବସ୍ତିର ସୋନୁ ମାଝୀ (୨୨)। ପୁଲିସ ସୂଚନା ଅନୁସାରେ, ଲଳିତ ମାଝୀ ଓ ତାଙ୍କ ସମ୍ପର୍କୀୟ ଗତ ୧୪ ତାରିଖ ବିଳମ୍ବିତ ରାତିରେ ଜୟକିଷନ ମାର୍କେଟ୍ ନିକଟରେ ପାର୍କିଂ କରି ମାର୍କେଟ୍ ଭିତରକୁ ଯାଇଥିଲେ। ସେହି ସମୟରେ ଜିଆବୁର ଓ ସୋନୁ ତାଙ୍କ କାର୍ କାଚ ଭାଙ୍ଗି ଭିତରେ ଥିବା ୩ଟି ମୋବାଇଲ୍ ଫୋନ୍, ଗୋଟିଏ ସ୍ମାର୍ଟ ଘଣ୍ଟା ଓ ଟଙ୍କା ଚୋରି କରି ନେଇଥିଲେ। କାର୍ ନିକଟକୁ ଫେରିବା ପରେ କାଚ ଭାଙ୍ଗି ଲୁଟ୍ ହୋଇଥିବା ଦେଖି ଲଳିତ ଖାରବେଳ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ଗୁରୁବାର ଜିଆବୁର ଓ ସୋନୁଙ୍କୁ ଗିରଫ କରିଥିଲା। ସେମାନଙ୍କ ହେପାଜତରୁ ୪ଟି ମୋବାଇଲ୍ ଫୋନ୍, ଗୋଟିଏ ସ୍ମାର୍ଟ ୱାଚ୍, ଗୋଟିଏ ମ୍ୟୁଜିକ୍ ସିଷ୍ଟମ୍ ଓ ଏକ ଖଣ୍ଡା ଜବତ କରିଥିଲା। ସେମାନେ ଘଟଣା ଦିନ ରାତିରେ ଜୟକିଷନ ମାର୍କେଟ୍‌ରେ ପାର୍କିଂ ହୋଇଥିବା ଲଳିତଙ୍କ କାର୍ କାଚ ଭାଙ୍ଗି ଭିତରୁ ୩ଟି ମୋବାଇଲ୍ ଫୋନ୍, ଗୋଟିଏ ସ୍ମାର୍ଟ ୱାଚ୍ ଓ ୨୨ ହଜାର ୩୫୦ ଟଙ୍କା ଚୋରିକରି ନେଇଯାଇଥିଲେ। ଘଟଣାସ୍ଥଳରୁ ଫେରାର୍ ହେବାବେଳେ ଏକ ମୋବାଇଲ୍ ଫୋନ୍ ହଜିଯିବାରୁ ଏସ୍‌କେ ଜିଆବୁର ଚୋରି ଟଙ୍କାରେ ଏକ ମୋବାଇଲ୍ ଫୋନ୍ ଓ ମ୍ୟୁଜିକ୍ ସିଷ୍ଟମ କିଣିଥିଲା। ବାକି ଟଙ୍କାକୁ ଉଭୟେ ମିଶି ଖର୍ଚ୍ଚ କରିଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ।

# ଜୀନତ୍ ନେଇ ଫେଁରାଦ ହେଲେ ଯମୁନାଗଡ଼ ଗ୍ରାମବାସୀ

**ଭୁବନେଶ୍ୱର (ପିପିଏସ୍) :** ମହାରାଷ୍ଟ୍ର ବାଘୁଣୀ 'ଜୀନତ୍'କୁ ନେଇ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଯମୁନାଗଡ଼ରେ ନିର୍ମାଣ ହୋଇଥିବା ସ୍ୱତନ୍ତ୍ର ଖୁଆଡ଼ର ଏବେ ସମ୍ପ୍ରସାରଣ ହେଉଛି। ଖୁଆଡ଼ ପରିସୀମା ବୃଦ୍ଧି କରାଯାଇ ସେଠାରେ ପୂର୍ବରୁ ବସବାସ କରୁଥିବା ଯମୁନାଗଡ଼ ଗ୍ରାମବାସୀଙ୍କ ଇଷ୍ଟ ଦେବାଦେବୀଙ୍କ ବିଜେସ୍ଥଳୀକୁ ଜେସିବି ମାଧ୍ୟମରେ ରାତାରାତି ତାଡ଼ି ଦିଆଯାଉଛି। ଗ୍ରାମବାସୀଙ୍କୁ ଏସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ବେଳେ ଦେବାଦେବୀଙ୍କ ବିଜେସ୍ଥଳରେ ପୂଜାର୍ଚ୍ଚନା କରିବାକୁ ଏବେ କାହାରିକୁ ଛଡ଼ାଯାଉ ନାହିଁ। ପରିଣାମ ସ୍ୱରୂପ ଏବେ ଗ୍ରାମବାସୀମାନେ ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଜ ହକ୍ ପାଇଁ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ସିସିଏଫ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଯମୁନାଗଡ଼ରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ବଂଶାନୁକ୍ରମେ ଯମୁନାଗଡ଼ ଗାଁରେ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ରହି ଆସୁଥିଲୁ। ତା'ସତ୍ତ୍ୱେ ୨୦୧୫ ଓ ୨୦୨୨ରେ ଦୁଇଟି ପର୍ଯ୍ୟାୟରେ ବଳପୂର୍ବକ ଆମକୁ ବିସ୍ଥାପନ କରାଗଲା। ଏବେ ଭିଟାମାଟିଠାରୁ ୧୩୦ କିମି ଦୂର ଉଦଳା ବ୍ଲକର ନାବେରା କଲୋନିରେ ଅତି ଦୁର୍ବିଷହ ଅବସ୍ଥାରେ ରହିଛୁ। ଜଙ୍ଗଲ ଅଧିକାର ଆଇନ-୨୦୦୬, ପେସା ଆଇନ-୧୯୯୬ ଓ ଭାରତୀୟ ସମ୍ବିଧାନ ଅଧୀନରେ ମିଳିଥିବା ସ୍ୱତନ୍ତ୍ର ଅଧିକାରକୁ ଉଲ୍ଲଂଘନ କରାଯାଇ ସର୍ବହରା କରାଯାଇଛି। ବିସ୍ଥାପିତ ହୋଇଥିଲେ ମଧ ଗ୍ରାମବାସୀମାନେ ଯମୁନାଗଡ଼କୁ ଯାଇ ଶିମିଳିପାଳ ଓ ବନ୍ୟଜନ୍ତୁଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଇଷ୍ଟ ଦେବାଦେବୀ ଓ ପୂର୍ବଜଙ୍କୁ ଉପାସନା କରୁଥିଲୁ। ତେବେ ଏବର୍ଷ ଆରମ୍ଭରୁ ଯମୁନାଗଡ଼ର ପବିତ୍ର ଦେବସ୍ଥଳୀ (ଜାୟାର) ଓ କବର ସ୍ଥାନ (ସାସାନ୍ ପିରି) ଗୁଡ଼ିକରେ ଉପାସନା କରାଇ ଦିଆଯାଉ ନାହିଁ। ଶିମିଳିପାଳ ଟାଇଗର ରିଜର୍ଭର ଅଧିକାରୀମାନେ ବେଆଇନ ଭାବେ ଧାର୍ମିକ ଓ ଆଧାତ୍ମିକ ଅଧିକାରକୁ ନିଷ୍ଠୁରତାର ସହ ପ୍ରତ୍ୟାଖ୍ୟାନ କରୁଛନ୍ତି। ଗ୍ରାମବାସୀଙ୍କ ପରିଚୟ ଓ ଅସ୍ତିତ୍ୱକୁ ହତ୍ୟା କରାଯାଉଛି। ତେଣୁ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ଅଧିକାରୀଙ୍କ ଦ୍ୱାରା ଧାର୍ମିକ ଓ ଆଧାତ୍ମିକ ଅଧିକାରରୁ ବଞ୍ଚିତ କରିବାର ବେଆଇନ ଉଦ୍ୟମକୁ ତୁରନ୍ତ ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି।




# ପିଲାଙ୍କ ପଢ଼ାରେ ସହାୟ ହେଉଛି ଆବାକସ୍ ପାଠ୍ୟକ୍ରମ

**ଭୁବନେଶ୍ୱର (ପିପିଏସ୍):** ଆବାକସ୍ ବହୁତ ପୂର୍ବରୁ ଉଦ୍ଭାବନ ହୋଇ ସାରିଥିବା ଗାଣିତ୍ୟିକ ଗଣନା ପ୍ରକ୍ରିୟା। ଏହା ମିଶାଣ, ଫେଡ଼ାଣ, ଗୁଣନ ଓ ହରଣ କରିବାକୁ ବ୍ୟବହାର କରାଯାଇଥାଏ। ଏହା ପ୍ରଥମେ ଚାଇନାରୁ ଆରମ୍ଭ ହୋଇ ଧୀରେ ଧୀରେ ଭାରତରେ ମଧ୍ୟ ତା'ର ଚାହିଦା ବଢ଼ିବାକୁ ଲାଗିଲା। କିଛି ବର୍ଷ ପୂର୍ବେ ପିଲା ସ୍କୁଲରେ କେବଳ ଆବାକସ୍‌ର ସଂଜ୍ଞା ଓ ଅଳ୍ପ ବହୁତେ ତା'ର ବ୍ୟବହାର ବିଷୟରେ ଜାଣୁଥିଲେ। ହେଲେ ତାହା କେବଳ ଶ୍ରେଣୀ ଓ ବହି ଯାଏଁ ସୀମିତ ରହୁଥିଲା। ଆବାକସ୍ ହେଉଛି ଏକ ଗଣନକାରୀ ଉପକରଣ ଯେଉଁଥିରେ ମାଳି, ବାଡ଼ି, ତାର କିମ୍ବା ରେଖା ସହିତ ସ୍ଲାଇଡ୍ କାଉଣ୍ଟର ଦ୍ୱାରା ଗାଣିତ୍ୟିକ ଗଣନା କରାଯାଇଥାଏ। ଏହି ଗଣନା ପଦ୍ଧତି ବ୍ୟବହାର ଫଳରେ ପିଲାଙ୍କ ଗାଣିତ୍ୟିକ ଗଣନା କରିବାର କ୍ଷମତା ବୃଦ୍ଧି ହେବା ସହ ମସ୍ତିଷ୍କର ବିକାଶ ମଧ୍ୟ ଘଟିଥାଏ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ସମୟରେ ଏହି ଆବାକସ୍ ପାଠର ଚାହିଦା ବଢୁଥିବା ଦେଖିବାକୁ ମିଳୁଛି। ସମୟକ୍ରମେ ବାପା-ମାଆ ପିଲାଙ୍କ ମସ୍ତିଷ୍କର ବିକାଶ ପାଇଁ ହେଉ କିମ୍ବା ଶ୍ରେଣୀରେ ଅନ୍ୟ ପିଲାଙ୍କ ତୁଳନାରେ ଉତ୍ତମ ପ୍ରଦର୍ଶନ ହେଉ ସ୍ୱତନ୍ତ୍ର ଆବାକସ୍ ପାଠ ପଢ଼ାଇବାକୁ ଆଗ୍ରହୀ ହେଉଛନ୍ତି। ଏ ନେଇ ରାଜଧାନୀରେ ମଧ୍ୟ ଚାହିଦାକୁ ନଜରରେ ରଖି ବିଭିନ୍ନ ଆବାକସ୍ ପ୍ରଶିକ୍ଷଣ ଅନୁଷ୍ଠାନ ଖୋଲିଗଲାଣି। ସେହି ଆବାକସ ପାଠ୍ୟକ୍ରମ ଆଧାରରେ ଏବେ କମ୍ ବୟସରୁ ହିଁ ନିଜ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି ଆର୍ଶିନ୍ ଚିନରାୟ। ବୟସ କମ୍; ହେଲେ ମସ୍ତିଷ୍କ ତାଙ୍କର କୋଉ କାଲ୍‌କୁଲେଟରଠୁ କମ୍ ନୁହେଁ। ଗାଣିତ୍ୟିକ ପ୍ରଶ୍ନ ଶୁଣିବାମାତ୍ରେ ଉତ୍ତର ପାଟିକୁ ଆସିଯାଇଥାଏ। ଦେଖୁ ଦେଖୁ ଆଖିପିଛୁଳାକେ କଷ୍ଟରୁ କଷ୍ଟ ଗଣିତ ସମାଧାନ କରିଦେଇଥା'ନ୍ତି। ଆର୍ଶିନଙ୍କ ଘର ବଡ଼ଗଡ଼ ବ୍ରିଟ୍ କଲୋନୀ। ତାଙ୍କ ବାପା ଦେବାଶିଷ ଚିନରାୟ ଏବଂ ମାଆ ସୁନିତା ଚିନରାୟ। ସେ ବର୍ତ୍ତମାନ ସପ୍ତମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ଯାଉଛନ୍ତି। ହେଲ ୧୦୦୦ ପର୍ଯ୍ୟନ୍ତ ପଣିକିଆ ମନେରଖିବାରେ ସେ ସକ୍ଷମ ଅଟନ୍ତି। ତାଙ୍କର ଏହି ଦକ୍ଷତା ବଳରେ ସେ ଅନ୍ତର୍ଜାତୀୟ ଏସ୍‌ଆଇପି ଆବାକସ୍ ପ୍ରତିଯୋଗିତାରେ ଫାଷ୍ଟ ରନର୍ସ ଅପ୍ ମଧ୍ୟ ରହି ସାରିଛନ୍ତି। ଆର୍ଶିନ୍ ଦ୍ୱିତୀୟ ଶ୍ରେଣୀରୁ ଜୟଦେବ ବିହାରସ୍ଥିତ ଆବାକସ୍ ବିଦ୍ୟାଳୟରେ ପଢୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଦକ୍ଷତା ବଳରେ ଆବାକସ୍‌ର ବିଭିନ୍ନ ଲେବୁଲ ଅତିକ୍ରମ କରି ତା'ର ଫାଇନାଲ ଲେଭଲ୍ ଗ୍ରାଣ୍ଡ ମାଷ୍ଟର ବି'ରେ ପହଞ୍ଚିଲେଣି। ତାଙ୍କ ସଫଳତା ବିଷୟକୁ ନେଇ ତାଙ୍କ ମାଆ କହିଥିଲେ, ଗଣିତ କ୍ଷେତ୍ରରେ ତାଙ୍କ ଦକ୍ଷତା ପାଇଁ ସେ ନିଜ ବିଦ୍ୟାଳୟ ତଥା ରାଜ୍ୟସ୍ତରରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ସମ୍ମାନିତ ହୋଇଛନ୍ତି। କେବଳ ସେତିକି ନୁହେଁ ଏସ୍‌ଆଇପି ଆବାକସ୍ ପ୍ରୋଡିଜି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ମଧ୍ୟ ଅଧିକାର କରିଥିଲେ। ଏଥିପାଇଁ ସେ ଦିନକୁ ଦୁଇରୁ ତିନି ଘଣ୍ଟା ବିଭିନ୍ନ ପ୍ରକାର ଗଣିତ ସମାଧାନର ଅଭ୍ୟାସ କରିବା ସହ ରାତିରେ ହେଉଥିବା ଅନ୍‌ଲାଇନ ଆବାକସର କ୍ଲାସ କରିଥା'ନ୍ତି। ଏତେ ଛୋଟ ବୟସରୁ ନିଜ ପରିଚୟ ଗଢ଼ିବାରେ ସେ ସକ୍ଷମ ବୋଲି ପ୍ରମାଣ କରି ଦେଖାଇଛନ୍ତି।

# ଆତ୍ମନିର୍ଭର ହେଉଛନ୍ତି ଦୃଷ୍ଟିବାଧିତ

**ଭୁବନେଶ୍ୱର (ପିପିଏସ୍):** ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍‌ଏସ୍‌ଇପିଡି), ଓଡ଼ିଶା ସରକାରଙ୍କ ସହାୟତାରେ, ଏନ୍‌ଏବି ଇଣ୍ଡିଆ ସେଣ୍ଟର ଫର୍ ବ୍ଲାଇଣ୍ଡ୍ ଓମେନ, ଦିଲ୍ଲୀ ଏବଂ ସ୍କିଲ୍ କାଉନ୍‌ସିଲ୍ ଫର୍ ପର୍‌ସନ୍ସ ୱିଥ୍ ଡିଜାବିଲିଟିର (ଏସ୍‌ସିପିଡବ୍ଲ୍ୟୁଡି) ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ଜାତୀୟ ସମ୍ମିଳନୀ 'ସମାବେଶ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗମାନଙ୍କ ଦକ୍ଷତାକୁ ବିକଶିତ କରାଯାଇ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି କହିଥିଲେ ଯେ ବର୍ତ୍ତମାନ ରାଜ୍ୟ ସରକାର ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି। ଯୁବକଯୁବତୀମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଦୃଷ୍ଟିବାଧିତଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ମାଧ୍ୟମରେ ଆତ୍ମନିର୍ଭର କରାଯାଉଛି। ସ୍କିଲ୍ କାଉନ୍‌ସିଲ୍ ଫର୍ ପର୍‌ସନ୍ସ ୱିଥ୍ ଡିଜାବିଲିଟିକୁ କେବଳ ଦୃଷ୍ଟିହୀନମାନଙ୍କୁ ତାଲିମ ଦେବା ପାଇଁ ନୁହେଁ, ବରଂ ସହାୟକ ପ୍ରଯୁକ୍ତିବିଦ୍ୟା ସହାୟତାରେ ଦୃଷ୍ଟିବାଧିତଙ୍କ ଦକ୍ଷତା ଏବଂ ନିଯୁକ୍ତି ବିଷୟରେ ସଚେତନତା ଅଣି ଓଡ଼ିଶାର ବ୍ୟବସାୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରିବାକୁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଓଡ଼ିଶା ସରକାର ଦାୟିତ୍ୱ ଦେଇଛନ୍ତି। ଜଟଣୀ ଆଇଟିଆଇରେ ଏହି ଭିନ୍ନକ୍ଷମମାନଙ୍କୁ ମାନୁଫ୍ୟାକ୍‌ଚରିଂ, ଆଇଟି, ଆପାରେଲ୍, ଗାର୍‌ମେଣ୍ଟ୍‌ସ, ହେଲ୍‌ଥକେୟାର, ଫିଜିଓଥେରାପି ଭଳି ବିଭିନ୍ନ କ୍ଷେତ୍ରରେ ତାଲିମ ଦିଆଯାଇ ନିଯୁକ୍ତି ଦିଆଯାଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏସ୍‌ଇପିଡି ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା, ଏସ୍‌ସିପିଡବ୍ଲ୍ୟୁଡି ଅଧ୍ୟକ୍ଷା ଶାଳିନୀ ଖାନ୍ନା, ଅଧ୍ୟକ୍ଷା, ସିଆଆଇ ମୁଖ୍ୟ ପ୍ରଦୀପ୍ତ ମହାନ୍ତି, ଟାଟାର ସିଏସ୍‌ଆର ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଜାତୀୟ ସମ୍ମିଳନୀରେ ଚାରୋଟି ଅଧିବେଶନରେ ଦୃଷ୍ଟିବାଧିତମାନଙ୍କ ଦକ୍ଷତା ବୃଦ୍ଧି ନିଯୁକ୍ତି ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଭିନ୍ନକ୍ଷମ ଯୁବକଯୁବତୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚକୋଲେଟ୍, କେକ୍, ଗୃହ ଉପକରଣ ଆଦି ବିଭିନ୍ନ ହାତ ତିଆରି ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା।

# ପାର୍କିଂ ପାଇଁ ଜାଗା ନାହିଁ, ଗଢ଼ିଉଠୁଛି ବ୍ୟବସାୟିକ ପ୍ରତିଷ୍ଠାନ

**ଭୁବନେଶ୍ୱର (ପିପିଏସ୍):** ପାର୍କିଂ ପାଇଁ ଜାଗା ଖଣ୍ଡେ ନାହିଁ। ଏହା ସତ୍ତ୍ୱେ ରାଜଧାନୀରେ ଗଢ଼ିଉଠୁଛି ବ୍ୟବସାୟିକ ପ୍ରତିଷ୍ଠାନ। ବିଲ୍ଡିଂ ନିର୍ମାଣ ଶେଷ ହେବା ପରେ ରାସ୍ତାକୁ ପାର୍କିଂ ପଏଣ୍ଟ ଭାବେ ବ୍ୟବହାର କରାଯାଉଛି। ଦିନ ରାତି ରାସ୍ତାରେ ଗାଡ଼ି ପାର୍କିଂ କରାଯାଉଛି। ଏଥିପାଇଁ ସହରରେ ଜଟିଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାରେ ଲୋକଙ୍କୁ ଯିବା ଆସିବା କରିବା କଷ୍ଟ ହୋଇପଡୁଛି। ଦୁର୍ଘଟଣା ବି ଘଟୁଛି। ଏଭଳି ବିଲ୍ଡିଂ ନିର୍ମାଣ ଉପରେ ସହରାଞ୍ଚଳ ପ୍ରଶାସନ ବିଡିଏ ଓ ବିଏମ୍‌ସି କଟକଣା ଲାଗଇଛନ୍ତି। ହେଲେ ଜାଗା ମାଲିକ କିନ୍ତୁ କଟକଣା ମାନୁ ନାହାନ୍ତି। ଜମି ମାଲିକ ଅଧିକାରୀଙ୍କ ସହ ସଲାସୂତରା କରି ରାଜଧାନୀରେ ସବୁପ୍ରକାର ନିର୍ମାଣ ସମ୍ଭବ କରିଦେଉଛନ୍ତି। ନିର୍ମାଣ ପୂର୍ବରୁ ପୌର ପ୍ରଶାସନର ଅନୁମତି ନିହାତି ଆବଶ୍ୟକ। ଏଥିପାଇଁ ପ୍ଲାନ୍ ଆପ୍ରୁଭାଲ ନେବାକୁ ପଡେ। ବିଡିଏ କିମ୍ବା ବିଏମ୍‌ସି ଦ୍ୱାରା ଅନୁବନ୍ଧିତ ଜଣେ ଆର୍କିଟେକ୍ ସାଧାରଣତଃ ପ୍ଲାନ୍ ଦେଇଥାନ୍ତି। ଏହାକୁ ପ୍ରସାଶନ ଆପ୍ରୁଭାଲ ପ୍ରଦାନ କରନ୍ତି। ଆଇନ୍ ଅନୁଯାୟୀ ପ୍ଲାନ୍‌ରେ ପାର୍କିଂ ବ୍ୟବସ୍ଥା କରିବା କୌଣସି ନିର୍ମାଣ ପାଇଁ ଆବଶ୍ୟକ। ଏହି ଅନୁଯାୟୀ କାମ ଆଗକୁ ବଢ଼ିବା କଥା। ଜାଗା ମାଲିକ କୌଣସି ଏକ ନିର୍ମାଣ ପାଇଁ ପ୍ଲାନ୍ ଆପ୍ରୁଭାଲ ତ ନେଉଛନ୍ତି ହେଲେ ନିର୍ମାଣ ବେଳେ ପାର୍କିଂ ପାଇଁ ଛଡ଼ାଯାଇଥିବା ସ୍ଥାନରେ ଘର କରି ଦେଉଛନ୍ତି। କାଳେ ଧରାପଡ଼ିଯିବେ ସେଥିପାଇଁ ଅକ୍ୟୁପାନ୍ସି ପ୍ରମାଣପତ୍ର ନେଉ ନାହାନ୍ତି। ବିନା ଅକ୍ୟୁପାନ୍ସିରେ ବ୍ୟବସାୟିକ ପ୍ରତିଷ୍ଠାନ ଚଳାଉଛନ୍ତି। ଅଧିକାରୀଙ୍କ ସହ ସଲାସୂତରା ଯୋଗୁଁ ଏମାନଙ୍କ ଅକ୍ୟୁପାନ୍ସି ପ୍ରମାମଣପତ୍ର ମଧ ଯାଞ୍ଚ ହେଉନାହିଁ।

ଭୁବନେଶ୍ୱରରେ ଏକାଧିକ ବ୍ୟବସାୟିକ ଅନୁଷ୍ଠାନ ଏଭଳି ଚାଲିଛି। ବ୍ୟବସାୟିକ ପ୍ରତିଷ୍ଠାନ ରାସ୍ତାକୁ ପାର୍କିଂ ପାଇଁ ବ୍ୟବହାର କରୁଥିବା ସବୁଲୋକଙ୍କୁ ଦେଖାଯାଉଛି। ହେଲେ କେବଳ ପୌର ପ୍ରଶାସନିକ ଅଧିକାରୀଙ୍କୁ ଏଭଳି କିଛି ଦେଖାଯାଉ ନାହିଁ। କର୍ମଚାରୀ ଅଭାବକୁ ବାହାନା ବନାଇ ସବୁ ସମୟରେ ଖସିଯାଉଥିବା ଏହି ଅଧିକାରୀମାନେ କେବେ କାର୍ଯ୍ୟକାନୁଷ୍ଠାନ ନେବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ବିଏମ୍‌ସି ଗଣିବ ରାସ୍ତାକଡ଼ରେ ଥିବା ଗଛ ସଂଖ୍ୟା

**ଭୁବନେଶ୍ୱର (ପିପିଏସ୍):** ଖରା ବଢ଼ିଲାଣି। ବିଏମ୍‌ସିର ରାସ୍ତାକଡ଼ ଗଛ ଚିନ୍ତା ବି ବଢ଼ିଲାଣି। ବିଏମ୍‌ସି ଅଧୀନରେ ମୋଟ୍ ୧୯ ହଜାର ୫୩୨ଟି ଗଛ ଲଗାଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ କିଛି ଗଛ ମରିଯାଇଛି। ଏହା ସତ୍ତ୍ୱେ ରକ୍ଷଣାବେକ୍ଷଣ କରୁଥିବା ସଂସ୍ଥା ସବୁ ଗଛ ବଞ୍ଚିଛି ବୋଲି ଦାବି କରୁଛନ୍ତି। ଏଥିପାଇଁ ବିଏମ୍‌ସି ରାସ୍ତାକଡ଼ର ସମସ୍ତ ଗଛ ଗଣିବାକୁ ସ୍ଥିର କରିଛି। ବିଏମ୍‌ସିର ଏକ ଟିମ୍ ସବୁ ଗଛ ଗଣିବ। କେତେ ଗଛ ବଞ୍ଚିଛି, ଆଉ କେତେ ଗଛ ମରିଯାଇଛି ସେନେଇ ରିପୋର୍ଟ ପ୍ରସ୍ତୁତ ହେବ। ୭ଦିନ ମଧ୍ୟରେ ଉକ୍ତ ଟିମ୍ ବିଏମ୍‌ସିର ପରିବେଶ ବିଭାଗକୁ ରିପୋର୍ଟ ହସ୍ତାନ୍ତର କରିବେ। ଏହାପରେ ଏଠାରେ ଆଉ ନୂଆ ଚାରାରୋପଣ କରାଯିବ। ସେହିପରି ବିଏମ୍‌ସି ପକ୍ଷରୁ ମୋଟ୍ ୧୦ ଏନ୍‌ଜିଓ ସଂସ୍ଥା ଚୟନ କରାଯାଇଛି। ଏହି ସଂସ୍ଥାଗୁଡ଼ିକ ଖରାଦିନେ ଗଛକୁ ପାଣି ଦେବେ। ସପ୍ତାହରେ ୨ଦିନ ପାଣି ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# କର୍ମକ୍ଷେତ୍ରରେ ଚାପ ବଢୁଛି, ପୁଲିସ କର୍ମଚାରୀଙ୍କ ମାନସିକ ସ୍ଥିତି ବିଗୁଡୁଛି

**ଭୁବନେଶ୍ୱର (ପିପିଏସ୍):** ମାମଲାର ତଦନ୍ତ ଅପେକ୍ଷା 'ଲ' ଆଣ୍ଡ ଅର୍ଡର' ବଢ଼ାଉଛି ପୁଲିସ କର୍ମଚାରୀଙ୍କ ବିପି। କାରଣ ତଦନ୍ତ ଅପେକ୍ଷା ସହରରେ ଲ' ଆଣ୍ଡ୍ ଅର୍ଡର କାର୍ଯ୍ୟ କରି କରି ପୁଲିସ ପୂରା ହାଲିଆ ହୋଇ ପଡୁଛି। କାର୍ଯ୍ୟଭାର ବଢୁଥିବାରୁ ତାହା ପୁଲିସ ବାବୁଙ୍କୁ ମାନସିକ ଚାପ ପକାଉଛି। ବିଶେଷକରି କମିସନରେଟ୍ ପୁଲିସରେ କାର୍ଯ୍ୟ କରୁଥିବା ଅଫିସରମାନେ ପ୍ରତିଦିନ ୧୮ ଘଣ୍ଟା କାର୍ଯ୍ୟ କରୁଛନ୍ତି। ଆଇନଶୃଙ୍ଖଳା, ମାମଲାର ତଦନ୍ତ କରିବା, କେସ୍ ବନ୍ଦ କରିବା ଆଦି ଚାପ ପୁଲିସ ମୁଣ୍ଡ ଉପରେ ଲଦି ଦିଆଯାଉଛି। ଯାହାଫଳରେ ପୁଲିସ ବାବୁମାନେ ପରିବାର ଲୋକଙ୍କୁ ସମୟ ଦେଇପାରୁ ନାହାନ୍ତି। ଥାନାକୁ ଗଲାମାତ୍ରେ କାର୍ଯ୍ୟ ଚାପ ପଡ଼ିଯାଉଛି। ଅନେକ ପୁଲିସ କାର୍ଯ୍ୟ ଚାପ ପାଇଁ ମାନସିକ ଅବସାଦ ଦେଇ ଗତି କରୁଛନ୍ତି। ଯେଉଁଥିପାଇଁ ଅନେକ ପୁଲିସ ଅଫିସର ମାନସିକ ଅବସାଦରେ ଆସି ଆତ୍ମହତ୍ୟା ଭଳି ଘଟଣା ଭିଆଉଛନ୍ତି। ନିଜ ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଆଇଆଇସି ଦେବ କୁମାର ଗମାଙ୍ଗ ଆତ୍ମହତ୍ୟା କରିଥିଲେ। ମିଳିଥିବା ତଥ୍ୟ ଅନୁସାରେ, ଗତ ୧୦ ବର୍ଷରେ ରାଜଧାନୀରେ ୧୫ରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ବିପିଆର୍‌ଡି ରିପୋର୍ଟ ଅନୁସାରେ, ଜାତୀୟସ୍ତରରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ପୁଲିସ ୮ଘଣ୍ଟା ବଦଳରେ ୧୮ଘଣ୍ଟା ଖଟୁଛି। ଜଣେ ପୁଲିସ ଅଧିକାରୀ ବାର୍ଷିକ ସର୍ବାଧିକ ୭ରୁ ୮ଟି ଅପରାଧିକ ମାମଲାର ତଦନ୍ତ କରିବା କଥା। କିନ୍ତୁ ରାଜଧାନୀରେ ଜଣେ ପୁଲିସ ଅଫିସର ହାରାହାରି ୧୨୦ଟି ମାମଲାର ତଦନ୍ତ ଦାୟିତ୍ୱ ନେଉଛି। ଜରୁରୀ କାମ ପଡ଼ିଲେ ସେମାନେ ଦିନରାତି ଥାନାରେ ପଡ଼ି ରହୁଛନ୍ତି। ଅନେକ ସମୟରେ ମଧ କେସ୍ ଶେଷ କରିବାକୁ ପୁଲିସ କର୍ମଚାରୀଙ୍କୁ ଟାର୍ଗେଟ୍ ଦିଆଯାଉଛି। ତେଣୁ କାର୍ଯ୍ୟଭାର ଯୋଗୁଁ ଅନେକ ପୁଲିସ ବାବୁ ମାନସିକ ଚାପକୁ ପଳାଉଛନ୍ତି। ଜନସଂଖ୍ୟା ଅନୁସାରେ ଥାନାରେ ନାହାନ୍ତି ପୁଲିସ କର୍ମଚାରୀ। ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୧୪୦ ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବା କଥା। କିନ୍ତୁ ରାଜଧାନୀରେ ପ୍ରତି ୧ଲକ୍ଷ ଜନସଂଖ୍ୟା ପାଇଁ ମଞ୍ଜୁରୀପ୍ରାପ୍ତ ପୁଲିସ ପଦ ମାତ୍ର ୯୮। ତା'ଠାରୁ ଉଦ୍‌ବେଗଜନକ ହେଉଛି ଯେ ସେହି ୯୮ ମଞ୍ଜୁରୀପ୍ରାପ୍ତ ପଦରେ ୧୫ ପ୍ରତିଶତ ଫାଙ୍କା ପଡ଼ିଛି। ନିଅଣ୍ଟିଆ ଲୋକବଳ ଓ ଭିତ୍ତିଭୂମି ଅଭାବ ଯୋଗୁଁ ପୁଲିସ ଅଧିକାରୀ ମାନସିକ ଚାପକୁ ପଳାଉଛନ୍ତି। ନିକଟରେ ଗଞ୍ଜାମରେ ପୁଲିସ କର୍ମଚାରୀଙ୍କ ମାନସିକ ପରୀକ୍ଷା କରାଯାଇଛି। କିନ୍ତୁ କମିସନରେଟ୍ ପୁଲିସ ରିଜର୍ଭରେ ଏକ ମେଡିକାଲ ଖୋଲାଯାଇଛି। ସେଠାରେ ପୁଲିସ ଅଧିକାରୀ ମାନସିକ ପରୀକ୍ଷା କରିପାରିବେ। କିନ୍ତୁ ଲାଜରେ ଅନେକ ପୁଲିସ ଅଧିକାରୀ ମାନସିକ ପରୀକ୍ଷା କରିବାକୁ ଆସୁନାହାନ୍ତି। ସେମାନେ ଲୁଚିଛପି ଘରୋଇ ହସ୍ପିଟାଲରେ ମାନସିକ ପରୀକ୍ଷା କରି ଔଷଧ ଖାଉଛନ୍ତି। ହେଲେ ସେମାନେ ଛୁଟି ନେଉନାହାନ୍ତି, କି ଉଚ୍ଚ ଅଧିକାରୀଙ୍କୁ ଏନେଇ ଜଣାଉନାହାନ୍ତି। ସେମାନଙ୍କ ନିକଟରେ ସର୍ଭିସ୍ ବନ୍ଧୁକ ଥିବାରୁ ସେମାନେ କିଛି ବି ଘଟଣା ଘଟାଇବା ସମ୍ଭାବନା ରହୁଛି। ଅନେକ ପୁଲିସ କର୍ମଚାରୀ ନିଜ ଅଜାଣତରେ କିଛି ଭୁଲ୍ କରି ବସନ୍ତି। ଆଉ ସେହି ଭୁଲ୍ ସେମାନଙ୍କ ପାଇଁ କାଳ ହୋଇଥାଏ। ଯେଉଁଥିପାଇଁ ପୁଲିସ ହୋଇ ମଧ ବ୍ଲାକ୍ ମେଲିଂର ଶିକାର ହୋଇଥା'ନ୍ତି। ଲୋକଲଜ୍ଜା ଭୟରେ ଅନେକ ପୁଲିସ କର୍ମଚାରୀ ପାଟି ଖୋଲନ୍ତି ନାହିଁ। କାଳେ କେହି ଜାଣିବା ପରେ ଘଟଣା ପ୍ରଘଟ ହୋଇଯିବ, ଆଉ ତାଙ୍କ ସମ୍ମାନହାନୀ ହେବ। ତେଣୁ ଏହି ଆଶଙ୍କା କରି ଅନେକ ପୁଲିସ କର୍ମଚାରୀ ମାନସିକ ଦୁଃଶ୍ଚିନ୍ତାରେ ରହି ଆତ୍ମହତ୍ୟା ଭଳି ରାସ୍ତାକୁ ଆପଣାଇ ନିଅନ୍ତି।






## ନ୍ୟୁୟର୍କସ୍ଥିତ ପାକ୍ ହୋଟେଲ୍‌ରେ ତାଲା




ୱାଶିଂଟନ : ଆମେରିକାର ନ୍ୟୁୟର୍କ ସହରରେ ଥିବା ପାକିସ୍ତାନୀ ସରକାରଙ୍କ ଅଧିକୃତ ରୁଜଭେଲ୍ଟ ହୋଟେଲକୁ ବନ୍ଦ କରିଦେବା ପାଇଁ ଶେଷରେ ନିଷ୍ପତ୍ତି ହୋଇଛି । ଏଥିଲାଗି ପାକ୍ ସହ ହୋଇଥିବା ୨୨୦ ନିୟୁତ ଡଲାରର ଏକ ଚୁକ୍ତିରେ ନାଲିଗାର ଟଣାଯାଇଛି । ହୋଟେଲରୁ ପାକିସ୍ତାନର ଶାହବାଜ ସରକାର ବିପୁଳ ଲାଭ ପାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ନ୍ୟୁୟର୍କସ୍ଥିତ ରୁଜଭେଲ୍ଟ ହୋଟେଲରେ ଶରଣାର୍ଥୀମାନେ ରହୁଥିଲେ । ଏଥିପାଇଁ ବର୍ଷକୁ ୨୨୦ ନିୟୁତ ଡଲାର ଖର୍ଚ୍ଚ ହେଉଥିଲା । ଆମେରିକୀୟ କରଦାତାଙ୍କଠାରୁ ଏହାକୁ ଅସୁଲ କରାଯାଉଥିଲା । ହୋଟେଲକୁ ବନ୍ଦ କରାଯିବା ନିଷ୍ପତ୍ତି ପଛରେ ଟ୍ରମ୍ପଙ୍କ ସମର୍ଥକ 'ମାଗା (ମେକ୍ ଆମେରିକା ଗ୍ରେଟ୍ ଏଗେନ୍)' ଗ୍ରୁପ୍ ଓ ସଂଘୀୟ ସରକାରଙ୍କ ହାତ ଥିବା କୁହାଯାଉଛି । ଡେମୋକ୍ରାଟ୍ ମେୟର ଏରିକ୍ ଆଡାମ୍ସ ରୁଜଭେଲ୍ଟ ହୋଟେଲ ବନ୍ଦ ହେବା ନେଇ ଘୋଷଣା କରିଛନ୍ତି। ଜୋ ବାଇଡେନ୍‌ଙ୍କ ସରକାର ବେଳେ ଏରିକ୍‌ଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା । ଏହାପରେ ସେ ଟ୍ରମ୍ପଙ୍କ ସମର୍ଥକଙ୍କ ମଧ୍ୟରେ ସାମିଲ ହୋଇଥିଲେ । ରୁଜଭେଲ୍ଟ ହୋଟେଲରେ ୧,୦୨୫ ରୁମ୍ ରହିଛି । ଏଠାରେ ପ୍ରବାସୀଙ୍କ ପାଇଁ ରହଣି ବ୍ୟବସ୍ଥା ହୋଇଛି । ଗୋଟିଏ ରାତି ପାଇଁ ଜଣ ପିଛା ୨୦୦ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାଏ। ୨୦୨୩ ମେ ମାସରେ ଆରମ୍ଭ ହୋଇଥିବା ଏହି ଆଶ୍ରୟସ୍ଥଳପାଇଁ ନ୍ୟୁୟର୍କ ପ୍ରଶାସନ ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟରଲାଇନ୍ସ ସହ ୩ ବର୍ଷ ପାଇଁ ୨୨୦ ନିୟୁତ ଡଲାରର ଚୁକ୍ତି କରିଥିଲା । ୨୦୨୩ରେ ଯେତେବେଳେ ପ୍ରତି ସପ୍ତାହରେ ପ୍ରାୟ ୪ ହଜାର ପ୍ରବାସୀ ନ୍ୟୁୟର୍କରେ ପହଞ୍ଚୁଥିଲେ, ସେତେବେଳେ ଏହି ହୋଟେଲ ବାହାରେ ଶିବିର ଲଗାଉଥିବା ପ୍ରବାସୀଙ୍କ ଫଟୋକୁ ନେଇ 'ମାଗା' ସମର୍ଥକ ଓ ନ୍ୟୁୟର୍କର କିଛି ଲୋକ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଟ୍ରମ୍ପ୍ ଓ ତାଙ୍କର ସମର୍ଥକମାନେ ତତ୍କାଳୀନ ଡେମୋକ୍ରାଟ୍ ସରକାରଙ୍କ ବିରୋଧରେ 'ଅବୈଧ ପ୍ରବାସୀଙ୍କୁ ବିଳାସମୟ ହୋଟେଲରେ ରହିବାକୁ ଅନୁମତି ଦିଆଯିବା' ନେଇ ଅଭିଯୋଗ ଆଣିଥିଲେ ।

## ୟୁନୁସ ସରକାରଙ୍କୁ ଲାଗିଲା ଝଟ୍‌କା

**ଢାକା :** ବାଂଲାଦେଶରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଉଥିବା ଛାତ୍ର ନେତା ନାହିଦ ଇସଲାମ ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରରୁ ଇସ୍ତଫା ଦେଇଛନ୍ତି। ନାହିଦ ଇସଲାମ ୟୁନୁସଙ୍କୁ କ୍ୟାବିନେଟରେ ସୂଚନା ପରାମର୍ଶଦାତା ଭାବରେ ନିଯୁକ୍ତି ଦିଆଯାଇଥିଲା। ସେ ମଙ୍ଗଳବାର ମହମ୍ମଦ ୟୁନୁସଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ମହମ୍ମଦ ୟୁନୁସଙ୍କ ଶାସନରେ ବାଂଲାଦେଶ ଅପରାଧ ଦ୍ୱାରା କବଳିତ ହୋଇଯାଇଛି। ପୋଲିସ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଗତ କିଛି ମାସ ମଧ୍ୟରେ ସାରା ଦେଶରେ ହତ୍ୟା, ଅପହରଣ, ଡକାୟତି ଘଟଣାରେ ତୀବ୍ର ବୃଦ୍ଧି ଘଟିଥିବା ରିପୋର୍ଟ କରାଯାଇଛି। ଗତ ଛଅ ବର୍ଷ ମଧ୍ୟରେ ଅପରାଧ ଦୃଷ୍ଟିରୁ ଏହା ସବୁଠାରୁ ଖରାପ ସ୍ଥିତି। ତଥାପି, ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଗୃହ ବ୍ୟାପାର ପରାମର୍ଶଦାତା ଜାହାଙ୍ଗୀର ଆଲମ ଚୌଧୁରୀ ଏହି ତଥ୍ୟକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଦାବି କରିଛନ୍ତି ଯେ ଦେଶରେ ଆଇନ ଶୃଙ୍ଖଳା ପରିସ୍ଥିତି ସନ୍ତୋଷଜନକ। ସମ୍ପ୍ରତି, ବହିଷ୍କୃତ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ଦେଶକୁ ଆତଙ୍କବାଦ ଏବଂ ଅରାଜକତାର କେନ୍ଦ୍ରରେ ପରିଣତ କରିବାର ଅଭିଯୋଗ କରିଥିଲେ। ଗତ ବର୍ଷ ଅଗଷ୍ଟ ୫ ତାରିଖରେ ଏକ ହିଂସାତ୍ମକ ଛାତ୍ର ଆନ୍ଦୋଳନ ପରେ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ ସରକାରର ପତନ ଘଟିଥିଲା। ଏହା ପରେ, ହିଂସା ଏବଂ ଅପରାଧର ଘଟଣା ବୃଦ୍ଧି ପାଇଛି। ଡେଲି ଷ୍ଟାର ଖବରକାଗଜ ପୋଲିସ ମୁଖ୍ୟାଳୟରୁ ମିଳିଥିବା ତଥ୍ୟକୁ ଉଦ୍ଧୃତ କରି କହିଛି ଯେ ଚଳିତ ବର୍ଷ ଜାନୁଆରୀରେ ସାରା ଦେଶର ପୋଲିସ ଷ୍ଟେଶନରେ ୨୯୪ଟି ହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ଯେତେବେଳେ ଏହି ସମୟ ମଧ୍ୟରେ ଡକାୟତର ୨୪୨ଟି ମାମଲା ରିପୋର୍ଟ ହୋଇଥିଲା। ଗତ ଛଅ ବର୍ଷ ମଧ୍ୟରେ ମାସିକ ଅପରାଧ ତଥ୍ୟ ବିଶ୍ଲେଷଣରୁ ଜଣାପଡିଛି ଯେ ଗୋଟିଏ ମାସରେ ସର୍ବାଧିକ ଅପରାଧ ଘଟଣା ରେକର୍ଡ କରାଯାଇଛି।

# ଆଜିର ଯୁଗ ହେଉଛି ଜ୍ଞାନକୌଶଳର ଯୁଗ: ରାଷ୍ଟ୍ରପତି

**ପାଟନା :** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବିହାର ଗସ୍ତରେ ଯାଇ ବିହାରର ପାଟନା ମେଡିକାଲ କଲେଜର ଶତବାର୍ଷିକୀ ଉତ୍ସବକୁ ସମ୍ବୋଧିତ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ବିହାରର ଏହି ପବିତ୍ର ଭୂମିକୁ ମୁଁ ସମ୍ମାନର ସହ ପ୍ରଣାମ କରୁଛି। ସେ କହିଥିଲେ, ଭାରତୀୟ ଆଧ୍ୟାତ୍ମିକତାର କେନ୍ଦ୍ର ପାଲଟିଥିବା ଏହି ଭୂମି ହେଉଛି ମାତା ସୀତା, ଭଗବାନ ମହାବୀର ଏବଂ ଭଗବାନ ବୁଦ୍ଧଙ୍କ ପବିତ୍ର ସ୍ଥାନ। ବିହାର ସରକାର ସାମ୍ପ୍ରତିକ ବର୍ଷଗୁଡ଼ିକରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଅନେକ ଉଲ୍ଲେଖନୀୟ ପ୍ରୟାସ କରିଛନ୍ତି। ପିଏମସିଏଚର ପୁନଃବିକାଶ ଯୋଜନା ମଧ୍ୟ ଏହି ପଦକ୍ଷେପ ମଧ୍ୟରୁ ଅନ୍ୟତମ ବୋଇଲି ରାଷ୍ଟ୍ରପତି



ଶ୍ରୀମତୀ ମୁର୍ମୁ କହିଛନ୍ତି। ସେ କହିଛନ୍ତି, ଆଜିର ଯୁଗ ହେଉଛି ଜ୍ଞାନ କୌଶଳର ଯୁଗ। ଔଷଧ କ୍ଷେତ୍ରରେ ମଧ୍ୟ ଜ୍ଞାନ କୌଶଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ବିହାର ମାଟିରେ ତ୍ୟାଗ ଓ କରୁଣା ରହିଛି। ଦୟାର ଏହି ଭାବନାରେ ଲୋକଙ୍କ ସେବା କରିବା ପ୍ରକୃତ ଧର୍ମ ବୋଲି ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପତି କହିଥିଲେ ଯେ ପାଟନା ମେଡିକାଲ କଲେଜ ବିହାରର ଅମୂଲ୍ୟ ଐତିହ୍ୟ ମଧ୍ୟରୁ ଅନ୍ୟତମ। ପରମ୍ପରାକୁ ବଜାୟ ରଖି ନିରନ୍ତର ଆଧୁନିକତା ଆଡକୁ ଅଗ୍ରସର ହେବାର ଗୌରବମୟ ଇତିହାସ ଏହି ଅନୁଷ୍ଠାନର ରହିଛି ବୋଲି ରାଷ୍ଟ୍ରପତି କହିଥିଲେ।

## ଭିଜା ନିୟମରେ ପରିବର୍ତ୍ତନ କଲା କାନାଡ଼ା

**ନୂଆଦିଲ୍ଲୀ :** କାନାଡା ଫେବୃଆରୀ ୨୦୨୫ଠାରୁ ତାର ଭିଜା ନିୟମରେ ବଡ଼ ପରିବର୍ତ୍ତନ କରିଛି, ଯାହା ହଜାର ହଜାର ଛାତ୍ର, ଶ୍ରମିକ ଏବଂ ପ୍ରବାସୀ, ବିଶେଷକରି ଭାରତୀୟଙ୍କୁ ପ୍ରଭାବିତ କରିବ। ନୂତନ ନିୟମ କାନାଡିୟ ସୀମା ଅଧିକାରୀମାନଙ୍କୁ ଛାତ୍ର, ଶ୍ରମିକ ଏବଂ ଅନ୍ୟାନ୍ୟ ଅସ୍ଥାୟୀ ବାସିନ୍ଦାଙ୍କ ଭିଜା ସ୍ଥିତି ପରିବର୍ତ୍ତନ କରିବା ପାଇଁ ଅସୀମ କ୍ଷମତା ପ୍ରଦାନ କରେ। କାନାଡାର ନୂତନ ଇମିଗ୍ରେସନ ଏବଂ ରିଫ୍ୟୁଜି ସୁରକ୍ଷା ନିୟମ ଅନୁଯାୟୀ, କାନାଡା ସୀମା ଅଧିକାରୀମାନେ ଏବେ ୱାର୍କ ପରମିଟ, ଛାତ୍ର ଭିଜା ଏବଂ ଅସ୍ଥାୟୀ ବାସସ୍ଥାନ ଭିସା (ଝଜ୦) ପ୍ରତ୍ୟାଖ୍ୟାନ କିମ୍ବା ବାତିଲ କରିବାର କ୍ଷମତା ରଖିଛନ୍ତି। କାନାଡାରେ ତାଙ୍କର ଅଧିକାରପ୍ରାପ୍ତ ରହଣି ସମୟ ଶେଷ ହେବା ପରେ ଜଣେ ବ୍ୟକ୍ତି ଦେଶ ଛାଡିବାକୁ ପ୍ରସ୍ତୁତ କି ନାହିଁ




ତାହା ଏହି ଅଧିକାରୀମାନେ ନିର୍ଣ୍ଣୟ କରିପାରିବେ। ଭାରତୀୟ ଛାତ୍ର ଏବଂ ଶ୍ରମିକଙ୍କ ପାଇଁ କାନାଡା ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ହୋଇଆସିଛି। ସରକାରୀ ତଥ୍ୟ ଅନୁଯାୟୀ, ବର୍ତ୍ତମାନ କାନାଡାରେ ୪.୨ ଲକ୍ଷରୁ ଅଧିକ ଭାରତୀୟ ଛାତ୍ର ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି। କାନାଡାରେ କାମ କରିବା, ପାଠପଢ଼ା କରିବା କିମ୍ବା ସ୍ଥାୟୀ ବାସ କରିବାକୁ ଯୋଜନା କରୁଥିବା ଭାରତୀୟ ଛାତ୍ର, ଶ୍ରମିକ ଏବଂ ପ୍ରବାସୀମାନଙ୍କ ପାଇଁ ଏହି ନୂତନ ନିୟମଗୁଡ଼ିକ ଚ୍ୟାଲେଞ୍ଜିଂ ସାବ୍ୟସ୍ତ ହୋଇପାରେ। ଯଦି ଜଣେ ଛାତ୍ର, ଶ୍ରମିକ କିମ୍ବା ପ୍ରବାସୀଙ୍କ ଭିଜା ବାତିଲ ହୋଇଯାଏ, ତେବେ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାନାଡା ଛାଡ଼ିବାକୁ ପଡିବ। ଯଦି ଜଣେ ବ୍ୟକ୍ତି ପୂର୍ବରୁ କାନାଡାରେ ରହୁଛନ୍ତି ଏବଂ ତାଙ୍କର ପରମିଟ ବାତିଲ ହୋଇଯାଏ, ତେବେ ତାଙ୍କୁ ଦେଶ ଛାଡିବା ପାଇଁ ନୋଟିସ ଦିଆଯିବ। ବର୍ତ୍ତମାନ କାନାଡାରେ ପ୍ରାୟ ୪.୨୭ ଲକ୍ଷ ଭାରତୀୟ ଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଛି, ଯାହା ଫଳରେ କାନାଡା ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶ୍ରେଷ୍ଠ ଶିକ୍ଷାଗତ ସ୍ଥଳ ପାଲଟିଛି।

## ନିର୍ବାଚନ ଆଗରୁ ନଡ୍ଡା-ନୀତୀଶ ଭେଟଘାଟ

**ପାଟନା:** ବିହାର ନିର୍ବାଚନକୁ ନେଇ ଜୋରଦାର ଚର୍ଚ୍ଚା। ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହୋଇନି କି ଏନେଇ କୌଣସି ଦଳ ପକ୍ଷରୁ ପ୍ରଚାର ବି ଆରମ୍ଭ ହୋଇନି । ହେଲେ ଏବେଠୁ ସରଗରମ ହେଲାଣି ରାଜନୀତି । ଗତ ୨ ମାସ ହେଲାଣି ଚର୍ଚ୍ଚା ହେଉଛି କି, ନୀତୀଶ କୁମାର ଏନଡିଏ ମେଣ୍ଟ ଛାଡ଼ି ଇଣ୍ଡି ମେଣ୍ଟରେ ଯୋଗ ଦେବେ । ବିଧାନସଭା ନିର୍ବାଚନ ଲଢ଼ିବେ । ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା ଯେତେବେଳେ ଦିଲ୍ଲୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ସମୟରେ ନୀତିଶ ଦିଲ୍ଲୀ ଯାଇଥିଲେ ହେଲେ ବିଜେପି ନେତାଙ୍କ ସହ ଆଦୌ କଥା ହୋଇନଥିଲେ କିନ୍ତୁ କଂଗ୍ରେସ ନେତାଙ୍କ ସହ ଆଲୋଚନା କରିଥିଲେ । ଏହାରି ଭିତରେ ଗୃହମନ୍ତ୍ରୀ ଅମିତ୍ ଶାହ ବିହାର ଗସ୍ତରେ ଯାଇଥିଲେ । ଏବେ କିନ୍ତୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ନୀତୀଶ ଭେଟିବା ପରେ ଚର୍ଚ୍ଚା ଜୋର ଧରିଛି ।

ନିର୍ବାଚନ ଯେତିକି ଯେତିକି ପାଖେଇ ଆସୁଛି, ବିହାର ରାଜନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି । ଗତକାଲି ଖୋଦ ପିଏମ ମଧ୍ୟ ବିହାର ଗସ୍ତରେ ଯାଇ ସେଠାରୁ ପୁରା ଦେଶକୁ ପିଏମ କିଷାନର ୧୯ ତମ କିସ୍ତି



ପଠାଇଥିଲେ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା କି ମୋଦୀଙ୍କ ଫୋକସରେ ବିହାର । ଆଉ ଆଜି ପୁଣି ଥରେ କେନ୍ଦ୍ରମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ବିହାର ଗସ୍ତରେ ଅଛନ୍ତି । ଗସ୍ତ ସମୟରେ ନେତା ଓ କର୍ମୀଙ୍କୁ ଭେଟିଛନ୍ତି । ଖାଲି ଏତିକି ନୁହେଁ ବରଂ କେମିତି ଆଗାମୀ ଦିନରେ ବିହାରରେ ବିଜେପି କ୍ଷମତାକୁ ଆସିବେ ସେନେଇ ପ୍ଲାନ ବି କରିଥିବା କୁହାଯାଉଛି । ନଡ୍ଡାଙ୍କ ବିହାର ଗସ୍ତ ସମୟରେ ହଠାତ୍ ତାଙ୍କୁ ଭେଟିବାକୁ ପହଞ୍ଚିଥିଲେ ନୀତୀଶ କୁମାର । କେବଳ ନୀତୀଶ କୁମାର ନୁହେଁ ବରଂ ତାଙ୍କ ସହ ମନ୍ତ୍ରୀମାନେ ମଧ୍ୟ ନଡ୍ଡାଙ୍କ ସହ ସାକ୍ଷାତ କରିଛନ୍ତି । ବନ୍ଦ ଘରେ ହୋଇଥିବା ବୈଠକରେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି । ଆଉ ଏହି ଆଲୋଚନା ବଡ଼ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କାରଣ ନିର୍ବାଚନକୁ ହାତରେ କମ୍ ସମୟ ଥିବା ବେଳେ ମୋଦୀ ଓ ନଡ୍ଡା ନୀତୀଶଙ୍କୁ କି ପ୍ରକାର ରାଜନୈତିକ ଟ୍ୟୁସନ କଲେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବୈଠକରେ ଗୋଟିଏ ସୋଫା ଉପରେ ଦୁଇ ନେତା ଏକା ସାଙ୍ଗରେ ବସିଥିଲେ । ତେଣୁ କୁହାଯାଇପାରେ ଉଭୟ ଏହା ବାର୍ତ୍ତା ଦେବାକୁ ଚାହୁଁଥିଲେ କି, ଆମ ଭିତରେ ସବୁକିଛି ଠିକ୍‌ଠାକ୍ ଚାଲିଛି ।

## କଂଗ୍ରେସ ଉପରେ ରାଗିଲେ ପ୍ରୀତି ଜିଣ୍ଟା

**ଥିରୁଭାନନ୍ତପୁରମ :** ମଙ୍ଗଳବାର ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଏବଂ କେରଳ କଂଗ୍ରେସ ମଧ୍ୟରେ ଅଭିଯୋଗ ଏବଂ ପ୍ରତିଅଭିଯୋଗର ଧାରା ଚାଲିଥିଲା। କେରଳ କଂଗ୍ରେସ ଅଭିଯୋଗ କରିଛି ଯେ ପ୍ରୀତି ଜିଣ୍ଟାଙ୍କ ୧୮ କୋଟି ଟଙ୍କାର ଋଣ ଛାଡ କରାଯାଇଛି ଏବଂ ସେ ତାଙ୍କର ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ଭାରତୀୟ ଜନତା ପାର୍ଟିକୁ ହସ୍ତାନ୍ତର କରିଛନ୍ତ। ହେଲେ ପ୍ରୀତି ଜିଣ୍ଟା କଂଗ୍ରେସର ଏହି ଦାବିଗୁଡ଼ିକୁ ମିଥ୍ୟା ବୋଲି କହିଛନ୍ତି ଏବଂ ତାଙ୍କ ଋଣର ସ୍ଥିତି ମଧ୍ୟ ସ୍ପଷ୍ଟ କରିଛନ୍ତି। ଏବେ ପୁଣି ଥରେ କେରଳ କଂଗ୍ରେସ ଏହା ଉପରେ ପ୍ରତିକ୍ରିୟା ଦେଇଛି। ଅଭିନେତ୍ରୀଙ୍କ ଉତ୍ତର ପରେ, କେରଳ କଂଗ୍ରେସ ମଧ୍ୟ ଏକ୍ସରେ ପୋଷ୍ଟ କରି କହିଛି, 'ଏହା ଜାଣି ଖୁସି ଲାଗିଲା ଯେ ଆପଣ ନିଜେ ଆପଣଙ୍କର ଆକାଉଣ୍ଟ ପରିଚାଳନା କରୁଛନ୍ତି।' ଅନ୍ୟ ସେଲିବ୍ରିଟିମାନଙ୍କ ପରି ନୁହେଁ ଯେଉଁମାନେ ନିଜର ଆକାଉଣ୍ଟଗୁଡ଼ିକୁ ଆଇଟି ସେଲକୁ ହସ୍ତାନ୍ତର କରିଛନ୍ତି। ଆପଣଙ୍କ ଋଣ ସ୍ଥିତି ବିଷୟରେ ଆମକୁ ଜଣାଇ ଥିବାରୁ ଧନ୍ୟବାଦ। ଯଦି ଆମେ ଭୁଲ କରିବୁ, ଆମେ ତାହାକୁ ସଂଶୋଧନ କରିବୁ। ଆମେ କେବଳ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଖବର ଶେୟାର କରିଥିଲୁ। ପ୍ରୀତି ଜିଣ୍ଟା ଏକ୍ସରେ ପୋଷ୍ଟ କରି କହିଥିଲେ, ମୁଁ ମୋର ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକ ନିଜେ ବ୍ୟବହାର କରେ ଏବଂ ତୁମକୁ ନକଲି ଖବର ପ୍ରଚାର କରିବାରେ ଲିପ୍ତ ହେବା ଉଚିତ। ମୋ ପାଇଁ କେହି କୌଣସି ଋଣ ଛାଡ଼ କରିନଥିଲେ। ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ କୌଣସି ରାଜନୈତିକ ଦଳ କିମ୍ବା ଏହାର ପ୍ରତିନିଧି ନକଲି ଖବରକୁ ପ୍ରୋତ୍ସାହିତ କରୁଛନ୍ତି। ସେ ମୋ ନାମ ଏବଂ ଫଟୋ ବ୍ୟବହାର କରି ଅବାନ୍ତର ଗପ ପ୍ରଚାର କରୁଛନ୍ତି। ରେକର୍ଡ ପାଇଁ, ଋଣଟି ୧୦ବର୍ଷରୁ ଅଧିକ ସମୟ ପୂର୍ବରୁ ନିଆଯାଇଥିଲା ଏବଂ ପରିଶୋଧ କରାଯାଇଥିଲା। ଆଶା କରୁଛି ଏହା ଆପଣଙ୍କୁ ସାହାଯ୍ୟ କରିବ ଯାହା ଦ୍ୱାରା ଭବିଷ୍ୟତରେ କୌଣସି ଭୁଲ ବୁଝାମଣା ରହିବ ନାହିଁ।

## ଅରବିନ୍ଦ କେଜ୍ରିୱାଲଙ୍କୁ ବଡ଼ ଝଟ୍‌କା



ନୂଆଦିଲ୍ଲୀ: ଅରବିନ୍ଦ କେଜ୍ରିୱାଲଙ୍କୁ ବଡ ଝଟକା। ଅବକାରି ଦୁର୍ନିତିକୁ ନେଇ ନୂଆ ରିପୋର୍ଟ ଜାରି କଲେ ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ(ସିଏଜି)। ଦିଲ୍ଲୀରେ ଆମ୍ ଆଦମି ଦଳ ଦ୍ୱାରା ଲଗାଯାଇଥିବା ଏହି ନୂଆ ଅବକାରୀ ନିୟମ ପାଇଁ ସରକାରଙ୍କୁ ୨ ହଜାର ୨ କୋଟିର ରାଜସ୍ୱ ହାନି ହୋଇଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ମଙ୍ଗଳବାର ଦିଲ୍ଲିର ନୂଆ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ରିପୋର୍ଟକୁ ବିଧାନସଭାରେ ଜାରି କରିଛନ୍ତି। ଏହି ଅବକାରୀ ଦୁର୍ନିତିରେ ଅର୍ଥ ହେରଫେର ହୋଇଥିବା ନେଇ ଆପ୍ ର ହାଇ ଭୋଲଟ୍ଟେଜ ନେତାମାନଙ୍କ ଉପରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଉପମୁପଖ୍ୟମନ୍ତ୍ରୀ ମନିଷ ସିଶୋଦିଆ, ରାଜ୍ୟ ସଭା ସାଂସଦ ସଞ୍ଜୟ ସିଂ ଓ ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରାଯାଇଥିଲା। ତେବେ ତଦନ୍ତରେ ବିଳମ୍ବ କାରଣରୁ ସୁପ୍ରିମ କୋର୍ଟ ସମସ୍ତଙ୍କୁ ଜାମିନ ପ୍ରଦାନ କରିଥିଲେ। ତେବେ ଚଳିତ ବିଧାନସଭା ଅଧିବେଶନରେ ବାକିଥିବା ସମସ୍ତ ୧୪ଟି ସିଏଜି ରିପୋର୍ଟକୁ ମଧ୍ୟ ଗୃହିତ କରାଯିବ ବୋଲି ବିଜେପି ଘୋଷଣା କରିଛି। ସୂଚନା ମୁତାବକ, ଆପ୍ ଦ୍ୱାରା ଦିଲ୍ଲୀରେ ୨୦୧୭-୧୮ରୁ ୨୦୨୦-୨୧ ଯାଏ ଲଗାଯାଇଥିବା ଏହି ନୂତନ ଅବକାରି ନୀତିରେ ଅନେକ ଭୁଲ ରହିଥିଲା ବୋଲି ସିଏଜିଙ୍କ ରିପୋର୍ଟରେ ଉଲ୍ଲେଖ ରହିଛି। କାରଣ ସରେଣ୍ଡର କରାଯାଇଥିବା ଲାଇସେନ୍ସ ଗୁଡିକୁ ରି-ଟେଣ୍ଡର କରିବା ପାଇଁ ଦିଲ୍ଲୀ ସରକାରଙ୍କୁ ୮୯୦ କୋଟି ଓ ଜୋନାଲ ଲାଇସେନ୍ସକୁ ଦିଆଯାଇଥିବା ରିହାତି ପାଇଁ ସରକାରଙ୍କୁ ମୋଟ୍ ୯୪୧ କୋଟି ଟଙ୍କାର କ୍ଷତି ହୋଇଥିଲା।

## ଅବକାରୀ ନୀତି ପାଇଁ ୨୦୦୦ କୋଟି ରାଜସ୍ୱ କ୍ଷତି: ସିଏଜି ରିପୋର୍ଟ



**ନୂଆଦିଲ୍ଲୀ :** ଦିଲ୍ଲୀ ବିଧାନସଭାରେ ଆଗତ ସିଏଜି ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି । ଏହି ରିପୋର୍ଟରେ କୁହାଯାଇଛି ଯେ ତତକାଳୀନ କେଜ୍ରିୱାଲ ସରକାର ଆଣିଥିବା ଅବକାରୀ ନୀତି ଯୋଗୁଁ ଦିଲ୍ଲୀ ସରକାରଙ୍କ ପ୍ରାୟ ୨ ହଜାର କୋଟି ଟଙ୍କା କ୍ଷତି ହୋଇଥିଲା । ବିଧାନସଭାରେ ଉପସ୍ଥାପିତ ରିପୋର୍ଟ ଅନୁଯାୟୀ, ୨୦୨୧-୨୦୨୨ ର ଆଇନ ଯୋଗୁଁ ଦିଲ୍ଲୀ ସରକାର ୨ ହଜାର କୋଟିରୁ ଅଧିକ କ୍ଷତି ସହିଛନ୍ତି। ଏହି ଦୁର୍ନୀତି ଯୋଗୁଁ ହିଁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏହି ଅବକାରୀ ନୀତି କାର୍ଯ୍ୟକାରୀ କରିବାରେ ହୋଇଥିବା ଦୁର୍ନୀତିକୁ ନେଇ ତିହାର ଜେଲରେ ମାସ ମାସ ବିତାଇଛନ୍ତି।ଆମ୍ ଆଦମୀ ପାର୍ଟି ସରକାରକୁ ନେଇ ଦିଲ୍ଲୀ ବିଧାନସଭାରେ ମୋଟ ୧୪ଟି ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି। ଏହା ସେହି ରିପୋର୍ଟ ମଧ୍ୟରୁ ଗୋଟିଏ ଥିଲା। ଲାଇସେନ୍ସ ପ୍ରଦାନ ବେଳେ ପ୍ରଚଳିତ ପ୍ରକ୍ରିୟାର ଉଲ୍ଲଂଘନ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାବ୍ୟତୀତ ମଦ ନୀତିରେ ପରିବର୍ତ୍ତନ ପାଇଁ ଗଠିତ ବିଶେଷଜ୍ଞ କମିଟିର ସୁପାରିସକୁ ମଧ୍ୟ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ତଥା ଅବକାରୀ ମନ୍ତ୍ରୀ ମନୀଷ ସିସୋଦିଆ ଅଣଦେଖା କରିଥିଲେ। ରିପୋର୍ଟରେ ସରକାରୀ ରାଜକୋଷକୁ ୯୪୧.୫୩ କୋଟି ଟଙ୍କାର ରାଜସ୍ୱ କ୍ଷତି, ଲାଇସେନ୍ସ ଫି'ରେ ପ୍ରାୟ ୮୯୦.୧୫ କୋଟି ଟଙ୍କା କ୍ଷତି ଏବଂ ଅନ୍ୟ କେତେକ ରିହାତି ଯୋଗୁଁ ୧୪୪ କୋଟି ଟଙ୍କାର ଅଭାବ ଥିବା ଦର୍ଶାଯାଇଛି। ଏହିପରିଭାବେ ରାଜ୍ୟର ପ୍ରାୟ ୨ ହଜାର କୋଟି କ୍ଷତି ହୋଇଥିଲା ବୋଲି ରିପୋର୍ଟ କହିଛି।


## ୩ ଦିନ ପାଇଁ ଆପ୍‌ର ୨୧ ବିଧାୟକ ସସପେଣ୍ଡ୍

**ନୂଆଦିଲ୍ଲୀ:** ଦିଲ୍ଲୀ ବିଧାନସଭାର ସତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିନ ଅର୍ଥାତ ମଙ୍ଗଳବାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଉପରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଆମ ଆଦମୀ ପାର୍ଟି ବିଧାୟକ ମାନେ ଗୃହରେ ନାରାବାଜୀ ଦେଇଥିଲେ। ଏହା ପରେ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ଅମାନତୁଲ୍ଲା ଖାନଙ୍କୁ ଛାଡି ଆମ ଆଦମୀ ପାର୍ଟିର ସମସ୍ତ ବିଧାୟକଙ୍କୁ ନିଲମ୍ବିତ କରିଥିଲେ।

# ବିପଦରେ ଚୀନ୍ ଅର୍ଥନୀତି, ଘାରିଛି ମାନ୍ଦାବସ୍ଥା

**ବେଜିଂ:** ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥବ୍ୟବସ୍ଥା ଚୀନ୍‌ର ଅର୍ଥନୀତି ଏବେ ଭୁଶୁଡ଼ିବାରେ ଲାଗିଛି। ଦେଶରେ ୨୦୦୮ ଭଳି ମାନ୍ଦାବସ୍ଥା ଲକ୍ଷଣ ଦେଖିବାକୁ ମିଳିଲାଣି । ଆଗକୁ ଚୀନ୍‌ରେ ଭୟଙ୍କର ମାନ୍ଦାବସ୍ଥା ଦେଖାଦେବ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି। ଯଦି ଏପରି ସମସ୍ୟା ସୃଷ୍ଟି ହୁଏ, ତେବେ ଏହାର ପ୍ରଭାବ ସମଗ୍ର ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ପଡ଼ିବ। ମିଳିଥିବା ତଥ୍ୟ ଅନୁସାରେ, ଚୀନ୍‌ର ରିୟଲ ଇଷ୍ଟେଟ୍ ସୂଚକାଙ୍କ ଦୁଇ ବର୍ଷରେ ୮୨% ସଂକୁଚିତ ହୋଇଛି ।

ଦେଶରେ ୧୯୯୯ ପରେ ସବୁଠୁ ଲମ୍ବା ଅବସ୍ଫୀତି ଚାଲିଛି । ବେକାରି ହାର ସର୍ବୋଚ୍ଚ ସୀମାକୁ ଛୁଇଁଛି। ବିଶ୍ୱ ବଜାରଗୁଡ଼ିକରେ ଚୀନ୍‌ର ମାଲ ମାଲ ଉତ୍ପାଦ । ଆମେରିକା ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର କେତେକ କମ୍ପାନି ଚୀନ୍‌ରେ ଭଲ ବ୍ୟବସାୟ କରୁଛନ୍ତି । ଏସବୁ ସତ୍ତ୍ୱେ ବି ଚୀନର ଅର୍ଥନୈତିକ ଅବସ୍ଥା ଏବେ ଭଲ ନାହିଁ ବୋଲି ସୂଚନା ମିଳିଛି। ଚୀନ୍ ଅର୍ଥନୀତିରେ ସବୁଠୁ ବଡ଼ ସମସ୍ୟା ରିୟଲ୍ ଇଷ୍ଟେଟ୍। ରିୟଲ ଇଷ୍ଟେଟ୍ କମ୍ପାନି



ଏଭର୍ଗ୍ରାଣ୍ଡ୍ ସତ୍ତା ହରାଇଲା। ଫଳରେ ଗତ ଦୁଇ ବର୍ଷରେ ଦେଶର ରିୟଲ ଇଷ୍ଟେଟ୍ ସୂଚକାଙ୍କ ନିମ୍ନମାଗୀ ହେଲା। ରିୟଲ ଇଷ୍ଟେଟ୍ ବୁଡ଼ିବା ଫଳରେ ବ୍ୟାଙ୍କିଙ୍ଗ୍ ଶିଳ୍ପ ଉପରେ ସିଧାସଳଖ ଏହାର ପ୍ରଭାବ ପଡ଼ିଲା। କାରଣ ଚୀନ୍‌ର ବ୍ୟାଙ୍କଗୁଡ଼ିକ ରିୟଲ ଇଷ୍ଟେଟ୍ ଶିଳ୍ପରେ ବଡ଼ ଆକାରରେ ନିବେଶ କରିଛନ୍ତି । ଏହିଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ସାଂଘାତିକ ସଙ୍କଟକୁ ସାମ୍ନା କରିବ ଚୀନ୍। ଚୀନ୍‌ରେ ୧୯୯୯ ପରଠାରୁ ସବୁଠୁ ଲମ୍ବା ଅବସ୍ଫୀତି ଚାଲିଛି । ଏହା ଅର୍ଥନୀତି ପାଇଁ ଭଲ ସଂକେତ ନୁହେଁ ।

ଚୀନ୍‌ରେ ବେକାରି ହାର ବହୁ ଦଶନ୍ଧିର ଚରମ ସ୍ତରରେ ପହଞ୍ଚିଯାଇଛି । ରିୟଲ ଇଷ୍ଟେଟ୍ କ୍ଷେତ୍ର ଶିଥିଳ ପଡ଼ିଯିବାରୁ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି । ଉପଭୋକ୍ତା ଚାହିଦା ଦୁର୍ବଳ। ଚୀନ୍ ପୁଞ୍ଜି ସଂଗ୍ରହ କରିବା ପାଇଁ ଆମେରିକାର ଟ୍ରେଜେରି ସିକ୍ୟୋରିଟିକ୍ରେ ଏହାର ହୋଲ୍ଡିଂ କମ୍ କରୁଛି । ଏବେ ଏହାର ହୋଲ୍ଡିଂ ୭୮୦୦୦ କୋଟି ଡଲାର ଅଛି, ଯାହା ୧୫ ବର୍ଷ ମଧ୍ୟରେ ସବୁଠୁ କମ୍ । ଚୀନ୍ରୁ ଆମଦାନି ହେଉଥିବା ଅନେକ ସାମଗ୍ରୀ ଉପରେ ଆମେରିକା ଶୁଳ୍କ ବଢ଼ାଇଦେଇଛି, ଏହାର ସିଧାସଳଖ ପ୍ରଭାବ ଚୀନ୍ ଅର୍ଥନୀତି ଉପରେ ପଡ଼ିବ।

# କୋଇଲା ଟ୍ରକ୍‌ରୁ ବଟି ଆଦାୟ କରୁଛନ୍ତି ଏମ୍‌ସିଏଲ୍ ହିଙ୍ଗୁଳା କର୍ମଚାରୀ



ତାଳଚେର, (ପିପିଏସ୍): କୋଇଲା ଖଣି ପାଇଁ ତାଳଚେର ଭାରତରେ ପ୍ରସିଦ୍ଧ,ଏହି କୋଇଲା ଖଣିରୁ ଦୈନିକ ଲକ୍ଷ ଲକ୍ଷ ଟନ କୋଇଲା ଉତ୍ତୋଳନ, ପରିବହନ ଓ କୋଟି କୋଟି ଟଙ୍କାରେ ବିକ୍ରି ହେଉଛି। ବୃହତ୍ ତାପଜ କେନ୍ଦ୍ର ଏନଟିପିସି, ନାଲକୋ ଭଳି ଆଲୁମିନା କମ୍ପାନି କୋଇଲା ଯୋଗୁଁ ଚାଲିଛି। ବିଭିନ୍ନ ପ୍ରକାର କୋଇଲା ଖଣି ମଧ୍ୟରେ ହିଙ୍ଗୁଳା ଦୈନିକ ୫୦ ହଜାର ଟନ୍, ବଳରାମ ୪୫ ହଜାର ଟନ୍, ଭରତପୁର ୫୫ହଜାର ଟନ୍, ଜଗନ୍ନାଥ୍ ୪୫ହଜାର ଟନ୍, ଅନନ୍ତ, ୪୦ ହଜାର ଟନ୍, ଭୁବନେଶ୍ୱରୀ ୪୦ ହଜାର ଟନ୍, ଲିଙ୍ଗରାଜ ୪୫ ହଜାର ଟନ୍, କଣିହାଁ ୪୦ହଜାର ଟନ୍ କୋଇଲା ଦୈନିକ ଭୁଗର୍ଭରୁ ଉତ୍ତୋଳନ କରାଯାଏ। ପ୍ରତି ଟନ୍ ପିଛା ୩ ହଜାର ଟଙ୍କାରେ ବିକ୍ରି କରାଯାଇଥାଏ। ତେବେ ଅନୁମାନ ଲଗାନ୍ତୁ ଦୈନିକ ୫୦୦ ଶହ କୋଟିରୁ ଅଧିକ ଶୁଖିଲା ବେପାର ହୁଏ। ଏଥିରୁ କିଛି ଖଣି ଡେସ୍ ପାଚ କର୍ମଚାରୀ ରୋଡ ସେଲ୍ ମଧ୍ୟରୁ ଲାଭ ଉଠାନ୍ତି। ତେବେ ହିଙ୍ଗୁଳା କୋଇଲା ଖଣିରେ ଏହି ବଟି ଆଦାୟ ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁଁ କୋଇଲା ପରିବହନକାରୀ ସଂଘ ମାଲିକ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଟ୍ରକ୍ ପ୍ରତି ୨୦୦ ଟଙ୍କା ବଟି ବେଆଇନ୍ ଚାନ୍ଦା ଆଦାୟ ହୋଇ ସେହି ଟଙ୍କାରେ ହିଙ୍ଗୁଳା ଡେସପାଚ ଇନ୍ ଚାର୍ଜ ମାସିକ ଲକ୍ଷାଧିକ ଟଙ୍କା ବେନାମୀ ରୋଜିଗାର କରି ମଲେ ମାଲ ହେଉଥିବା ଦେଖିବାକୁ ମିଳୁଛି।

ଏହି ମାସିକ ଆଦାୟ ୨୦ ଲକ୍ଷ ଟଙ୍କା ଚାନ୍ଦାରୁ ହିଙ୍ଗୁଳା ପ୍ରୋଜେକ୍ଟ ଅଫିସର, ପ୍ରୋଜେକ୍ଟ ମ୍ୟାନେଜର ଓ ହିଙ୍ଗୁଳା ଖଣି ଜେନେରାଲ ମ୍ୟାନେଜର ବା ଖଣି ମହାପ୍ରବନ୍ଧକ ଭାଗ ପାଇଥାନ୍ତି। ଏହି କୋଇଲା ଟ୍ରକ୍ ବଟି ଆଦାୟରେ ମୁଖ୍ୟତଃ ଖଣି କର୍ମଚାରି ତରୁଣ ବାବୁ ଓ ପ୍ରଧାନ ବାବୁ ଲିପ୍ତ ଥିବା ସ୍ପଷ୍ଟ ହୋଇଛି ତେବେ ଉକ୍ତ ଖଣି କର୍ମଚାରୀ କେବେ ଡିୟୁଟି କରନ୍ତି ନାହିଁ କେବଳ ନିଜ ଇଚ୍ଛାରେ ହାଜିରା ପକେଇ ସିଧା ରୋଡ ସେଲ୍ କୋଇଲା ପରିବହନ ପଏଣ୍ଟକୁ ଯାଇ ବଟି ଆଦାୟ କାର୍ଯ୍ୟ କରନ୍ତି। ସେ କୁହନ୍ତି ତାଙ୍କର ବଡ଼ ବଡ଼ ନେତା ମନ୍ତ୍ରୀ, ସାଂସଦ, ବିଧାୟକ ହାତରେ ତେଣୁ ସେ ନିଜ ଇଚ୍ଛା ହେଲେ କାମକୁ ଯିବେ ନଚେତ୍ ଘରେ ବସିଲେ ବି ମାସିକ ଦରମା କାଟିବା ପିଓ କି ଜିଏମ କାହାର ପାୱାର ନାହିଁ। ଏହିଭଳି ରାଜନୈତିକ ଚାପ୍ ପକାଇ ସେ ହୃଷ୍ଟପୃଷ୍ଟ ଭାବେ ଜଣାଶୁଣା, ତାଙ୍କର ବଦଳି କେବେ କେହି କରିପାରିବେ ନାହିଁ ଦୈବାତ କେହି ଏଭଳି ଧୃଷ୍ଟତା ଆଚରଣ କରେ ତେବେ ସେ ଅଫିସର ବଦଳି ବାତିଲ ଅର୍ଡର ତାଙ୍କ ଘର ମୁହଁକୁ ଧରି ଆସିବେ ବୋଲି ଖୋଲାଖୋଲି ବଡ ଦାମ୍ଭିକ ତା ସହ ପ୍ରକାଶ କରିଛନ୍ତି। ସେ କିଭଳି ସୁଚାରୁ ଭାବେ ଦୈନିକ ବଟି କୋଇଲା ବିଝେଇ ଟ୍ରକ୍କୁରୁ ଆଦାୟ ହୋଇ ପାରିବ ସେଥିପାଇଁ ଅନେକ ଖଣି କର୍ମ ଚାରୀଙ୍କୁ ନିଜ ସହିତ ସାହାଯ୍ୟ ପାଇଁ ରଖିଛନ୍ତି, ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ତରୁଣ ବାବୁଙ୍କୁ ଅନ୍ୟତ୍ର ବଦଳି ପାଇଁ କୋଇଲା ପରିବହନ କାରୀ ସଙ୍ଘ ପକ୍ଷରୁ ଦାବି ହେଉଛି।

# ଗୋପ ପଞ୍ଚାୟତରେ ଜଳସଙ୍କଟ ଶତାଧିକ ନଳକୂପ ଅଚଳ



ଗୋପ (ପିପିଏସ୍): ଗ୍ରୀଷ୍ମର ପ୍ରଭାବ ଧୀରେ ଧୀରେ ବଢ଼ିବାରେ ଲାଗିଥିବା ବେଳେ ଗୋପ ପଞ୍ଚାୟତରେ ପିଇବା ପାଣି ସଙ୍କଟ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିବାକୁ ଲାଗିଲାନି। ସୂଚନା ଅନୁସାରେ ଗୋପ ପଞ୍ଚାୟତରେ ସରକାରୀ ସ୍ତରରେ ଆଇ ଏମ ଟୁ ନଳକୂପ ୧୨୧୭ ବସିଥିବା ବେଳେ ତାରା ନଳକୂପ ୬୫ ଟି ବସାଯାଇଛି, ସେହିପରି ପି -୬ ନଳକୂପ ୨୪୨ ରହିଛି। ଗୋପ ପଞ୍ଚାୟତରେ ସମୁଦାୟ ୧୫୨୪ ନଳକୂପ ବସିଥିବାବେଳେ ବର୍ଷ ବର୍ଷ ଧରି ଶତାଧିକ ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଛି। ଆଉ ଯେଉଁ ସବୁ ନଳକୂପ ସଚଳ ରହିଛି କେଉଁଥିରୁ ଗୋଳିଆ ପାଣି ବାହାରୁଚି ତ ଆଉ କେଉଁଠି ଅଳ୍ପ ଅଳ୍ପ ପାଣି ବାହାରୁ ଥିବାର ଲୋକମାନେ ଅଭିଯୋଗ କରୁଛନ୍ତି। ଗୋପ ଦେବୀବଜାର ଏବଂ ମେଡିକାଲ ନିକଟରେ ଥିବା ଦୁଇଟି ସରକାରୀ ନଳକୂପ ଦୀର୍ଘଦିନ ହେବ ଅଚଳ ଅବସ୍ଥାରେ ରହିଛି। ଲକ୍ଷ୍ମୀବଜାର ଓ ଗୋପ ବଜାର ଛକରେ ଥିବା ଦୁଇଟି ନଳକୂପରୁ ଅଳ୍ପ ଅଳ୍ପ ପାଣି ବାହାରୁ ଥିବାରୁ ଲୋକେମାନେ ନାନା ଅସୁବିଧାର ଅସମ୍ମୁଖୀନ ହେଉଛନ୍ତି। ଗୋପ ଦେଇ ଅନେକ ପର୍ଯ୍ୟଟକ କୋଣାର୍କ ଯାଇଥାନ୍ତି ସେହିପରି ଗୋପ ମେଡିକାଲକୁ ଆଖ ପାଖ ଅଞ୍ଚଳରୁ ଅନେକ ଲୋକେ ଚିକିତ୍ସା ପାଇଁ ଆସିଥାନ୍ତି। ସେହିପରି ଗୋପ ବ୍ଲକ, ଗୋପ ଥାନା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଅନେକ ଲୋକେ କାର୍ଯ୍ୟରେ ଆସିଥାନ୍ତି। ନଳକୂପ ଅଚଳ ପଡିଥିବାରୁ ପାଣି ଟିକେ ପିଇବା ପାଣି ହନ୍ତ ସନ୍ତ ହୋଇଥାନ୍ତି ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା। ଗୋପ ଅଞ୍ଚଳର ପାଇପ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଜଳ ଗୋପ ବସ୍ତିର ରାସ୍ତାରେ ପାଇପ ଫାଟି ରାସ୍ତାରେ ପାଣି ଭାସୁଥିବା ବେଳେ ଗୋପ ବସ୍ତିର ଅନେକ ସାହିକୁ ପାଇପ ଲାଇନ ଯାଇପାରିନାହିଁ ବୋଲି ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଗୋପ ବ୍ଲକ ଜଳ ଓ ପରିମଳ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରନ୍ତି। ଗୋପ ପଞ୍ଚାୟତ ଜଳ ସଙ୍କଟ ଓ ନଳକୂପ ଅଚଳ ସମସ୍ୟାକୁ ନେଇ ଆମ ପ୍ରତିନିଧି ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟନାୟକଙ୍କୁ ଅବଗତ କରାଇଥିଲେ । ଏହାର ଯଥାଶୀଘ୍ର ସମାଧାନ କରାଯିବ ମୁଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛି ଗୋପ ବଜାର ସହିତ ଗୋପ ବ୍ଲକର ଯେଉଁ ଯେଉଁ ଜାଗାରେ ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଛି ମାର୍ଚ୍ଚମାସ ସୁଦ୍ଧା ସମସ୍ତ ନଳକୂପ ମରାମତି କରାଯିବ। ଏବଂ ଦରକାର ପଡିଲେ ଅନେକ ଜାଗାରେ ନୂତନ ନଳକୂପ ଯୋଗାଇ ଦିଆଯିବା ସହିତ ସରକାରଙ୍କ ପାନୀୟ ଜଳ ଯୋଗାଣ ଯୋଜନା ମଧ୍ୟମରେ ଖୁବ ଶୀଘ୍ର ଜଳ ଯୋଗାଣ କରାଯିବ ବୋଲି ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟନାୟକ କହିଛନ୍ତି।

# ଆଜି ଜାଗର: ଚଳଚଞ୍ଚଳ ସମସ୍ତ ଶୈବପୀଠ

କୋଣାର୍କ (ପିପିଏସ): ଆଜି ଦେବ ଦେବ ମହାଦେବଙ୍କ ଜାଗର ଯାତ୍ରା। ଏହି ଜାଗର ଯାତ୍ରାପାଇଁ କୋଣାର୍କ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇପଡିଥିବା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଉତ୍ସବ ନିମନ୍ତେ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବା ବେଳେ ସମସ୍ତ ପୀଠ ଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଅଛି।ଅଞ୍ଚଳର ପ୍ରମୁଖ ଶୈବପୀଠ ବାବା ବାଲି କପିଳେଶ୍ୱରଙ୍କ ଜାଗର ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ଦର୍ଶନ ସହିତ ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ପାଇଁ ସଜାଗ ରହିଥିବା ଜଣାପଡିଛି। ପ୍ରଭୁଙ୍କର ସମସ୍ତ ରୀତିନୀତି ସମାପନ ପରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ପହଡ ଖୋଲିଥିବା ବେଳେ ରାତ୍ର ୨ଘଟିକାରେ ମହାଦୀପ ଉଠିବା ନିମନ୍ତେ ସମସ୍ତ କାର୍ଯ୍ୟ କରାଯାଇଅଛି। ବାବା ବାଲି କପିଳେଶ୍ୱରଙ୍କ ସମେତ ବାବା ତ୍ରିବେଣୀଶ୍ୱର,ବାବା ଦକ୍ଷିଣେଶ୍ୱର,ବାବା ଐଶାନେଶ୍ୱର, ବାବା ବାଲୁଙ୍କେଶ୍ୱର, ବାବା ଅର୍କେଶ୍ୱର, ବାବା ମଙ୍ଗୁଳେଶ୍ୱର, ବାବା ସିଦ୍ଧେଶ୍ୱର, ବାବା ଲୋକନାଥ, ବାବା ବଟେଶ୍ୱର, ବାବା ଗରୁଡେଶ୍ୱର, ବାବା ରାମେଶ୍ୱର, ବାବା ବକ୍ରେଶ୍ୱର ଆଦି ପ୍ରମୁଖ ଶୈବ ପୀଠ ଚଳଚଞ୍ଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି।

# ଜଗନ୍ନାଥ ମହୋତ୍ସବ କମିଟିର କୋଷାଧ୍ୟକ୍ଷଙ୍କ ପିତୃ ବିୟୋଗରେ ଶୋକ



ଝଙ୍କଡ଼, (ପିପିଏସ୍): ବାଣୀ କ୍ଷେତ୍ର ଝଙ୍କଡ଼ ସାରଳା ପୀଠ,କନକପୁର ଗ୍ରାମର ସର୍ବ ବରିଷ୍ଠ ସେବାୟତ, ତଥା ବାୟାବାବା ଙ୍କ ନିତ୍ୟସେବକ ରାମଚନ୍ଦ୍ର ରାଉଳ (୮୮) ଙ୍କର ଗତ ମଙ୍ଗଳବାର ସଂଧ୍ୟା ୭ଟା ୪୦ ମିନିଟ ସମୟରେ ହୃଦ୍‌ଘାତ ରେ ପରଲୋକ ହୋଇଯାଇଛି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଜଗତସିଂହପୁର ସଦର ମେଡ଼ିକାଲ ରେ ଓ ପରେ ପରେ କଟକ ବଡ ମେଡିକାଲରେ ଚିକିତ୍ସିତ କରାଯାଉ ଥିଲା। ମାତ୍ର ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା କ୍ଷ ତାଙ୍କର ବଡପୁଅ ବିଶ୍ୱରଂଜନ ରାଉଳ, ଝଙ୍କଡ଼ ସାରଳା ପୀଠ ସ୍ଥିତ, ଜଗନ୍ନାଥ୍ ମହୋତ୍ସବ କମିଟି ର କୋଷାଧକ୍ଷ ଭାବେ ଦାୟିତ୍ୱ ବହନ କରୁଥିଲେ କ୍ଷ ତାଙ୍କ ବାପାଙ୍କ ଦେହାନ୍ତ ଖବର ପାଇ, ମହୋତ୍ସବ କମିଟି ର ମାର୍ଗଦର୍ଶକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ସଭାପତି ଇଂ ବିଷ୍ଣୁ ଚରଣ ସ୍ୱାଇଁ, ଓ ସମ୍ପାଦକ କ୍ଷୀରୋଦ କୁମାର ରାଉଳ, ଶାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଅତ୍ୟନ୍ତ ମର୍ମାହତ ହୋଇ, ଗଭୀର ଶୋକ ପ୍ରକାଶ କରିଅଛନ୍ତି। ତାଙ୍କର ମରଶରୀର ଜନ୍ମସ୍ଥାନ ରେ ପହଞ୍ଚିବା ପରେ , ସାରଳା ମନ୍ଦିରର ବହୁ ପଣ୍ଡା ସେବକ, ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଅଞ୍ଚଳର ଅଧିବାସୀ ମାନେ ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ, ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମଧ୍ୟ ସମବେଦନା ଜ୍ଞାପନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମୟରେ ବଡପୁଅ ବିଶ୍ୱରଂଜନ ମୁଖାଗ୍ନୀ ଦେଇଥିଲେ।

# ୪ଘରୁ ଚୋରି, ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ୍

ଚୌଦ୍ୱାର,(ପିପିଏସ୍): ଟାଙ୍ଗୀ ଥାନା ଓ ଚୌଦ୍ୱାର ଥାନା ଅଞ୍ଚଳରେ ଗୋଟିଏ ରାତିରେ ଚୋରମାନେ ପୃଥକ୍ ଭାବେ ୪ ଜଣଙ୍କ ଘରେ ପଶି ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଚୋରମାନେ ସୋମବାର ବିଳମ୍ବିତ ରାତିରେ ଟାଙ୍ଗୀ ଥାନା ଅନ୍ତର୍ଗତ ଶାଳଗାଁ ପଞ୍ଚାୟତର ନାଣ୍ଡୁଆ ଗ୍ରାମର ସବିତା ପ୍ରଧାନ ଓ ନରହରି ରାଉତଙ୍କ ଘରେ ପଶି ପରିବାର ଲୋକେ ଶୋଇଥିବା ଘର ବାହାରୁ ତାଲା ପକାଇ ଦେଇ ଅନ୍ୟଘର ଭିତରେ ଥିବା ଆଲମିରା, ଆଟାଚ ଓ ଟ୍ରଙ୍କ ଭାଙ୍ଗି ତା' ଭିତରେ ଥିବା ନଗଦ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ। ଏପରିକି ଚୋରମାନେ ଚୋରି କରିବା ପରେ ମଦପିଇ ମଦ ବୋତଲ ପକାଇ ଯାଇଥିବା ଦେଖିବାକୁ ମିଳିଛି । ଅନୁରୂପ ଭାବେ ଚୌଦ୍ୱାର ଥାନା ଅନ୍ତର୍ଗତ ପଳାସିଆ ଗ୍ରାମର କାହ୍ନୁ ଚରଣ ସାହୁ ଓ ପଧାନିଆ ଗ୍ରାମର ସନାତନ ବିଶ୍ୱାଳଙ୍କ ଘରେ ପଶି ଟଙ୍କା ଓ ସୁନା ଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଉଭୟ ଥାନା ତରଫରୁ ତଦନ୍ତ ଆରମ୍ଭ କରାଯାଇଛି।

# କେନ୍ଦ୍ରାପଡ଼ାରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡାରେ ନୂତନ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ (ଏସଡିପିଓ) ଭାବେ ଜ୍ୟୋତିରଞ୍ଜନ ଗୌଡ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ଶ୍ରୀ ଗୌଡ କଟକସ୍ଥିତ ରାଜ୍ୟ ପୋଲିସ ମାନବାଧିକାର ସୁରକ୍ଷା ସେଲ(ଏଚଆରପିସି)ର ଡିଏସପି ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ଏସଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କର କୋରାପୁଟ ଜିଲ୍ଲାର ନନ୍ଦପୁର ଏସଡିପିଓ ଭାବେ ବଦଳି ହୋଇଥିବାରୁ ତାଙ୍କୁ ଏଠାରୁ ଭାରମୁକ୍ତ କରିଦିଆଯାଇଛି। ନୂତନ ଏସଡିପିଓ ଶ୍ରୀ ଗୌଡା ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନାରେ ଥାନାଧିକାରୀ ଭାବେ କାର୍ଯ୍ୟ କରିଛନ୍ତି।

### ବିରିଡି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

# ସ୍ୱଚ୍ଛତା ଓ ନିଷ୍ପାପରତା ଗାଁର ବିକାଶକୁ ସମୃଦ୍ଧ କରିବ

ରଘୁନାଥପୁର (ପିପିଏସ୍): ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକରେ ମଙ୍ଗଳବାର ବିକଶିତ ଗାଁ ବିକଶିତ ଓଡିଶା ପାଇଁ ୨୧ ପଞ୍ଚାୟତ ଗ୍ରାମସଭା ମାଧ୍ୟମରେ ଆସିଥିବା ପ୍ରକଳ୍ପ ତାଲିକାକୁ ଅନୁମୋଦନ କରିବା ଉଦେଶ୍ୟରେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମ ରେ ତିର୍ତ୍ତୋଲର ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଜଗତସିଂହପୁର ସଂସଦ ଡ଼ ବିଭୂପ୍ରସାଦ ତରାଇ, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ବିଡ଼ିଓ ଆୟୁଷି ପତି, ଏବିଡ଼ିଓ ନିରୋଦ ସାମଲ, ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଦାୟିତ୍ୱରେ ଥିବା ବିଶ୍ୱଜିତ ବିଶ୍ୱାଳ ବିକଶିତ ଗାଁ ବିକଶିତ ଓଡିଶା ପାଇଁ ବ୍ଲକକୁ ଦିଆଯାଇଥିବା ସରକାରଙ୍କ ମାର୍ଗଦର୍ଶିକା କୁ ଉପସ୍ଥାପନ କରିଥିଲେ।

ଏଥି ସହିତ ପ୍ରତିପଞ୍ଚାୟତର ୨୦୧୧ଜନଗଣନା ର ଜନସଂଖ୍ୟା ଅନୁଯାଇ କେଉଁ ପଂଚାୟତକୁ ସରକାରଙ୍କ ତରଫରୁ ବିକଶିତ ଗାଁ, ବିକଶିତ ଓଡିଶା ପାଇଁ କେତେ ପାଣ୍ଠି ଯୋଗାଇଦିଆଯାଇଛି ସେସମ୍ପର୍କରେ ମଧ୍ୟ ଶ୍ରୀ ବିଶ୍ୱାଳ ତଥ୍ୟ ରଖିଥିଲେ। ପରେ ପରେ ଏହାର କାର୍ଯ୍ୟନ୍ୱୟନ ପାଇଁ ବ୍ଲକର ୨୧ପଂଚାୟତରୁ ଗ୍ରାମସଭା ମାଧ୍ୟମରେ ଜନସାଧାରଣଙ୍କ ସହାଭାଗୀତାରେ ଆସିଥିବା ପ୍ରକଳ୍ପ ର ତାଲିକା ପଢିଥିଲେ।

ଏଥିସହିତ ଆସିଥିବା ପ୍ରକଳ୍ପ ମଧ୍ୟରୁ ଅଗ୍ରାଧିକାର ଭିତିରେ କାର୍ଯ୍ୟକାରୀ କରାଯିବାକୁ ଥିବା ପ୍ରକଳ୍ପ କାର୍ଯ୍ୟ ପାଇଁ ସମସ୍ତ ଜନପ୍ରତିନିଧି ମାନଙ୍କ ଦ୍ୱାରା ବଛାଯାଇଥିବା ପ୍ରକଳ୍ପର ତାଲିକାକୁ ପଞ୍ଚାୟତ ସମିତି ରେ ଅନୁମୋଦନ କରାଯାଇ ଜିଲ୍ଲାପାଳଙ୍କ ଅନୁମୋଦିତ ପାଇଁ ପଠାଯାଇଥିଲା। ତେବେ ରେସନ କାର୍ଡ ଫେରସ୍ତକୁ ନେଇଦେଖାଦେଇଥିବା ସମସ୍ୟା ଉପରେ ବ୍ଲକ ଯୋଗାଣ ଅଧିକାରୀଙ୍କ ମନପଲ୍ଲା କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ ପାଇଥିଲା। କାରଣ ଜଣେ ଗରିବ ଲୋକ କେଉଁ କାରଣରୁ ଏଥିରୁ ବଂଚିତ ହେବାକୁ ଯାଉଛନ୍ତି ତାହାର ପ୍ରକୃତ କଥା ଜାଣିବା ପାଇଁ ଯୋଗାଣ ଅଧିକାରୀ ଲୋକଙ୍କ ପାଖକୁ ଯାଉନାହାନ୍ତି କିମ୍ବା ଲୋକଙ୍କ ସମସ୍ୟା ବୁଝୁନାହାନ୍ତି। କେବଳ ଅଫିସରେ ବସି କାର୍ଡ ଫେରାଇଦେବାକୁ ଚାପସୃଷ୍ଟି କରୁଥିବା ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା ଅଭିଯୋଗ ଆଣିଥିଲେ। ଏଥିରେ ହସ୍ତକ୍ଷେପ କରି ବିଧାୟକ ଶ୍ରୀ ଭୋଇ କହିଥିଲେ ଯେ ଆଜିଠାରୁ କାହାଠିଠାରୁ କାର୍ଡ ସଂଗ୍ରହ ନକରି ଗାଁ କୁ ଯାଇ ତାହା ଯାଞ୍ଚ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ଆଲୋଚନା ବେଳେ ବାଗଲପୁର ସରପଞ୍ଚ ତରୁଣ କୁମାରଦାସ ପୂର୍ବସରକାର ସମୟରେ ଗ୍ରାମସଭା କରା ନ ଯାଇ ବା ଜନପ୍ରତିନିଧି ମାନଙ୍କୁ ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟରେ ସାମିଲ କରୁନଥିବାବେଳେ ବର୍ତ୍ତମାନର ବିଜେପି ସରକାର ଜନପ୍ରତିନିଧିମାନଙ୍କୁ ଗ୍ରାମସଭାକରି ସମସ୍ତଙ୍କୁ ସାମିଲ କରୁଥିବାରୁ ପ୍ରଶଂସା କରିଥିଲେ। ସେହିପରି ବଡଖଣ୍ଡାଏତା ସମିତି ସଭ୍ୟ ରଞ୍ଜନ ବେହେରା ନିଜ ପଂଚାୟତରେ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ମନ୍ଥରତାକୁ ନେଇ ଯନ୍ତ୍ରୀ ନିରୁଳତା ପାତ୍ରଙ୍କ କାର୍ଯ୍ୟଧାରା ଉପରେ ସନ୍ଦେହ ପ୍ରକାଶ କରିଥିଲେ। ଆଜିର ଏହି ବୈଠକରେ ସାଂସଦ ଡ଼. ବିଭୂପ୍ରସାଦ ତରାଇ ଆଲୋଚନାରେ ଭାଗନେଇ ଦଳବର୍ଣ ନିର୍ବିଶେଷରେ ଜନପ୍ରତିନିଧିଙ୍କୁ ସାମିଲକରି ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଓ ନିଷ୍ପାପରତା ଅବଲମ୍ବନ କରି ଗାଁ ଭିତିଭୂମିର ବିକାଶ କଲେ ରାଜ୍ୟ ତଥା ଦେଶର ବିକାଶ ସୁନିଶ୍ଚିତ୍ର ବୋଲି କହିଥିଲେ।

# ଜିଲ୍ଲାପାଳଙ୍କ ଦ୍ୱାରା ପୌର ଉନ୍ନୟନ ସଂସ୍ଥା 'ଡୁଡା'ର କାର୍ଯ୍ୟାଳୟ ଉଦ୍‌ଘାଟିତ



ନୟାଗଡ଼ (ପିପିଏସ୍): ନୟାଗଡ଼ ସହରର ଗୁଣ୍ଡିଚା ମନ୍ଦିର ସମ୍ମୁଖ ଭାଗରେ ଆଜି ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ନୂତନ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଙ୍କ ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି। ଉଦଘାଟନୀ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧୀକାର କାରୀ ଲଗ୍ନଜିତ ରାଉତ, ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁମନ ବେହେରା, ଜିଲ୍ଲାର ସମସ୍ତ ଏନ.ଏ.ସି ଓ ପୌର ପରିଷଦର ନିର୍ବାହୀ ଅଧୀକାରୀ ଗଣ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସହରାଞ୍ଚଳର ବିକାଶ ନିମନ୍ତେ ଏହି କାର୍ଯ୍ୟାଳୟ ଏକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବ ବୋଲି ଜିଲ୍ଲାପାଳ ମହୋଦୟ ମତବ୍ୟକ୍ତ କରିଥିଲେ।

ସୂଚନାଯୋଗ୍ୟ ଏହି କୋଠାଟି ପୂର୍ବରୁ ଉପ-ଜିଲ୍ଲାପାଳଙ୍କ ବାସଭବନ ଭାବେ ରହିଥିଲା। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ଉଦଘାଟନ ଯୋଗୁଁ ନୟାଗଡ଼, ଖଣ୍ଡପଡା, ରଣପୁର, ଦଶପଲ୍ଲା ଏବଂ ଓଡଗାଁ ସହରର ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ଏଣିକି ଉକ୍ତ କାର୍ଯ୍ୟାଳୟ ଅଧୂକ ତ୍ୱରାନ୍ୱିତ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ସର୍ବଶ୍ରୀ ପ୍ରଶାନ୍ତ କୁମାର ପରିଡା, ଅଦିତ୍ୟ ନାରାୟଣ ପ୍ରଧାନ, ନିଗମ ମହାପାତ୍ର, ସୁଭାଶିଷ ସେଠୀ, ପ୍ରଦୀପ କୁମାର ଦାସ ଓ ଚିରଞ୍ଜିବ ଦାସ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ । କାର୍ଯ୍ୟାଳୟ ଉଦଘାଟନ ଯୋଗୁଁ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବେହେରା ସମସ୍ତଙ୍କୁ ସ୍ୱାଗତ କରିଛନ୍ତି।

# ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଦ୍ୱାରା ଉପକୃତ ହେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ଏହି ଆୟୋଜନ କରାଯାଇଛି। ଏକତା ଟ୍ରଷ୍ଟ ଏବଂ ମିଳିତ ସହଯୋଗରେ ପ୍ରତାପ ଶାସନ ଡ଼ିଗ୍ରୀ ମହାବିଦ୍ୟାଳୟ ବାଲାକାଟି ସହିତ ସମନ୍ୱୟରେ ତିନି ସହରୁ ଉର୍ଦ୍ଧ୍ୱ ଛାତ୍ର ଓ ଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଅନ୍ତର୍ଭୂକ୍ତ କରିବା ସହିତ, ସେମାନଙ୍କୁ ପ୍ରଶିକ୍ଷଣ ଓ ରୋଜଗାର ସ୍ଥାଇତ୍ୱ ଦେବା ଲାଗି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।

କଲେଜର କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଏହାରେ ଅଂଶଗ୍ରହଣ କରିଥିଲେ ଏବଂ ତାଙ୍କର ଆଗ୍ରହ ପ୍ରଦର୍ଶିତ କରିଥିଲେ। ଏହା ଯୁବ ସମ୍ପ୍ରତିକର୍ମୀ ବିକାଶ ପ୍ରଶିକ୍ଷଣ ଦେବା ଏବଂ ତାଙ୍କୁ ରୋଜଗାର ସୁଯୋଗ ସଂପାଦନ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସ୍କିଲ୍ଲ ଡେଭେଲପମେଣ୍ଟ ସଂଯୋଜକ ହେମନ୍ତ କୁମାର ଦାସ ଙ୍କ ସହଯୋଗ କରିବା ସହିତ ଏକତା ଟ୍ରଷ୍ଟର ଅଧକ୍ଷା ଇଂ ଦିପ୍ତୀରେଖା ପଟ୍ଟନାୟକ, ଟ୍ରଷ୍ଟକୁ ପରିଚାଳନା କରୁଥିବା ଟ୍ରଷ୍ଟି ରବି ମହାରଣା, ସମାଜ ସେବୀ ଝିଲ୍ଲୀ ସାମନ୍ତରାୟ ଓ ଏ ଟି ଡ଼ି ସି ତରଫରୁ ପ୍ରମୁଖ ପ୍ରଶିକ୍ଷକ ଉପସ୍ଥିତ ଥିଲେ।

# ଦୁଷ୍କର୍ମ ଉଦ୍ୟମ ଅପରାଧରେ ଦୋଷୀଙ୍କୁ ସାଢ଼େ ୩ବର୍ଷ ଜେଲଦଣ୍ଡ

କେନ୍ଦ୍ରାପଡା (ପିପିଏସ୍): ଏକ ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମକେଶରୀ ଚିନ୍ନାରା ଦୋଷୀଙ୍କୁ ସାଢେ ତିନି ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଟାଉନ ଥାନା ଅଞ୍ଚଳର ଜନୈକ ଲୋକଙ୍କର ଗତ ୨୮.୧୧.୨୦୧୫ରିଖରେ ଏକ ସାଇକେଲ ଚୋରି ହୋଇଥିଲା। ଏନେଇ ସଂପୃକ୍ତ ବ୍ୟକ୍ତିଙ୍କ ପତ୍ନୀ ସେହି ଅଞ୍ଚଳର ଦୁଇଜଣ ଯୁବକଙ୍କୁ ପଚରାଉଚୁରା କରିବାରେ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏନେଇ ସଂପୃକ୍ତ ମହିଳା କେନ୍ଦ୍ରାପଡା ଟାଉନ ଥାନାରେ ଗତ ୨. ୧୨. ୨୦୧୫ ରିଖରେ ଏସମ୍ପର୍କରେ ଏକ ଏତଲା ଦେଇଥିଲେ। ସେହିଦିନ ଘରେ କେହିନଥିବାର ସୁଯୋଗ ନେଇ ଦିଲ୍ଲିପ ଦାସ ଓ ଚଗଲା ମହାରଣା ସଂପୃକ୍ତ ମହିଳାଙ୍କ ଘରେ ପଶି ତାଙ୍କ ଝିଅକୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଧକ୍କା ମାରିବା ସହ ମନ୍ଦ ଉଦେଶ୍ୟ ରଖି ତାଙ୍କୁ ଟଣାଓଟରା କରିଥିଲେ। ଫଳରେ ସଂପୃକ୍ତ ଯୁବତୀଙ୍କ ପିନ୍ଧା ଡ୍ରେସ ଚିରିଯାଇଥିଲା। ଏଥିସହିତ ଲୋକଙ୍କ ସମ୍ମୁଖରେ ସେହି ଯୁବତୀଙ୍କୁ ଉପରୋକ୍ତ ଯୁବକ ଦୁଇଜଣ ଦୁଷ୍କର୍ମ ଉଦ୍ୟମ କରିବାରେ ଯୁବତୀ ଜଣଙ୍କ ଲୋକଲଜ୍ୟାରେ ବିଷ ପିଇଦେଇଥିଲେ। ଯୁବତୀଙ୍କ ମା'ଙ୍କ ଅଭିଯୋଗ ଉପରେ ଟାଉନ ଥାନା ପୋଲିସ ଥାନା କେଶ ନମ୍ବର-୧୯୯/୨୦୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଥିଲେ। ପୋଲିସ ଅଦାଲତରେ ସେହି ମାମଲାର ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ଏସଟି ନଂ-୩୭୫/୨୦୧୭ରେ ସେହି ମାମଲାର ବିଚାର କରି ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମକେଶରୀ ଚିନ୍ନାରା ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ଟାଉନ ଥାନା ଅନ୍ତର୍ଗତ ଇଛାପୁର(ଶ୍ୟାମଗୁଡିଆ) ଗ୍ରାମର ଦିଲ୍ଲିପ ଦାସ ଓ ଚଗଲା ମହାରଣାଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ୩୨୩ଦଫାରେ ୬ମାସ ଜେଲଦଣ୍ଡ ସହିତ ୫ଶହ ଟଙ୍କା ଜୋରିମାନା ଓ ୩୫୪ଦଫାରେ ୩ବର୍ଷ ଜେଲଦଣ୍ଡ ସହିତ ତିନି ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା ଅଦାଲତରେ ମାମଲା ପରିଚାଳନା କରୁଥିଲେ।

# ରଜକ ସଂଘର ବାର୍ଷିକ ମହୋତ୍ସବ

ଚୌଦ୍ୱାର,(ପିପିଏସ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ରଜକ ସଂଘର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସଂଘର ସଭାପତି ହୃଦାନନ୍ଦ ସେଠୀଙ୍କ ପୌରୋହିତ୍ୟରେ ଅଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ବରିଷ୍ଠ ନାଗରିକ ସଂଘର ରଘୁନାଥ ସ୍ୱାଇଁ, ଆଗ୍ରାହାଟ ସମିତି ସଭ୍ୟା ଗୀତାଞ୍ଜଳି ରାଉତ, ଆଠଗଡ଼ ଦଶବେଢ଼ା ରଜକ ସମିତି ଉପଦେଷ୍ଟା ବିଭୁତି ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଜକ ସମ୍ପ୍ରଦାୟର ବିକାଶ ଓ କଲ୍ୟାଣ ଦିଗରେ ସଂଘର ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ପାଦକ ପର୍ଶୁରାମ ସେଠୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୩୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଠଗଡ଼ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ, ଚୌଦ୍ୱାର ପୌର ପାଳିକା ତଥା ଅନ୍ୟାନ୍ୟ ରଜକ ସମିତିର ସଦସ୍ୟ ସଦସ୍ୟା ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଜନହିତକାରୀ ବଜେଟ୍ ଦେଶବାସୀଙ୍କ ସ୍ୱପ୍ନ ପୂରଣ କରିବ: ଉପମୁଖ୍ୟମନ୍ତ୍ରୀ

ଭଦ୍ରକ, (ପିପିଏସ୍): ୨୦୨୫-୨୬ ର କେନ୍ଦ୍ରୀୟ ଓ ରାଜ୍ୟ ବଜେଟ୍‌କୁ ନେଇ ଆଜି ଭଦ୍ରକ ସର୍କିଟ୍ ହାଉସ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଏହି ଜନହିତକାରୀ ବଜେଟ୍ ପ୍ରତ୍ୟେକ ଭାରତୀୟ ଓ ଓଡ଼ିଶାବାସୀଙ୍କ ସ୍ୱପ୍ନ ସାକାର କରିବା ପାଇଁ ଯଥେଷ୍ଟ। କେନ୍ଦ୍ରର ବଜେଟ୍ ୨୦୧୪-୧୫ ରେ ୧୬ ଲକ୍ଷ କୋଟି ଥିବାବେଳେ ତାହା ଏବେ ୫୬ ଲକ୍ଷ କୋଟିରେ ପହଂଚିଛି। ଏହି ବଜେଟ୍ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ର ସ୍ୱପ୍ନକୁ ପୂରଣ କରିବାରେ ବିଶେଷ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତର ରୋଡ୍‌ମ୍ୟାପ୍ ଓ ମୋଦିଙ୍କ ଗ୍ୟାରେଂଟିରେ ଓଡ଼ିଶାର ଭିଜନ ଡକ୍ୟୁମେଂଟ ପାଇଁ ଏହି ବଜେଟ୍ ଆତ୍ମନିର୍ଭର ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବ। ଏହି ଲୋକାଭିମୁଖୀ ବଜେଟ୍ ନିବେଶ ବୃଦ୍ଧି କରିବା ସହିତ ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ସମାଜର ୪ଟି ବର୍ଗ ଗରିବ, ଯୁବକ, ଅନ୍ନଦାତା ଓ ନାରୀଶକ୍ତିକୁ ଏହି ୨ଟି ବଜେଟ୍‌ରେ ଅଗ୍ରାଧିକାର ଦିଆଯାଇଛି। ସବୁକ୍ଷେତ୍ରରେ ବିକାଶକୁ ସମ୍ଭବ କରାଇବାପାଇଁ ଏକ ସଫଳ ଓ ଦୂରଦର୍ଶୀ ବଜେଟ୍ ଏଥିରେ ଗାଁ ଗରିବ ଓ ମହିଳାଙ୍କର ସାମୂହିକ ବିକାଶକୁ ବିଶେଷ ଧ୍ୟାନ ଦିଆଯାଇଛି। ବିକଶିତ ଗାଁ ଓ ବିକଶିତ ଓଡ଼ିଶା ନାମରେ ୨ ହଜାର କୋଟିର ବଜେଟ୍ କରାଯାଇଛି। ପ୍ରତି ବ୍ଲକ୍‌ରେ ଏକ ଖେଳ ପଡିଆ (ଇନ୍‌ଡୋର ଓ ଆଉଟଡୋର ଷ୍ଟାଡିୟମ) ବଡ ଆକାରରେ ହେବ। ଯୁବକମାନେ ଖେଲୋ ଇଣ୍ଡିଆ ଓ ଖେଲୋ ଓଡ଼ିଶା କାର୍ଯ୍ୟକ୍ରମରେ ସଫଳ ହେବେ। ଏହାଦ୍ୱାରା କ୍ରୀଡାବିତ୍ ଗାଁ ଗହଳିରୁ ସୃଷ୍ଟି ହେବେ। ଏହି ସରକାରରେ ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଧାନସଂଗ୍ରହ ନୀତିର ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ୮ ଶହ ଟଙ୍କାର ସବ୍‌ସିଡି ଦିଆଯାଇ ୬୦ ହଜାର କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ସୁଭଦ୍ରା ଯୋଜନାରେ ୧୦ ହଜାର କୋଟି ରଖାଯାଇଥିବାବେଳେ, ସୁଭଦ୍ରାର ସୁରକ୍ଷା ପାଇଁ ୧୫୩ କୋଟି ଅଧିକ ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନାରେ ପ୍ରଥମ କରି ଗରିବ ଘରର ଝିଅମାନଙ୍କୁ ବିବାହ କରାଇବାରେ ରାଜ୍ୟ ସରକାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିରେ ବାପା ଭାଇମାନଙ୍କର କଷ୍ଟ ଲାଘବ କରିବା ପାଇଁ ଏହି ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ୧୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଯୋଜନା ପାଇଁ ଆଗକୁ ଅଧିକ ବ୍ୟୟବରାଦର ବ୍ୟବସ୍ଥା ରହିଛି। ଆମ ରାଜ୍ୟ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବାରୁ ଏହାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ। କେନ୍ଦ୍ର ସରକାର ପର୍ଯ୍ୟଟନର ବୃଦ୍ଧି ପାଇଁ ହୋମ୍ ଷ୍ଟେରେ ମୁଦ୍ରା ଲୋନ୍ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ହୋମ୍ ଷ୍ଟେରେ ୫୦ ପ୍ରତିଶତ କ୍ୟାପିଟାଲ ସବ୍‌ସିଡିର ବ୍ୟବସ୍ଥା ଅଛି। ଏଣୁ ଗାଁ ଗହଳିରେ ପର୍ଯ୍ୟଟନ ଭିତ୍ତିଭୂମି ଗଢିବା ସହିତ ସାଧାରଣ ଏଂଟରପିନିୟର ହେବେ, ସେମାନେ ହୋମ୍ ଷ୍ଟେ ଦ୍ୱାରା ଲାଭାନ୍ୱିତ ହେବେ। ଦେଶର ୫୦ ଗୋଟି ପର୍ଯ୍ୟଟନ ସ୍ଥଳୀ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ବଢିବାର ବ୍ୟବସ୍ଥା ଅଛି। ସେଥିମଧ୍ୟରେ ଓଡ଼ିଶାର ରତ୍ନଗିରି, ଉଦୟଗିରି, ଲଳିତଗିରିକୁ ଏକ ବୁଦ୍ଧିଷ୍ଟ କୋରିଡାଲ ଭାବେ ଗଢିବା ପାଇଁ କେନ୍ଦ୍ର ସରକାରର ସହାୟତା ରହିଛି ବୋଲି କହିଛନ୍ତି। ଏହି ସମ୍ମିଳନୀରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲା ସଭାପତି ଭଗବାନ ପଣ୍ଡା, ବନ୍ତର ବିଜେପି ନେତା ସୁଧାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପରେ ଶାନ୍ତି ଭଙ୍ଗକାରୀ ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ପାରାଦୀପ (ପିପିଏସ୍): ନିଜ ସ୍ୱାର୍ଥ ପାଇଁ କିଛି ସିଣ୍ଡିକେଟ ମାଫିଆ ଗୋଷ୍ଠୀ ଏବେ ପାରାଦୀପ ସହରରେ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା ନେଇ ଅଭିଯୋଗ ଉଠିଛି। ଅତୀତରେ ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବ୍ୟବସାୟିକ ଓ ରାଜନୈତିକ ବିବାଦକୁ ନେଇ ବିଜେଡି ଯୁବ ନେତା ମୁନା ପତି ଓ ସିଓ୍ୱେଜ କମ୍ପାନୀ ଅଧିକାରୀ ମହେନ୍ଦ୍ର ସ୍ୱାଇଁଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସେତେବେଳେ ଜନୈକ ଶିଳ୍ପପତିଙ୍କ ସମେତ ଅରିନ୍ଦମ ସର୍କଲ ଓ ଅନ୍ୟମାନଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାଇଥିଲା। ତେବେ ବର୍ତ୍ତମାନ ସରକାର ପରିବର୍ତ୍ତନ ପରେ ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ପାରାଦୀପର ବିକାଶ ଦିଗରେ ଚିନ୍ତା ଓ କାର୍ଯ୍ୟ କରୁଥିବା ସହ ପାରାଦୀପରେ ଭାଇଗିରିର ମୁଳୋତ୍ପାଟନ କରି ସାଧାରଣରେ କର୍ମ ସଂସ୍ଥାନ ଓ ବିଭିନ୍ନ ଶିଳ୍ପରେ ବେରୋଜଗାରୀଙ୍କ ନିଯୁକ୍ତି ବିଷୟରେ ଚିନ୍ତା କରୁଥିବା ବେଳେ ଏବେ ପୁନର୍ବାର ସକ୍ରିୟ ହୋଇ ଉଠିଛନ୍ତି ମାଫିଆ ସିଣ୍ଡିକେଟ ଗୋଷ୍ଠୀ।

ସୂଚନା ଥାଉକି ପୂର୍ବରୁ ଏହି ସିଣ୍ଡିକେଟ ଗୋଷ୍ଠୀ ପାରାଦୀପ ରେ ବ୍ୟବସାୟିକ ଓ ରାଜନୈତିକ କ୍ଷେତ୍ରରେ ଆଧିପତ୍ୟ ଜାହିର ରଖିବା ପାଇଁ ସ୍ଥାନୀୟ ଅନେକ ନେତୃସ୍ଥାନୀୟ ଯୁବକଙ୍କୁ ଆକ୍ରମଣ, ମିଥ୍ୟା କେଶରେ ଫସାଇ ଜେଲ ପଠାଇବା ଇତ୍ୟାଦି ଘଟଣା ସମସ୍ତ ଙ୍କୁ ଭୟଭୀତ କରି ରଖିଥିଲା। ଏହି ପରି ଏକ ଘଟଣାକ୍ରମରେ



ବ୍ରିଜ ଆଣ୍ଡ ରୁଫ କମ୍ପାନୀ ମ୍ୟାନେଜରଙ୍କ ଘରେ ସିଣ୍ଡିକେଟର ଅପରାଧୀ ଗୁଳିକାଣ୍ଡ କରି ପାରାଦୀପର ଜଣାଶୁଣା ଯୁବ ବ୍ୟବସାୟୀ ତଥା ସମାଜସେବୀ ରାକେଶ ପଟ୍ଟନାୟକଙ୍କୁ ଫସାଇ ତାଙ୍କ ନାମରେ ମିଥ୍ୟା ମାମଲା କରି ତାଙ୍କୁ ତିନିମାସ ଜେଲ ପଠାଇଥିଲେ ଯାହାକି ତଦନ୍ତ ସାପେକ୍ଷ। କିନ୍ତୁ ଏବେ ପରିବର୍ତ୍ତନ ର ହାଓ୍ୱା ବୋହିବା ପରେ ଏଥିରେ ବ୍ୟତିବ୍ୟସ୍ତ ହୋଇ ଏହି ସିଣ୍ଡିକେଟର ଜନୈକ ଛଦ୍ମବେଶି ରାଜନେତା ତଥା ଶ୍ରମିକ ନେତା ନିଜ ସ୍ଥିତି ରକ୍ଷା ପାଇଁ ଜନପ୍ରିୟ ମନ୍ତ୍ରୀଙ୍କୁ ମିଥ୍ୟା ଆରୋପ ଲଗାଇ ବଦନାମ କରିବାର ଅପଚେଷ୍ଟା କରୁଥିବାବେଳେ ପୂର୍ବର ସେହି ଚିରାଚରିତ ଢଙ୍ଗରେ ସ୍ଥାନୀୟ ନେତୃତ୍ୱ ଙ୍କ ନାମରେ ଅପରାଧୀ ବ୍ୟକ୍ତିମାନଙ୍କ ଦ୍ୱାରା ଥାନାରେ ଅଭିଯୋଗ କରାଉଥିବା ଦେଖିବାକୁ ମିଳିଛି। ସୂଚନାଥାଉକି ଦୀର୍ଘ ଦିନ ପରେ ସ୍ଥାନୀୟ ଶ୍ରମିକ ନେତା ଅଞ୍ଚଳର ଯୁବକ ଯୁବତୀମାନଙ୍କ ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥାରେ ନିଯୁକ୍ତି ଓ କର୍ମ ସଂସ୍ଥାନ ଯୋଗାଇବା ପାଇଁ ସଂଗ୍ରାମ ଜାରି ରଖିଥିବା ବେଳେ ଏଥିରେ ଭୟଭୀତ ହୋଇ ଏହି ମାଫିଆ ସିଣ୍ଡିକେଟ ଦଳ ତାଙ୍କୁ ବଦନାମ କରିବା ସହ ମୁନା ପତିଙ୍କ ପରି ରାସ୍ତାରୁ ହଟାଇବା ପାଇଁ ଷଡଯନ୍ତ୍ର ଚାଲିଥିବା ନେଇ ଅଭିଯୋଗ ହୋଇଛି। ଏହି ସବୁ ଘଟଣା ପାରାଦୀପ ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ପାରାଦୀପରେ ଏହି ଅଶାନ୍ତ ସୃଷ୍ଟିକାରି ଙ୍କୁ ଶାନ୍ତି ଭଙ୍ଗ ଅଭିଯୋଗରେ ଗିରଫ କିମ୍ବା ତଡିପାର କରିବାକୁ ସାଧାରଣରେ ଦାବି ହେଉଛି। ଏତଦବ୍ୟତୀତ ମୁନା ପତି ଏବଂ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣାର ସିବିଆଇ ତଦନ୍ତ ପାଇଁ କିଛି ସଂଗଠନ ସରକାର ଙ୍କୁ ଆବେଦନ କରିବାକୁ ପ୍ରସ୍ତୁତି ଚଳାଇଥିବା ଜଣାପଡିଛି। ତେବେ ଏଦିଗରେ ବେଳହୁଁ ସାବଧାନ ହେବାକୁ ସାଧାରଣରେ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଏଥର ମାଫିଆ ସିଣ୍ଡିକେଟର ଟାର୍ଗେଟରେ କିଏ ବୋଲି ଲୋକଙ୍କ ଭିତରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAMIR&BIDIVISION NOI BERHAMPUR
Phone/Fax: (050012233063mal sembi bam@xstro.com


"e" Procurement Notice

Bid Identification No. SE R&B Divn. No.1 Bam. 43/ 2024-25 L.No. 2705, Dtd. 20.02.2025

Name of work : Electrical work.
No. of work : 1 (One) No
Estimated Cost : Approximately Rs 5.70 Lakh
Period of completion of agreement : Three Calendar months
Date and time of Availability of bid document in the portal: From 10.00 hours of 27.02.2025 to 16.00 hours of 10.03.2025
Last date/time for receipt of bids in the portal : Upto 16.00 hours of 10.03.2025
Name & address of the Officer Inviting Bid : Superintending Engineer, Ganjam (R&B) Division No. 1, Berhampur.
Further details can be seen from the e-Procurement portal https://tendersodisha.gov.in

Sd/-Superintending Engineer
Ganjam(R&B)Division No.1
Berhampur

B-1041 OIPR-34109/11/0019/2425



## ଚାମ୍ପିଅନ୍ସ ଟ୍ରଫି: ବର୍ଷାପାଇଁ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବାତିଲ



ରାୱଲପିଣ୍ଡି: ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର ସପ୍ତମ ମ୍ୟାଚ୍ ଫେବୃଆରି ୨୫ତାରିଖରେ ରାୱଲପିଣ୍ଡିରେ ବିଶ୍ୱ ବିଜେତା ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାର ଥିଲା, କିନ୍ତୁ ବର୍ଷା ସମସ୍ତ ଆଶାକୁ ଧୂଳିସାତ କରିଦେଇଛି। ଖରାପ ପାଗ ଯୋଗୁଁ ଟସ୍ ହୋଇପାରିନଥିଲା। ରାୱଲପିଣ୍ଡିରେ ସକାଳୁ ବର୍ଷା ହେଉଥିବାରୁ ପଡିଆରେ ପାଣି ଜମି ରହିଥିଲା। ମ୍ୟାଚ୍ ଆରମ୍ଭ ହେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରାଯାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ପରିସ୍ଥିତିରେ ସୁଧାର ନ ଆସିବା ଫଳରେ ମ୍ୟାଚ୍ ରେଫରି ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି ।

ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଆରମ୍ଭ ହେବାର ଥିଲା, କିନ୍ତୁ ବର୍ଷା ଯୋଗୁଁ ଟସ୍ ବିଳମ୍ବ ହୋଇଥିଲା। ଅପରାହ୍ଣ ୨ଟାରେ ଟସ୍ ହେବାର ଥିଲା, କିନ୍ତୁ ହାଲୁକା ବର୍ଷା ଯୋଗୁଁ ଉଭୟ ଅଧିନାୟକ ପଡ଼ିଆକୁ ଆସି ପାରିନଥିଲେ। ଏହି ସମୟରେ ପିଚ୍‌କୁ କଭର କରାଯାଇଥିଲା। ମ୍ୟାଚ୍ ଆରମ୍ଭ ହେବା ପାଇଁ ପ୍ରାୟ ୪ ଘଣ୍ଟା ଅପେକ୍ଷା ରହିଥିଲେ ହେଁ ଶେଷରେ ବର୍ଷା ପୂରା ମ୍ୟାଚ୍‌କୁ ନଷ୍ଟ କରିଦେଇଥିଲା।

## ଏଫଆଇଏଚ୍ ହକି ପ୍ରୋ ଲିଗ୍
## ସୁଟ୍‌ଆଉଟରେ ନେଦରଲ୍ୟାଣ୍ଡକୁ ପରାସ୍ତ କଲା ଭାରତ



ଭୁବନେଶ୍ୱର, (ପିପିଏସ୍): ମଙ୍ଗଳବାର ଦିନ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫଆଇଏଚ୍ ହକି ପ୍ରୋ ଲିଗ୍ (ମହିଳା) ଖେଳରେ ୨-୨ ଗୋଲରେ ଏକ ରୋମାଞ୍ଚକର ଡ୍ର ପରେ, ଭାରତ ନେଦରଲ୍ୟାଣ୍ଡକୁ ସୁଟଆଉଟରେ ୨-୧ ଗୋଲରେ ପରାସ୍ତ କରି ବୋନସ୍ ପଏଣ୍ଟ ହାସଲ କରିଛି। ଦୁଇ ଗୋଲ ପଛରେ ରହିବା ସତ୍ତ୍ୱେ, ଭାରତ ତୃତୀୟ କ୍ୱାର୍ଟରରେ ଦୀପିକା ଏବଂ ବଲଜିତ କୌର ଗୋଲ ଦ୍ୱାରା ଏକ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଥିଲା। ନେଦରଲ୍ୟାଣ୍ଡ ପାଇଁ ଅଧିନାୟକ ପିଏନ୍ ସାଣ୍ଡର୍ସ ଏବଂ ଫେ ଭାନ୍ ଡେର ଏଲଷ୍ଟ ଗୋଲ ଦେଇଥିଲେ।

ଏହି ଅବିଶ୍ୱସନୀୟ ବିଜୟ ପରେ, ହକି ଇଣ୍ଡିଆ ପ୍ରତ୍ୟେକ ବିଜୟ ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଦେବାର ପୂର୍ବ ନୀତି ସହିତ ପ୍ରତ୍ୟେକ ଭାରତୀୟ ଖେଳାଳିଙ୍କ ପାଇଁ ୧ ଲକ୍ଷ ଟଙ୍କା ଏବଂ ସହାୟକ କର୍ମଚାରୀଙ୍କ ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଘୋଷଣା କରିଛି। ପ୍ରଥମ କ୍ୱାର୍ଟରରେ ଡଚ୍ ଦଳ ଦଖଲ ଏବଂ ଗୋଲ ପ୍ରୟାସ ଉଭୟ ଦୃଷ୍ଟିରୁ ପ୍ରଭାବଶାଳୀ ଥିଲା। ଭ୍ରମଣକାରୀ ଦଳ ସନ୍ଧ୍ୟାର ପ୍ରଥମ ପେନାଲ୍ଟି କର୍ଣ୍ଣର ୫ମ ମିନିଟରେ ମାଟଲା ଫ୍ରେଡେରିକ୍ ଏକ ଶକ୍ତିଶାଳୀ ସଟ୍ ଦେଇଥିଲେ, ଯାହାକୁ ସବିତା ଏକ ଦମଦାର ସେଭ୍ କରିଥିଲେ। ଅବଶିଷ୍ଟ ମିନିଟ୍ରେ ନେଦରଲ୍ୟାଣ୍ଡସ୍ ଲଗାତାର ତିନୋଟି କର୍ଣ୍ଣର ଜିତିଥିଲା। କିନ୍ତୁ ଭାରତର କଡ଼ା ପ୍ରତିରକ୍ଷା ସେମାନଙ୍କୁ ପ୍ରଥମ ଗୋଲରୁ ବଞ୍ଚିତ କରିଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଡଚ୍ ଖେଳାଳିମାନେ ଚାପ ବୃଦ୍ଧି କରି ଚାଲିଥିଲେ ଏବଂ ୧୭ତମ ମିନିଟରେ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ପ୍ରଥମ ଗୋଲ ଦେଇଥିଲେ। ନେଦରଲ୍ୟାଣ୍ଡସ୍ ଏକ ପରିବର୍ତ୍ତନକୁ ସଂପୂର୍ଣ୍ଣ ଭାବରେ ପ୍ରଦର୍ଶନ କରିଥିଲେ କାରଣ ଅଧିନାୟକ ସାଣ୍ଡର୍ସ ବେସଲାଇନ୍‌ରେ ବଲ୍ ଗ୍ରହଣ କରିଥିଲେ ଏବଂ ଏକ ଗୋଲ ଦେଇ ତାଙ୍କ ଦଳକୁ ଅଗ୍ରଣୀ କରାଇଥିଲେ। ୨୩ତମ ମିନିଟରେ ନେଦରଲ୍ୟାଣ୍ଡସ୍ ଷଷ୍ଠ ପେନାଲ୍ଟି କର୍ଣ୍ଣର ଜିତିଥିଲା ଏବଂ ପୂର୍ବ ପରି ସମାନ ପରିବର୍ତ୍ତନ ଖେଳିବାକୁ ଚେଷ୍ଟା କରିଥିଲା। କିନ୍ତୁ ଏଥର, ସାଣ୍ଡର୍ସଙ୍କ ସଟ୍ ଜଣେ ଭାରତୀୟ ଡିଫେଣ୍ଡରଙ୍କ ଦ୍ୱାରା ଅବରୋଧ କରାଯାଇଥିଲା। ୨୮ତମ ମିନିଟରେ, ଲାଲରେମସିଆମି ବାମ ପାର୍ଶ୍ୱରୁ ବଲ୍ ସହିତ ଏକ ଚମତ୍କାର ଗୋଲ ଦେବାର ପ୍ରୟାସ କରିଥିଲେ।

ପ୍ରଥମାର୍ଦ୍ଧ ଶେଷ ହେବାକୁ ଦୁଇ ମିନିଟ୍ ବାକି ଥିବା ବେଳେ, ନେଦରଲାଣ୍ଡସ୍ ଏକ ସୁନ୍ଦର ଗୋଲ ସହିତ ସେମାନଙ୍କର ଅଗ୍ରଣୀ ବଢ଼ାଇଥିଲେ। ଲୁନା ଫୋକେ ବେସଲାଇନ୍ ଉପରେ ଏକ ଲଫଟେଡ୍ ପାସ୍ ପାଇଥିଲେ ଏବଂ ଏହାକୁ ଗୋଲ ସମ୍ମୁଖରେ ଏଲଷ୍ଟଙ୍କୁ ଉତ୍ତମ ଭାବରେ ପାସ୍ କରି ନେଟରେ ଡାଇଭିଂ ଫିନିଶ କରିଥିଲେ।



ତୃତୀୟ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନରେ ଉନ୍ନତି ଆଣିଥିଲା ଏବଂ ସମାନ ସ୍ଥିତିକୁ ଫେରିବା ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗୋଲ ଦେଇଥିଲା। ୩୫ତମ ମିନିଟରେ, ଦୀପିକା ଚମତ୍କାର ଭାବରେ ବାମ ପାର୍ଶ୍ୱକୁ ଡ୍ରିବଲ କରି ନେଦରଲ୍ୟାଣ୍ଡର ବ୍ୟାକଲାଇନ୍ ଫିନିସିଂ କରିଥିଲେ। ଡଚ୍ ଖେଳାଳିମାନେ ସେମାନଙ୍କର ନିରନ୍ତର ଆକ୍ରମଣ ଜାରି ରଖି ଭାରତୀୟ ପ୍ରତିରକ୍ଷା ଉପରେ ଚାପ ବୃଦ୍ଧି କରିଚାଲିଥିଲେ। ୩୯ତମ ମିନିଟରେ, ଓରାଞ୍ଜେ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ କିନ୍ତୁ ସବିତା ସ୍କୋର ସମାନ ରଖିବାକୁ ସଫଳ ହୋଇଥିଲେ। ଭାରତ ଆଉ ଏକ ଗୋଲ କରିବାର ସୁଯୋଗ ସୃଷ୍ଟି କରିଥିଲା କାରଣ ଦୀପିକା ବଲ୍‌କୁ ସର୍କଲରେ ଧରି ଦୂର ପୋଷ୍ଟରେ ଥିବା ସାଲିମା ଟେଟେଙ୍କୁ ଦେଇଥିଲେ। କିନ୍ତୁ ଭାରତୀୟ ଅଧିନାୟକ ସଂଯୋଗ କରିବାରେ ବିଫଳ ହୋଇଥିଲେ ଏବଂ ସୁଯୋଗ ହାତଛଡ଼ା କରିଥିଲେ।


୪୩ତମ ମିନିଟରେ ବଲଜିତଙ୍କ ଚମତ୍କାର ଫଳାଫଳ ଯୋଗୁ ଭାରତ ଅତ୍ୟନ୍ତ ଆବଶ୍ୟକୀୟ ସମାନତା ହାସଲ କରିଥିଲା। ଶର୍ମିଳା ଦେବୀ ଡାହାଣ ୱିଙ୍ଗକୁ ଡ୍ରିବଲ କରି ବଲଜିତଙ୍କ ବଲ୍ ପ୍ରଥମ ଥର ପାଇଁ ନିକଟ ପୋଷ୍ଟ ଆଡକୁ ଫିନିଶ ଡଚ୍ କିପରଙ୍କୁ ଅତିକ୍ରମ କରି ନେଟରେ ପ୍ରବେଶ କରିଥିଲା। ଶେଷ କ୍ୱାର୍ଟରରେ ନେଦରଲ୍ୟାଣ୍ଡସ୍ ଅନେକ ଆକ୍ରମଣ କରିଥିଲେ କିନ୍ତୁ ହାର ମାନିଥିଲେ। ୫୩ତମ ମିନିଟରେ, ଭାରତ ଏକ ପ୍ରତିଆକ୍ରମଣ ଆରମ୍ଭ କରିଥିଲା ଯେତେବେଳେ ସାଲିମା ମଧ୍ୟଭାଗରୁ ସୁଟିଂ ସର୍କଲରେ ଗତି କରିଥିଲେ କିନ୍ତୁ ଡଚ୍ ଖେଳାଳିମାନେ ଆକ୍ରମଣକୁ ପ୍ରତିହତ କରିଥିଲେ। ଖେଳ ଡ୍ର ପରେ ବୋନସ୍ ପଏଣ୍ଟ ପାଇଁ ସୁଟଆଉଟ ହୋଇଥିଲା। ଭାରତ ପାଇଁ ଦୀପିକା ଏବଂ ମୁମତାଜ ଖାନ ଗୋଲ ଦେଇଥିଲେ ଯେତେବେଳେ ସବିତା ଗୁରୁତ୍ୱପୂର୍ଣ୍ଣ ସେଭ୍ କରି ଘରୋଇ ଦଳକୁ ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସ ବିପକ୍ଷରେ ସୁଟଆଉଟରେ ୨-୧ ଗୋଲରେ ବିଜୟୀ କରାଇଥିଲେ।

## ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ରୋମାଞ୍ଚକର ମ୍ୟାଚ୍‌ରେ ଡିଆରକେକୁ ହରାଇ ରାଇରଙ୍ଗପୁର ଚାମ୍ପିୟନ୍



ବାରିପଦା (ପିପିଏସ୍) ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଡିଆରକେ (ବି)କୁ ୫ ୱିକେଟରେ ପରାସ୍ତ କରି ରାଇରଙ୍ଗପୁର ଚମ୍ପିଆନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି ) ୩୫ ଓଭରରେ ୪ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପ୍ରୀତପାଲ ସିଂହ ୧୫୦ ଓ ଚନ୍ଦ୍ରଭାନୁ ସେଠି ୩୯ ରନ କରିଥିବା ବେଳେ ବିପକ୍ଷ ଦଳର ଅଭିଷେକ ପରିଡା, ଅଳୁ ମହାନ୍ତ ଓ ନିର୍ମାଲ୍ୟ ନାୟକ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ରାଇରଙ୍ଗପୁର ୩୫ ଓଭରରେ ୫ ଉଇକେଟ ହରାଇ ୨୪୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଦଳ ପକ୍ଷରୁ ଜୟ କୁମାର ଅପରାଜିତ ୧୪୯ ଓ ଶୁଭମ ସାହୁ ୫୨ ରନ କରିଥିବା ବେଳେ ବିପକ୍ଷ ଦଳର ମନୋରଞ୍ଜନ ମାଝୀ, ଅମିତାଭ ଦାସ ଓ ପ୍ରୀତପାଲ ସିଂହ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜୟ କୁମାର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲିପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ପିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ କୋଚ କୁମାର ରଞ୍ଜନ ପଣ୍ଡା ଓ ଅବସର ପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅମର କୁମାର ସେଠୀ, ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ଶକ୍ତିଶାଳୀ ଦଳ: କୁମିନ୍ସ



ସିଡନୀ: ଆହତ ସମସ୍ୟା ଦେଇ ଗତି କରୁଥିବା ଅଷ୍ଟ୍ରେଲିଆ ଦଳର ଅଧିନାୟକ ପାଟ କୁମିନ୍ସଙ୍କ ମତରେ ଭାରତୀୟ ଦଳକୁ ଦୁବାଇରେ ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚ ଖେଳିବାର ବଡ଼ ଫାଇଦା ମିଳୁଛି। ଅନ୍ୟ ଦଳଗୁଡ଼ିକୁ ପାକିସ୍ତାନର ବିଭିନ୍ନ ଭେନ୍ୟୁରେ ଖେଳିବାକୁ ପଡୁଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ତା'ର ସମସ୍ତ ଲିଗ ମ୍ୟାଚ ଦୁବାଇରେ ଖେଳୁଛି। ଦଳ ଯଦି ଫାଇନାଲରେ ପ୍ରବେଶ କରିବାରେ ସଫଳ ହୁଏ, ତେବେ ଫାଇନାଲ ମ୍ୟାଚ ମଧ ଦୁବାଇରେ ଖେଳାଯିବ।

ମତରେ ହାଇବ୍ରିଡ ମଡେଲରେ ଟୁର୍ଣ୍ଣାମେଣ୍ଟ ହେଉଛି, ଏହା ଭଲ କଥା। କିନ୍ତୁ ଏହା ଭାରତକୁ ସମାନ ଭେନ୍ୟୁରେ ଖେଳିବାର ଏକ ବଡ଼ ଫାଇଦା ପ୍ରଦାନ କରୁଛି। ଭାରତ ଖୁବ ଶକ୍ତିଶାଳୀ ଦଳ ଏବଂ ଦଳକୁ ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ ଖେଳିବାର ଫାଇଦା ମିଳୁଛି ବୋଲି କୁମିନ୍ସ କହିଛନ୍ତି। ଭାରତୀୟ ଦଳ ତା'ର ଉଭୟ ମ୍ୟାଚକୁ ଜିତି ସେମିଫାଇନାଲ ପ୍ରବେଶ କରିଛି। ଆସନ୍ତା ରବିବାର ଭାରତ ତା'ର ଅନ୍ତିମ ଲିଗ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୩ ଫେବୃଆରୀ-୨୮ ଫେବୃଆରୀ ୨୦୨୫ ଦିଲ୍ଲୀରେ ଫୁଟିଲା ପଦ୍ମ




ଚୋରା-ଲୁଚାରେ ଆମେରିକାରେ ପହଞ୍ଚିବାର ମାଧ୍ୟମ ହେଉଛି 'ଡଙ୍କି ରୁଟ୍'। ଏଥିପାଇଁ ଏଜେଣ୍ଟଙ୍କୁ ଦେବାକୁ ପଡ଼ିଥାଏ ମୋଟା ଅଙ୍କର ଟଙ୍କା। ତେବେ ସହଜ ନୁହେଁ ଏହି ରାସ୍ତାରେ ଯାତ୍ରା। ପାଦେ ପାଦେ ବିପଦ। ବିପଦସଙ୍କୁଳ ଅବସ୍ଥାରେ ପାହାଡ଼ ଦେଇ ନଦୀ ପାର୍ ହୋଇ ଯିବାକୁ ପଡ଼େ। କେହି ଯଦି ପାହାଡ଼ରୁ ଖସିପଡ଼େ; ତେବେ ସେଇଠି ସରିଯାଏ ଜୀବନ, ମରିଯାଏ ସପ୍ନ।

**ଜାତୀୟ:** କେଜ୍ରିୱାଲ ହେବେ ପଞ୍ଜାବ ମୁଖ୍ୟମନ୍ତ୍ରୀ !
**ସ୍ୱତନ୍ତ୍ର ପ୍ରସଙ୍ଗ:** ଟ୍ରାଫିକ୍ ଜାମ୍ ପଛରେ ଶ୍ରଦ୍ଧା ନା ଭୟ ?
**ନାରୀ:** ନିଜ ପିଲାଙ୍କ ସହ ସମୟ ବିତାଇ ପାରୁନାହାନ୍ତି କି ?
**କ୍ଷୁଦ୍ରଗଳ୍ପ:** ବାଳଗୋପାଳ
**ଚଳଚ୍ଚିତ୍ର:** ଆନ୍ତର୍ଜାତୀୟ: ଫ୍ରାନ୍ସର ଆତିଥ୍ୟ ବିଶେଷ ପ୍ରସଙ୍ଗ: ଘାତକ କ୍ୟାଲିବର୍ କ୍ରୁଜ୍ ମିସାଇଲ୍ ଧର୍ମ: ଦିନକୁ ତିନିଥର ରଙ୍ଗ ବଦଳାଏ ଏହି ଶିବଲିଙ୍ଗ କବିତା: ପ୍ରୀତି ତରଙ୍ଗିଣୀ ଜାଣନ୍ତି କି ? : ଝୁଲନ୍ତା ସ୍ତମ୍ଭରେ ମନ୍ଦିର ସ୍ୱାସ୍ଥ୍ୟ: ଅଧିକ କ୍ରୋଧ ପ୍ରାଣ ଘାତକ
**ଖେଳ:** କ୍ରିକେଟ ପ୍ରେମରେ କୁନି ଝିଅ ପ୍ରିୟାଂସି ବନ୍ଦ କରୋ ୟାର୍ ମୀନାବଜାର: ରାଜା ଓ ବକା
ଚର୍ଚ୍ଚାରେ: ୧୨ଲକ୍ଷ ବର୍ଷ ପୂର୍ବର ବରଫ ଖଣ୍ଡ ବ୍ୟଙ୍ଗ: ସୁନା ଶଗଡ଼ିରେ ରୁପା କନିଆଁ ପର୍ଯ୍ୟଟନ: ମନ୍ଦିର ମାଳିନୀ ଗାଁ ଚଳଚ୍ଚିତ୍ର: ଆସୁଛି 'କିଙ୍ଗ'

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


## ପ୍ରଥମ ଚିରଞ୍ଜିତ ରାଜଗୁରୁ ସ୍ମାରକୀ ଫଟାଫଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ
## ଫାଇନାଲରେ ଚିତା ଏକାଦଶକୁ ପରାସ୍ତ କରି ଜନତା ଗ୍ୟାରେଜ୍ ଦଳ ଚାମ୍ପିଅନ୍

■ ଜିଲ୍ଲା ଓ ରାଜ୍ୟ ବାହାରୁ ୮ଟି ପ୍ରମୁଖ ଦଳ ସାମିଲ ■ ଚାମ୍ପିଆନ ଦଳକୁ ଟ୍ରଫି ସହ ୩୦ହଜାର, ରନର୍ସଅପ୍‌କୁ ଟ୍ରଫି ସହ ୨୦ହଜାର ପୁରସ୍କାର



ବ୍ରହ୍ମପୁର(ପିପିଏସ୍): ଯୁବ ସାମ୍ବାଦିକ ତଥା ଆଇନଜୀବୀ ସ୍ୱର୍ଗତ ଚିରଞ୍ଜିତ ରାଜଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମ ଚିରଞ୍ଜିତ ରାଜଗୁରୁ ସ୍ମାରକୀ ଦିନିକିଆ ଫଟାଫଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ରୟଲ ଷ୍ଟ୍ରାଇକର କ୍ରିକେଟ ଟିମ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଜନତା ଗ୍ୟାରେଜ ଦଳ ଚାମ୍ପିଆନ୍ ହୋଇଛି। ୬ଓଭର ବିଶିଷ୍ଟ ସିମୀତ ଓଭର ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ତଥା ପଡୋଶୀ ଆନ୍ଧ୍ର ପ୍ରଦେଶରୁ ଭାସ୍କର ଏକାଦଶ, କମଳାପୁର ଏକାଦଶ, ଲାୟନ୍ସ ଏକାଦଶ, ଚିତା ଏକାଦଶ, ଜନତା ଗ୍ୟାରେଜ, ଏମ୍ଏସ୍‌ସିଟି, ମହାଲକ୍ଷ୍ମୀ ଓ ଏଫସିସି ଭଳି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି କାଳି ପ୍ରସାଦ ବୁରୁଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଚିରଞ୍ଜିତ ରାଜଗୁରୁଙ୍କ ସୁପୁତ୍ରି ଆହାନା ରାଜଗୁରୁ ଓ ଝିଆରି ଆସମସା ରାଜଗୁରୁ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଜନତା ଗ୍ୟାରେଜ ବନାମ କମଳାପୁର ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଜନତା ଗ୍ୟାରେଜ ଦଳ ୫୫ରନ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ବ୍ରିଟିଶ ୧୬ଟି ବଲରେ ଦ୍ରୁତ ୪୬ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିଭଳି ଚିତା ଏକାଦଶ ବନାମ ଏଫସିସି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଚିତା ଏକାଦଶ ଦଳ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୮ରନ୍‌ରେ ବିଜୟୀ ହୋଇଥିଲା।

ଚିତା ଦଳର ଲିଙ୍ଗା ୧୫ଟି ବଲରେ ଦ୍ରୁତ ୪୨ରନ୍ କରି ଦଳକୁ ଫାଇନାଲରେ ପ୍ରବେଶ କରିବାରେ ସହାୟକ ହୋଇଥିଲେ। ଫାଇନାଲ ମ୍ୟାଚ ଜନତା ଗ୍ୟାରେଜ ଓ ଚିତା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମୟ ଅଭାବରୁ ଫାଇନାଲ ମ୍ୟାଚ ୬ଓଭର ପରିବର୍ତ୍ତେ ୪ଓଭର ବିଶିଷ୍ଟ କରାଯାଇଥିଲା। ୪ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ଜନତା ଗ୍ୟାରେଜ ଦଳ ୨୬ରନ୍‌ରେ ଚିତା ଏକାଦଶକୁ ପରାସ୍ତ କରି ପ୍ରଥମ ଚିରଞ୍ଜିତ ରାଜଗୁରୁ ସ୍ମାରକୀ ଫଟାଫଟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ୍ ହୋଇଥିଲା।

ଦଳ ପକ୍ଷରୁ ସତୀଶ ୭ଟି ବଲରୁ ୧୩ରନ୍ ସଂଗ୍ରହ କରିବା ସହ ଗୋଟିଏ ଓଭର ବୋଲିଂ କରି ୮ରନ୍ ବିନିମୟରେ ଦୁଇଟି ୱିକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ଚିତା ଏକାଦଶ ଦଳର ଲିଙ୍ଗା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଜନତା ଗ୍ୟାରେଜ ଦଳର ସତୀଶ ଶ୍ରେଷ୍ଠ ବୋଲର ଓ ଚିତା ଦଳର ଲିଙ୍ଗାଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର୍.ମୁରଲୀ ମୋହନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ଚିରଞ୍ଜିତ ରାଜଗୁରୁଙ୍କ ବଡଭାଇ ଶକ୍ତିଧର ରାଜଗୁରୁ, ଯୁବ ଉଦ୍ୟୋଗୀ ସଚ୍ଚିଦାନନ୍ଦ ଦାଶ, ନିର୍ମଳ ପାଢୀ, ରାଜେଶ କୁମାର ସାହୁ, ସୀମାଞ୍ଚଳ ଶତପଥୀ, ସୁରେଶ ଚନ୍ଦ୍ର ପାଢୀ ଓ ସାମ୍ବାଦିକ ସୁଦୀପ ସାହୁ ଅତିଥି ଭାବେ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗୀତାର ବିଜେତା ବା ଚାମ୍ପିଆନ ଜନତା ଗ୍ୟାରେଜ ଦଳକୁ ଟ୍ରଫି ସହିତ ନଗଦ ୩୦ହଜାର ଆର୍ଥିକ ପୁରସ୍କାର ଓ ରନର୍ସ ଅପ ଦଳକୁ ଟ୍ରଫି ସହିତ ୨୦ହଜାର ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହି ପ୍ରତିଯୋଗିତାକୁ ବ୍ୟାପକ ଭାବେ ଆୟୋଜନ କରାଯିବାକୁ ଆୟୋଜକମାନେ ଘୋଷଣା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଅନ୍‌ଲାଇନରେ ସିଧାପ୍ରସାରଣ କରାଯାଇଥିବା ବେଳେ ବହୁ ଦର୍ଶକ ଏହି ଫଟାଫଟ କ୍ରିକେଟ ଖେଳକୁ ଉପଭୋଗ କରିଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583